# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୨୦/୨୦୧୯ (୨୦ ପୃଷ୍ଠା) | Bhubaneswar, Sunday, January 20/ 2019 (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଦ୍ରୁତ ବୋଲର ରାଜେଶଙ୍କୁ ସୁଯୋଗ**

ଇଂଲଣ୍ଡ ଲାୟନ୍ସ ବିପକ୍ଷ ୱାର୍ମଅପ ମ୍ୟାଚ୍ ଖେଳିବା ପାଇଁ ବୋର୍ଡ ସଭାପତି ଏକାଦଶ ଦଳରେ ସାମିଲ ହୋଇଛନ୍ତି ଓଡ଼ିଶାର ରାଜେଶ ମହାନ୍ତି।

୧୮

୦୭

**ହଲିଉଡ୍ ଫିଲ୍ମରେ ଶର୍ମନ୍ ଜୋଷୀ**

ଅଷ୍ଟ୍ରେଲୀୟ ମିଶନାରି ଗ୍ରାହାମ ଷ୍ଟେନ୍ସ ହତ୍ୟାକାଣ୍ଡକୁ ନେଇ ନିର୍ମିତ ହଲିଉଡ ଫିଲ୍ମରେ ବଲିଉଡ୍ ଅଭିନେତା ଶର୍ମନ୍ ଜୋଷୀ ଖବରଦାତା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି।



# 'ମାଗଣା କମ୍ବଳ ପାଇଁ ଉଲ୍ କାହିଁ'

*ପିଲାଦିନେ କାହାଣୀ ଶୁଣିଥିଲୁ। ଶୀତଦିନେ ସକାଳୁ ଉଠି ରାଜା ଝରକା ବାହାରକୁ ଅନାଇଲେ। ମେଣ୍ଢାପଲ ଜାଡରେ ଚରିବାର ଦେଖି ରାଜାଙ୍କର ହୃଦୟ ବିଚଳିତ ହେଲା। ନିର୍ଦ୍ଦେଶ ଦେଲେ ସବୁ ମେଣ୍ଢାଙ୍କୁ ମାଗଣାରେ କମ୍ବଳ ଯୋଗାଇ ଦିଆଯାଉ। ଏହି ନିଷ୍ପତ୍ତିର ଖବର ଶୁଣି ମେଣ୍ଢାପଲ ଅତ୍ୟନ୍ତ ଖୁସି ହେଲେ। ମେଣ୍ଢାଙ୍କର ପ୍ରତିକ୍ରିୟା ଦେଖି ରାଜା ମଧ ଖୁସି ହେଲେ। ଗୋଟିଏ ବୁଢ଼ା ମେଣ୍ଢା ପଲ ଭିତରେ ଥିଲେ ମଧ ଚିନ୍ତା ପ୍ରକଟ କରି ପଚାରିଲା,- 'ଆରେ ପିଲେ ଟିକେ ଚିନ୍ତା କର, ଏତେ ସଂଖ୍ୟାର ମାଗଣା କମ୍ବଳ ପାଇଁ ଆବଶ୍ୟକ ଉଲ୍(ମେଣ୍ଢାବାଳ) ଆସିବ କେଉଁଠୁ-' ଏହା ପରେ ଖିଅର ହବା କଥା ବୁଝି ମେଣ୍ଢା ପଲ ପ୍ରଥମେ ନିଜ ନିଜ ଦେହକୁ ଚାହିଁଲେ, ପରେ ପରସ୍ପରର ମୁହଁ ଚାହିଁ ନୀରବ ହୋଇଗଲେ।*

**ଯୋଜନା ଉପରେ ଯୋଜନା**

- କେଉଁ ସୂତ୍ରରୁ ଅର୍ଥ ଆସୁଛି ମିଳୁନାହିଁ ସୂଚନା
- ଆଗକୁ ଆର୍ଥିକ ସଙ୍କଟ ଜଳଜଳ
- ମୁଣ୍ଡପିଛା ରଣଭାର ୨୧,୩୪୦ ଟଙ୍କା
- ଜିଏସ୍‌ଡିପିର ୩.୫% ପର୍ଯ୍ୟନ୍ତ ରଣ ଅର୍ଥନୀତି ପାଇଁ ସ୍ୱାସ୍ଥ୍ୟକର
- ଓଡ଼ିଶାରେ ଚଳିତ ଆର୍ଥିକବର୍ଷ ଶେଷକୁ ଛୁଇଁବ ୨୩%


ଚିଦାନନ୍ଦ ଜେନା
ଭୁବନେଶ୍ୱର,୧୯।୧


ରାଜ୍ୟ ସରକାର ନିୟମିତ ବ୍ୟବଧାନରେ ନୂଆ ଯୋଜନା ଘୋଷଣା କରୁଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବର୍ତ୍ତମାନ ସମୟରେ ଯୋଜନାର କାର୍ଯ୍ୟକାରିତାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ହେଲେ ଏସବୁ ଯୋଜନା ପାଇଁ ଅର୍ଥ କେଉଁ ସୂତ୍ରରୁ ଆସୁଛି, ସେନେଇ କୌଣସି ସ୍ପଷ୍ଟ ସୂଚନା ରହୁନାହିଁ। ଏହାଦ୍ୱାରା ବିଭିନ୍ନ ଯୋଜନା ପାଇଁ ବର୍ତ୍ତମାନ ଖର୍ଚ୍ଚ କରାଯାଉଥିବା ଅର୍ଥ, ଭବିଷ୍ୟତରେ ରାଜ୍ୟ ପାଇଁ ଘୋର ଆର୍ଥିକ ସଙ୍କଟ ଆଣିବ ବୋଲି ସ୍ପଷ୍ଟ ଜଣାପଡୁଛି। ସାଧାରଣରେ ଚର୍ଚ୍ଚା ହେଉଛି ଯେ, ଏକ ସକାରାତ୍ମକ ପ୍ରଶାସନ କେବଳ ଅତ୍ୟଧିକ ମାତ୍ରାରେ ଲୋକାଭିମୁଖୀ ଯୋଜନା କରି ନ ଥାଆନ୍ତି। ଅନୁରୂପ ଭାବେ ସେଥିରେ ଖର୍ଚ୍ଚ ପାଇଁ ବ୍ୟବହୃତ ହୋଇଥିବା ଅର୍ଥକୁ ଭରଣା କରିବା ପାଇଁ ନିଜସ୍ୱ ଆୟର ପନ୍ଥା ମଧ ବାହାର କରିଥାନ୍ତି। ଏବେକାର ପରିସ୍ଥିତିକୁ ଦେଖିଲେ ଓଡ଼ିଆ ଢଗ 'ରଣ କରି ଘିଅ ଖାଇବା' କଥା ମନେପଡୁଛି ।

ଦିନ ଗଡିବା ସହ ରାଜ୍ୟର ପ୍ରତିଟି ବ୍ୟକ୍ତି ଉପରେ ରଣଭାରର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ମୁଣ୍ଡପିଛା ରଣଭାର ପ୍ରାୟ ୨୧,୩୪୦ ଟଙ୍କା ଛୁଇଁଲାଣି। ଅର୍ଥ ବିଭାଗ ପକ୍ଷରୁ ବିଧାନସଭାରେ ୨୦୧୮ ସେପ୍ଟେମ୍ବର ୧୦ରେ ପ୍ରଶ୍ନ ନଂ ୭୧୯ର ଦିଆଯାଇଥିବା ଉତ୍ତର ଅନୁଯାୟୀ ୨୦୧୭-୧୮ ଆର୍ଥିକ ବର୍ଷ ଶେଷସୁଦ୍ଧା ଏକତ୍ରୀକୃତ ରଣର ପରିମାଣ ୭୩,୮୬୪.୬୬ କୋଟି ରହିଛି। ଯାହା ରାଜ୍ୟର ସକଳ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ପ୍ରାୟ ୧୮ ପ୍ରତିଶତ। ବିଗତ ୪ ବର୍ଷରେ ଯେଉଁହାରରେ

| ବର୍ଷ | ମୁଣ୍ଡ ପିଛା ରଣଭାର (ଟଙ୍କାରେ) | ଜିଏସ୍‌ଡିପିର ରଣ ପ୍ରତିଶତ |
|---|---|---|
| ୨୦୦୦-୦୧ | ୫୭୦୭ | ୧୨% |
| ୨୦୧୮-୧୯ | ୨୧,୩୪୦ | ୨୩% |

ରଣ କରାଯାଇଛି, ତାହା ଚଳିତ ଆର୍ଥିକ ବର୍ଷ ଶେଷ ଆଡକୁ ପ୍ରାୟ ୯୨,୦୦୦ରୁ ୧,୦୦,୦୦୦ କୋଟି ଟଙ୍କାରେ ପହଞ୍ଚିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରିଛନ୍ତି। ୨୦୧୪-୧୫ରେ ରାଜ୍ୟ ସରକାର ୭୬୩୬.୫୪ କୋଟି ଟଙ୍କା ଏବଂ ୨୦୧୫-୧୬ରେ ୧୧୬୨୫.୩୨ କୋଟି ଟଙ୍କା ରଣ କରିଛନ୍ତି। ଏହା ପୂର୍ବବର୍ଷ ଅପେକ୍ଷା ୩୯୮୮.୭୮ କୋଟି ଟଙ୍କା ଅଧିକ । ଅପରପକ୍ଷରେ ୨୦୧୪-୧୫ରେ ୩୦୨୯.୪୦ କୋଟି ଟଙ୍କା ରଣ ପରିଶୋଧ କରାଯାଇଛି। ହେଲେ ୨୦୧୫-୧୬ରେ ପରିଶୋଧର ଅର୍ଥର ପରିମାଣ ୨୮୮୧.୩୭ କୋଟି ଟଙ୍କା ରହିଛି। ଯାହା ପୂର୍ବ ପରିଶୋଧ ତୁଳନାରେ ୧୧୦୭.୪୧ କୋଟି ଟଙ୍କା କମ୍ । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଗୋଟିଏପଟେ ରଣର ପରିମାଣ ବଢୁଥିବାବେଳେ ପରିଶୋଧର ପରିମାଣ କମିବାରେ ଲାଗିଛି। ପୂର୍ବ ବର୍ଷ ତୁଳନାରେ ଅଧିକ ରଣ କରି କମ୍ ପରିମାଣର ପରିଶୋଧ ଅର୍ଥନୀତିର ନକାରାତ୍ମକ ଦିଗ ବୋଲି ଅର୍ଥନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ସେହିପରି ୨୦୧୬-୧୭ରେ ୧୩୦୮୦.୧୭ କୋଟି ଟଙ୍କା ରଣ କରାଯାଇଛି। ସମାନ ସମୟରେ ମାତ୍ର ୨୯୬୨.୦୫ କୋଟି ଟଙ୍କା ପରିଶୋଧ କରାଯାଇଛି ।୨୦୧୭-୧୮ରେ ୧୪୪୧୯.୪୧ କୋଟି ଟଙ୍କାର ରଣ କରାଯାଇଥିଲା । ତନ୍ମଧ୍ୟରୁ ଖୋଲା ବଜାର ସୂତ୍ରରୁ କେବଳ ୮୦୦୦ କୋଟି ଟଙ୍କା ରଣ କରାଯାଇଛି। ଏହା ରାଜ୍ୟ ଜିଏସ୍‌ଡିପିର ୧୮.୩୯ ପ୍ରତିଶତ। ଏହି ସମୟରେ ମାତ୍ର ୨୬୯୦.୨୧ କୋଟି ଟଙ୍କା ପରିଶୋଧ କରାଯାଇଛି। ଚଳିତ ଆର୍ଥିକ ବର୍ଷ ସମାପ୍ତ ହୋଇନାହିଁ, ହେଲେ ଗତ ଜୁଲାଇ ଶେଷ ସୁଦ୍ଧା ୩୦୭୪.୮୯ କୋଟି ଟଙ୍କା ରଣ କରାଯାଇଛି । ଏଥିସହ ୫୧୧.୧୩ କୋଟି ଟଙ୍କା ପରିଶୋଧ କରାଯାଇଛି।

ସହଜ ଭାଷାରେ କହିବାକୁ ଗଲେ, ଓଡ଼ିଶା ସରକାର ନିଜ ଉପରେ ରଣଭାର କମ୍ କରିବା ପରିବର୍ତ୍ତେ ବୃଦ୍ଧି କରିବାରେ ଲାଗିଛନ୍ତି। ଅଣାଯାଇଥିବା ରଣକୁ ପରିଶୋଧ କରିବାରେ ଅକ୍ଷମତା ପ୍ରଦର୍ଶନ କରୁଛନ୍ତି। ଫଳରେ ରଣ କରିବାର ପରିମାଣ ୬୨ ପ୍ରତିଶତ ବୃଦ୍ଧି ପାଇଛି। ଅର୍ଥ ବିଭାଗର ଆକଳନ ଅନୁଯାୟୀ ଜିଏସ୍‌ଡିପି ୨୦୧୮-୧୯ ଆର୍ଥିକ ବର୍ଷରେ ୩.୪ ପ୍ରତିଶତ ନିଅଣ୍ଟ ହେବ। ବିତ୍ତୀୟ ଦାୟିତ୍ୱ ଏବଂ ବଜେଟ୍ ପରିଚାଳନା ନିୟମାନୁଯାୟୀ ରାଜ୍ୟ କେବଳ ଜିଏସ୍‌ଡିପି ୩.୫ ପ୍ରତିଶତ ରଣ କରିପାରିବ। ଏହାଠାରୁ ଅଧିକ ପରିମାଣର ରଣ ହେବାରୁ, ତାହା ରାଜ୍ୟ ଅର୍ଥନୀତିକୁ ବିପଦରେ ପକାଉଛି। ଏବେ ଓଡ଼ିଶାର ରଣଭାରର ପରିମାଣ ଜିଏସ୍‌ଡିପିର ୧୮ ପ୍ରତିଶତ ରହିଛି, ଯାହାକି ସୁସ୍ଥ ସୀମାଠାରୁ ୫ ଗୁଣା ଅଧିକ। ଚଳିତ ଆର୍ଥିକ ବର୍ଷ ଶେଷ ଆଡକୁ ଏହା ୨୩ % ଛୁଇଁବ ବୋଲି ଆକଳନ କରାଯାଇଛି। ମୁଣ୍ଡ ଉପରେ ଏତେ ପରିମାଣର ରଣ ବୋଝ ଥାଇ ସୁଦ୍ଧା ରାଜ୍ୟ ସରକାର ଯୋଜନା ପରେ ଯୋଜନା ଘୋଷଣା କରିବା ପାଇଁ କେବେ ଅନିଚ୍ଛା ପ୍ରକାଶ କରିନାହାନ୍ତି। ବର୍ତ୍ତମାନ କାଳିଆ ଯୋଜନା(୧୦,୧୮୦ କୋଟି), ଆମ ଗାଁ ଆମ ବିକାଶ(୧୪୭୪ କୋଟି ), ବିଜୁ ଯୁବ ବାହିନୀ(୪୫୦ କୋଟି), ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(୨୨୦ କୋଟି), ଚାଷୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମୋବାଇଲ ବଣ୍ଟନ ପାଇଁ ୫ କୋଟି ବ୍ୟୟବରାଦ ରଖାଯାଇଛି।

ଏହି ଅର୍ଥଗୁଡିକ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ଯଥା- ସଡକ ନିର୍ମାଣ, ପାନୀୟ ଜଳ ଓ ଜଳସେଚନ ପ୍ରକଳ୍ପ, ଗ୍ରାମ୍ୟ ବିଦ୍ୟୁତୀକରଣ ଇତ୍ୟାଦି କାର୍ଯ୍ୟରେ ବ୍ୟବହୃତ ହୋଇପାରିଥାନ୍ତା। ଏହାଦ୍ୱାରା ରାଜ୍ୟରେ ଅନେକ ଅଚଳ ଉଠାଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ହେବା ସହ ବିଜୁଳି ନ ଥିବା ଗାଁ ଆଲୋକ ଦେଖିପାରନ୍ତେ। ଏହା ବ୍ୟତୀତ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା ନ ଥିବା ଅଧିକାଂଶ ଗାଁରେ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚାଇ ଦିଆଯାଇପାରନ୍ତା। ଏହିଭଳି କାର୍ଯ୍ୟ ହେଉଛି, ନିରନ୍ତର ବିକାଶର ପ୍ରତୀକ।

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଓ୍ୟାନ୍ସ ବାର୍ ସଂସ୍କୃତି

**ଆଜିର ମନ୍ତବ୍ୟ**

ଭାରତ ଓ ପାକିସ୍ତାନ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଫଳପ୍ରଦ ଆଲୋଚନା କରନ୍ତୁ।

– ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ

**କିଛି ତଥ୍ୟ**

ଜାନୁୟାରୀ ୧୧ ସୁଦ୍ଧା ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୨୬୭ ବିଲିୟନ ବୃଦ୍ଧି ଘଟି ୩୯୭.୩୫୧ ବିଲିୟନ ଡଲାର ଛୁଇଁଛି। –ଆର୍‌ବିଆଇ


NECC NATIONAL EGG CO-ORDINATION COMMITTEE 19.01.2019 Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 79 | 131 | 141 |
| BLS | 79 | 131 | 141 |
| ANG | 77 | 128 | 138 |

*Conditions Apply
Eggs Retail Price- 55/-Dozen
Issued in the Interest of Consumers



ଫେବୃୟାରୀରେ ପୁରୀ ଆସିବେ ନରେନ୍ଦ୍ର ମୋଦି, ଅମିତ୍ ଶାହ ପୃଷ୍ଠା ୧୧

ଶ୍ରୀକାନ୍ତ ଜେନା, କୃଷ୍ଣ ସଗରିଆ କଂଗ୍ରେସରୁ ବହିଷ୍କୃତ ପୃଷ୍ଠା ୩

ଜେଇଇ ମେନ୍ ୨୦୧୯: ଓଡ଼ିଶା ଟପ୍ପର ହେଲେ ଶିବାଶିଷ ପୃଷ୍ଠା ୪


■ କୋଲକାତାରେ ବିରୋଧୀଙ୍କ ମହାମେଳି

# ଦିଲ୍ଲୀରୁ ମୋଦିଙ୍କୁ ହଟାଅ


କୋଲକାତା,୧୯।୧(ପି.ଟି.)


**ବିପକ୍ଷର ଶକ୍ତି ପ୍ରଦର୍ଶନ**

- ମମତା ଦେଲେ ରଣହୁଙ୍କାର
- ଯୋଗଦେଲେନି ବିଜେଡି, ୱାଇଏସ୍ଆରସିପି, ଟିଆର୍‌ଏସ୍, ବାମପନ୍ଥୀ

ସାଧାରଣ ନିର୍ବାଚନ ପାଇଁ ଉଭୟ ଶାସକ ଏବଂ ବିରୋଧୀ ଶିବିରରେ ସଜବାଜ ଆରମ୍ଭ ହେଲାଣି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ କ୍ଷମତାଚ୍ୟୁତ କରି ଶାସନ ଡୋରି ଧରିବାକୁ ବିରୋଧୀ ଦଳଗୁଡ଼ିକ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ । ଏହି ପରିପ୍ରେକ୍ଷୀରେ ଶନିବାର କୋଲକାତାର ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡ ପାଲଟିଥିଲା ୨୩ଟି ଆଞ୍ଚଳିକ ଦଳର ମଞ୍ଚ। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ବିରୋଧୀ ମେଳିରେ ଶୁଣିବାକୁ ମିଳିଛି ନେତାମାନଙ୍କ ରଣହୁଙ୍କାର। ସମସ୍ତଙ୍କର ଗୋଟିଏ କଥା, 'ଦିଲ୍ଲୀ ସିଂହାସନରୁ ମୋଦିଙ୍କୁ ହଟାଅ'। ତେବେ ଏଥିରେ ବିଜେଡି, ସିପିଏମ୍ ନେତୃତ୍ୱାଧୀନ ବାମ ସାମ୍ମୁଖ୍ୟ, କେ. ଚନ୍ଦ୍ରଶେଖର ରାଓଙ୍କ ଟିଆର୍‌ଏସ୍ ଏବଂ ୱାଇଏସ୍ଆର କଂଗ୍ରେସ ଯୋଗଦେଇ ନ ଥିଲେ।

ମହାରାଲିରେ ଉଦ୍‌ବୋଧନ ଦେଇ ମମତା କେନ୍ଦ୍ରରେ ସରକାର ବଦଳାଇଦେବାକୁ ଆହ୍ୱାନ ଦେଇଛନ୍ତି। ଏକ୍ସପାଏରି ଔଷଧ ଭଳି ନରେନ୍ଦ୍ର ମୋଦି ସରକାରଙ୍କ କାର୍ଯ୍ୟକାଳ ସରିଲାଣି । ଦେଶରେ ଏବେ ସୁପର ଇମର୍ଜେନ୍ସି ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜରୁରୀ ପରିସ୍ଥିତିକୁ ବଳିଗଲାଣି। ତେଣୁ ଦିଲ୍ଲୀରେ ସରକାର ବଦଳାଇବାକୁ ସେ ସ୍ଲୋଗାନ ଦେଇଛନ୍ତି। ଏହି ଅବସରରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ କହିଛନ୍ତି, ଭାଜପା ୨୦୧୪ ନିର୍ବାଚନ ପୂର୍ବରୁ ଦୁର୍ନୀତିମୁକ୍ତ ସରକାର, ବିଦେଶରୁ କଳାଧନ ଫେରାଇ ଆଣିବା ଏବଂ କୃଷକଙ୍କ ଆୟ ଦୁଇଗୁଣା କରିବା ଆଦି ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାକୁ ପାଳନ କରିବାରେ ବିଫଳ ହୋଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା ସ୍ୱାଧୀନତା ପରେ ଏହା ପ୍ରଥମ ସରକାର, ଯିଏ ବିକାଶ ପରିସଂଖ୍ୟାନ ନାଁରେ ଲୋକଙ୍କୁ ଭୁଲ୍ ତଥ୍ୟ ଦେଇ ଭଣ୍ଡାଉଛି ବୋଲି କହିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ସୌରୀ କେନ୍ଦ୍ରରୁ ଭାଜପା ସରକାରକୁ ହଟାଇବାକୁ ହେଲେ ବିରୋଧୀ ଦଳଗୁଡିକ ଆଗାମୀ ଲୋକ ସଭା ନିର୍ବାଚନ ଏକାଠି ଲଢ଼ିବାକୁ ହେବ ବୋଲି କହିଛନ୍ତି। ଭାଜପାର ବିଦ୍ରୋହୀ ନେତା ଶତ୍ରୁଘ୍ନ ସିହ୍ନା ରାଲିରେ ଯୋଗଦେଇ ରାଫାଲ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନୀରବତାକୁ ଟାର୍ଗେଟ୍ କରିଥିଲେ।

ଦୁର୍ନୀତି ବିରୋଧରେ ଲଢ଼େଇ କଥା କହୁଥିବା ଭାଜପା କର୍ଣ୍ଣାଟକରେ ଘୋଡ଼ାବେପାର ଲାଗି ଉଦ୍ୟମ ଚଳାଇଛି ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ କହିଛନ୍ତି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଲେଶ ଯାଦବ କହିଛନ୍ତି, ଏସ୍‌ପି-ବିଏସ୍‌ପି ଏକାଠି ହେବା ପରେ ଦେଶରେ ଖୁସିର ଲହରି ଖେଳିଯାଇଥିବାବେଳେ ଭାଜପା ପାଇଁ ଚିନ୍ତା ବଢ଼ାଇଦେଇଛି। ବିରୋଧୀ ଦଳଗୁଡିକ ସାଧାରଣ ଲୋକଙ୍କ ସହ ଏକାଠି ହେଉଥିବାବେଳେ ଭାଜପା ସିବିଆଇ ଏବଂ ଇଡି ସହ ମେଣ୍ଟ କରିଛି। ଅନୁରୂପ ଢଙ୍ଗରେ ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ ଭାଜପା ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଆଗାମୀ

☞ ପୃଷ୍ଠା-୩









“କର୍ନାଟକ ଶାସକ ମେଣ୍ଟରେ ଭାଜପା ଅସ୍ଥିରତା ସୃଷ୍ଟି କରିବ ନାହିଁ। ମରୁଡ଼ିଗ୍ରସ୍ତ ଅଞ୍ଚଳକୁ ଯାଇ କୃଷକଙ୍କ ସମସ୍ୟା ସମାଧାନ କରିବା ଆମ ବିଧାୟକମାନଙ୍କ କାମ ହେବ।

-ବି.ଏସ୍. ୟେଦ୍ୟୁରପ୍ପା, ପୂର୍ବତନ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ଫେବୃୟାରୀରେ ଉନ୍‌ଙ୍କୁ ଭେଟିବେ ଟ୍ରମ୍ପ୍



**ୱାଶିଂଟନ ୧୯।୧(ପି.ଟି.):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆସନ୍ତା ଫେବୃୟାରୀରେ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍-ଉନ୍‌ଙ୍କୁ ଭେଟିବେ। ପରମାଣୁ ନିରସ୍ତ୍ରୀକରଣ ପ୍ରସଙ୍ଗ ଉପରେ ଉଭୟଙ୍କ ମଧ୍ୟରେ ଆଲୋଚନା ହେବ। ହ୍ୱାଇଟ୍ ହାଉସ୍ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ତେବେ ଉନ୍ ଏବଂ ଟ୍ରମ୍ପ୍‌ଙ୍କ ମଧ୍ୟରେ ଏହି ଦ୍ୱିତୀୟ ବୈଠକ କେଉଁଠାରେ ହେବ ତାହା ଚୂଡ଼ାନ୍ତ ହୋଇନାହିଁ। ଭିଏତ୍‌ନାମ ରାଜଧାନୀ ହାନୋଇ ଅଥବା ଉପକୂଳ ସହର ଦାନାଙ୍ଗଠାରେ ଏହା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଗତବର୍ଷ ଜୁନ ୧୨ରେ ସିଙ୍ଗାପୁରଠାରେ ଉନ୍ ଓ ଟ୍ରମ୍ପ୍‌ଙ୍କ ମଧ୍ୟରେ ପ୍ରଥମ ବୈଠକ ହୋଇଥିଲା।

### ବଳାତ୍କାର ପୀଡ଼ିତାଙ୍କୁ ଗୁଳି କରି ହତ୍ୟା

**ଗୁରୁଗ୍ରାମ,୧୯।୧(ପି.ଟି.):** ଜଣେ ୨୨ ବର୍ଷୀୟା ମହିଳାଙ୍କୁ ଘରୁ ଅପହରଣ କରି ନିଆଯିବା ପରେ ଗୁଳି କରି ହତ୍ୟା କରାଯାଇଛି। ଗୁରୁଗ୍ରାମ-ଫରିଦାବାଦ୍ ରାଜପଥ ଖୁସ୍‌ବୁ ଚୌକରୁ ମହିଳାଙ୍କ ମୃତଦେହ ଜବତ ହୋଇଛି। ମହିଳା ଜଣକ ଏକ ନାଇଟ୍ କ୍ଲବ୍‌ରେ ଡ୍ୟାନ୍ସର ଥିଲେ। ସେହି କ୍ଲବର ବାଉନ୍ସର ସନ୍ଦୀପ କୁମାର ଏହି ନୃଶଂସ କାଣ୍ଡ ଘଟାଇଥିବା ମୃତା ମହିଳାଙ୍କ ମା’ କହିଛନ୍ତି। ପୋଲିସ ସୂଚନାନୁଯାୟୀ, ୨୦୧୭ ମାର୍ଚ୍ଚରେ ସନ୍ଦୀପଙ୍କ ବିରୋଧରେ ମହିଳା ବଳାତ୍କାର ଅଭିଯୋଗ ଆଣିଥିଲେ। ଶୁକ୍ରବାର କୋର୍ଟରେ ପୀଡ଼ିତା ତାଙ୍କ ବୟାନ ରେକର୍ଡ କରିବାର ଘଣ୍ଟାଏ ପରେ ସନ୍ଦିପ ତାଙ୍କୁ ଘରୁ ଉଠାଇ ନେଇ ଗୁଳି କରି ହତ୍ୟା କରିଥିବା ଛାନ୍‌ଭିନ୍‌ରୁ ଜଣାପଡ଼ିଛି।

# ଅମେଳ ବିଚାରଧାରାର ମେଳି

**ନୂଆଦିଲ୍ଲୀ,୧୯।୧(ପି.ଟି.)**

ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା ମମତା ବାନାର୍ଜୀଙ୍କ ନେତୃତ୍ୱରେ ଆୟୋଜିତ ବିରୋଧୀ ଦଳଙ୍କ ମହାର୍‍ୟାଲିକୁ ଭାଜପା ସ୍ୱାର୍ଥାନ୍ୱେଷୀ ଏବଂ ଅମେଳ ବିଚାରଧାରାର ମେଳି ବୋଲି କହିଛି। ଏଠାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ରାଜୀବ ପ୍ରତାପ ରୁଡୀ କହିଛନ୍ତି, ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ର୍‍ୟାଲି। ତେବେ ଏଭଳି କାର୍ଯ୍ୟକ୍ରମକୁ ତାଙ୍କ ଦଳ ଭୟ କରେନାହିଁ ବୋଲି ରୁଡୀ କହିଛନ୍ତି। ମମତା ଏକତ୍ର ଭାରତର ଆହ୍ୱାନ ଦେଇଥିବାବେଳେ ଏହି ମହାମେଣ୍ଟରେ ନେତୃତ୍ୱକୁ ନେଇ ମତପାର୍ଥକ୍ୟ ରହିଥିବା ସ୍ପଷ୍ଟ ଜଣାପଡୁଛି। ତେଣୁ ଏହା ପରସ୍ପର ବିରୋଧୀ ଏବଂ ଦ୍ୱନ୍ଦ୍ୱାତ୍ମକ ଚିନ୍ତାଧାରାର ଏକ ସମିତି। ସେମାନେ ନୂଆ ସାମ୍ମୁଖ୍ୟ କଥା କହୁଛନ୍ତି। ତେବେ ଏହା ଦ୍ୱିତୀୟ ନା ତୃତୀୟ ସାମ୍ମୁଖ୍ୟ ତାହା ମଧ୍ୟ ସ୍ପଷ୍ଟ ନୁହେଁ ବୋଲି ଭାଜପା ନେତା କହିଛନ୍ତି। ଶନିବାରର ର୍‍ୟାଲିରୁ ବିରୋଧୀ କ୍ୟାମ୍ପରେ ମତଭେଦ ଥିବା ପଦାକୁ ଆସିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଦଳ ପରସ୍ପରର ସମାଲୋଚନାରେ ଲିପ୍ତ ଅଛନ୍ତି। ବାମଦଳକୁ ଏହି ର୍‍ୟାଲିରେ ଯୋଗଦେବା ଲାଗି ଆମନ୍ତ୍ରଣ କରାଯାଇ ନ ଥିବାବେଳେ ଏସ୍‌ପି–ବିଏସ୍‌ପି ମେଣ୍ଟ ୟୁପିରେ କଂଗ୍ରେସକୁ ସମାଲୋଚନା କରୁଥିବାବେଳେ ର୍‍ୟାଲିକୁ ସମର୍ଥନ ଜଣାଇଛନ୍ତି। ତେଣୁ ଏହା କେବଳ ସ୍ୱାର୍ଥସର୍ବସ୍ୱ ର୍‍ୟାଲି ବୋଲି ଭାଜପା ମୁଖପାତ୍ର କହିଛନ୍ତି। ଦେଶବାସୀ ନରେନ୍ଦ୍ର ମୋଦି ସରକାରଙ୍କ କାର୍ଯ୍ୟକୁ ଦେଖିଛନ୍ତି ଏବଂ ଭାଜପା ପୂର୍ଣ୍ଣ ବହୁମତ ସହ ପରବର୍ତ୍ତୀ ସରକାର ଗଢ଼ିବ ବୋଲି ସେ କହିଛନ୍ତି।



ରାଜୀବ ପ୍ରତାପ ରୁଡୀ

ବରିଷ୍ଠ ଭାଜପା ନେତା ସୟଦ ଶାହନୱାଜ ହୁସେନ୍ ବିରୋଧୀଙ୍କ ମହାମେଣ୍ଟକୁ ସମାଲୋଚନା କରିଛନ୍ତି। ଭାଜପା ଜଣେ ନେତାଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ମେଣ୍ଟକୁ ଜଣେ ଡିଲର ଚଳାଉଛନ୍ତି। ବିରୋଧୀ ମେଣ୍ଟର ସମସ୍ତ ନେତା ପ୍ରଧାନମନ୍ତ୍ରୀ ହେବାକୁ ଚାହୁଁଥିବାରୁ ସେମାନେ ଭାଜପାକୁ ହରାଇପାରିବେ ନାହିଁ। ଏହା ଏକତାର ପ୍ରଦର୍ଶନ ମାତ୍ର। ମହାମେଣ୍ଟ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପଣଜୀଠାରେ ଏକ ଖବରଦାତା ସମ୍ମିଳନୀରେ ହୁସେନ୍ କହିଛନ୍ତି।

## ଶତ୍ରୁଘ୍ନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ

**ନୂଆଦିଲ୍ଲୀ,୧୯।୧(ପି.ଟି.):** କେନ୍ଦ୍ର ସରକାରଙ୍କ ବିରୋଧରେ କୋଲକାତାରେ ଆୟୋଜିତ ବିରୋଧୀ ଦଳଗୁଡ଼ିକର ମହାର୍‍ୟାଲିରେ ଭାଜପା ଏମ୍‌ପି ଶତ୍ରୁଘ୍ନ ସିହ୍ନା ଯୋଗ ଦେଇଥିବାରୁ ତାଙ୍କ ବିରୋଧରେ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ଜଣାପଡିଛି। ଅଭିନେତାରୁ ରାଜନେତା ହୋଇଥିବା ପାଟନା ଏମ୍‌ପି ଶତ୍ରୁଘ୍ନ ସୁବିଧାବାଦୀ। ସେ କ’ଣ ପାଇଁ ବିରୋଧୀ ର୍‍ୟାଲିରେ ଯୋଗଦେଲେ ତାଙ୍କଠାରୁ ସ୍ପଷ୍ଟୀକରଣ ମଗାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।



ବିଭିନ୍ନ ସମୟରେ ସିହ୍ନା ଦଳ ବିରୋଧରେ କହି ଆସିଛନ୍ତି। ଏଭଳି ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଜରୁରୀ ବୋଲି ଭାଜପା ମୁଖପାତ୍ର ରାଜୀବ ପ୍ରତାପ ରୁଡୀ କହିଛନ୍ତି। ଶନିବାର ସିହ୍ନା ବିରୋଧୀ ଦଳ ର୍‍ୟାଲିରେ ଯୋଗଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଫାଲ ପ୍ରସଙ୍ଗରେ ସମାଲୋଚନା କରିଥିଲେ।

## ‘ଲୁଟେରା ଗଢୁଛନ୍ତି ମହାମେଣ୍ଟ’

**ସିଲ୍‌ଭାସା,୧୯।୧(ପି.ଟି.):** କୋଲକାତାରେ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇଥିବାବେଳେ ସେମାନଙ୍କ ପ୍ରସ୍ତାବିତ ମହାମେଣ୍ଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିଛନ୍ତି। ଭାରତକୁ ଲୁଟ୍ କରୁଥିବା ଲୋକମାନଙ୍କୁ ସେ ଅଟକାଇବା ପରେ ସେମାନେ ମହାମେଣ୍ଟ ନାମରେ ଏକାଠି ହେଉଛନ୍ତି। ଏହା ତାଙ୍କ ବିରୋଧରେ ନୁହେଁ ଦେଶବାସୀଙ୍କ ବିରୋଧରେ ମହାମେଣ୍ଟ ବୋଲି ପ୍ରଧାନମନ୍ତ୍ରୀ ଦାଦ୍ରା ନଗର ହାଭେଲିର ରାଜଧାନୀ ସିଲ୍‌ଭାସାଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି କହିଛନ୍ତି। ର୍‍ୟାଲିର



ନରେନ୍ଦ୍ର ମୋଦି

ଆୟୋଜକ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନାଁ ନ ନେଇ ପ୍ରଧାନମନ୍ତ୍ରୀ କହିଥିଲେ, ପଶ୍ଚିମବଙ୍ଗରେ ଭାଜପାର ମାତ୍ର ଜଣେ ବିଧାୟକ ଅଛନ୍ତି। ଏହା ସତ୍ତ୍ୱେ ସେମାନେ ଆମକୁ ଏତେ ଭୟ କରୁଛନ୍ତି ଯେ, ‘ବଚାଓ’ ଆହ୍ୱାନ ଦେଉଛନ୍ତି। ଦୁର୍ନୀତି ବିରୋଧରେ ତାଙ୍କ କାର୍ଯ୍ୟାନୁଷ୍ଠାନ କେତେକ ଲୋକଙ୍କୁ କ୍ଷୁବ୍ଧ କରିଛି। ସେମାନେ ଜନସାଧାରଣଙ୍କ ସମ୍ପତ୍ତି ଲୁଟିଚାଲିଥିଲେ। ସେହି ନେତାମାନେ ଭୟରେ ଏକାଠି ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ତୃଣମୂଳ କଂଗ୍ରେସ ଶାସନରେ ରାଜ୍ୟରେ ରାଜନୈତିକ ଦଳଗୁଡ଼ିକୁ କାର୍ଯ୍ୟକ୍ରମ କରିବାକୁ ଅନୁମତି ଦିଆଯାଉ ନାହିଁ। ଭାଜପାର ରଥଯାତ୍ରାକୁ ପଶ୍ଚିମବଙ୍ଗ ସରକାର ଅନୁମତି ଦେଉନାହାନ୍ତି। ସେଠାରେ ନିର୍ବାଚନ ବେଳେ ଦଳୀୟ କର୍ମୀ ପ୍ରାଣ ହରାଉଥିବାବେଳେ ସେମାନେ ନିଜକୁ ଗଣତନ୍ତ୍ରର ରକ୍ଷାକାରୀ କହୁଥିବା ମୋଦି ଉଲ୍ଲେଖ କରିଥିଲେ।

## ସିରିଆରେ ଆକ୍ରମଣ:୪ ଶିଶୁଙ୍କ ସମେତ ୬ ମୃତ

**ବେରୁଟ,୧୯।୧:** ସିରିଆରେ ‘ଇସ୍‌ଲାମିକ୍ ଷ୍ଟେଟ୍’ (ଆଇଏସ୍) ଆତଙ୍କବାଦୀ ଗ୍ରୁପ୍‌ଙ୍କ ଉପରେ ଆମେରିକା ପକ୍ଷରୁ ହୋଇଥିବା ବିମାନ ଆକ୍ରମଣରେ ୧୦ ଆତଙ୍କବାଦୀ ପ୍ରାଣ ହରାଇଥିବାବେଳେ ୪ ଶିଶୁଙ୍କ ସମେତ ୬ ସାଧାରଣ ନାଗରିକଙ୍କ ଜୀବନ ଯାଇଛି। ଶୁକ୍ରବାର ୟୁଫ୍ରେଟିସ୍ ଭ୍ୟାଲି ବାଘୌଜଠାରେ ଆଇଏସ୍‌ଙ୍କ ଠିକଣାକୁ ଟାର୍ଗେଟ୍ କରି ଆମେରିକା ଓ କୁର୍ଦ୍ଦିଶ୍ ସେନା ପକ୍ଷରୁ ମିଳିତ ଭାବେ ଏହି ଅପରେଶନ ହୋଇଥିଲା। ବୁଧବାର ମନବିଜ୍ ସହରର ଏକ ରେଷ୍ଟୁରାଣ୍ଟରେ ଆଇଏସ୍‌ର ଆତ୍ମଘାତୀ ବୋମା ବିସ୍ଫୋରଣରେ ୧୯ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ଆମେରିକାର ୪ ନାଗରିକ ରହିଥିଲେ। ଏହି ଆକ୍ରମଣକୁ ଗମ୍ଭୀରତାର ସହ ନେଇ ଆମେରିକା ପକ୍ଷରୁ ଆଇଏସ୍ କ୍ୟାମ୍ପ ଉପରକୁ ବିମାନରୁ ଗୁଳିବର୍ଷଣ ଓ ବୋମା ମାଡ଼ ହୋଇଥିବା ଜଣାଯାଇଛି।

## ■ ଜେଇଇ ମେନ୍ ଫଳାଫଳ
# ୧୦୦% ରଖିଛନ୍ତି ୧୫ ଛାତ୍ରୀଛାତ୍ର

**ନୂଆଦିଲ୍ଲୀ,୧୯।୧(ପି.ଟି.)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସୀ (ଏନ୍‌ଟିଏ) ପରିଚାଳିତ ଜାନୁୟାରୀ ମାସ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) (ମେନ୍)ର ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ଜେଇଇ (ମେନ୍)ର ୱେବସାଇଟ jeemain.nic.inରେ ଫଳାଫଳ ଉପଲବ୍ଧ ହେଉଛି। ପରୀକ୍ଷାରେ ୧୫ ଜଣ ଛାତ୍ରୀଛାତ୍ର ୧୦୦ ପ୍ରତିଶତ ନମ୍ବର ରଖିଛନ୍ତି। ଆସନ୍ତା ଏପ୍ରିଲ ମାସରେ ହେବାକୁ ଥିବା ଦ୍ୱିତୀୟ ଜେଇଇ (ମେନ୍) ପରୀକ୍ଷା ପରେ ପ୍ରାର୍ଥୀମାନଙ୍କ ର୍‍ୟାଙ୍କ୍ ପ୍ରକାଶ ପାଇବ।

ପ୍ରଥମ ଜେଇଇ ପରୀକ୍ଷା ଚଳିତ ମାସ ୮ରୁ ୧୨ ତାରିଖ ମଧ୍ୟରେ ଦେଶ ତଥା ଦେଶ ବାହାରେ ମୋଟ ୨୫୮ଟି ସହରର ୪୬୭ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ୯ ଲକ୍ଷ ୨୯ ହଜାର ୧୯୮ ଜଣ ଏଥିପାଇଁ ନାମ ପଞ୍ଜୀକରଣ କରିଥିବାବେଳେ ପାଖାପାଖି ୮.୭୪ ଜଣ ପରୀକ୍ଷା ଦେଇଥିଲେ।

# ଲାଲୁଙ୍କୁ ଜାମିନ

**ନୂଆଦିଲ୍ଲୀ,୧୯।୧(ପି.ଟି.)**



ଭାରତୀୟ ରେଳପଥ କ୍ୟାଟରିଂ ଓ ପର୍ଯ୍ୟଟନ ନିଗମ (ଆଇଆର୍‌ସିଟିସି) ଦୁର୍ନୀତି ମାମଲାରେ ଆରଜେଡି ସୁପ୍ରିମୋ ଲାଲୁ ଯାଦବଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ଜାମିନ ମଞ୍ଜୁର କରିଛନ୍ତି। ଗୋଖାଦ୍ୟ ଦୁର୍ନୀତି ମାମଲାରେ ଦଣ୍ଡିତ ଲାଲୁଙ୍କୁ ଚିକିତ୍ସା ପାଇଁ ରାଞ୍ଚିର ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସରେ ଭର୍ତ୍ତି କରାଯାଇଛି। ସ୍ୱତନ୍ତ୍ର ଜଜ୍ ଅରୁଣ ଭରଦ୍ୱାଜ ଲାଲୁଙ୍କୁ ଲକ୍ଷେ ଟଙ୍କାର ବ୍ୟକ୍ତିଗତ ବଣ୍ଡ ଏବଂ ସମ ପରିମାଣର ସିଓରିଟି ବଦଳରେ ଜାମିନ ପ୍ରଦାନ କରିଛନ୍ତି। ପୂର୍ବରୁ ଲାଲୁ, ତାଙ୍କ ପତ୍ନୀ ରାବ୍‌ଡି ଦେବୀ ଏବଂ ପୁଅ ତେଜସ୍ୱୀ ଯାଦବଙ୍କୁ ଅନ୍ତରୀଣ ଜାମିନ ମିଳିଥିଲା। ବିନା ଅନୁମତିରେ ସେମାନେ ବିଦେଶ ଯାଇପାରିବେ ନାହିଁ କିମ୍ବା ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିବେ ନାହିଁ ବୋଲି କୋର୍ଟ ସର୍ତ୍ତ ରଖିଛନ୍ତି। ଇଡି ଦାଏର କରିଥିବା ମନି ଲଣ୍ଡରିଂ ମାମଲାରେ ସେମାନଙ୍କ ଅନ୍ତରୀଣ ଜାମିନକୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆଇଆର୍‌ସିଟିସିର ପୁରୀ ଏବଂ ରାଞ୍ଚିରେ ଥିବା ଦୁଇଟି ହୋଟେଲର ପରିଚାଳନା ଦାୟିତ୍ୱ ଘରୋଇ କମ୍ପାନୀକୁ ପ୍ରଦାନ କରିବାରେ ଅନିୟମିତତାକୁ ନେଇ ସିବିଆଇ ମାମଲା ରୁଜୁ କରିଥିଲା।

# କୁମ୍ଭମେଳାରେ ଅଗ୍ନିକାଣ୍ଡ

**ପ୍ରୟାଗରାଜ୍,୧୯।୧(ପି.ଟି.)**

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ କୁମ୍ଭମେଳା ଚାଲିଥିବା ବେଳେ ଶନିବାର ଅଗ୍ନିକାଣ୍ଡ ଘଟିଛି। ନିଆଁ ଅନ୍ୟ ଟେଣ୍ଟକୁ ବ୍ୟାପିବା ପୂର୍ବରୁ ଏହାକୁ ଲିଭାଯାଇଥିଲା। ଏଥିରେ କେହି ଆହତ ହୋଇନାହାନ୍ତି। ତେବେ କୁମ୍ଭମେଳା ସ୍ଥଳରେ ଦୁଇ ଥର ନିଆଁ ଲାଗିବାକୁ ନେଇ ତୀର୍ଥଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୂର୍ବରୁ ଗତ ୧୪ ତାରିଖରେ କୁମ୍ଭମେଳା ସ୍ଥଳରେ ଅଗ୍ନିକାଣ୍ଡ ଘଟିଥିଲା।




## ■ ଜେଏନ୍‌ୟୁରେ ଦେଶ ବିରୋଧୀ କାର୍ଯ୍ୟ
# ଚାର୍ଜଶିଟ୍ ଗ୍ରହଣ କଲେନି କୋର୍ଟ

**ନୂଆଦିଲ୍ଲୀ,୧୯।୧(ପି.ଟି.)**

ଜବାହରଲାଲ୍ ନେହରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ନେତା କହ୍ନେୟା କୁମାର ଏବଂ ଅନ୍ୟମାନଙ୍କ ବିରୋଧରେ ପୋଲିସ ଦାଖଲ କରିଥିବା ଚାର୍ଜଶିଟ୍‌କୁ ଦିଲ୍ଲୀର ଏକ ଅଦାଲତ ଗ୍ରହଣ କରିନାହାନ୍ତି। ଦିଲ୍ଲୀ ସରକାରଙ୍କ ବିନା ଅନୁମୋଦନରେ ଏହି ଚାର୍ଜଶିଟ୍ ଦାଖଲ ହୋଇଥିବାରୁ କୋର୍ଟ ଦିଲ୍ଲୀ ପୋଲିସକୁ ଭର୍ତ୍ସନା କରିଛନ୍ତି। ଫେବୃଆରୀ ୬ ସୁଦ୍ଧା ଉପଯୁକ୍ତ ଅନୁମୋଦନ ସହ ଦାଖଲ କରିବାକୁ ମେଟ୍ରୋପଲିଟାନ



ମାଜିଷ୍ଟ୍ରେଟ ଦୀପକ ଶେରାଓ୍ୱତ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୬ରେ ଜେଏନ୍‌ୟୁରେ ଦେଶ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଦିଲ୍ଲୀ ପୋଲିସ ଗତ ସୋମବାର କହ୍ନେୟା କୁମାର, ଉମର ଖାଲିଦ, ଅନିର୍ବାଣ ଭଟ୍ଟାଚାର୍ଯ୍ୟ ଏବଂ ଜମ୍ମୁ-କଶ୍ମୀରର ୭ ଜଣ ଛାତ୍ରଙ୍କ ବିରୋଧରେ ୧୨୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଥିଲା। ପାର୍ଲାମେଣ୍ଟ ଭବନ ଆକ୍ରମଣକାରୀ ଅଫଜଲ ଗୁରୁଙ୍କ ଫାଶୀକୁ ବିରୋଧ କରି ସେମାନେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଉତ୍ସବ ମାନଉଥିବା ଅଭିଯୋଗ ହୋଇଥିଲା। ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି ମାମଲା ରୁଜୁ ହୋଇଥିବା କହ୍ନେୟା ଓ ଉମର କହିଥିଲେ।

## ଏଲ୍‌ଆଣ୍ଡଟିର ଅସ୍ତ୍ର ନିର୍ମାଣ କାରଖାନା ଲୋକାର୍ପିତ

**ହାଜିରା(ଗୁଜରାଟ) ,୧୯।୧(ପି.ଟି.)**

ଗୁଜରାଟର ହାଜିରାଠାରେ ଲାର୍ଶନ ଆଣ୍ଡ୍ ଟୁବ୍ରୋର ଅତ୍ୟାଧୁନିକ ମଡେଲର ସାମରିକ ଅସ୍ତ୍ରଶସ୍ତ୍ର ନିର୍ମାଣକାରୀ କମ୍ପ୍ଲେକ୍ସକୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଛନ୍ତି। ଦେଶର ପ୍ରଥମ ଘରୋଇ ଅସ୍ତ୍ର ନିର୍ମାଣ କାରଖାନାକୁ ସେ ଦେଶବାସୀଙ୍କ ଲାଗି ସମର୍ପିତ କରିଛନ୍ତି। ସେଠାରେ ଉକ୍ତ ସଂସ୍ଥା ଦ୍ୱାରା ନିର୍ମିତ କେ-୯ ବଜ୍ର (ସେଲ୍ଫ-ପ୍ରୋପେଲ୍ଡ ହ୍ୱାଇଜର ଟ୍ୟାଙ୍କ୍‌ରେ ଆରୋହଣ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ସେ ଏ ସମ୍ପର୍କିତ ଫଟୋ ତାଙ୍କ ଟ୍ୱିଟର ପେଜ୍‌ରେ ଛାଡ଼ିଛନ୍ତି।



# ଜାକିରଙ୍କ ୧୬.୪୦ କୋଟିର ସମ୍ପତ୍ତି ବାଜ୍ୟାପ୍ତ

**ନୂଆଦିଲ୍ଲୀ, ୧୯।୧**

ମନି ଲଣ୍ଡରିଂ ମାମଲାରେ ବିବାଦୀୟ ଇସ୍‌ଲାମିକ୍ ପ୍ରଚାରକ ଜାକିର ନାଏକଙ୍କ ସମ୍ପୃକ୍ତି ନେଇ ତଦନ୍ତ ଚଳାଇଥିବା ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ମୁମ୍ବାଇ ଓ ପୁଣେରେ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ୧୬.୪୦ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ନିର୍ଦ୍ଦେଶ ଜାରି କରିଛି। ମୁମ୍ବାଇଠାରେ ଥିବା ବେନାମୀ ପ୍ରୋଜେକ୍ଟ ଫତିମା ହାଇଟ୍ସ, ଆଫିୟାହ ହାଇଟ୍ସ ଏବଂ ପୁନେରେ ରହିଥିବା ଏନଗ୍ରାସିଆ ପ୍ରୋଜେକ୍ଟକୁ ଇଡି ଚିହ୍ନଟ କରିଛି। ଏହିସବୁ ସମ୍ପତ୍ତିର ମାଲିକାନା



ଓ ଏଥିପାଇଁ ହୋଇଥିବା ଅର୍ଥ କାରବାରର ଉତ୍ସକୁ ଲୁଚାଇବାକୁ ହୋଇଥିବା ଚକ୍ରାନ୍ତ ପଦାକୁ ଆସିଛି। ଇଡି ପକ୍ଷରୁ କୁହାଯାଇଛି ଯେ, ନାଏକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଏଥିପାଇଁ ଅର୍ଥ ଆସିଥିଲା। ପରେ ଏହି ଅର୍ଥ ତାଙ୍କ ସ୍ତ୍ରୀ, ପୁଅ, ଭାଣିଜୀଙ୍କ ଆକାଉଣ୍ଟକୁ ଫେରିଆସିଥିଲା ଏବଂ ସେମାନଙ୍କ ନାମରେ ସମ୍ପତ୍ତି କିଣାଯାଇଥିଲା। ଏ ନେଇ ଆଇନ ବିରୋଧୀ କାର୍ଯ୍ୟକଳାପ ନିରୋଧୀ ଆକ୍ଟ (ୟୁଏପିଏ) ଅଧୀନ ଏନଆଇଏ (ନ୍ୟାଶନାଲ୍ ଇନଭେଷ୍ଟିଗେଟିଭ୍ ଏଜେନ୍ସି) ପକ୍ଷରୁ ଅଭିଯୋଗ କ୍ରମେ ଇଡି ପକ୍ଷରୁ ନାଏକ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଡିସେମ୍ବର ୨୦୧୬ରେ ଆପରାଧିକ ମାମଲା ରୁଜୁ ହୋଇଥିଲା। ୨୦୧୭ ଅକ୍ଟୋବରରେ ଏନ୍‌ଆଇଏ ଏ ସମ୍ପର୍କିତ ଚାର୍ଜଶିଟ୍ ମୁମ୍ବାଇ କୋର୍ଟରେ ଦାଖଲ କରିଥିଲା।



କୋଲକାତାରେ ତୃଣମୂଳ କଂଗ୍ରେସ କର୍ମୀଙ୍କୁ ବହନ କରି ନେଉଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ପାଖାପାଖି ୩୫ କର୍ମୀ ଆହତ ହୋଇଛନ୍ତି। ଦଳ ଦ୍ୱାରା ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେଇ ଦଳୀୟ ସମର୍ଥକମାନେ ଫେରିବା ବେଳେ ଯାତ୍ରୀବାହୀ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ଶ୍ରୀକାନ୍ତ, ସଗରିଆ କଂଗ୍ରେସରୁ ବହିଷ୍କୃତ



ଶ୍ରୀକାନ୍ତ ଜେନା



କୃଷ୍ଣ ସଗରିଆ

■ **ଆଜି ଶ୍ରୀକାନ୍ତଙ୍କ ଖବରଦାତା ସମ୍ମିଳନୀ**

■ **ଦଳ ବିରୋଧୀ ମନ୍ତବ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ**

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏବଂ ପୂର୍ବତନ କୋରାପୁଟ ବିଧାୟକ କୃଷ୍ଣ ସଗରିଆଙ୍କୁ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି। ଏନେଇ ଶନିବାର ବିଳମ୍ବିତ ରାତିରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଦଳ ବିରୋଧରେ ବାରମ୍ବାର ମନ୍ତବ୍ୟ ଦେବା ଏବଂ ଦଳୀୟ ପଦାଧିକାରୀଙ୍କୁ ନ୍ୟୂନ କରି କହିବା ଯୋଗୁ ସେମାନଙ୍କୁ ବିଦା କରାଯାଇଥିବା ଉପସଭାପତି ଅନନ୍ତ ସେଠୀ କହିଛନ୍ତି। କିଛିଦିନ ପୂର୍ବେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ହେମାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଉକ୍ତ ବୈଠକରେ ଶ୍ରୀକାନ୍ତ ଏବଂ ସଗରିଆଙ୍କୁ ବହିଷ୍କାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି)କୁ ସୁପାରିସ କରାଯାଇଥିଲା। ଦଳର ଏହି ନିଷ୍ପତ୍ତି ଏବଂ ନିଜର ପରବର୍ତ୍ତୀ ଆଭିମୁଖ୍ୟ ନେଇ ଶ୍ରୀକାନ୍ତ ରବିବାର ଗଣମାଧ୍ୟମକୁ ସୂଚନା ଦେବେ ବୋଲି ଜଣାପଡ଼ିଛି।

ଗତବର୍ଷ ଏପ୍ରିଲରେ ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ଭାବେ ନିଯୁକ୍ତ ହୋଇଥିଲେ। ଏହି ସମୟରେ ଶ୍ରୀକାନ୍ତଙ୍କୁ ପିସିସି ନିର୍ବାଚନ ଇସ୍ତାହାର କମିଟିର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଇସ୍ତାହାର ମୁଖବନ୍ଧ ପ୍ରସ୍ତୁତ କରିବାକୁ ଯାଇ ସେ ୩ଟି ମୌଳିକ ପ୍ରସ୍ତାବ ରଖିଥିଲେ, ଯାହା ନିରଞ୍ଜନଙ୍କ ଏକନାୟକତ୍ୱ ପ୍ରତି ବିପଦ ସୃଷ୍ଟି କରିଥିଲା। ଶ୍ରୀକାନ୍ତ ପ୍ରଥମ ପ୍ରସ୍ତାବରେ ଏସ୍‌ସି, ଏସ୍‌ଟି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ମଧ୍ୟରୁ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ୨ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଉ ବୋଲି କହିଥିଲେ। ସେହିପରି ଦ୍ୱିତୀୟରେ ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ଶିକ୍ଷା ଓ ନିଯୁକ୍ତିରେ ୨୭% ସଂରକ୍ଷଣ, ଏସ୍‌ସି ଏବଂ ଏସ୍‌ଟିଙ୍କୁ ଡାକ୍ତରୀ ଏବଂ ବୈଷୟିକ ଶିକ୍ଷାରେ ସଂରକ୍ଷଣ ବୃଦ୍ଧି ଦାବି କରିଥିଲେ। ତୃତୀୟରେ ଶାହ କମିଶନ ରିପୋର୍ଟ ଆଧାରରେ ରାଜ୍ୟ ଖଣିଜ ସମ୍ପଦ ଲୁଟ୍ କରିଥିବା କମ୍ପାନୀଗୁଡ଼ିକ ବିରୋଧରେ ତଦନ୍ତ କରିବା ସହ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହାକୁ ନିରଞ୍ଜନ ହଜମ କରିପାରି ନ ଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ଶ୍ରୀକାନ୍ତଙ୍କ ପ୍ରସ୍ତାବକୁ ପିସିସି ପକ୍ଷରୁ ଗ୍ରହଣ କରାଯାଇ ନ ଥିଲା। ଏମିତିକି ଶ୍ରୀକାନ୍ତଙ୍କୁ ରାତାରାତି ଇସ୍ତାହାର କମିଟିରୁ ବାଦ୍ ଦିଆଯାଇଥିଲା। ଏହାପରେ ଶ୍ରୀକାନ୍ତ ଦିଲ୍ଲୀ ଗସ୍ତ କରି ପିସିସିର ବିଭିନ୍ନ ପଦପଦବୀରୁ ଇସ୍ତଫା ଦେଇଥିଲେ।

ସେହିପରି କୁନ୍ଦୁଲି ଗଣବଳାତ୍କାର ଘଟଣାର ପୀଡ଼ିତାଙ୍କୁ ରାଜ୍ୟ ପ୍ରଶାସନ ନ୍ୟାୟ ଦେବାରେ ବିଫଳ ହୋଇଥିବା ଅଭିଯୋଗ କରି କୃଷ୍ଣ ସଗରିଆ ଗତ ନଭେମ୍ବରରେ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ଏହା ପୂର୍ବରୁ ସେ ଦଳର ସାଧାରଣ ସମ୍ପାଦକ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। କୃଷ୍ଣ ମଧ୍ୟ ନିରଞ୍ଜନଙ୍କ ଏକାଧିକ କଥାରେ ସମ୍ମତି ପ୍ରକାଶ କରି ନ ଥିଲେ, ଯାହାର ପ୍ରତିଶୋଧ ନେବା ପାଇଁ କୃଷ୍ଣଙ୍କୁ ଏସ୍‌ସି ସେଲ୍ ଅଧ୍ୟକ୍ଷ ପଦରୁ ବିଦା କରାଯାଇଥିଲା। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ୨୫ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ଏହା ପୂର୍ବରୁ ଶ୍ରୀକାନ୍ତ ଏବଂ କୃଷ୍ଣଙ୍କ ବହିଷ୍କାର, ନବ ଓ ଯୋଗେଶଙ୍କ ଦଳରୁ ଇସ୍ତଫା କଂଗ୍ରେସକୁ ବ୍ୟାକ୍‌ଫୁଟ୍‌କୁ ନେଇଥିବା ଆଲୋଚନା ହେଉଛି।

# ଭାଜପା, କଂଗ୍ରେସ କର୍ମୀ ବିଜେଡିରେ ସାମିଲ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

କୋରାପୁଟ ଜିଲା କୋଟପାଡ଼ ନିର୍ବାଚନ ମଣ୍ଡଳୀର ବୋରିଗୁମ୍ମା ବ୍ଲକର ବହୁ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଶନିବାର ଏହି କର୍ମୀମାନେ ବିଜେଡିରେ ଯୋଗ ଦେଇଛନ୍ତି। ସେମାନେ ହେଲେ ବୋରିଗୁମ୍ମା ବ୍ଲକ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନିତା ପ୍ରଧାନ, କଣାଗାଁ ପଞ୍ଚାୟତ ଭାଜପା ସଭାପତି କାଶୀନାଥ ବିଶୋୟୀ, ଶଶାହାଣ୍ଡି ପଞ୍ଚାୟତ ଭାଜପା ପ୍ରଭାରୀ ରବୀନ୍ଦ୍ର ପ୍ରଧାନ, ବରିଷ୍ଠ ନେତା ଲକ୍ଷ୍ମୀନାରାୟଣ ବିଶୋୟୀ, କାହ୍ନୁ ଚୌଧୁରୀ, ରାମଚନ୍ଦ୍ର ନାୟକ, ଆଡ଼ୱାଁର ବରିଷ୍ଠ ଭାଜପା ନେତା ସୁଦର୍ଶନ ଭତ୍ରା ପ୍ରମୁଖ।

ପ୍ରଥମ ପୃଷ୍ଠାରୁ...

## ଦିଲ୍ଲୀରୁ ମୋଦିଙ୍କୁ ...



କୋଲକାତାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ବିରୋଧୀ ଦଳଗୁଡ଼ିକର ନେତାମାନେ।

ଲୋକ ସଭା ନିର୍ବାଚନ ଦେଶବାସୀଙ୍କ ପାଇଁ ଭାଜପାର 'ମୌଳବାଦୀ ହିନ୍ଦୁତ୍ୱବାଦ' ବିରୋଧରେ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ ହେବ। ଏଏପି ନେତା ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ କହିଛନ୍ତି, ୨୦୧୯ରେ ମୋଦି–ଶାହ କ୍ଷମତାକୁ ଆସିଲେ ଦେଶରେ ଅନ୍ଧକାର ଛାଇଯିବ। କ୍ଷମତାକୁ ଆସିବା ପରେ ଯାହା ବି ନିଯୁକ୍ତି ସୁଯୋଗ ଥିଲା, ତାହା ନଷ୍ଟ ହୋଇଛି ବୋଲି କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ରାଲିରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ବିଏସ୍‌ପି ସୁପ୍ରିମୋ ମାୟାବତୀ ଯୋଗ ଦେଇ ନ ପାରି ସେମାନଙ୍କ ବାର୍ତ୍ତା ପଠାଇଥିଲେ। ଏଥିରେ ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି ଅଧ୍ୟକ୍ଷ ଶରଦ ପାୱାର, ନ୍ୟାଶନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବ୍‌ଦୁଲ୍ଲା ଓ ତାଙ୍କ ପୁତ୍ର ଓମାର ଅବ୍‌ଦୁଲ୍ଲା, ଲୋକତାନ୍ତ୍ରିକ ଜନତା ଦଳ ନେତା ଶରଦ ଯାଦବ, ଆରଜେଡି ନେତା ତେଜସ୍ୱୀ ଯାଦବ, ଜେଏମ୍‌ଏମ୍ ନେତା ହେମନ୍ତ ସୋରେନ୍, ବିଏସ୍‌ପି ନେତା ସତୀଶ ମିଶ୍ର ଏବଂ ଅରୁଣାଚଳପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଗେଗଙ୍ଗ ଅପାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଭାଜପା ପକ୍ଷରୁ କୁହାଯାଇଛି, ମୋଦିଙ୍କୁ ହଟାଇବା ପାଇଁ ପରସ୍ପର ବିରୋଧାଭାସ ଚିନ୍ତାଧାରାର ଦଳଗୁଡ଼ିକ ଏକାଠି ହୋଇଛନ୍ତି। ସାଧାରଣ ନିର୍ବାଚନରେ ଭୋଟର ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିବେ।








ତାମିଲନାଡୁର କୋଏମ୍ବାଟୁର ଜିଲା ଅଧୀନ କରୁମାଥାମ୍ପଟ୍ଟିସ୍ଥିତ ଏକ ବାସଭବନରେ ଶନିବାର ଗୋଟିଏ ପରିବାରର ୫ ସଦସ୍ୟ ଆତ୍ମହତ୍ୟା କରିଛନ୍ତି। ଦିନତମାମ ଘରଟି ବନ୍ଦ ରହିଥିବା ପଡୋଶୀ ଜାଣିବାକୁ ପାଇଥିଲେ। ଝରକା ଭିତର ଦେଇ ଦେଖିବାରୁ ଜଣେ ପୁରୁଷଙ୍କ ମୃତଦେହ ସିଲିଂରୁ ଝୁଲି ରହିଥିବା ଦେଖାଯାଇଥିଲା। ଏହାପରେ ପୋଲିସ କବାଟ ଭାଙ୍ଗିବା ପରେ ଅନ୍ୟ ୪ଜଣଙ୍କ ମୃତଦେହ ପଡି ରହିଥିବା ଦେଖିବାକୁ ମିଳିଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାଜ୍
ପରିବାରବର୍ଗ



ଶିବମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଜେଡି ବିରୋଧରେ ଅସନ୍ତୋଷର ନିଆଁ କୁହୁଳୁଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ଅତୀତରେ ଅଞ୍ଜନା ମିଶ୍ର ମାମଲାରେ ରାଜ୍ୟର ଜନମତ ଏପରି ତୀବ୍ର ହେଲା ଯେ ତାହା ସରକାରରେ ପରିବର୍ତ୍ତନ ଆଣିଦେଲା। ଆଜି ବି ରାଜ୍ୟରେ ମହିଳା ଅସୁରକ୍ଷିତ ଓ ଅପମାନିତ । ସାରା ରାଜ୍ୟରେ ବିଜେଡି ସରକାର ବିରୋଧରେ ଅସନ୍ତୋଷର ନିଆଁ କୁହୁଳୁଛି। ଓଡ଼ିଆ ଲୋକମାନେ ରାଜ୍ୟ ସରକାରଙ୍କଠାରୁ ଜବାବ ମାଗୁଛନ୍ତି ବୋଲି ସାମାଜିକ ଗଣମାଧ୍ୟମରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ, ଗତ କିଛିଦିନ ଧରି ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲୁଛି। ଜନସାଧାରଣଙ୍କ ସହ ସିଧାସିଧା କଥା ହେଉଛି। ଗତ କିଛିଦିନ ତଳର କିଛି ଘଟଣା ରାଜ୍ୟର ଜନମାନସକୁ ଆନ୍ଦୋଳିତ କରୁଛି। ରାଜ୍ୟ ସରକାରଙ୍କ ବିରୋଧରେ ଲୋକମାନଙ୍କ ମନରେ ନିଆଁ କୁହୁଳିବା ପରି ଜନବିରୋଧ ତୀବ୍ର ହେଉଛି। ପିସି ନ ଦେଇ ପାରିବାରୁ ଖୋର୍ଦ୍ଧାର ଲକ୍ଷ୍ମୀଧର ବେହେରାଙ୍କ ଆତ୍ମହତ୍ୟା ଓ ରାଜ୍ୟରେ ସରକାରୀ ଆବାସିକ ବିଦ୍ୟାଳୟରେ ଝିଅମାନେ ଗର୍ଭବତୀ ହେବା ଓ ସନ୍ତାନ ପ୍ରସବ ଘଟଣାଗୁଡିକ ସାଧାରଣ ଓଡିଆମାନଙ୍କ ପରି ମୋତେ ବ୍ୟସ୍ତ ଓ ବିବ୍ରତ କରୁଛି।

ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଘରଠାରୁ ମାତ୍ର ୫୦ କିଲୋମିଟର ଦୂରର ବିଏ ପାସ୍ କରି ଚାଷ କରୁଥିବା ଲକ୍ଷ୍ମୀଧର ବେହେରା ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିବାର କିଛିଦିନ ପୂର୍ବରୁ ଲକ୍ଷ୍ମୀଧର ଏକ ଭିଡିଓ ଭାଇରାଲ କରିଥିଲେ, ଯେଉଁଥିରେ ସରକାରଙ୍କ ଯୋଜନାରେ ପକ୍କାଘରଟିଏ ମିଳିବା ପାଇଁ ବ୍ଲକର ଅଧିକାରୀମାନେ ୧୫ରୁ ୨୦ ହଜାର ଟଙ୍କା ଲାଞ୍ଚ ମାଗୁଥିବାର ଅଭିଯୋଗ ଥିଲା। ନବୀନ ସରକାର, ବିଜେଡି ଓ ସ୍ଥାନୀୟ ସରପଞ୍ଚଙ୍କୁ ଗୁହାରି କରିଥିଲେ ମଧ୍ୟ କେହି ତାଙ୍କ କଥା ଶୁଣି ନ ଥିବା ଭାଇରାଲ ଭିଡିଓରେ ଲକ୍ଷ୍ମୀଧର କହିଥିଲେ। ଧର୍ମେନ୍ଦ୍ର ପୁଣି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସରକାର ଥ୍ରୀ-ଟି'ର କ'ଣ ବ୍ୟବହାର କରୁଛନ୍ତି ଜଣାନାହିଁ। ଲକ୍ଷ୍ମୀଧରଙ୍କ ଭିଡିଓ ସରକାରଙ୍କ ନଜରକୁ ଆସିଲା ନାହିଁ। ମାତ୍ର ତାଙ୍କ ମୃତ୍ୟୁ ପରେ ପକ୍କାଘରର କାର୍ଯ୍ୟାଦେଶ ଧରି ସରକାରୀ କର୍ମଚାରୀମାନେ ଲକ୍ଷ୍ମୀଧରଙ୍କ ଘରେ ପହଞ୍ଚିଲେ। ସରକାରୀ ଯୋଜନାର ଲାଭ ପାଇବା ପାଇଁ କ'ଣ ଓଡିଶାର ସାଧାରଣ ଗରିବ ଲୋକଙ୍କ ପରିବାର ମୁଖିଆଙ୍କ ମୃତ୍ୟୁକୁ ଅପେକ୍ଷା କରିବାକୁ ପଡିବ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ଆତ୍ମହତ୍ୟା ପରେ ସରକାର ପିସିରେ ପେଷିହୋଇ ଓଡ଼ିଶାର ଶିକ୍ଷିତ ବେକାର ଯୁବକ ଲକ୍ଷ୍ମୀଧରଙ୍କ ପରି ମାନସିକ ଚାପରେ କେତେ ପ୍ରଭାବିତ ସେଥିରୁ ଶିକ୍ଷା ଗ୍ରହଣ କରି କାର୍ଯ୍ୟ କରୁନାହାନ୍ତି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଅତି ଆପଣାର ଖୋର୍ଦ୍ଧା ବିଧାୟକ କଟା ଘା'ରେ ଚୂନ ଦେବା ପାଇଁ ପଛାଇ ନାହାନ୍ତି। ଏହି ପିସି କାରଣରୁ ଆତ୍ମହତ୍ୟାକୁ ସ୍ୱୀକାର କରିବା ବଦଳରେ ଓଡିଶାର ଲକ୍ଷ୍ମୀଧରଙ୍କ ନିଚ୍ଛକ ନିଷ୍ଠୁର ସତ୍ୟକୁ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ କରିଥିବା ଲୋକଙ୍କୁ ଧମକାଇ ଓ ପୋଲିସ ଲଗାଇ ଦମନ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ରାଜ୍ୟ ସରକାରଙ୍କ ବିଫଳତା କାନ୍ଥରେ ଲେଖାହେଲାଣି। ଲୋକଙ୍କୁ ଡରାଇ ଧମକାଇ ସତ୍ୟକୁ ଲୁଚାଯାଇ ପାରିବ ନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେ ପୁଣି କହିଛନ୍ତି ଯେ, ବେବିନାଙ୍କୁ ନ୍ୟାୟ ମିଳିଲା ନାହିଁ। ସେତେବେଳର ମନ୍ତ୍ରୀ ପ୍ରଦୀପ ମହାରଥୀ ବେବିନା ମାମଲାରେ ଦୁଇ ଦୁଇଥର ଇସ୍ତଫା ଦେଲେଣି। ଥରେ ୨୦୧୨ରେ ଇସ୍ତଫା ଦେବା ପରେ ପୁଣି ୨୦୧୪ ନିର୍ବାଚନରେ ବିଧାୟକ ଟିକେଟ ମିଳିଲା। ନବୀନ ବାବୁଙ୍କ ମହିଳା ସମ୍ମାନରେ ଦୋମୁହାଁ ନୀତି ଯୋଗୁ ପୁଣି ତାଙ୍କୁ ସସମ୍ମାନେ ମନ୍ତ୍ରୀ ପଦ ମିଳିଲା। ଲୋକଙ୍କ କ୍ରୋଧକୁ ସାମ୍ନା କରି ନ ପାରି ୨୦୧୯ରେ ପୁଣି ବେବିନା ମାମଲାରେ ମହାରଥୀଙ୍କୁ ଇସ୍ତଫା ଦେବାକୁ ପଡିଲା। ଗତ କିଛିବର୍ଷ ଧରି କମ୍ ବୟସର ଝିଅମାନଙ୍କ ଉପରେ ବଳାତ୍କାର ବଢ଼ିଚାଲିଛି। ସରକାରୀ ଆବାସିକ ଆଦିବାସୀ ଆଶ୍ରମ ସ୍କୁଲରେ ଝିଅମାନେ ଗର୍ଭବତୀ ଓ ପ୍ରସବ କରିବା ଭଳି ଘଟଣା ଓଡ଼ିଆମାନଙ୍କୁ ଲଜ୍ଜିତ କରିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଜଳିଲା ତେଲ ପାଇପ୍‌ଲାଇନ : ୨୧ ମୃତ

ମେକ୍ସିକୋ, ୧୯।୧



ସେଣ୍ଟ୍ରାଲ୍ ମେକ୍ସିକୋରେ ତେଲ ଚୋରି ନେଇ ଚଢ଼ାଉ ଅଭିଯାନ ଜାରି ରହିଥିବାବେଳେ ଏକ ବେଆଇନ ତେଲ ପାଇପ୍‌ଲାଇନ ଜଳିଯାଇଛି। ଏଥିରେ ୨୧ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୧ ଗୁରୁତର ଆହତ ହୋଇଛନ୍ତି। ସରକାରୀ ସୂଚନାନୁଯାୟୀ, ହିଦାଲ୍‌ଗୋ ରାଜ୍ୟ ଲାହୁଏଲିଲ୍‌ପାନଠାରେ ଶୁକ୍ରବାର ପାଇପ୍‌ଲାଇନ୍ ଲିକ୍‌ରୁ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଛି। ସ୍ଥାନୀୟ ଲୋକେ ଉକ୍ତ ଲିକ୍ ପାଇପ୍‌ଲାଇନରୁ ବକେଟ୍, ବାଲ୍ଟି ଜରିଆରେ ତେଲ ସଂଗ୍ରହ କରୁଥିବାବେଳେ ବିସ୍ଫୋରଣ ଘଟିଥିଲା। ପାଇପ୍‌ଲାଇନଟି ହୁ ହୁ ହୋଇ ଜଳିଉଠିଥିଲା। ରାଷ୍ଟ୍ରପତି ଆଣ୍ଡ୍ରିଜ୍ ମାନୁଏଲ୍ ଲୋପେଜ ଓବ୍ରାଡର ଶନିବାର ଦୁର୍ଘଟଣାସ୍ଥଳକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶୁକ୍ରବାର ମଧ୍ୟରାତ୍ରି ସୁଦ୍ଧା ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅଲ୍‌ଫୋନ୍ସୋ କହିଛନ୍ତି। ଏକାଧିକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏଣୁ ମୃତ୍ୟୁସଂଖ୍ୟାରେ ବୃଦ୍ଧି ଘଟିବା ଆଶଙ୍କା ରହିଥିବା ଜଣାପଡ଼ିଛି।

■ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୧୦ ବ୍ଲକ ପାଇଁ ୪୦.୮୬ କୋଟି ମଞ୍ଜୁର

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଏ ପର୍ଯ୍ୟନ୍ତ ୩୦୬ ବ୍ଲକକୁ ସାମିଲ କରାଯାଇଛି। ଏଥିରେ ଥିବା ୬୬୨୩ ପଞ୍ଚାୟତ ଲାଗି ୬୧,୧୭୦ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୧୫୧୪.୮୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଚାୟତର ଲୋକମାନଙ୍କ ସହ ଆଲୋଚନା କରି ଏହି ସବୁ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି।

ଶନିବାର ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ଜରିଆରେ ୧୦ଟି ଜିଲାର ୧୦ଟି ବ୍ଲକ ପାଇଁ ୪୦.୮୬ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି। ସେହି ବ୍ଲକଗୁଡିକ ହେଲା ବଲାଙ୍ଗୀର ଜିଲାର ଦେଓଗାଁ, ବାଲେଶ୍ୱର ଜିଲାର ସୋର, ନୟାଗଡ଼ ଜିଲାର ଭାପୁର, ଦେବଗଡ଼ ଜିଲାର ବରକୋଟ, ମୟୂରଭଞ୍ଜ ଜିଲାର କୁସୁମି, କୋରାପୁଟ ଜିଲାର ବନ୍ଧୁଗାଁ, ରାୟଗଡା ଜିଲାର କଲ୍ୟାଣସିଂହପୁର ବ୍ଲକ, ଝାରସୁଗୁଡା ଜିଲାର ଝାରସୁଗୁଡା ସଦର ବ୍ଲକ, କେନ୍ଦୁଝର ଜିଲାର ଯୋଡା ଓ ମାଲକାନଗିରି ଜିଲାର ପଡ଼ିଆ ବ୍ଲକ।

ଦେଓଗାଁ ବ୍ଲକର ୨୬ଟି ପଞ୍ଚାୟତ ପାଇଁ ୫.୯୪ କୋଟି ଟଙ୍କାରେ ୨୮୪ ପ୍ରକଳ୍ପକୁ ମଞ୍ଜୁର କରାଯାଇଥିବା ବେଳେ ସୋର ବ୍ଲକର ୨୪ ପଞ୍ଚାୟତ ପାଇଁ ୬ କୋଟି ଟଙ୍କାରେ ୩୬୨ଟି ପ୍ରକଳ୍ପକୁ ମଞ୍ଜୁର, ଭାପୁର ବ୍ଲକର ୨୦ ପଞ୍ଚାୟତ ପାଇଁ ୫.୦୩ କୋଟି ଟଙ୍କାରେ ୩୩୭ ପ୍ରକଳ୍ପ, ବରକୋଟ ବ୍ଲକର ୨୩ ପଞ୍ଚାୟତ ପାଇଁ ୪.୩୫ କୋଟି ଟଙ୍କାରେ ୧୫୮ ପ୍ରକଳ୍ପ, କୁସୁମି ବ୍ଲକର ୧୪ ପଞ୍ଚାୟତ ପାଇଁ ୩.୫୦ କୋଟି ଟଙ୍କାରେ ୧୪୪ଟି ପକ୍ରଳ୍ପ, ବନ୍ଧୁଗାଁ ବ୍ଲକର ୧୩ ପଞ୍ଚାୟତ ପାଇଁ ୩,୪୬ କୋଟି ଟଙ୍କାରେ ୧୭୮, ଝାରସୁଗୁଡା ସଦର ବ୍ଲକର ୧୬ ପଞ୍ଚାୟତ ପାଇଁ ୪ କୋଟି ଟଙ୍କା ବ୍ୟୟରେ ୧୦୧ ପ୍ରକଳ୍ପ, ଯୋଡ଼ା ବ୍ଲକର ୧୯ ପଞ୍ଚାୟତ ପାଇଁ ୪.୭୫ କୋଟି ଟଙ୍କାରେ ୧୦୭ ପ୍ରକଳ୍ପ ଏବଂ ପଡିଆ ବ୍ଲକର ୮ ପଞ୍ଚାୟତ ପାଇଁ ୨.୦୨ କୋଟି ଟଙ୍କାରେ ୧୦୯ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ମୋଟ ୧୦ଟି ବ୍ଲକର ୧୭୭ ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ୪୦.୮୨ କୋଟି ଟଙ୍କାରେ ୧୮୯୦ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ରାଜ୍ୟର ୩୦୦ ବ୍ଲକ ଅତିକ୍ରମ କରିଛି। ରାଜ୍ୟରେ ଆଉ ମାତ୍ର ୮ଟି ବ୍ଲକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସରକାର ଓ ଜନସାଧାରଣଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗାଯୋଗ ସୃଷ୍ଟି କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଭାବରେ ଲୋକପ୍ରିୟ ହୋଇପାରିଛି। ମୁଖ୍ୟମନ୍ତ୍ରୀ ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରି ପ୍ରକଳ୍ପ ମଞ୍ଜୁର କରୁଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଓ ଶ୍ରେଷ୍ଠ ସ୍ୱଚ୍ଛ ପ୍ରଶାସନର ଉଦାହରଣ ହୋଇପାରିଛି।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପରିଷଦର ସଦସ୍ୟ, ବିରୋଧୀ ଦଳ ନେତା, ଏମ୍‌ପି, ବିଧାୟକ, ଉନ୍ନୟନ କମିଶନର, ପଞ୍ଚାୟତିରାଜ ବିଭାଗ ସଚିବ, ଜିଲାପାଳ ଓ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

■ ଜେଇଇ ମେନ୍ ୨୦୧୯

# ଓଡ଼ିଶା ଟପ୍ପର ହେଲେ ଶିବାଶିଷ

ଭୁବନେଶ୍ୱର,୧୯।୧(ବ୍ୟୁରୋ)



ଶିବାଶିଷ ନାୟକ

■ ୧୦୦ ଏନ୍‌ଟିଏ ତାଲିକାରେ ଓଡ଼ିଆ ଛାତ୍ର ସମ୍ବିତ

■ ଏପ୍ରିଲ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ ମେନ୍ ୨୦୧୯ର ପେପର-୧ ଫଳ ଶନିବାର ପ୍ରକାଶ ପାଇଛି। ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ଏହି ପରୀକ୍ଷାରେ ମୋଟ ୮,୭୪,୪୬୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫ଜଣ ୧୦୦ ଏନ୍‌ଟିଏ ସ୍କୋର୍ କରିଛନ୍ତି। ଓଡ଼ିଶାର ସମ୍ବିତ ବେହେରା ଅନ୍ୟ ୧୪ଜଣଙ୍କ ସହ ଶତ ପ୍ରତିଶତ ସ୍କୋର୍ କରିବାରେ ସଫଳ ହୋଇଛନ୍ତି। ରାଜସ୍ଥାନର କୋଟାରେ ରହି କୋଚିଂ ନେଉଥିବା ସମ୍ବିତ ସେଠାରେ ପରୀକ୍ଷା ଦେଇଥିବା ବେଳେ ସେ ୧୫ଜଣଙ୍କ ମଧ୍ୟରେ ୫ମ ସ୍ଥାନରେ ରହିବାରେ ସଫଳ ହୋଇଛନ୍ତି। ତେବେ 'ଷ୍ଟେଟ୍ କୋଡ୍ ଅଫ୍ ଏଲିଜିବିଲିଟି'ରେ ସମ୍ବିତଙ୍କର ରାଜସ୍ଥାନ ରହିଥିବାବେଳେ ଓଡ଼ିଶାର ଟପ୍ପର ହୋଇଛନ୍ତି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଦ୍ୱାଦଶ ଶ୍ରେଣୀ ଛାତ୍ର ଶିବାଶିଷ ନାୟକ। ୯୯.୯୮% ମାର୍କ ସହ ଶିବାଶିଷ ରାଜ୍ୟ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ସେ ଫିଜିକ୍ସରେ ୯୯.୯୯, କେମିଷ୍ଟ୍ରିରେ ୯୯.୯୨ ଓ ମ୍ୟାଥମେଟିକ୍ସରେ ୯୯.୯୪ ପ୍ରତିଶତ ମାର୍କ ରଖିଛନ୍ତି।

ଶିବାଶିଷ ପୂର୍ବରୁ ଆଷ୍ଟ୍ରୋ ଅଲିମ୍ପିଆଡ୍ ୨୦୧୮ରେ ରାଜ୍ୟ ଟପ୍ପର ହେବାସହ ଫିଜିକ୍ସ ଅଲିମ୍ପିଆଡ୍ ୨୦୧୮ରେ ମଧ୍ୟ ରାଜ୍ୟ ଟପ୍ପର ହୋଇଥିଲେ। ସେହିଭଳି କେମେଷ୍ଟ୍ରି ଅଲମ୍ପିଆଡ୍ ୨୦୧୮ରେ ଦ୍ୱିତୀୟ ର୍‍ୟାଙ୍କ ହାସଲ କରିଥିଲେ। ଏହାସହ ସେ କେଭିପିୱାଇ ୨୦୧୮ରେ ୧୧ତମ ର୍‍ୟାଙ୍କ୍ ଅକ୍ତିଆର କରିଥିଲେ। ଶିବାଶିଷଙ୍କ ଘର ବାଲେଶ୍ୱର ଜିଲାର ନୂଆଗାଁ ଓ ତାଙ୍କ ପିତା ଗୋପୀନାଥ ନାୟକ ଭୁବନେଶ୍ୱର ପାଣିପାଗ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଅନ୍ୟପକ୍ଷରେ ଶତ ପ୍ରତିଶତ ସ୍କୋର୍ କରିଥିବା ୧୭ବର୍ଷୀୟ ସମ୍ବିତ ପରୀକ୍ଷା ପାଇଁ ଦିନକୁ ୬ଘଣ୍ଟା ପଢିବା ସହ ପ୍ରତିଦିନ କଠିନ ଅଭ୍ୟାସ କରୁଥିଲେ। ସମ୍ବିତଙ୍କ ବାପା ଚନ୍ଦ୍ରମଣି ବେହେରା କୋରାପୁଟ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ମ୍ୟାନେଜର ଭାବେ କାମ କରୁଥିବାବେଳେ ମା' ଜଣେ ଅପ୍ଥାମୋଲୋଜିଷ୍ଟ।

ସୂଚନାଯୋଗ୍ୟ, ଚଳିତ ବର୍ଷ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଜେଇଇ ମେନ୍ ପରୀକ୍ଷା ଦୁଇ ଥର ଦେବାପାଇଁ ସୁଯୋଗ ଦିଆଯାଇଛି। ପେପର-୧ ପାଇଁ ମୋଟ ୯ଲକ୍ଷ ୨୯ ହଜାର ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ୮,୭୪,୪୬୯ଜଣ ପରୀକ୍ଷା ଦେଇଥିଲେ। ଏନ୍‌ଟିଏ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ପ୍ରଥମଥର ପାଇଁ କମ୍ପ୍ୟୁଟର୍ ବେସ୍‌ଡ ଟେଷ୍ଟ(ସିବିଟି) ମୋଡ୍‌ରେ ହୋଇଥିଲା। ଦେଶର ମୋଟ ୨୫୮ଟି ସହରର ୪୬୭ଟି କେନ୍ଦ୍ରରେ ଜାନୁୟାରୀ ୮ରୁ ୧୨ ତାରିଖ ମଧ୍ୟରେ ପରୀକ୍ଷା ହୋଇଥିଲା। ଓଡ଼ିଶାର ୯ଟି ସହରରେ ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ରାଜ୍ୟରୁ ପ୍ରାୟ ୩୯ ହଜାର ପରୀକ୍ଷାର୍ଥୀ ଜେଇଇ ମେନ୍ ପାଇଁ ପଞ୍ଜୀକରଣ କରିଥିଲେ। ଜେଇଇ ମେନ୍ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଏପ୍ରିଲ ୬ରୁ ୨୦ ତାରିଖ ମଧ୍ୟରେ ହେବ। ଏଥିପାଇଁ ଛାତ୍ରୀଛାତ୍ରମାନେ ଫେବୃଆରୀ ୮ରୁ ମାର୍ଚ୍ଚ ୭ ମଧ୍ୟରେ ଆବେଦନ କରିପାରିବେ। ଏହି ପର୍ଯ୍ୟାୟ ରେଜଲ୍ଟ ବାହାରିବା ପରେ ର୍‍ୟାଙ୍କ୍ ଘୋଷଣା କରାଯିବ।

# ଦୃଷ୍ଟିହୀନ ଓ ଦିବ୍ୟାଙ୍ଗଙ୍କ ପାଇଁ ଅନୁବାଦକ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ଙ୍କ ଦ୍ୱାରା ରବିବାର ହେବାକୁ ଥିବା ସହକାରୀ ଉପବିଭାଗ ଅଧିକାରୀ(ଏ.ଏସ୍.ଓ.) ପଦ ପାଇଁ ପରୀକ୍ଷାକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି, ଯାହାକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଏବଂ ପରୀକ୍ଷା ପରିଚାଳନାକୁ ନେଇ ଯେଉଁ ବିଭ୍ରାଟ ସୃଷ୍ଟି ହୋଇଛି, ଏହା ଦ୍ୱାରା ଆଶାୟୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ଏ ନେଇ ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ଏ.ଏସ୍.ଓ. ପରୀକ୍ଷାକୁ ନେଇ ଏଭଳି ପରିଚାଳନାଗତ ଅବ୍ୟବସ୍ଥା ପାଇଁ ରାଜ୍ୟ ସରକାର ଦାୟୀ । ଓଡ଼ିଶା ଲୋକସେବା ଆୟୋଗ ତାଙ୍କର ନୋଟିଫିକେଶନରେ ୯ ନମ୍ବର ପାରାର ୧୪ ନଂ କ୍ରମାଙ୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, ପ୍ରତ୍ୟେକ ପରୀକ୍ଷାର୍ଥୀ ନିଜ ହାତଲେଖାରେ ପରୀକ୍ଷାରେ ଉତ୍ତର ଲେଖିବେ । ଏଥିସହିତ କୌଣସି ପରିସ୍ଥିତିରେ ଅନୁବାଦକଙ୍କ ସାହାଯ୍ୟ ନେଇପାରିବେ ନାହିଁ। ଏହା ପୂର୍ବରୁ କରାଯାଇଥିବା ନୀତିନିୟମର ସିଧାସଳଖ ଉଲ୍ଲଂଘନ। ୨୦୧୩ ସେପ୍ଟେମ୍ବର ୧୭ରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଯୁଗଳ କିଶୋର ମହାପାତ୍ର ଜାରି କରିଥିବା ସର୍ତ୍ତାବଳୀରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ, ୪୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଶାରୀରିକ ଅକ୍ଷମତା ଥିବା ବ୍ୟକ୍ତିବିଶେଷ ଯଦି ଚାହିଁବ,ତେବେ ତାଙ୍କୁ ଜଣେ ଲେଖକ/ଲିପିକ/ଲ୍ୟାବ୍ ସହାୟକଙ୍କ ସହାୟତା ନିମନ୍ତେ ବିଶେଷ ଅନୁମତି ପ୍ରଦାନ କରାଯିବ। ଜରୁରୀ ସ୍ଥଳେ ପରୀକ୍ଷା ପରିଚାଳନା କର୍ତ୍ତୃପକ୍ଷ ଦିବ୍ୟାଙ୍ଗ ଓ ଦୃଷ୍ଟିହୀନମାନଙ୍କ ନିମନ୍ତେ ଏକାଧିକ ଲିପିକ/ଲେଖକଙ୍କୁ ଅନୁମତି ପ୍ରଦାନ କରିପାରିବେ। ହେଲେ ଓଡ଼ିଶା ଲୋକସେବା ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ନୋଟିଫିକେଶନ ଏହାର ସଂପୂର୍ଣ୍ଣ ବିରୋଧାଚରଣ କରିଥିବା ସତ୍ୟ ପ୍ରକାଶ କହିଛନ୍ତି।

# ବିରୋଧୀ ମହାମେଣ୍ଟରେ ସାମିଲ ହେଲାନି ବିଜେଡି

ଭୁବନେଶ୍ୱର,୧୯।୧(ବ୍ୟୁରୋ)

କଲିକତାରେ ଶନିବାର ଅନୁଷ୍ଠିତ ମହାମେଣ୍ଟ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ (ବିଜେଡି) ଯୋଗଦେଇ ନାହିଁ। ବିଜେଡି ପୂର୍ବଭଳି ଜାତୀୟ ରାଜନୀତିରେ ଦୁଇ ପ୍ରମୁଖ ମେଣ୍ଟଠାରୁ ସମଦୂରତ୍ୱ ନୀତି ବଜାୟ ରଖିଛି। ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ମୁଖପାତ୍ର ପ୍ରତାପ କେଶରୀ ଦେବ ଏ ନେଇ ଶୁକ୍ରବାର ସ୍ପଷ୍ଟ କରିଥିଲେ। ସେ କହିଛନ୍ତି ଯେ, ୨୦୦୯ରୁ ଦଳ ସମଦୂରତ୍ୱ ଅବଲମ୍ବନ କରୁଥିବାରୁ ବର୍ତ୍ତମାନ ପରିସ୍ଥିତିରେ କୌଣସି ମେଣ୍ଟ କାର୍ଯ୍ୟକ୍ରମରେ ସାମିଲ ହେବାର ଆବଶ୍ୟକତା ନାହିଁ। ବିଜେଡି ସର୍ବଦା ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଛି। ତେଣୁ ପୂର୍ବପରି ସମଦୂରତ୍ୱ ନୀତି ଜାରି ରହିବ।

ତୃଣମୂଳ କଂଗ୍ରେସ ପକ୍ଷରୁ ବିଜେଡିକୁ ମହାମେଣ୍ଟ କାର୍ଯ୍ୟକ୍ରମରେ ସାମିଲ ପାଇଁ ନିମନ୍ତ୍ରଣ କରାଯାଇଥିବା ସୂତ୍ରରୁ ପ୍ରକାଶ। ବାମମେଣ୍ଟ, ଟିଆରଏସ୍ ଏବଂ ୱାଇଏସ୍‌ଆର କଂଗ୍ରେସ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇନାହାନ୍ତି। ଗତ ଡିସେମ୍ବରରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଓଡ଼ିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରିଥିଲେ। ଏହି ସମୟରେ ଅଣଭାଜପା ଏବଂ ଅଣକଂଗ୍ରେସ ଦଳଗୁଡିକୁ ନେଇ ଫେଡେରାଲ ଫ୍ରଣ୍ଟ ତଥା ତୃତୀୟ ସାମ୍ମୁଖ୍ୟ ଉପରେ ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ପରବର୍ତ୍ତୀ ସମୟରେ ଏହାକୁ ନେଇ ବିଜେଡି କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ। ବିଜେଡି ପକ୍ଷରୁ ନୂଆଦିଲ୍ଲୀରେ ଗତ ୮ରେ ଆୟୋଜିତ କୃଷକ ଅଧିକାର ସମାବେଶରେ ଏନ୍‌ଡିଏକୁ ସମାଲୋଚନା କରାଯାଇଥିଲା। ଉକ୍ତ ଦିନ ମହାମେଣ୍ଟ ସମ୍ପର୍କରେ ବିଜେଡି ଆଭିମୁଖ୍ୟକୁ ନେଇ ଜାତୀୟ ଗଣମାଧ୍ୟମ ନବୀନଙ୍କ ମତ ଲୋଡ଼ିଥିଲେ। ଏ ନେଇ ନବୀନ କହିଥିଲେ, ମହାମେଣ୍ଟରେ ବିଜେଡି ସାମିଲ ହେବ କି ନାହିଁ, ସେନେଇ ନିଷ୍ପତ୍ତି ନେବାକୁ ଆହୁରି ସମୟ ଲାଗିବ। ହେଲେ ଏହାର ଗୋଟିଏ ଦିନ ପରେ ଓଡ଼ିଶାରେ ବିଜେଡି ମହାମେଣ୍ଟରେ ସାମିଲ ହେବ ନାହିଁ ବୋଲି ନବୀନ ସ୍ପଷ୍ଟ କରିଥିଲେ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୧ | ୧୧.୪ |
| ଚାନ୍ଦବାଲି | ୨୬.୩ | ୧୩.୮ |
| କଟକ | ୨୭.୦ | ୧୪.୮ |
| ପାରାଦ୍ୱୀପ | ୨୬.୪ | ୧୪.୬ |
| ଭୁବନେଶ୍ୱର | ୨୮.୮ | ୧୫.୪ |
| ଗୋପାଳପୁର | ୨୯.୨ | ୧୫.୮ |
| ପୁରୀ | ୨୭.୨ | ୧୬.୨ |
| ଅନୁଗୋଳ | ୨୮.୧ | ୦୮.୬ |
| ବାରିପଦା | ୨୬.୨ | ୧୧.୬ |
| ଝାରସୁଗୁଡ଼ା | ୨୮.୪ | ୯.୫ |
| କେନ୍ଦୁଝର | ୨୬.୫ | ୯.୮ |
| ସମ୍ବଲପୁର | ୨୯.୨ | ୧୦.୩ |
| ସୁନ୍ଦରଗଡ଼ | ୨୭.୦ | ୧୦.୦ |
| ହୀରାକୁଦ | ୨୮.୯ | ୧୧.୭ |
| ତାଳଚେର | ୩୧.୭ | ୧୦.୩ |
| ଭବାନୀପାଟଣା | ୨୯.୮ | ୧୦.୦ |
| ବଲାଙ୍ଗୀର | --- | ୧୦.୬ |
| କୋରାପୁଟ | ୨୭.୬ | ୧୦.୨ |
| ଫୁଲବାଣୀ | ୨୭.୪ | ୭.୦ |
| ଟିଟିଲାଗଡ଼ | --- | ୧୦.୦ |
| ମାଲକାନଗିରି | ୩୧.୬ | ୧୫.୫ |
| ସୋନପୁର | ୨୯.୦ | ୯.୪ |
| ଦାରିଙ୍ଗିବାଡ଼ି | ୨୫.୦ | ୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶୁଭଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ହାସଲକରି ବହୁତ ଖୁସି ରହିବେ। ରାଶିରେ ରାହୁ ଓ ଚନ୍ଦ୍ର ତୃତୀୟସ୍ଥ ଯୋଗୁ ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ, ଛୋଟ ଦୋକାନ କାରବାରରୁ ସେତେଟା ଭଲ ଫଳ ମିଳି ନ ପାରେ। କିନ୍ତୁ ଆନୁଷ୍ଠାନିକ କାମରେ ପ୍ରସ୍ତୁତି ଶେଷହେବା ସହ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ।

**ବୃଷ** ଆଜିର ଗ୍ରହ ସ୍ଥିତିର ଆଂଶିକ ପରିବର୍ତ୍ତନ ହେତୁ ମନ ପ୍ରଫୁଲ୍ଲିତ ରହିବ। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ଆଜିର ଯାତ୍ରାରେ ଅର୍ଥ ଓ ଆଦର, ଗୌରବ ମଧ୍ୟ ପାଇବେ।

**ମିଥୁନ** ଅର୍ଥଲାଭର ପ୍ରଚେଷ୍ଟା କଦାପି ନିରର୍ଥକ ହେବନାହିଁ। ବନ୍ଧୁଙ୍କୁ ମନେଇ କାମ ହାସଲ କରିବାର ପ୍ରକୃଷ୍ଟ ଦିନଟିଏ। ପାଖପଡ଼ୋଶୀଙ୍କ ସାହାଯ୍ୟରେ କାମ ହାସଲ କରିବା ଫଳରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଆନୁଷଙ୍ଗିକ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରିଅନୁତପ୍ତ ହେବା ଆଶଙ୍କା ରହିଛି।

**କର୍କଟ** ଅନ୍ୟାନ୍ୟ ସବୁ ଦିଗରୁ ମନ୍ଦ ନ ହେଲେ ମଧ୍ୟ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କଲେ ଅପଦସ୍ଥ ହେବାକୁ ପଡ଼ିପାରେ। ସଭାସମିତିରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ ଏବଂ ପାଇବେ ମଧ୍ୟ। ପାରିବାରିକ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ସିଂହ** ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ କରି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ସାଙ୍ଗକୁ ମାନମନାନ୍ତର ଦେଖା ଦେଇପାରେ। ମିତ୍ର କେହି ଛଳନାକରି ଦୂରେଇଯାଇ ପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ସନ୍ତୋଷଜନକ ରହିବ।

**କନ୍ୟା** ସାମାନ୍ୟ ଯୁକ୍ତିତର୍କ ମଧ୍ୟରେ ଅଭିଳଷିତ ଜିନିଷ ପାଇପାରିବେ। ଶନିଙ୍କ କୁପ୍ରଭାବରୁ କର୍ମକ୍ଷେତ୍ରରେ କୌଣସି ବିଜାତୀୟ ବ୍ୟକ୍ତି ସମସ୍ୟା ସୃଷ୍ଟିକରିପାରନ୍ତି। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ସାହିତ୍ୟ ଗବେଷଣା,ଏଜେନ୍ସିପରେ ଆଶାଜନକ ସୁଫଳ ମିଳିବ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଆଶଙ୍କା ରହିଛି।

**ତୁଳା** ନିଜର ବିଚାରବୁଦ୍ଧି ବିନିଯୋଗକରି ଅସଜଡ଼ା ପରିସ୍ଥିତିକୁ ସଜାଡ଼ିନେବେ। ଘରୋଇ ସମସ୍ୟା ସମାଧାନ ହୋଇଯିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁମାନଙ୍କ ଉପରେ ଭରସାକରି ମନସ୍ତାପ କରିବାକୁ ପଡ଼ିପାରେ। କଳା, ସାହିତ୍ୟ,ସଙ୍ଗୀତ, ଚଳଚ୍ଚିତ୍ର ତଥା ସଭାସମିତିରେ ସୁନାମ ମିଳିବ।

**ବିଛା** ସକାଳୁ ସକାଳୁ ମାନସିକ ସ୍ତରରେ ଅସ୍ଥିରତା ଅନୁଭବ କରିବେ। ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ନ ହେବା କାରଣରୁ ମାନସିକ ଅବସାଦ ଲାଗି ରହିବ। ଆଜି ଦିନଟିରେ ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବା ସୁଯୋଗ ପାଇବେ। ଦୀର୍ଘଦିନରୁ ଅଟକି ରହିଥିବା କାମ କିମ୍ବା ପାଇ ନ ଥିବା ଅର୍ଥପ୍ରାପ୍ତିରେ ଆନନ୍ଦ ଅନୁଭବ କରିବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଧୀରେ ଧୀରେ ଉଭେଇଯିବା ଅନୁଭବ କରିବେ। କିନ୍ତୁ ପାରସ୍ପରିକ ମତଭେଦ କାରଣରୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହାକି ଆପଣଙ୍କ କାମଗୁଡ଼ିକ ସୁବିଧାରେ ହେବା ଦିଗରେ ଏହା ସାହାଯ୍ୟ କରିବ।

**ମକର** ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଓ ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭକରି ଆନନ୍ଦ ଅନୁଭବ କରିବେ। ମନରେ ଭାବୁଥିବା କଥା କାମରେ ପରିଣତ ହେଲା ବେଳକୁ ଅଲଗା ପ୍ରକାର ହୋଇଯାଇପାରେ। କର୍ମକ୍ଷେତ୍ରରେ ପରୋକ୍ଷ ସାହାଯ୍ୟ ଲାଭ କରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। କେତେକ କ୍ଷେତ୍ରରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟହେବା ଆଶଙ୍କା ଦେଖାଦେବ।

**କୁମ୍ଭ** ଶନିଙ୍କ ଦୃଷ୍ଟି ଆପଣଙ୍କ ମୁଖକୁ ଅନେକାଂଶରେ ବନ୍ଦ କରିବାକୁ ବାଧ୍ୟକରିବ। ଫଳରେ ଆପଣ କେତେକ କ୍ଷେତ୍ରରେ ସବୁ ଜାଣିଥିଲେ ମଧ୍ୟ ଚୁପ୍ ରହିବାକୁ ବାଧ୍ୟ ହେବେ। ବାଣିଜ୍ୟ, ବ୍ୟବସାୟ ତଥା ନିର୍ମାଣ କାମ ଧିମେଇ ଯିବାରୁ ସାମୟିକ ବ୍ୟସ୍ତତା ଅନୁଭବ କରିପାରନ୍ତି। ପୂର୍ବରୁ ଲାଗିରହିଥିବା ପାରିବାରିକ ସଙ୍କଟଜନକ ସ୍ଥିତି ସମ୍ପୂର୍ଣ୍ଣ ସୁଧୁରିପାରିବ ନାହିଁ।

**ମୀନ** ମନ ଅନୁଯାୟୀ କାମ ହାସଲ କରିବାରେ ପୂର୍ବାହ୍ନଟି ପ୍ରୀତିପ୍ରଦ ରହିବ। କିନ୍ତୁ ଅପରାହ୍ନରେ ସବୁକିଛି ବଦଳି ଯାଇପାରେ, ଯାହାକି ଆପଣଙ୍କ ମନରେ ଭାବାନ୍ତର ସୃଷ୍ଟିକରିବ। ନିଜ ପରିସରରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି ଜଣେ କାମରେ ଅସହଯୋଗ କରିବା ଆଶଙ୍କା ରହିଛି। ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ହୋଇପାରନ୍ତି।

ଆଜି ପୌଷ ଶୁକ୍ଳ ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣମୀ ରବିବାର, ଜାନୁୟାରୀ ୨୦ ତାରିଖ,ରାଶି ନକ୍ଷତ୍ର-ଦିବା ଘ୮ ।୫୧ମି. ଗତେ ପୁନର୍ବସୁ/ମିଥୁନ, ମେଷ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ତଥା ପୂର୍ଣ୍ଣିମାର ପାର୍ବଣଶ୍ରାଦ୍ଧ, ପୂର୍ଣ୍ଣମୀର ଚନ୍ଦ୍ରପୂଜା ଓ ଉପବାସ। ଦିବା ଘ୭ ।୫୪ମି. ଗତେ, ଘ୯ ।୧୭ମି. ମଧ୍ୟେ ଅମୃତବେଳା । ଦିବା ଘ୯ ।୧୭ମି. ଗତେ, ଘ୧୦ ।୪୦ମି. ମଧ୍ୟେ, ଘ୧ ।୨୬ମି. ଗତେ ଘ୨ ।୪୯ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪ ।୦୫ମି. ଗତେ ଘ୫ ।୨୭ମି. ମଧ୍ୟେ ରାହୁକାଳ।



ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଜଗନ୍ନାଥ ଭାରତ ଗସ୍ତରେ ଆସି ରବିବାର ନୂଆଦିଲ୍ଲୀରେ ପହଞ୍ଚିବେ। ୭ ଦିନିଆ ଗସ୍ତ କାଳରେ ସେ ଭାରତର ତୁଙ୍ଗ ନେତୃବୃନ୍ଦଙ୍କୁ ସାକ୍ଷାତ କରିବା ସହିତ ବାରାଣସୀଠାରେ ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବେ।




# ପଶ୍ଚିମରେ ଥଣ୍ଡା, ଉପକୂଳରେ କୁହୁଡ଼ି

## ୮ ଜିଲାରେ ପ୍ରବଳ କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ରାଜ୍ୟରେ ଶୀତ ପ୍ରକୋପ ହ୍ରାସ ପାଇଥିଲେ ମଧ୍ୟ ଉପକୂଳ ଓଡ଼ିଶାରେ ପ୍ରବଳ କୁହୁଡି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଶନିବାର ପାହାନ୍ତାରୁ କୁହୁଡି ମାଡି ଆସିଥିଲା। ୨୦୦ ମିଟରରୁ ଅଧିକ ଦୂରକୁ ଦେଖା ଯାଉ ନ ଥିଲା। ରାସ୍ତାରେ ଯାତାୟାତ କରୁଥିବା ଯାନବାହନଗୁଡିକ ଲାଇଟ ଲଗାଇ ଯାଉଥିବା ଦେଖିବାକୁ ମିଳିଥିଲା। ପୂର୍ବଦିନ ଭଳି ସକାଳୁ ପାର୍କରେ ଭିଡ ଦେଖିବାକୁ ମିଳି ନ ଥିଲା। କୁହୁଡିର ପ୍ରଭାବ ସକାଳ ୧୦ଟା ଯାଏ ରହିଥିଲା। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା, ପୁରୀ, ନୟାଗଡ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡି ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟରେ ୨୦୦ ମିଟର ପର୍ଯ୍ୟନ୍ତ ଦେଖିବା ସମ୍ଭବ ହେବ ନାହିଁ। ତେବେ ଓଡିଶାରେ ଶୀତର ପ୍ରକୋପ ଜାରି ରହିବ। ପାରଦ ୧୦ ଡିଗ୍ରୀ ତଳକୁ ଖସିଯିବ। ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୮.୬, ଝାରସୁଗୁଡା ୯.୫, କେନ୍ଦୁଝର ୯.୮, ସୋନପୁର ୯.୪ ଏବଂ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ସାତକୋଶିଆରେ ସରିଲା ବନ୍ୟଜନ୍ତୁ ଆକଳନ

ଗଣିଆ,୧୯।୧(ଡି.ଏନ.ଏ.)

ନୟାଗଡ଼ ଜିଲା ଅନ୍ତର୍ଗତ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣାଞ୍ଚଳରେ ଚଳିତ ମାସ ୧୪ ତାରିଖରୁ ଆରମ୍ଭ ହୋଇଥିବା ବନ୍ୟଜନ୍ତୁ ଆକଳନ ଶନିବାର ଶେଷ ହୋଇଛି । ଏଥିରେ ଅଭୟାରଣ୍ୟ ମଧ୍ୟରେ ଗତ ୧୪,୧୫ ଓ ୧୬ ତାରିଖ ୩ଦିନ ଧରି ତୃଣଭୋଜି ଏବଂ ୧୭, ୧୮ ଓ ୧୯ ତିନିଦିନ ଧରି ମାଂସାସୀ ବନ୍ୟଜନ୍ତୁଙ୍କର ଆକଳନ କରାଯାଇଛି। ବନଖଣ୍ଡର ୪ଟି ବନାଞ୍ଚଳରେ ୩୫ଟି ଟିମ୍ ଏହି ଆକଳନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏହି ଟିମ୍‌ଗୁଡ଼ିକ ମଧ୍ୟରୁ ବାଣୀଗୋଛା ପୂର୍ବ ୮ଟି, ବାଣୀଗୋଛା ପଶ୍ଚିମ ୫, ଛାମୁଣ୍ଡିଆ ୧୧ ଓ କୁଶଙ୍ଗ ବନାଞ୍ଚଳରେ ୧୧ଟି ଟିମ୍ ଆକଳନରେ ସାମିଲ ହୋଇଥିଲେ। ପ୍ରତି ଟିମ୍‌ରେ ଜଣେ ବନରକ୍ଷୀଙ୍କ ସହ ୨ଜଣ ଲେଖାଁଏ ଅସ୍ଥାୟୀ ବନ କର୍ମଚାରୀ ଆକଳନରେ ସାମିଲ ହୋଇଥିଲେ। ତେବେ



ସାତକୋଶିଆରେ ଥିବା କୁଟୁରା ।

ବନ୍ୟଜନ୍ତୁଙ୍କ ପାଦଚିହ୍ନ, ରାମ୍ପୁଡା ଦାଗ, ମଳ, ଗର୍ଜନ ଓ ବନ ବିଭାଗ ଦ୍ୱାରା ଜଙ୍ଗଲରେ ଲାଗିଥିବା କ୍ୟାମେରା ଟ୍ରାପ ଦ୍ୱାରା ସେମାନଙ୍କ ଆକଳନ କରାଯାଇଥିଲା। ପିଆଇପି (ପଗ୍ ଇମ୍ପ୍ରେସନ ପ୍ୟାଡ୍) ମାଧ୍ୟମରେ ଜଙ୍ଗଲ ରାସ୍ତାରେ ପଡିଥିବା ବନ୍ୟଜନ୍ତୁମାନଙ୍କର ପାଦଚିହ୍ନ ଓ ମୋବାଇଲ ଆପ୍ ମାଧ୍ୟମରେ ଏହି ଆକଳନ କରାଯାଇଛି।


OCAC EXCELLENCE IN IT SOLUTIONS

**ODISHA COMPUTER APPLICATION CENTRE**
(Technical Directorate of Electronics & Information Technology Department, Govt. of Odisha)

**ADMISSION NOTICE**

| O-Level | FRENCH |
| --- | --- |
| NIELIT (Govt. of India) | (Foreign Language Course) |
| (Recognised by Govt. of Odisha as ITI Course) | (Conducted only at Bhubaneswar) |
| Eligibility : 10+2 / Diploma / ITI | Timing : Evening (05:30 PM to 07:00 PM) |
| Timing : 04:00 P.M. to 06:00 P.M. | Duration : 120 Hours |
| Duration : One Year | |

Application Forms are available during office hours on payment of ₹100/- for O-Level and ₹20/- for foreign language course. *O-Level classes will commence from January 2019.*

- OCAC Head Office, Bhubaneswar, 0674-2567280 / 2567064 / 2567295 / 2567283
- Centre In-Charge, OCAC Facility Centre, STPI Complex, Sector-V, Rourkela-2, (M-9338222436)
- Centre In-Charge, OCAC Facility Centre, STPI Complex, Ambapua, Berhampur, (M-9438429914)


## ସଂକ୍ଷେପରେ

### ଭିତରକନିକାରେ ଡଲ୍‌ଫିନ ଗଣନା ଶେଷ

**ରାଜନଗର,୧୯।୧(ଡି.ଏନ.ଏ.) :** କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ଭିତରକନିକା ଜାତୀୟ ଉଦ୍ୟାନରେ ଡଲ୍‌ଫିନ ଗଣନା ଶେଷ ହୋଇଛି । ଶନିବାର ଭିତରକନିକା ମଧରେ ପ୍ରବାହିତ ନଦୀ ଓ କ୍ରିକ୍ ଏବଂ ଧାମରା ମୁହାଣ ଠାରୁ ଦେବୀ ମୁହାଣ ଯାଏଁ ସମୁଦ୍ର ମଧରେ ଡଲ୍‌ଫିନ ଗଣନା କରାଯାଇଥିଲା। ପ୍ରାଣୀବିଜ୍ଞାନୀ ସନ୍ତୋଷ କୁମାର ବନସୁର, ଭକ୍ତ ପି. ରଥ, ଡ. ଶିବ ପରିଡା ପ୍ରମୁଖଙ୍କ ନେତୃତ୍ୱରେ ୧୦ଟି ଟିମ୍‌ରେ ୩୦ଜଣ ଏହି ଗଣନାରେ ସାମିଲ ହୋଇଥିଲେ। ପାଗ ଅନୁକୂଳ ଥିବାରୁ ଗଣନା ବେଳେ ପ୍ରାୟ ସମସ୍ତ ଟିମ୍ ଡଲ୍‌ଫିନ ଦେଖିବାକୁ ପାଇଥିଲେ। ଚଳିତବର୍ଷ ଭିତରକନିକାର ଆଉଟର ହୁଇଲରୁ ଚିଞ୍ଚିରି ମାଉଥ୍, ବରୁଣେଇରୁ ପାରାଦୀପ, ହଂସିଣା ବ୍ରିଜରୁ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଲା, ଖୋଳାରୁ ଧାମରା ମାଉଥ୍ ଭାୟା ନଳିତାପାଟିଆ, କାଳିଭଞ୍ଜଡିଆ, ଜମ୍ବୁ ଖରନାସୀରୁ ହୁକିଟୋଲା, ପାରାଦୀପରୁ ଜଟାଧାର ମୁହାଣ ଓ ଦେବୀ ମୁହାଣରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ ଗୋଟିଏ ଦିନରେ ଡଲ୍‌ଫିନ ଗଣନା କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଗତ ୩ ବର୍ଷ ହେଲା ଭିତରକନିକାରେ ଡଲ୍‌ଫିନ ଗଣନା ପାଇଁ ଦିନ ସ୍ଥିର କରାଯାଉଥିଲା। ଟିମ୍ ଗଠନ କରାଯାଇ ଏହାର ସଦସ୍ୟମାନେ ଗଣନା ପାଇଁ ପହଞ୍ଚୁ ଥିଲେ। ମାତ୍ର ପାଗ ଖରାପ ହେତୁ ଡଲ୍‌ଫିନ୍ ଗଣନା କରାଯାଇ ପାରୁ ନ ଥିଲା। ପୂର୍ବରୁ କେବଳ ଚିଲିକାରେ ଡଲଫିନ୍ ଗଣନା କରାଯାଉଥିବା ବେଳେ ୨୦୧୫ ମସିହା ଠାରୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ନିଷ୍ପତ୍ତି କ୍ରମେ ଭିତରକନିକା, ପୁରୀ ସମେତ ଅନ୍ୟ କେତେକ ସ୍ଥାନରେ ଡଲଫିନ୍ ଗଣନା କରାଯାଉଛି। ଗଣନା ଶେଷ ହୋଇଥିଲେ ହେଁ ରାତି ୯ ସୁଦ୍ଧା ସବିଶେଷ ରିପୋର୍ଟ ହସ୍ତଗତ ହୋଇନାହିଁ ବୋଲି ରାଜନଗର ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

### ଟ୍ରେନ୍‌ରେ କଟିଗଲେ ବାପପୁଅ

**ରୂପ୍‌ସା,୧୯।୧(ଡି.ଏନ.ଏ.):** ରେଳଧାରଣା ଅତିକ୍ରମ ସମୟରେ ସତର୍କତା ଅବଲମ୍ବନ କରିବାକୁ ବାରମ୍ବାର ସଚେତନ କରାଯାଉଛି। ହେଲେ ଲୋକେ ଏହାକୁ ଗୁରୁତ୍ୱ ଦେଉ ନ ଥିବାରୁ ଅନେକ ସମୟରେ ଅକାରଣେ ମୃତ୍ୟୁମୁଖରେ ପଡୁଛନ୍ତି। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପ୍‌ସା ରେଳ ଜଙ୍କଶନର ଉତ୍ତରକ୍ୟାବିନ୍‌ଠାରେ। ଶନିବାର ଏକ ଦ୍ରୁତଗାମୀ ଟ୍ରେନ୍ ଧକ୍କାରେ ବାପପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯାଜପୁରର ଜଖପୁରା ଗ୍ରାମର ପାତରାଜୁ ପ୍ରଧାନ (୩୫) ଓ ତାଙ୍କର ୪ ବର୍ଷର ପୁଅ ପୂର୍ବା। ପାତରାଜୁ ଦୀର୍ଘଦିନ ହେଲା ରୂପ୍‌ସା ହାଟପଡ଼ିଆରେ ପରିବାର ସହ ବାସ କରୁଥିଲେ। କୌଳିକ ବୃତ୍ତି ଅବଲମ୍ବନ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ପରିବାର ସହ ସେ ଘରକୁ ଯିବା ପାଇଁ ରେଳଧାରଣା ଉପରେ ଚାଲିଚାଲି ଷ୍ଟେଶନକୁ ଯାଉଥିଲେ। ସେହି ସମୟରେ ଉଭୟ ଡାଉନ ଓ ଅପଲାଇନ୍‌ରେ ଟ୍ରେନ ଆସୁଥିଲା। ସେ ତାଙ୍କ ଶିଶୁପୁତ୍ରକୁ ନେଇ ଡାଉନ ଲାଇନ୍‌ରେ ଯାଉଥିବାବେଳେ ଶତାବ୍ଦୀ ଏକ୍ସପ୍ରେସ୍ ଟ୍ରେନ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ବାପ, ପୁଅଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ବାଲେଶ୍ୱର ଜିଆର୍‌ପି ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୬/୧୯) ରୁଜୁ କରାଯାଇଛି।

# ବାର୍ଦ୍ଧକ୍ୟ ଭତ୍ତା ୨୦୦ ବଢ଼ିଲା



- ଉପକୃତ ହେବେ ୪୮ ଲକ୍ଷ
- ନିର୍ବାଚନ ବେଳେ ବୃଦ୍ଧାବୃଦ୍ଧଙ୍କ କଥା ମନେପଡ଼େ: ଭାଜପା

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଲୋକଙ୍କ ମନ ଜିଣିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ ପରେ ଗୋଟିଏ ଯୋଜନା ଘୋଷଣା କରି ଚାଲିଛନ୍ତି। ରାଜ୍ୟ ସରକାର କାଳିଆ ଯୋଜନା ଘୋଷଣା କରି ଚାଷୀମାନଙ୍କୁ ଖୁସି କରିବାକୁ ପ୍ରୟାସ କରିଥିବାବେଳେ ଅଙ୍ଗନୱାଡ଼ିକର୍ମୀ ଓ ସହାୟିକାମାନଙ୍କର ଭତ୍ତା ୧୫୦୦ଟଙ୍କା ବୃଦ୍ଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)ଗୁଡ଼ିକୁ ସହାୟତା ରାଶି ବୃଦ୍ଧି ସହ ବିନା ସୁଧରେ ଋଣ ଯୋଗାଇ ଦେବାକୁ ଘୋଷଣା କରି ମହିଳାମାନଙ୍କ ସମର୍ଥନ ହାସଲ କରିବାକୁ ଜୋରଦାର ଚେଷ୍ଟା କରିଛନ୍ତି। ସେହିପରି ରାଜ୍ୟର ବୃଦ୍ଧାବୃଦ୍ଧଙ୍କ ପାଇଁ ଦିଆଯାଉଥିବା ଭତ୍ତାରେ ୨୦୦ ଟଙ୍କା ବୃଦ୍ଧି କରି ନବୀନ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କର ସମର୍ଥନ ହାସଲ କରିବାକୁ ପଛାଇ ନାହାନ୍ତି।

ସାମାଜିକ ସୁରକ୍ଷା ଯୋଜନାରେ ରାଜ୍ୟ ସରକାର ବୃଦ୍ଧାବୃଦ୍ଧଙ୍କ ଭତ୍ତା ୨୦୦ ଟଙ୍କା ବୃଦ୍ଧି କରିଛନ୍ତି। ଶନିବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଏହି ଘୋଷଣା କରିଛନ୍ତି। ଏହାଦ୍ୱାରା ୩୦୦ ଟଙ୍କା ଭତ୍ତା ପାଉଥିବା ହିତାଧିକାରୀମାନଙ୍କୁ ୫୦୦ ଟଙ୍କା ମିଳିବ। ସେହିପରି ୮୦ ବର୍ଷରୁ ଅଧିକ ବୟସର ହିତାଧିକାରୀଙ୍କୁ ମାସିକ ୫୦୦ ଟଙ୍କା ପରିବର୍ତ୍ତେ ୭୦୦ ଟଙ୍କା ମିଳିବ। ୨୦୧୯ ଫେବୃୟାରୀ ୧୫ ତାରିଖରୁ ମଧୁବାବୁ ପେନସନ ଯୋଜନାରେ ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବ। ରାଜ୍ୟର ୪୮ ଲକ୍ଷ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ, ବିଧବା ଓ ଅସହାୟ ମହିଳା ଏହାଦ୍ୱାରା ଉପକୃତ ହୋଇପାରିବେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସାମାଜିକ ସୁରକ୍ଷା ଉପରେ ମୁଁ ସବୁବେଳେ ଗୁରୁତ୍ୱ ଦେଇଆସିଛି। ସମାଜର ଗରିବ ଲୋକଙ୍କ କଲ୍ୟାଣ କଥା ସବୁବେଳେ ଚିନ୍ତା କରୁଛି। ମୁଁ ଚାହେଁ ରାଜ୍ୟର ସବୁ ଯୋଗ୍ୟ ହିତାଧିକାରୀ ସାମାଜିକ ସୁରକ୍ଷା ପାଆନ୍ତୁ। ଏହାକୁ ଦୃଷ୍ଟିରେ ରଖି ନିକଟରେ ଆମେ ମଧୁବାବୁ ପେନସନ ଯୋଜନାରେ ଅଧିକ ୫ ଲକ୍ଷ ଲୋକଙ୍କୁ ସାମିଲ କରିଛୁ। ଏହାଦ୍ୱାରା ୪୮ ଲକ୍ଷ ହିତାଧିକାରୀ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ବୟସ୍କ ଲୋକଙ୍କ କଲ୍ୟାଣ ପାଇଁ ଭତ୍ତାରେ ୨୦୦ ଟଙ୍କା ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗରିବ ଲୋକଙ୍କ କଲ୍ୟାଣ ମୋତେ ସବୁଠାରୁ ଅଧିକ ସନ୍ତୋଷ ଦେଇଥାଏ। ଆପଣମାନେ ଭଲରେ ରହିଲେ ତାହା ମୋର ସବୁଠାରୁ ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଏଭଳି ଘୋଷଣାକୁ ବିରୋଧୀ ଦଳଗୁଡିକ କଡ଼ା ସମାଲୋଚନା କରିଛନ୍ତି। ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ବାର୍ଦ୍ଧକ୍ୟ ଭତ୍ତାରେ ୨ ଶହ ଟଙ୍କା ବଢାଇ ମୁଖ୍ୟମନ୍ତ୍ରୀ ନିର୍ବାଚନ ବୈତରଣୀ ପାର ହେବା ଚକ୍କରରେ ଅଛନ୍ତି। ମୁଖ୍ୟମନ୍ତ୍ରୀ ବୋଧହୁଏ ଜାଣି ନାହାନ୍ତି ଓଡ଼ିଶାରେ ମିଳୁଥିବା ବାର୍ଦ୍ଧକ୍ୟ ଭତ୍ତା ପରିମାଣ ୨୦୦ ଟଙ୍କା ବଢିଲା ପରେ ବି ତାହା ଦେଶରେ ସବୁଠାରୁ କମ୍। ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ସିକିମରେ ବାର୍ଦ୍ଧକ୍ୟ ଭତ୍ତା ମାସକୁ ୧୦୦୦ଟଙ୍କା, ଅରୁଣାଚଳ ପ୍ରଦେଶରେ ୧୭୦୦ ଟଙ୍କା, କେରଳ, ଦିଲ୍ଲୀ, ଗୋଆରେ ୨୦୦୦ ଟଙ୍କା ଏବଂ ହରିୟାଣାରେ ବାର୍ଦ୍ଧକ୍ୟ ଭତ୍ତା ମାସକୁ ୧୮୦୦ ଟଙ୍କା। ଓଡ଼ିଶାରେ ଏହା ଥିଲା ମାତ୍ର ୩୦୦ଟଙ୍କା । ଏବେ ଏହା ବଢ଼ି ୫୦୦ଟଙ୍କା ହେବ। ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାର ବୃଦ୍ଧାବୃଦ୍ଧମାନଙ୍କର କଥା ମନେପଡ଼େ । ଗୁରୁଜନମାନଙ୍କୁ ରାଜ୍ୟ ସରକାର ପ୍ରତାରଣା କରି ଆସିଛନ୍ତି । କେନ୍ଦ୍ର ସରକାରଙ୍କ ଅର୍ଥକୁ କେବଳ ଯୋଜନାର ନାଁ ବଦଳାଇ ଆମେ ଦେଉଛୁ କହି ଲୋକମାନଙ୍କୁ ଭୁଆଁ ବୁଲାଯାଉଛି ବୋଲି ମହାନ୍ତି କହିଛନ୍ତି ।

## ଗର୍ଭବତୀ ନାବାଳିକା କନ୍ୟା ସନ୍ତାନ ଜନ୍ମ ଘଟଣା

# ଅଭିଯୁକ୍ତ ପିଣ୍ଟୁ ଗିରଫ

କଳିଙ୍ଗନଗର,୧୯।୧(ଡି.ଏନ୍.ଏ)

ଯାଜପୁର ଜିଲା ଦାନଗଦୀ ବ୍ଲକ ବାଘୁଆପାଳ ଗ୍ରାମର ୧୫ବର୍ଷୀୟ ନାବାଳିକା ଗୁରୁବାର ଶିଶୁ କନ୍ୟା ଜନ୍ମ ଦେବା ଘଟଣାରେ ଶନିବାର ପୋଲିସ ଅଭିଯୁକ୍ତ ପିଣ୍ଟୁ ଜେନା(୨୭)ଙ୍କୁ କେନ୍ଦୁଝର ଜିଲା ଶୁଆକାଠି ଅଞ୍ଚଳରୁ ଗିରଫ କରିଛି। ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିବାବେଳେ ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ପିଣ୍ଟୁଙ୍କ ଘର ବାଲେଶ୍ୱର ଜିଲା ସୋର ଅଞ୍ଚଳରେ ବୋଲି କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଅଭିଯୁକ୍ତ ପିଣ୍ଟୁ ୧୦ ମାସ ତଳେ ବାଘୁଆପାଳ ଅଞ୍ଚଳରେ ଏକ ଠିକାସଂସ୍ଥା ଅଧୀନରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବାବେଳେ ସମ୍ପୃକ୍ତା ନାବାଳିକାଙ୍କ ଘର ନିକଟରେ ଏକ ଘର ଭଡ଼ା ନେଇ ରହିଥିଲେ। ସମୟକ୍ରମେ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଯାହାଫଳରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ଏହା ଜଣାପଡ଼ିବା ପରେ ଅଭିଯୁକ୍ତ ପିଣ୍ଟୁ ସେ ସ୍ଥାନ ଛାଡ଼ି ଶୁଆକାଠି ଅଞ୍ଚଳରେ ଅନ୍ୟ ଏକ ଠିକାଦାରଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ। ଅପରପକ୍ଷରେ ନାବାଳିକା ଗର୍ଭବତୀ ହେବାପରେ ପରିବାର ପକ୍ଷରୁ ଅଭିଯୁକ୍ତଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଧରାଛୁଆଁ ଦେଇ ନ ଥିଲେ। ଫଳରେ ଗତ ଡିସେମ୍ବର ମାସ ୨୬ ତାରିଖରେ ନାବାଳିକାଙ୍କ ପିତା କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଥିଲା। ଗୁରୁବାର ପୀଡ଼ିତା ନାବାଳିକାଙ୍କ ବୟାନ ରେକର୍ଡ ପାଇଁ ପୋଲିସ ତାଙ୍କୁ ଯାଜପୁରସ୍ଥିତ ପୋକ୍‌ସୋ ଅଦାଲତରେ ହାଜର କରିଥିଲା। ଅଦାଲତରେ ନାବାଳିକାଙ୍କ ବୟାନ ରେକର୍ଡ ପରେ ତାଙ୍କୁ ପୋଲିସ ଗ୍ରାମକୁ ଆଣୁଥିବାବେଳେ ଅଧାବାଟରେ ସେ ଗର୍ଭ ଯନ୍ତ୍ରଣା ପାଇଥିଲେ। ଫଳରେ ପୋଲିସ ନାବାଳିକାଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେହିଦିନ ରାତି ପ୍ରାୟ ୯ଟାରେ ନାବାଳିକା ଜଣକ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ତେବେ ନାବାଳିକା ଓ ନବଜାତକଙ୍କ ଅବସ୍ଥା ଗୁରୁତର ଥିବାରୁ ଶୁକ୍ରବାର ଉଭୟଙ୍କୁ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଏବେ ଉଭୟ ମା’ ଓ ଶିଶୁ କଟକରେ ଚିକିତ୍ସିତ ହେଉଛନ୍ତି।



ପିଣ୍ଟୁ ଜେନା

# ନିର୍ବାହୀଯନ୍ତ୍ରୀ ଗିରଫ

- ୩.୮୯ ଲକ୍ଷ ଟଙ୍କା ଧରି ଘରକୁ ଫେରୁଥିଲେ
- ବାଟରେ ଅଟକାଇଥିଲା ଭିଜିଲାନ୍ସ

କଟକ ଅଫିସ, ୧୯।୧

ଜୟପୁର ଜାତୀୟ ରାଜପଥ ଡିଭିଜନର ନିର୍ବାହୀଯନ୍ତ୍ରୀ ହରେକୃଷ୍ଣ ପଣ୍ଡାଙ୍କୁ ଭିଜିଲାନ୍ସ ଶନିବାର ଗିରଫ କରିଛି। ପଣ୍ଡାଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୪/୧୯ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି। ସୂଚନାଥାଉ କି, ନିର୍ବାହୀଯନ୍ତ୍ରୀ ପଣ୍ଡା ଶନିବାର ଅପରାହ୍ନ ୩ଟାରେ ଏକ ବାଲେନୋ କାର (ଓଡି୧୫ଏଫ-୭୨୧୮) ଯୋଗେ ଭୁବନେଶ୍ୱର ନୟାପଲ୍ଲୀ ନିକଟ ନୀଳକଣ୍ଠନଗରସ୍ଥିତ ବାସଭବନକୁ ଫେରୁଥିଲେ। ପଣ୍ଡା ବିପୁଳ ପରିମାଣର ଟଙ୍କା ଧରି ଯାଉଥିବା ଖବର ଭିଜିଲାନ୍ସ ନିକଟରେ ପହଞ୍ଚିଥିଲା। ଫଳରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ରାସ୍ତାରେ ଅଟକାଇ ଗାଡିକୁ ଯାଞ୍ଚ କରିଥିଲେ। ଯାଞ୍ଚରୁ ପଣ୍ଡାଙ୍କ ନିକଟରୁ ଏକ ହଳଦିଆ ଖାମ୍ ଭିତରେ ୩ଲକ୍ଷ ୮୯ହଜାର ୧୭୫ଟଙ୍କା ମିଳିଥିଲା। ଏତେ ପରିମାଣର ଟଙ୍କା କେଉଁଠୁ ଆଣିଲେ ସେ ସମ୍ପର୍କରେ ପଣ୍ଡା ଭିଜିଲାନ୍ସ ଅଧିକାରୀମାନଙ୍କୁ ଉତ୍ତର ଦେଇପାରି ନ ଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ପଣ୍ଡାଙ୍କ ନୀଳକଣ୍ଠନଗର ସ୍ଥିତ ବାସଭବନକୁ ତଲାସୀ କରାଯାଇଥିଲା। ସେଠାରୁ ପୁଣି ୬ଲକ୍ଷ ୧୬ହଜାର ଟଙ୍କା ଭିଜିଲାନ୍ସ ଠାବ କରିଥିଲା।


**INDIAN STATISTICAL INSTITUTE**
203, B. T. ROAD, Kolkata 700 108
**ADMISSION NOTICE**
SESSION 2019-2020

The Indian Statistical Institute invites applications for the following Degree/Diploma Programmes and Research Fellowships:

1. 3-year Bachelor of Statistics (B. Stat.) (Hons.)
2. 3-year Bachelor of Mathematics (B. Math.) (Hons.)
3. 2-year Master of Statistics (M.Stat.)
4. 2-year Master of Mathematics (M. Math.)
5. 2-year M. S. in Quantitative Economics (MS QE)
6. 2-year M. S. in Quality Management Science (MS QMS)
7. 2-year M. S. in Library & Information Science (MS LIS)
8. 2-year M. Tech. in Computer Science (M Tech CS)
9. 2-year M. Tech. in Cryptology and Security (M Tech CrS)
10. 2-year M. Tech. in Quality, Reliability and Operations Research (M Tech QROR)
11. 1-year Postgraduate Diploma in Computer Applications (PGD CA)
12. 1-year Postgraduate Diploma in Statistical Methods and Analytics (PGD SMA)
13. Junior Research Fellowships in Statistics, Mathematics, Quantitative Economics, Computer Science, Quality, Reliability & Operations Research, Physics and Applied Mathematics, Geology, Library & Information Science, Biological Science.

**Official Admission website: http://www.isical.ac.in/~admission**

A detailed **Admission Notice** as well as **Prospectus 2019-20** is available at the official Admission website given above.
Complete information on Scope, Duration, Eligibility, Stipend/Fellowship, etc., of each programme is available in **Prospectus 2019-20**.
Candidates must apply ONLINE through the official website given above.
**Application Fee:** ₹ 1250.00 for all applicants in the GENERAL category and ₹ 625.00 for SC/ST/OBC(NCL)/PwD candidates, for all programmes.
**Incomplete/Improper Application Forms will be rejected.**
The Admission Test will be conducted at various centres all over India. Overseas candidates must also appear for the Test at any of these centres in India.

| | |
| --- | --- |
| On-line Application Starts | 05 February, 2019 |
| On-line Application Ends | 12 March, 2019 |
| ISI ADMISSION TEST | 12 MAY, 2019 |

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
**ODISHA STATE OPEN UNIVERSITY**

**ADMISSION NOTIFICATION: JANUARY 2019**
**MASTER DEGREE PROGRAMMES**

*MA in Political Science (MAPS)*
*MA in Sociology (MASO)*
*MA in History (MAHI)*
*MA in Public Administration (MAPA)*
*MA in English (MAEG)*
*MA in Odia (MAOD)*
*MA in Hindi (MAHD)*
*MA in Journalism and Mass Communication (MJMC)*
*MA in Rural Development (MARD)*
*Master of Commerce (MCOM)*
*MSc. in Cyber Security (MSCS)*

*Contact Address:*
Odisha State Open University, Sambalpur
Phone: 0663-2521600, 0663-2521700
TOLL FREE No: 1800 34567 58
Email: admission@osou.ac.in

GET IT ON Google Play
DOWNLOAD 'OSOU' MOBILE APP

website: **www.osou.ac.in**
**Admission can be done online or through OSOU App**
Prospectus can be downloaded from the website.
Last date for submission of online admission form is
**Friday, 15th February, 2019**

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। —ଶ୍ରୀମା

# ଡ୍ୟାନ୍ସ ବାର୍ ସଂସ୍କୃତି



ଆକାର ପଟେଲ

ଡ୍ୟାନ୍ସ ବାର୍ ସଂସ୍କୃତି ମୁମ୍ବାଇରୁ, ବିଶେଷତଃ କେନ୍ଦ୍ରୀୟ ମୁମ୍ବାଇ ଅଞ୍ଚଳରୁ ଆରମ୍ଭ ହୋଇଥିଲା। ଏହି ପରମ୍ପରା ସହ ସମ୍ଭବତଃ ଲାୱଣୀର ସମ୍ପର୍କ ଅଛି। ଢୋଲକୀ ବାଜାର ତାଳେ ତାଳେ ନାଚ-ଗୀତକୁ ଲାୱଣୀ କହନ୍ତି, ଯାହା ହେଉଛି ମହାରାଷ୍ଟ୍ରର ଏକ ପ୍ରାଚୀନ ଲୋକନୃତ୍ୟ। ପୁରୁଷମାନଙ୍କର ଛୋଟ ଛୋଟ ଦଳ ଏବଂ ବେଳେବେଳେ ସେମାନଙ୍କ ପରିବାର ଟେବୁଲରେ ବସି ଏକ ଖୋଲାସ୍ଥାନ ଆଡ଼କୁ ଚାହିଁଥାନ୍ତି, ଯେଉଁଠି ଅଧ ଡଜନ ମହିଳା ହିନ୍ଦୀ ଗୀତର ତାଳେ ତାଳେ ନୃତ୍ୟ କରୁଥାନ୍ତି। ନୃତ୍ୟାଙ୍ଗନାମାନେ ସମ୍ପୂର୍ଣ୍ଣ ଦେହକୁ ଆବୃତ କଲାଭଳି ବସ୍ତ୍ର ପନ୍ଧିଥାନ୍ତି। ପରିଚାରିକାମାନେ ଦର୍ଶକମାନଙ୍କ ଟେବୁଲ ଉପରେ ମଦ ପରଷନ୍ତି। ଏଠାରେ ଏପରି କି ମୃଦୁ ପାନୀୟ ପାଇଁ ମଧ ବିୟର ଭଳି ମୂଲ୍ୟ ନିଆଯାଏ। କିଛି ପୁରୁଷ ଟେବୁଲ ଛାଡ଼ି ଖୋଲା ସ୍ଥାନ ଆଡ଼କୁ ଯାଆନ୍ତି ଓ ନୃତ୍ୟାଙ୍ଗନାମାନଙ୍କ ଉପରକୁ ଟଙ୍କା ବୃଷ୍ଟି କରନ୍ତି। କିନ୍ତୁ ସେମାନେ ମହିଳାମାନଙ୍କୁ ଛୁଇଁବା ମନା। ଯଦି କେହି କିଛି ବିଶୃଙ୍ଖଳା ସୃଷ୍ଟି କରନ୍ତି, ସେମାନଙ୍କୁ ନିୟନ୍ତ୍ରଣ କରିବା ଏବଂ ଦରକାର ହେଲେ ସେଠାରୁ ହଟାଇବା ପାଇଁ କିଛି ଲୋକ ନିଯୁକ୍ତ ହୋଇଥାନ୍ତି। ଯେଉଁ ଟଙ୍କା ବୃଷ୍ଟି ହୁଏ, ତାକୁ ପରସ୍ପର ଭିତରେ ବାଣ୍ଟି ନେବା ପାଇଁ କିଛି ଗୋଟାଏ ସରଳ ବ୍ୟବସ୍ଥା ଥିବ, ଯାହା ମୋତେ ଜଣାନାହିଁ। ସମ୍ପୃକ୍ତ ନୃତ୍ୟାଙ୍ଗନାମାନେ ସେହି ଟଙ୍କା ଗୋଟାନ୍ତି ନାହିଁ, ତାକୁ ଅନ୍ୟ ଜଣେ ଗୋଟାନ୍ତି। ଡ୍ୟାନ୍ସ ବାର୍‌ଗୁଡ଼ିକରେ ନୃତ୍ୟ ପାଇଁ ଅନେକ ସ୍ଥାନ ଥାଏ ଏବଂ ଉପର ମହଲାଗୁଡ଼ିକ ଦାମୀ ଗ୍ରାହକଙ୍କ ପାଇଁ ସଂରକ୍ଷିତ ଥାଏ, ଯେଉଁମାନେ ଏକାନ୍ତତା ପାଇଁ ଅଧିକ ଟଙ୍କା ଦେବାକୁ ପ୍ରସ୍ତୁତ ଥାନ୍ତି। କିଛି ଗୀତ ଓ ନାଚ ସରିବା ପରେ ନୃତ୍ୟାଙ୍ଗନାମାନେ ସେ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲିଯାନ୍ତି, ଯଦି ନିର୍ଦ୍ଦିଷ୍ଟ କୌଣସି ଜଣଙ୍କୁ ଅଧିକ ଟଙ୍କା ଦେଇ କେହି ସେଠି ରହିବାକୁ ଅନୁରୋଧ ନ କରନ୍ତି।

ବହୁବର୍ଷ ତଳେ କୌତୂହଳବଶତଃ ମୁଁ ଗୋଟିଏ ଡ୍ୟାନ୍ସ ବାର୍‌କୁ ଯାଇଥିଲି। ସେତେବେଳେ ମୁମ୍ବାଇରେ ମୁଁ ଏକ ଖବରକାଗଜର ସମ୍ପାଦନା ଦାୟିତ୍ୱରେ ଥାଏ। ସେଠି ମୋର ଅନୁଭୂତି ଅପ୍ରୀତିକର ବା ନିରାନନ୍ଦମୟ ନ ଥିଲା। ଥାଇଲାଣ୍ଡ ଓ ଜାପାନ ପରି ବିଶ୍ୱର ଅନ୍ୟ ସ୍ଥାନରେ ବି ଅନୁରୂପ ଡ୍ୟାନ୍ସ ବାର୍ ରହିଛି। କିନ୍ତୁ ସେଗୁଡ଼ିକ ସେସବୁ ଦେଶର ସରକାରଙ୍କ ଆକ୍ରୋଶର ଶିକାର ହୋଇ ନାହାନ୍ତି, ଯେପରି ଭାରତରେ ଘଟୁଛି। ୧୫ ବର୍ଷ ତଳେ ମୁମ୍ବାଇରେ ବିଳାସରାଓ ଦେଶମୁଖଙ୍କ କଂଗ୍ରେସ ସରକାର ଅମଳରେ ଡ୍ୟାନ୍ସ ବାର୍‌ଗୁଡ଼ିକୁ ନିଷିଦ୍ଧ କରାଯାଇଥିଲା। ଏହା ସ୍ୱରାଷ୍ଟ୍ରମନ୍ତ୍ରୀ ଆର୍.ଆର୍. ପାଟିଲଙ୍କ ସମୟରେ ହୋଇଥିଲା, ଯିଏ ମଫସଲ ଅଞ୍ଚଳରୁ ଆସିଥିଲେ ଏବଂ ବଡ଼ ସହରର ଏସବୁ କାରବାର ତାଙ୍କୁ ଭଲ ଲାଗୁ ନ ଥିଲା। ତାଙ୍କର ଅଭିଯୋଗ ଥିଲା ଯେ ମହିଳାମାନେ ରାତିରେ କାମ କରୁଛନ୍ତି ଏବଂ ସେମାନଙ୍କ ନିରାପତ୍ତା ପାଇଁ ସେ ଏହି ପଦକ୍ଷେପ ନେଇଛନ୍ତି ବୋଲି ଦାବି କରିଥିଲେ। ବାର୍ ନର୍ତ୍ତକୀମାନେ ଏହାର ପ୍ରତିବାଦ କରିଥିଲେ ମଧ ସେ ଶୁଣି ନ ଥିଲେ। ଏହାପରେ ଡ୍ୟାନ୍ସ ବାର୍‌ଗୁଡ଼ିକ ଅଣ୍ଡରଗ୍ରାଉଣ୍ଡ ହୋଇଗଲା (ଲୁଚାଛପାରେ ଚାଲିଲା) କିନ୍ତୁ କେନ୍ଦ୍ରୀୟ ମୁମ୍ବାଇର ପ୍ରସିଦ୍ଧ ଡ୍ୟାନ୍ସ ବାର୍‌ଗୁଡ଼ିକ ବନ୍ଦ ହୋଇଗଲା କିମ୍ବା ସେମାନଙ୍କ କାର୍ଯ୍ୟଧାରା ବଦଳିଗଲା। କାରଣ ସେହି ସଂସ୍ଥାଗୁଡ଼ିକ ଆଇନଗତ ଭାବେ ଚାଲୁଥିଲା। ଏହି ନିଷେଧାଦେଶ ଯୋଗୁ ନିର୍ବାଚନ କ୍ଷେତ୍ର ଉପରେ ବିଶେଷ ପ୍ରଭାବ ପଡ଼ିଲା ନାହିଁ କିମ୍ବା ଜନସାଧାରଣଙ୍କର ମଧ ସେମାନଙ୍କ ପ୍ରତି ବିଶେଷ ସମବେଦନା ଦେଖାଗଲା ନାହିଁ। ତେଣୁ ରାଜନୈତିକ ଦଳଗୁଡ଼ିକ ନିଷେଧାଦେଶକୁ ବଳବତ୍ତର ରଖିବାକୁ ଚାହିଁଲେ।

ନିକଟରେ ସୁପ୍ରିମ୍‌କୋର୍ଟ ଏହି ନିଷେଧାଦେଶକୁ ବେଆଇନ ଘୋଷଣା କରିଛନ୍ତି। ସରକାର ଏହାକୁ ନିୟନ୍ତ୍ରଣ କରିପାରିବେ, ମାତ୍ର ବନ୍ଦ କରିପାରିବେ ନାହିଁ ବୋଲି କୋର୍ଟ କହିଛନ୍ତି। ବିଚାରପତିମାନେ କହିଛନ୍ତି ଯେ, ସାମାଜିକ ମାନଦଣ୍ଡ ଅନୁସାରେ ଯେଉଁ ପରମ୍ପରା ଅନୈତିକ ନୁହେଁ, ତାକୁ ସରକାର ନୈତିକତାର ନିଜସ୍ୱ ଅବବୋଧ ଅନୁସାରେ ଅନୈତିକ ବୋଲି କହିପାରିବେ ନାହିଁ। ଏକ ସମାଜରେ ନୈତିକତାର ମାନଦଣ୍ଡ ସମୟକ୍ରମେ ବଦଳିପାରେ। କୋର୍ଟ କହିଲେ ଯେ, ଡ୍ୟାନ୍ସ ବାର୍‌ରେ ମଦ ନିଷେଧ କରିବା ସମ୍ପୂର୍ଣ୍ଣ ଅସଙ୍ଗତ, ଅଯୌକ୍ତିକ ଓ ମନମୁଖି। ଲାଇସେନ୍ସ ଦେବା ପାଇଁ 'ଭଲ ଚରିତ୍ର'କୁ ଯେଉଁ ମାନଦଣ୍ଡ ଭାବେ ରଖାଯାଇଛି, ତାହା ଅସ୍ପଷ୍ଟ। ପୁଣି କୋର୍ଟ କହିଲେ ଯେ, ଏସବୁ ସ୍ଥାନରେ ସିସିଟିଭି ଲଗାଇବା ପାଇଁ ସରକାର ବାଧ କରିବା ମଧ ଠିକ୍ ନୁହେଁ, କାରଣ ଏହା ବ୍ୟକ୍ତିଗତ ଗୋପନୀୟତା ଅଧିକାରକୁ ଉଲ୍ଲଂଘନ କରୁଛି। ନୃତ୍ୟାଙ୍ଗନାଙ୍କ ଉପରେ ମୁଦ୍ରା ବା ନୋଟ୍ ବୃଷ୍ଟି କରିବାକୁ ସରକାର ଯାହା ନିଷିଦ୍ଧ କରିଛନ୍ତି, ତାହା ଠିକ୍ କାରଣ ଏହାକୁ ନେଇ ଅବାଞ୍ଛିତ ଘଟଣା ଘଟିପାରେ। କିନ୍ତୁ ବ୍ୟକ୍ତିଗତଭାବେ ନୃତ୍ୟାଙ୍ଗନାମାନଙ୍କ ହାତରେ ନେଇ ଟଙ୍କା ଦେବାରେ କୌଣସି ଅସଙ୍ଗତି ନାହିଁ। ତେବେ କୋର୍ଟଙ୍କ ଏହି ମତକୁ ନେଇ ମୁଁ ଆଶ୍ଚର୍ଯ୍ୟ ହେଲି କାରଣ କାହାରି ପ୍ରଦର୍ଶନ ଉପରେ ଖୁସି ହୋଇ ଟଙ୍କା ବୃଷ୍ଟି କରିବା ଭାରତୀୟ ପରମ୍ପରାରେ ଅଛି। ଏପରି କି ବାହାଘର ବେଳେ ବି ଟଙ୍କା ବୃଷ୍ଟି କରାଯାଏ।

ମୋଟ ଉପରେ କୋର୍ଟଙ୍କ ରାୟ ଖୁବ୍ ଉଦାର ଥିଲା। ଏବେ ଏହି ରାୟ ପରେ ମୁମ୍ବାଇରେ କ'ଣ ଘଟୁଛି, ତାହା ଦେଖିବାକୁ ବାକି ରହିଲା। ନର୍ତ୍ତକୀମାନଙ୍କୁ ମାସିକ ଦରମା ଦେବା କଥାକୁ କୋର୍ଟ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି କାରଣ ଏହାଦ୍ୱାରା ସମ୍ପୃକ୍ତ ମହିଳାମାନେ ନିର୍ଦ୍ଦିଷ୍ଟ ଡ୍ୟାନ୍ସ ବାର୍ ଛଡ଼ା ଅନ୍ୟତ୍ର କାମ କରିବାର ସ୍ୱାଧୀନତା ହରାଇବେ। ଆମ ମଧ୍ୟରୁ ଅନେକେ ଡ୍ୟାନ୍ସ ବାର୍ ରହୁ ବୋଲି ଚାହାନ୍ତି ନାହିଁ, କାରଣ ସେମାନଙ୍କ ବିଚାରରେ ଏହା ସମାଜ ଉପରେ ଖରାପ ପ୍ରଭାବ ପକାଇବ। ଏହାଦ୍ୱାରା ମହିଳାମାନଙ୍କୁ ଶୋଷଣ କରାଯାଉଛି ବୋଲି ଅନେକେ ମନେ କରନ୍ତି। କିନ୍ତୁ ଆମେ କେହି ଏ ସମ୍ପର୍କରେ ସମ୍ପୃକ୍ତା ମହିଳାଙ୍କ ମତାମତ ଜାଣିବାକୁ ଚେଷ୍ଟା କରି ନ ଥାଉ। ଆମେ ଅନେକେ ଭାବୁ ମହିଳାମାନେ ଘରେ ରହି ଘରକାମ କରିବା ଉଚିତ, ବାହାରେ ଯାଇ କାମ କରିବା ଉଚିତ ନୁହେଁ, ଡ୍ୟାନ୍ସ ବାର୍ କଥା ଦୂରେ ଥାଉ। ତେଣୁ ସୁପ୍ରିମ୍‌କୋର୍ଟଙ୍କ ରାୟ ଅନେକଙ୍କୁ ଖରାପ ଲାଗିଲେ ବି କୋର୍ଟ ଯାହା କହିଛନ୍ତି, ମୋ ମତରେ ତାହା ଯଥାର୍ଥ।

Email: aakar.patel@gmail.com

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | D | | 4 | | | | 6 | | 8 |
| | | 1 | 8 | | | | | E | 3 | | 0 | | 5 | 4 |
| 5 | | 3 | | | 4 | 0 | B | | A | 9 | C | | | 1 |
| 0 | | | | | | 6 | | | | | | | | 7 |
| | | 7 | | | | A | 3 | | | 8 | D | | B | |
| | | | | | | | | 3 | | | 2 | 8 | | |
| 2 | D | | 5 | 4 | E | | | | | C | | | 0 | |
| | | | | | | 1 | C | 5 | | A | | | 6 | B |
| E | | | | | 0 | | | | 8 | | | C | | |
| | | C | 3 | | | | | 9 | 1 | | | E | | |
| | | | 6 | B | | 8 | A | | 7 | 5 | | D | | |
| | | | | 8 | | | | | | 1 | | | 4 | 3 |
| | | | 0 | | | 9 | | | 6 | | A | | | |
| | 2 | | | 1 | | E | | | D | | 8 | | A | |
| | | | | 9 | | | 1 | | | | | | E | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | E | 3 | 9 | 0 | 5 | D | 7 | C | 6 | 8 | 4 | 2 | 1 | B |
| 4 | 7 | 9 | C | E | 6 | 2 | 3 | 8 | 1 | 0 | B | A | 5 | D |
| B | C | 8 | 1 | D | 2 | 4 | A | 9 | 5 | 3 | 7 | 6 | E | 0 |
| D | 5 | 2 | B | 7 | 4 | 0 | 6 | 1 | A | E | C | 8 | 3 | 9 |
| 1 | 0 | 6 | 8 | 3 | A | E | 5 | B | 9 | D | 2 | C | 7 | 4 |
| 8 | 9 | B | 4 | 6 | C | 5 | 0 | D | 3 | 1 | A | 7 | 2 | E |
| 0 | A | 7 | D | 2 | E | 1 | 9 | 3 | C | 4 | 6 | 5 | B | 8 |
| 5 | 6 | D | 3 | 8 | 0 | C | 2 | 4 | 7 | B | E | 9 | A | 1 |
| 2 | 4 | 1 | 7 | B | 9 | A | E | 6 | 8 | 5 | D | 3 | 0 | C |
| C | 3 | E | A | 5 | 1 | 8 | B | 7 | 0 | 2 | 9 | 4 | D | 6 |
| 3 | 2 | 5 | E | 1 | B | 6 | D | A | 4 | 9 | 8 | 0 | C | 7 |
| 9 | 8 | 0 | 5 | C | D | 7 | 1 | 2 | B | 6 | 3 | E | 4 | A |
| 7 | D | A | 6 | 4 | 3 | B | 8 | 0 | E | C | 5 | 1 | 9 | 2 |
| 6 | 1 | C | 2 | 9 | 7 | 3 | 4 | E | D | A | 0 | B | 8 | 5 |
| E | B | 4 | 0 | A | 8 | 9 | C | 5 | 2 | 7 | 1 | D | 6 | 3 |

ଗତକାଲିର ଉତ୍ତର

# ଅସତ୍ୟ ସହରର ରାତି



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

କେଇଦିନ ପୂର୍ବରୁ ଆମ ରାଜଧାନୀ ସହରର ଚେହେରା ଦେଖିଥିବା ଲୋକ ଏ ସହରର ବାସିନ୍ଦା ହୋଇ ନ ପାରିଥିବାର ଦୁଃଖରେ ନିଜ ଭାଗ୍ୟକୁ ନିନ୍ଦିବାର କାରଣ ଥିଲା ବେଶ୍ ଯୁକ୍ତିଯୁକ୍ତ। ବିଶ୍ୱକପ୍ ହକି ଅନୁଷ୍ଠିତ ହେଉଥିବାର ବିରଳ ଗୌରବବୋଧ ନେଇ ଏ ସ୍ମାର୍ଟ ସହର ଯେମିତି ସୁସଜ୍ଜିତ ତୋରଣ ଓ ରଙ୍ଗ ବେରଙ୍ଗର ଆଲୋକମାଳାରେ ଆକର୍ଷଣୀୟ ରୂପରେ ସଜେଇ ହୋଇଥିଲା, ତହିଁରେ ଏଠାରେ ରହୁ ନ ଥିବା ଯେ କୌଣସି ଲୋକ ମନରେ ଈର୍ଷାର ଅସୁରଟିଏ ମୁଣ୍ଡ ଟେକିବା ସ୍ୱାଭାବିକ। ମାତ୍ର ସ୍ମାର୍ଟ ସିଟିର କେନ୍ଦ୍ରସ୍ଥଳ ଓ ପ୍ରମୁଖ ସ୍ଥାନ କେତୋଟିକୁ ଛାଡିଦେଲେ ରାଜଧାନୀ ଯେ ଏକ ବିଶାଳ ଇଲାକା ଯାଏଁ ପରିବ୍ୟାପ୍ତ ଓ ସେ ସବୁ ଇଲାକା ଏ ସବୁ ସ୍ଥାନ ପରି ଏତେ ଉଜ୍ଜ୍ୱଳ ଓ ଆକର୍ଷଣୀୟ ନୁହେଁ, ଏହା ବୁଝୁଥିଲେ ଏହାକୁ ନେଇ ଗର୍ବିତ ହେବାର କି ମନଉଣା କରିବାର କିଛି କାରଣ ନ ଥାନ୍ତା।

ବହୁ ଦୃଷ୍ଟିରୁ ବଡ଼ ଅସତ୍ୟ ଆମ ସ୍ମାର୍ଟ ସହର। ଆଲୋକ ଅନ୍ତରାଳର କଳାଛାୟାକୁ ଏତେ ସହଜରେ ଦେଖି ନ ପାରିବା ଭଳି ଏହି ସହରର ଔଜ୍ଜ୍ୱଲ୍ୟ ମଧ୍ୟରେ ବହୁ କଳଙ୍କର କାଳିମା ଲୋକଲୋଚନକୁ ଆସିପାରେ ନାହିଁ। ଏଠି ଐଶ୍ୱର୍ଯ୍ୟଶାଳୀ ଧନପତି ଜଣେ ଦରିଦ୍ର କାଙ୍ଗାଳ ପରି ହାତ ପତାଇ ଅନ୍ୟ କାହାର କୃପାଦାନକୁ ଅପେକ୍ଷା କରି ବସିଥାଏ ତ ଅନ୍ୟପଟେ ସମ୍ଭ୍ରାନ୍ତ ମହିଳା ଜଣେ ମଦ ନିଶାରେ ନିମ୍ନତମ ସଂଭ୍ରମତା ଭୁଲି ରାସ୍ତା ଉପରେ ନାଚ କରୁଥାଏ। ଏଠି ବିଳମ୍ବିତ ରାତି ଯାଏଁ ଆଧୁନିକତାର ଖୋଳପା ମଧ୍ୟରେ ଯାବତୀୟ ଆଦିମ ପ୍ରବୃତ୍ତି ଚରିତାର୍ଥ ହେଉଥାଏ ତ ସେ ପଟରେ ହାଡ଼ଭଙ୍ଗା ଜାଡ଼ରେ ଛିଣ୍ଡା ଗାମୁଛାଟି ଘୋଡି କୁଙ୍କୁଡ଼ି କାଙ୍କୁଡ଼ି କାକୁସ୍ଥ ଭାବେ କେଉଁଠି ଷ୍ଟେଶନ ପ୍ଲାଟ୍‌ଫର୍ମର ଶେଷମୁଣ୍ଡରେ ତ ଅନ୍ୟ କେଉଁଠି କେବେ ବି ଚାବି ଫିଟୁ ନ ଥିବା ସରକାରୀ ଆଶ୍ରୟ ଗୃହ ବାହାରେ ଶୋଇ ରହିଥାଏ ବାସହୀନ ଭିକାରିଟିଏ।

ସତ୍ୟକୁ ଘୋଡାଇ ପକାଇବାର ଅନୈତିକ ପ୍ରବଣତାରୁ ମୁକ୍ତ ନୁହେଁ ଏ ଅସତ୍ୟ ସହର। ଏଠି ସାମାଜିକ ଜୀବନ ଭାରି ଅସଂଲଗ୍ନ, ଚିନ୍ତାଜନକ ଭାବେ ଅସଂପୃକ୍ତ। ଏଠି କାହା ଘରେ ଡକାୟତି ହେଲେ ପଡିଶା ଘରର ନିଦ ଭାଙ୍ଗିଲେ ବି ମଧ କେହି ଉଠନ୍ତି ନାହିଁ କି ସେପଟ ଘରର ଲୋକ କେହି ମରିଗଲେ ତାଙ୍କ ପୁଅନାତିମାନେ ଲଣ୍ଡା ନ ହେବା ଯାଏଁ ଏ ପଟ ଘରର କେହି ଜାଣନ୍ତି ନାହିଁ। ଏଠି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ରାସ୍ତାକଡ଼ରେ ଛଟପଟ ହେଉଥିବା ମୁମୂର୍ଷୁଙ୍କୁ ଡାକ୍ତରଖାନା ବୋହିନେବା ପାଇଁ ଗାଡିଟିଏ ଆଗେଇ ଆସେ ନାହିଁ। ଯଦିଓ ଅହରହ ମାଳ ମାଳ ଗାଡି ଦୌଡ଼ରେ ରାଜଧାନୀ ସର୍ବଦା ଅସ୍ତବ୍ୟସ୍ତ। ଏଠାରେ କୋଡିଏ ଜଣ ଆନ୍ଦୋଳନକାରୀଙ୍କୁ ଆବଶ୍ୟକ ସ୍ଥଳେ ସାବାଡ଼ କରିବାକୁ ନିୟୋଜିତ ଥାଆନ୍ତି ଶହ ଶହ ପୋଲିସ। ମୁଖ୍ୟଙ୍କଠୁଁ ଆରମ୍ଭ କରି ସାମନ୍ତଙ୍କ ସେବାରେ ସଦା ତତ୍ପର ପୋଲିସଙ୍କ ସାମାନ୍ୟ ସେବା କିନ୍ତୁ ଏଠି ସାଧାରଣଙ୍କ ପାଇଁ ସ୍ୱର୍ଗର ପାରିଜାତଠାରୁ ଆହୁରି ମହଙ୍ଗା। ରାଜଧାନୀର ଔଜ୍ଜ୍ୱଲ୍ୟ ବୋଧହୁଏ କେବଳ ଆଲୋକିତ ଜୀବନର ଅଧିକାରୀ ଉଜ୍ଜ୍ୱଳ ଅସାମାନ୍ୟଙ୍କ ପାଇଁ। ସାମାନ୍ୟ, ସାଧାରଣଙ୍କ ପାଇଁ ତ ଏହା ଘନ ଘୋର ଅନ୍ଧକାରଠାରୁ ଆହୁରି ଭୟଙ୍କର, ଅଧିକ ଅଭିଶପ୍ତ। ଗତ କୋଡିଏ ବର୍ଷ ଧରି ରାଜଧାନୀର ଏକ ଉପାନ୍ତ ଅଞ୍ଚଳରେ ରହୁଥିବା ଜଣେ ସାଧାରଣ ଲୋକର ନିଜସ୍ୱ ଅନୁଭବ ଏ ପ୍ରକାର ବିଚାର ସପକ୍ଷରେ ଏକ ବଳିଷ୍ଠ ପ୍ରମାଣ।

ରାତି ଠିକ୍ ତିନିଟାରେ ଷ୍ଟେଶନରେ ଟ୍ରେନ୍ ପହଞ୍ଚିଲା। ରାକେଶ ଗାଡିରୁ ଓହ୍ଲାଇପଡି ପ୍ଲାଟ୍‌ଫର୍ମର ଚାରିଆଡ଼କୁ ଚାହିଁ ଦେଖିଲା କୋଳାହଳଶୂନ୍ୟ ନୀରବ ନିଥର ପରିବେଶ। ଏହା ପୂର୍ବରୁ ସେ ତିନି ଚାରିଥର ଭୁବନେଶ୍ୱର ଆସିଥିଲେ ବି ତା' ଭାଇର ନୂଆ ଘରର ଠିକଣା ତାକୁ ଜଣାନାହିଁ। ସବୁଠାରୁ ଅସୁବିଧା ହେଲା ସେ ଓଡ଼ିଆ କହି ଜାଣିନି। ରାତି ପାହିବାକୁ ଅପେକ୍ଷା କରିବାର ନିଷ୍ପତ୍ତି ନେଇ ସେ ଷ୍ଟେଶନ ବାହାରକୁ ଆସିଲା ଓ ଖଣ୍ଡେ ଦୂରରେ ଖୋଲାଥିବା ଚା ଦୋକାନକୁ ଯାଇ ଗରମ ଚା କପେ ପିଇ ଶୀତରାତିରେ ନିଜକୁ ଟିକିଏ ଉଷୁମ କରିବାକୁ ଚେଷ୍ଟା କଲା। ଚା ପିଇସାରି ପୁଣି ପ୍ଲାଟଫର୍ମ ଭିତରକୁ ପଶୁଛି, ଦେଖିଲା ରାତି ପାଟ୍ରୋଲିଂ କରୁଥିବା ପୋଲିସ କନ୍‌ଷ୍ଟେବଳ ଜଣେ ତାକୁ ଅଟକିବାକୁ ଇଶାରା ଦେଲେ। ରାକେଶ ଖୁସି ହେଲା। ଅଚିହ୍ନା ଅଜଣା ବେସରକାରୀ ଲୋକଙ୍କୁ ଭାଇଙ୍କ ଠିକଣା ପଚାରିବା ଅପେକ୍ଷା ସରକାରୀ ପୋଲିସ ବାବୁଙ୍କୁ ପଚାରିବା ବେଶି ନିରାପଦ ଭାବି ସେ ଠିକଣାଟି ପକେଟରୁ ବାହାର କରିବାକୁ ଯାଉଛି। ପୋଲିସ ବାବୁ ତାଙ୍କ ସନ୍ଧାନୀ କାଇଦାରେ ଆରମ୍ଭ କରିଦେଲେ- କୁଆଡୁ ଆସିଲ, କୁଆଡେ ଯିବ, ଏ ବ୍ୟାଗ୍ ଭିତରେ କ'ଣ ଅଛି ? ଏକାଥରେ ମେଞ୍ଚାଏ ପ୍ରଶ୍ନ।

ମୋ ଘର ମେଦିନୀପୁର। ମୋ ବଡ଼ଭାଇ ଏଠାରେ କାମ କରନ୍ତି। ଘରେ ମାଆଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ନେବା ପାଇଁ ଆସିଛି। କେଇଦିନ ତଳେ ସେ ବସା ବଦଳାଇ ଥିବାରୁ ତାଙ୍କ ନୂଆ ଠିକଣା ଜାଣିନାହିଁ। କେମିତି ସେଠାକୁ ଯିବି, ଟିକିଏ ବତାଇ ଦିଅନ୍ତୁ। ରାକେଶ ତା' ମାତୃଭାଷା ବଙ୍ଗଳାରେ କହି ନିଜ ଭାଇର ନୂଆ ଠିକଣା କାଗଜଟି ବଢ଼ାଇଦେଲା। ରାକେଶର ବଙ୍ଗଳା ଭାଷା ଶୁଣି ତାତି ଉଠିଲେ ପୋଲିସ ବାବୁ। ତା'ର ଭାଷା ଓ ପ୍ରଦେଶ ପ୍ରତି ଅଶାଳୀନ ଭାଷାରେ ନିଜର ସମ୍ମାନ ଜଣାଇ ଚଢ଼ାଗଳାରେ କହିଲେ ଆମକୁ ଯେମିତି ସରକାର ରଖିଛି ତୋ ଭଳି ରାତି ଟ୍ରେନ୍‌ରୁ ଓହ୍ଲାଉଥିବା ନୂଆ ଲୋକମାନଙ୍କୁ ତାଙ୍କ ଠିକଣା ବତାଇବା ପାଇଁ! ଆବେ ହେ! ଏ ଇଲାକାରେ ମୋର ତିନିବର୍ଷ ହୋଇଗଲାଣି। ବଙ୍ଗଳାରୁ ଆସି ଏଠାରେ ଚୋରି ଡକାୟତି କରି ଷ୍ଟେଶନରେ ଘୂରି ବୁଲୁଥିବା ତୁମ ଭଳି ନିଶାଚରମାନଙ୍କୁ ମୁଁ ଠିକ୍ ଚିହ୍ନିଛି। ଖୋଲ୍ ତୋ ବ୍ୟାଗ୍। ଦେଖା କ'ଣ ଅଛି। ଚାଲ୍ ଥାନାକୁ।

ଅଚାନକ ଘଟଣା ଏମିତି ମୋଡ଼ ନେବ ବୋଲି ରାକେଶ କେବେ ଆଶା କରି ନ ଥିଲା। ସେ ତଟସ୍ଥ ହୋଇ ପୁଣିଥରେ ନିଜ ଭାଷାରେ ବୁଝାଇବାକୁ ଚେଷ୍ଟା କଲା ଓ କାନ୍ଧରେ ଥିବା ଏୟାର ବ୍ୟାଗ୍‌ଟି ଖୋଲି ତା' ଭିତରେ ଥିବା ନିଜ ବ୍ୟବହାର୍ଯ୍ୟ ସାମଗ୍ରୀ ଦେଖାଇଦେଲା। କିନ୍ତୁ ରାତିରେ ପାଟ୍ରୋଲିଂ ଡ୍ୟୁଟି କରି କ୍ଳାନ୍ତ ହୋଇପଡିଥିବା ପୋଲିସ କନ୍‌ଷ୍ଟେବଲଙ୍କ ନିଦୁଆ ଆଖି ଦୁଇଟି ଏସବୁ ବାସ୍ତବତାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥିଲେ। ସେ ବ୍ୟାଗ୍ ଛାଡି ରାକେଶର ପକେଟ ଦରାଣ୍ଡିବା ଆରମ୍ଭ କରିଦେଲେ ଓ ପକେଟରୁ ପର୍ସ କାଢି ସମ୍ବଳର ପରିମାଣ ଦେଖିନେଲେ। କିଛିକ୍ଷଣ ମଧ୍ୟରେ ପର୍ସରେ ଥିବା ପାଞ୍ଚଶହ ଟଙ୍କାର ନୋଟ୍‌ଟି ପକେଟ ପରିବର୍ତ୍ତନ କରି କନଷ୍ଟେବଳଙ୍କ ପକେଟକୁ ଚାଲି ଆସିଲା। ଦାରୁଭୂତ ମୁରାରି ପରି ନିର୍ବାକ୍ ହୋଇ ନିଜର ନିର୍ଯାତନା ପ୍ରତ୍ୟକ୍ଷ କରୁଥିବା ରାକେଶକୁ ସେଇଠି ସେଇ ଅବସ୍ଥାରେ ଛାଡି ରାତ୍ରିର ପ୍ରହରୀ ଜଣକ ନିଜ ରାସ୍ତାରେ ଚାଲିଗଲେ।

କିଛି ସମୟ ପୂର୍ବରୁ ସରକାରୀ ଲୋକଙ୍କୁ ସାହାଯ୍ୟ ମାଗିବାକୁ ନିରାପଦ ମଣିଥିବା ବଙ୍ଗାଳି ଯୁବକ ତା'ର ଏ ଦାରୁଣ ଦୁର୍ଦ୍ଦଶା ପରେ ଆଉ କାହାକୁ ନିଜ ଭାଇର ଠିକଣା ପଚାରିବାକୁ ସାହସ କରିପାରିଲାନି। ସେ ରାତି ପାହିବାକୁ ଅପେକ୍ଷା କରି ପ୍ଲାଟ୍‌ଫର୍ମରେ ବସି ରହିଲା। ସକାଳେ ଭାଇ ସହ ଯୋଗାଯୋଗ କରି କୌଣସି ପ୍ରକାରେ ତାଙ୍କ ବସାରେ ପହଞ୍ଚିଗଲା ଓ ନିଜ ଦୁର୍ଭାଗ୍ୟର କାହାଣୀ ବଖାଣିଲା। ରାକେଶର ଭାଇ ରାଜଧାନୀ ନଗରୀରେ ବେଶ୍ ପୁରୁଣା। ସୁତରାଂ ତାଙ୍କ ନଗରୀର ରୂପ ରାତିରେ ଏମିତି ବଦଳିଯାଏ ବୋଲି ସେ ସହଜରେ ବିଶ୍ୱାସ କରିପାରୁ ନ ଥିଲେ। ଏହା ସହ ତାଙ୍କ କୋଡିଏ ବର୍ଷର ସମ୍ପର୍କକୁ ପୁଞ୍ଜିକରି ସେ ଏହାର ପ୍ରତିବାଦ କରିବାକୁ ନିଜ ଭାଇ ସହ ସମ୍ପୃକ୍ତ ଥାନା ଆଡ଼କୁ ମୁହାଁଇଲେ।

ଥାନା ବାବୁ ସବୁ ଶୁଣିଲେ ସିନା ବିଶ୍ୱାସ କଲେ ନାହିଁ। ଶୁଣିବା ଓ ଶୁଣାକଥାକୁ ବିଶ୍ୱାସ କରିବା ଏକା କଥା ନୁହେଁ ନିଶ୍ଚୟ। କିନ୍ତୁ ଶୁଣିବା ଓ ବିଶ୍ୱାସ କରିବା ମଝିରେ ଅନୁସନ୍ଧାନ କରିବା ଭଳି ପୋଲିସ ପ୍ରଶାସନରେ ଯେଉଁ ବ୍ୟବସ୍ଥା ଅଛି, ତାହା କରିବାକୁ ସେ ଉଚିତ ମଣିଲେ ନାହିଁ। ମାତ୍ର ବଡ଼ଭାଇ ଜଣକ ପ୍ରତିବାଦ କଲେ। ସମାଜର ସାଧାରଣ ବର୍ଗଙ୍କ ସହାୟତା କରିବାକୁ ଯେଉଁ ପୋଲିସ ନିଯୁକ୍ତ, ସେ ଯେମିତି ପାହାନ୍ତା ପହରରେ ତାଙ୍କ ଅସହାୟ ଭାଇଟିର କଅଁଳ ମନକୁ ହତ୍ୟା କରିଛନ୍ତି, ତାହା ବିରୋଧରେ ଏକ ଲିଖିତ ଅଭିଯୋଗ କରିବା ପାଇଁ ସେ ଅଡ଼ି ବସିଲେ। ପରିଣାମ ହେଲା ଅତ୍ୟନ୍ତ ପ୍ରତ୍ୟାଶିତ। ସାଧାରଣ ଅପରାଧୀଙ୍କ ବିରୋଧରେ ଅଭିଯୋଗ ଲେଖିବାକୁ ଯେତେବେଳେ ତଳହାତିଆ ପନ୍ଥାର ଆଶ୍ରୟ ନେବାକୁ ହୁଏ, ସେତେବେଳେ ଖୋଦ୍ ପୋଲିସ ବିରୋଧରେ ଅଭିଯୋଗ ରେକର୍ଡ କରିବା ଯେ ଏକ ଦୁରୂହ ବ୍ୟାପାର, ଏ କଥା ବୁଝିପାରି ନ ଥିବାରୁ ଦୁଇ ଭାଇଙ୍କୁ ଯଥେଷ୍ଟ ମୂଲ୍ୟ ଦେବାକୁ ପଡିଲା। ପ୍ରାୟ ଛଅ ଘଣ୍ଟା କାଳ ଥାନା ଭିତରେ କାକୁସ୍ଥ ଭାବରେ ବସି ରହିବା ପରେ ଶେଷରେ ଯେତେବେଳେ ସେମାନଙ୍କୁ ମୁକ୍ତି ମିଳିଲା, ସେତେବେଳେ ନିଜ ଅବାସ୍ତବ ଜିଦ୍ ଆଗରେ ସେମାନେ ହାରି ସାରିଥିଲେ। ନିଜ ଅସହାୟତାକୁ ପ୍ରଚଣ୍ଡ ଅଭିଶାପ ଦେଇ ଫେରିଯାଇଥିଲେ ନୀରବରେ।

ଆମ ସ୍ମାର୍ଟ ସହରର ଔଜ୍ଜ୍ୱଲ୍ୟ ମଧ୍ୟରେ ରହି ରହି ମୁହଁ ଦେଖାଉଥିବା କଳାଛାୟାମାନଙ୍କ ଭୟଙ୍କର ଚେହେରାର ଉପରୋକ୍ତ ଘଟଣାଟି ଏକ ସାଙ୍କେତିକ ପ୍ରତିବେଦନ ମାତ୍ର। ଏଠାକାର ବିଚିତ୍ର ବ୍ୟବସ୍ଥା ମଧ୍ୟରେ ଦୁଇ ପ୍ରକାର ନାଗରିକଙ୍କ ପାଇଁ ଦୁଇ ଭିନ୍ନ କିସମର ଆଚାର ସଂହିତା। ପ୍ରଥମ ବର୍ଗର ଆଗଧାଡିର ନାଗରିକମାନଙ୍କ ପାଇଁ ଆଗପଛ ଚାରିଆଡେ ପୋଲିସର ନିରାପତ୍ତା ବଳୟ। ଏମାନଙ୍କ ଦେହ ସହ ଅନ୍ୟ କାହା ଦେହର ସାମାନ୍ୟ ସ୍ପର୍ଶକୁ ବିବେଚନା କରାଯାଏ ଏକ ସ୍ପର୍ଦ୍ଧା ଭାବେ। ଅଥଚ ଦ୍ୱିତୀୟ ବର୍ଗର ଶେଷଧାଡିର ନାଗରିକ ସବୁଆଡୁ ସବୁ ପ୍ରକାରେ ଲୁଣ୍ଠିତ, ଲାଞ୍ଛିତ ଓ ନିର୍ଯାତିତ, ଠିକ୍ ରାକେଶ ଓ ତାଙ୍କ ବଡ଼ଭାଇଙ୍କ ପରି।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# କୁଷ୍ଠରୋଗୀଙ୍କ ସାହାରା

## ବ୍ୟକ୍ତିତ୍ୱ



ୟୋହେଇ ସାସାକାୱା

ବିଶ୍ୱକୁ ମହାତ୍ମା ଗାନ୍ଧୀଙ୍କ ଅବଦାନ ଅତୁଳନୀୟ। ତାଙ୍କ ଆଦର୍ଶକୁ ସ୍ମରଣୀୟ ରଖିବା ଲାଗି ଭାରତ ସରକାରଙ୍କ ପକ୍ଷରୁ ୧୯୯୫ରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଆସୁଛି। ମହାତ୍ମାଙ୍କ ୧୨୫ତମ ଜନ୍ମବାର୍ଷିକୀରୁ ସଂସ୍ଥାପିତ ଏହି ସମ୍ମାନ ଅହିଂସା ଓ ଗାନ୍ଧୀବାଦ ଜରିଆରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ରୂପାନ୍ତରଣ ଆଣିପାରୁଥିବା ବ୍ୟକ୍ତି ଓ ସଙ୍ଗଠନକୁ ଦିଆଯାଉଛି। ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ବିରୋଧୀ ବିପ୍ଳବୀ ନେଲ୍‌ସନ ମଣ୍ଡେଲା, ଭାରତର 'ଚିପ୍‌କୋ' ଆନ୍ଦୋଳନର ପୁରୋଧା ଚଣ୍ଡିପ୍ରସାଦ ଭଟ୍ଟଙ୍କଠାରୁ ଆରମ୍ଭ କରି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଭଳି ସଙ୍ଗଠନ ଏଭଳି ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ୨୦୧୯ ଜାନୁୟାରୀ ୧୬ରେ ଶେଷ ୪ ବର୍ଷ ପାଇଁ ଏହି ପୁରସ୍କାର ଘୋଷଣା କରାଯାଇଛି। ୨୦୧୫ ପାଇଁ କନ୍ୟାକୁମାରୀସ୍ଥିତ ବିବେକାନନ୍ଦ ଫାଉଣ୍ଡେଶନ, ୨୦୧୬ ଲାଗି ଅକ୍ଷୟ ପାତ୍ର ଫାଉଣ୍ଡେଶନ ଓ ସୁଲଭ ଇଣ୍ଟରନ୍ୟାଶନାଲ, ୨୦୧୭ ସକାଶେ ଏକଲ ଅଭିଯାନ ଟ୍ରଷ୍ଟ ଏବଂ ୨୦୧୮ ନିମନ୍ତେ କୁଷ୍ଠ ନିରାକରଣ ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ଗୁଡ୍‌ୱିଲ୍ ଆମ୍ବାସାଡର ବା ସଦିଚ୍ଛା ଦୂତ ଥିବା ୟୋହେଇ ସାସାକାୱାଙ୍କୁ ଚୟନ କରାଯାଇଛି। ବିଜେତାଙ୍କୁ ଏକ କୋଟି ଟଙ୍କା ସହ ଫଳକ ପ୍ରଦାନ କରାଯିବ। ଏହି ସମ୍ମାନ ଘୋଷଣା ପରେ ସାସାକାୱାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଥିବାରୁ ତାଙ୍କ ଆଦର୍ଶ ଓ ଲକ୍ଷ୍ୟ ବିଷୟରେ ଜାଣିବାକୁ ପ୍ରତ୍ୟେକଙ୍କ ଆଗ୍ରହ ରହିବା ସ୍ୱାଭାବିକ।

୧୯୩୯ ଜାନୁୟାରୀ ୮ରେ ଜନ୍ମଗ୍ରହଣ କରିଥିବା ସାସାକାୱା ଜାପାନର ସର୍ବବୃହତ୍ ଦାତବ୍ୟ ଅନୁଷ୍ଠାନ 'ନିପନ୍ ଫାଉଣ୍ଡେଶନ'ର ଅଧ୍ୟକ୍ଷ ଅଛନ୍ତି। କୁଷ୍ଠ ନିରାକରଣ ଲାଗି ଡବ୍ଲ୍ୟୁଏଚ୍‌ଓର ସଦିଚ୍ଛା ଦୂତ ରହିଥିବା ଏହି ବ୍ୟକ୍ତି ଟୋକିଓସ୍ଥିତ ମୈଜି ୟୁନିଭର୍ସିଟିର୍ ସ୍କୁଲ ଅଫ୍ ପଲିଟିକାଲ ସାଇନ୍ସ ଆଣ୍ଡ୍ ଇକନମିକ୍ସରୁ ଡିଗ୍ରୀ ଅର୍ଜନ କରିବା ପରେ ଜଣେ ସାମାଜିକ ଉଦ୍ୟୋଗୀ ଭାବେ ପରିଚିତ ହେବାକୁ ଲକ୍ଷ୍ୟ ରଖିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଜାପାନ ମୋଟରବୋଟ୍ ରେସିଂ ଆସୋସିଏଶନ ଅଧ୍ୟକ୍ଷ ଓ ଜାପାନ ଫାଉଣ୍ଡେଶନ ଫର୍ ଶିପ୍‌ବିଲ୍ଡିଂ ଆଡ୍‌ଭାନ୍ସମେଣ୍ଟର ନିର୍ଦ୍ଦେଶକ ହୋଇଥିଲେ। ତେବେ ୧୯୮୯ରେ ନିପନ୍ ଫାଉଣ୍ଡେଶନର ସେ ସଭାପତି ହୋଇ କାଳକ୍ରମେ ଏହାର ଅଧ୍ୟକ୍ଷ ହୋଇପାରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ସାମାଜିକ କ୍ଷେତ୍ରରେ ଏକ ସ୍ୱାତନ୍ତ୍ର୍ୟ ବଜାୟ ରଖିବାକୁ ଯାଇ ସେ ବିଭିନ୍ନ ପ୍ରସଙ୍ଗରେ କାର୍ଯ୍ୟ କରିଚାଲିଛନ୍ତି। ବିଶେଷକରି ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାର ବିକାଶ ହେଉଛି ତାଙ୍କ ଚିନ୍ତନର ୩ ପ୍ରମୁଖ କ୍ଷେତ୍ର। ଚେର୍ନୋବିଲ୍ ଆଣବିକ ପାୱାର ପ୍ଲାଣ୍ଟ ଦୁର୍ଘଟଣାରେ ପୀଡ଼ିତ ୨ ଲକ୍ଷ ପିଲାଙ୍କ ଚିକିତ୍ସା ଦିଗରେ ତାଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ ହୋଇପାରିଛି। ଉଭୟ ଜାପାନ ଓ ଅନ୍ତର୍ଜାତୀୟ ସ୍ତରରେ ଯେଉଁଠାରେ ବିପର୍ଯ୍ୟୟ ଦେଖାଦେଇଥାଏ, ସେଠାକୁ ସାସାକାୱା ମାନବୀୟ ସହାୟତା ଦେବା ପାଇଁ ଆଗେଇ ଯାଇଥାଆନ୍ତି। କେବଳ ଫାଉଣ୍ଡେଶନ ପକ୍ଷରୁ ପାଣ୍ଠି ଯୋଗାଣ ନୁହେଁ, ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଜନକଲ୍ୟାଣ କରିବା ତାଙ୍କ ଅଙ୍ଗୀକାରବଦ୍ଧତାର ପରିଚୟ ଦେଇଛି। ତେବେ ବିଶ୍ୱବ୍ୟାପୀ ତାଙ୍କ ପରିଚୟ କହିଲେ କୁଷ୍ଠ ନିରାକରଣ ନିମନ୍ତେ ତାଙ୍କ ଏକନିଷ୍ଠତା ସର୍ବାଗ୍ରେ ରହିଛି। ଏଭଳି ରୋଗୀଙ୍କ ପ୍ରତି ସମବେଦନା ଆସିବା ପଛରେ ତାଙ୍କ ପିତାଙ୍କ ଅବଦାନକୁ ସେ ମନେପକାଇଥାଆନ୍ତି। ୧୯୬୫ ମସିହାରେ ତାଙ୍କ ପିତା ଦକ୍ଷିଣ କୋରିଆରେ କୁଷ୍ଠରୋଗୀଙ୍କ ସେବା କରୁଥିବା ବେଳେ ସେ ସେଥିରେ ସାମିଲ ହୋଇଥିଲେ। ଏଭଳି ରୋଗୀଙ୍କୁ ସେତେବେଳେ ସମାଜରୁ ବାସନ୍ଦ କରି ଦିଆଯାଉଥିଲା। ପିତାଙ୍କଠାରୁ ପ୍ରେରଣା ପାଇବା ପରେ କୁଷ୍ଠ ଆରୋଗ୍ୟଯୁକ୍ତ ବୋଲି ରୋଗୀଙ୍କ ମନରେ ଆଶ୍ୱାସନା ଭରି ଦେଇଥିଲେ। ତେଣୁ ବିଭିନ୍ନ ଦେଶରେ ସରକାର, ନେତା, ଗଣମାଧ୍ୟମ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସାହାରା ନେଇ କୁଷ୍ଠ ନିରାକରଣ ଦିଗରେ ସମ୍ପୂର୍ଣ୍ଣ ଅଭିଯାନ ଆରମ୍ଭ କରିଥିଲେ। ୧୯୯୦ରେ କୁଷ୍ଠ ନିରାକରଣ ଦିଗରେ ମଲ୍ଟିଡ୍ରଗ୍ ଥେରାପି (ଏମ୍‌ଡିଟି) ବଣ୍ଟନ ଦିଗରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଇତିମଧ୍ୟରେ ଭାରତ ସମେତ ବିଶ୍ୱର ସମସ୍ତ ଦେଶରେ ଏହି ରୋଗ ଦୂରେଇ ଯିବାରେ ଲାଗିଛି। ଫଳସ୍ୱରୂପ ୨୦୦୧ରୁ ଡବ୍ଲ୍ୟୁଏଚ୍‌ଓର ଗୁଡ୍‌ୱିଲ୍ ଆମ୍ବାସାଡର ହୋଇପାରିଛନ୍ତି। ସେବାକୁ ମହାତ୍ମା ଗାନ୍ଧୀ ଜୀବନର ବ୍ରତ ଭାବେ ଗ୍ରହଣ କରି ନେଇଥିଲେ। ଆଜି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ସାସାକାୱା ସମଗ୍ର ମାନବ ଜାତିର ଉତ୍ଥାନ ଲାଗି ଯେଉଁ ଦିଗଟିକୁ ଧରି ସେବାରତ ଅଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଯୁଗଯୁଗ ଧରି ପ୍ରେରଣାଦାୟୀ ହୋଇ ରହିବ।

—ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଭାରତୀୟ ସମାଜ ପିତୃକୈନ୍ଦ୍ରିକ ପରିବାରକୁ ନେଇ ଗଢ଼ିଉଠିଛି। କାରଣ ଆମ ଦେଶର ପରିବାରରେ ପୁରୁଷ ହେଉଛି ମୁଖ୍ୟ ବ୍ୟକ୍ତି। ତାଙ୍କ ନାମରେ ମୁଖ୍ୟତଃ ସମ୍ପତ୍ତିର ମାଲିକାନା ରହିଥାଏ। ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ମାନି ଚଳିଥାଆନ୍ତି। ତେଣୁ ଭାରତୀୟ ସମାଜ ଏକ ପୁରୁଷପ୍ରଧାନ ସମାଜ ଭାବରେ ଗଣ୍ୟ ହୋଇଥାଏ। ନିକଟରେ ଝିଅ ନାମରେ ସମ୍ପତ୍ତି କରିବାରୁ ଖାପ୍ ପଞ୍ଚାୟତରେ ବାପାଙ୍କ ପ୍ରତି ଦଣ୍ଡାଦେଶ ହୋଇଛି। ଏପରି ଏକ ଘଟଣା ଘଟିଛି ରାଜସ୍ଥାନ ରାଜ୍ୟର ଯୋଧପୁର ଅଞ୍ଚଳରେ। ସ୍ଥାନୀୟ ବିଲାଡା ତହସିଲ ଖେଜଡଲାରେ ଜଣେ ପିତା ତାଙ୍କ ସମ୍ପତ୍ତିର କିଛି ଅଂଶ ଝିଅ ନାମରେ କରିଥିଲେ। ତେବେ ଏହାକୁ ତାଙ୍କର ସରଗରା ସମାଜ ପକ୍ଷରୁ ପସନ୍ଦ କରାଯାଇ ନ ଥିଲା। କାରଣ ସମାଜରେ ପ୍ରଚଳିତ ପୁରୁଣା ପରମ୍ପରାକୁ ଖାପ୍ ପଞ୍ଚାୟତ ଧରି ରଖିଛି। ପଞ୍ଚାୟତ ଡକାଯାଇ ଏହି ପରିବାରକୁ ଦିଆଯାଇଛି ବାସନ୍ଦ ଦଣ୍ଡାଦେଶ। ଏହି ଦଣ୍ଡ ଉଠାଇବା ପାଇଁ ପଞ୍ଚାୟତ ପକ୍ଷରୁ ଲକ୍ଷାଧିକ ଟଙ୍କା ଦାବି କରାଯାଇଥିବା ଅଭିଯୋଗ ହୋଇଛି। ପରିବାର ସଦସ୍ୟଙ୍କ ଅଭିଯୋଗ ଆଧାରରେ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ପକ୍ଷରୁ ପଞ୍ଚାୟତର ୧୫ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

### ଚିରନ୍ତନୀ

କିଣିଲ ଭୁବନମୟ ରୂପଗୁଣେ ଅଭୟ ଅଶୋକ
ଜିଣିଲ ଶୈଶବ ଜରା ଦୀନ ଧନୀ ଜ୍ଞାନୀ ମୂର୍ଖ ଲୋକ।
(ସୁନା)
—କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୦ ଜାନୁୟାରୀ ୧୯୯୪

- ଆମେରିକାର ଲସ୍‌ଏଞ୍ଜେଲସଠାରେ ଭୂମିକମ୍ପରେ ୪୦ ଜଣଙ୍କ ମୃତ୍ୟୁ।
- ଶ୍ରୀଲଙ୍କାର ଅନୁରାଧାପୁର ଜିଲାରେ ଏକ ଶକ୍ତିଶାଳୀ ବୋମା ବିସ୍ଫୋରଣରେ ୬୦ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଜନପ୍ରତିନିଧିଙ୍କ ସମ୍ପତ୍ତି

ମହାଶୟ,

ଧରିତ୍ରୀରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଆଉ କେତେକ ମନ୍ତ୍ରୀଙ୍କର ସମ୍ପତ୍ତି ସିଏମ୍‌ଓ ୱେବ୍‌ସାଇଟ୍‌ରେ ଅପଡେଟ୍ ହୋଇ ଜନସାଧାରଣଙ୍କ ଗୋଚରାର୍ଥେ ପ୍ରକାଶିତ ହେବାର ଖବର ପ୍ରକାଶ ପାଇଛି। ଅର୍ଥ ଓ ଅବକାରୀ ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ କୋଟିପତି ତାଲିକାରେ ଥିବାବେଳେ ପରିବହନ ମନ୍ତ୍ରୀ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିଜ ସମ୍ପତ୍ତି ଉଲ୍ଲେଖ ନ କରିବା ଜଣାଯାଇଛି। ତେବେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ବିଧାୟକମାନେ ମନ୍ତ୍ରୀ ହୋଇ କୋଟିପତି ହେବାର ସୁଯୋଗ ହାସଲ କରିବା ଆନନ୍ଦର ବିଷୟ। ତେବେ ଯେଉଁମାନେ ସମ୍ପତ୍ତି ତାଲିକା ଦେଉନାହାନ୍ତି ସେମାନେ ତୁରନ୍ତ ପ୍ରକାଶ କଲେ ଭୋଟଦାତାମାନେ ଆସନ୍ତା ନିର୍ବାଚନ ପୂର୍ବରୁ ତାହା ଅବଗତ ହୋଇ ଉପଯୁକ୍ତ ପ୍ରାର୍ଥୀ ଚୟନ କରିପାରିବେ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଆଗ ବଟି ପରେ ଚେକ୍

ଲାଞ୍ଚ ଏବଂ ଦୁର୍ନୀତିକୁ ଏଡ଼ାଇବା ପାଇଁ ସରକାର ଭିଜିଲାନ୍ସ, କ୍ରାଇମ୍‌ବ୍ରାଞ୍ଚ ଏବଂ ପୋଲିସ ପ୍ରଶାସନ ଭଳି କେତେକ ସଂସ୍ଥା ସୃଷ୍ଟି କରିଛନ୍ତି। ଏହି ସଂସ୍ଥାଗୁଡ଼ିକ ଡାଳେ ଡାଳେ ଗଲେ ଦୁର୍ନୀତିଗ୍ରସ୍ତ ନେତା ଓ କର୍ମଚାରୀ ପତ୍ରେ ପତ୍ରେ ଯାଉଛନ୍ତି। ଏଥିରୁ ବଞ୍ଚିବା ପାଇଁ ସେମାନେ ଆଉ ସିଧାସଳଖ ଲାଞ୍ଚ ନେବାକୁ ପସନ୍ଦ କରୁନାହାନ୍ତି। ବରଂ ଦଲାଲ ଜରିଆରେ ନେଉଛନ୍ତି। ଦଲାଲଗିରି କରି ଲୋକେ ମାଲାମାଲ ହୋଇଯାଉଛନ୍ତି। ଗ୍ରାମାଞ୍ଚଳରେ ସରକାର ଇନ୍ଦିରା ଆବାସ ଯୋଗାଇ ଦେଉଛନ୍ତି। ଏଥିରେ ବି ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହେଉଛି। ଆଗ ବଟି ପରେ ଚେକ୍ ଆଉ ଆଲଟମେଣ୍ଟ ଅର୍ଡର। ଲୋକ ଦେଖିବାକୁ ପୂରା ଅର୍ଥର ଚେକ୍ କିନ୍ତୁ ଆଗରୁ ବଟି ଆଦାୟ ସରିଥାଏ। ବିଭିନ୍ନ ବିଭାଗରେ ସେହି ଅବସ୍ଥା। ଆଗରୁ ବିଲ୍ ପାସ୍ ପରେ ଇଞ୍ଜିନିୟର, ଅଫିସର ଏବଂ କିରାଣିମାନେ ବଟି ଆଦାୟ କରୁଥିଲେ। ଆଜିକାଲି ୱାର୍କ ଅର୍ଡର ପାଇବା ଆଗରୁ ବଟି ନେଇଯାଉଛନ୍ତି। ତାହା ପୁଣି ଦଲାଲଙ୍କ ଜରିଆରେ। ତେଣୁ ଧରାପଡ଼ିବାର ସମ୍ଭାବନା କମ୍।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୦ ଜାନୁୟାରୀ, ୨୦୧୯



ବାପମା' ପିଲାଙ୍କ ଉପରେ ନିଜ ନିଷ୍ପତ୍ତି ଲଦି ଦିଅନ୍ତୁ ନାହିଁ। କୌଣସି କଥାରେ ସେମାନଙ୍କୁ ବାଧ କରନ୍ତୁ ନାହିଁ।

-ସୋହା ଅଲି ଖାନ୍, ବଲିଉଡ ଅଭିନେତ୍ରୀ।

# 'ସିନେମା ଓ ସମାଜ ପରସ୍ପରର ପ୍ରତିଫଳନ'

**ମୁମ୍ବାଇ**




ସିନେମା ଓ ସମାଜ ପରସ୍ପରର ପ୍ରତିଫଳନ। ସିନେମା ଭଳି ଆମ ଦେଶ ମଧ୍ୟ ସମୟ ସହ ତାଳଦେଇ ପରିବର୍ତ୍ତନ ହେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଛନ୍ତି। ଏଠାରେ ନ୍ୟାଶନାଲ ମ୍ୟୁଜିୟମ୍ ଅଫ୍ ଇଣ୍ଡିଆନ୍ ସିନେମାର ଲୋକାର୍ପଣ କରି ପ୍ରଧାନମନ୍ତ୍ରୀ କହିଲେ, ଦେଶ ପରିବର୍ତ୍ତନ ହେଉଛି ଏବଂ ନିଜ ସମସ୍ୟା ସମାଧାନ ପାଇଁ ବାଟ ଖୋଜୁଛି। ନିୟୁତ ନିୟୁତ ସମସ୍ୟା ଥିଲେ ବି କୋଟି କୋଟି ସଂଖ୍ୟାରେ ସମାଧାନର ବାଟ ରହିଛି ବୋଲି ସେ ପ୍ରକାଶ କରିଥିଲେ।

ସେ ଅନେକ ବୈଦେଶିକ ନେତାଙ୍କ ସହିତ ଆଲୋଚନା ବେଳେ ସେମାନଙ୍କ ମୁହଁରୁ ଭାରତୀୟ ଫିଲ୍ମର ଲୋକପ୍ରିୟତା ବିଷୟ ଶୁଣିଛନ୍ତି। ଭାରତର ମୃଦୁ କ୍ଷମତା କ୍ଷେତ୍ରରେ ଫିଲ୍ମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ପ୍ରକାଶ କରିଥିଲେ। ଚଳଚ୍ଚିତ୍ର ଶିଳ୍ପର ଅଭିବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି। ଫିଲ୍ମ ଶୁଟିଂ ଓ ସେ ସମ୍ପର୍କିତ କାର୍ଯ୍ୟକ୍ରମ ନିମନ୍ତେ ଅନୁମତି ପ୍ରଦାନ ଲାଗି ଏକ ସିଙ୍ଗିଲ-ୱିଣ୍ଡୋ ବ୍ୟବସ୍ଥା ବର୍ତ୍ତମାନ ବିଚାରାଧୀନ ରହିଛି। ଡାଭୋସରେ ବିଶ୍ୱ ଆର୍ଥନୀତିକ ଫୋରମ୍ ଭଳି ଭାରତରେ ବିଶ୍ୱ ଫିଲ୍ମ ବୈଠକ ଆୟୋଜନ କରାଯାଇ ପାରିବ ବୋଲି ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ।

ପର୍ଯ୍ୟଟନ କ୍ଷେତ୍ରର ଅଭିବୃଦ୍ଧିରେ ଫିଲ୍ମ ଏକ ବୃହତ୍ ଭୂମିକା ନିର୍ବାହ କରେ। ଏଥିପାଇଁ ଅତ୍ୟନ୍ତ ଗରିବ ଲୋକେ ମଧ୍ୟ କର୍ମନିଯୁକ୍ତି ପାଇଥାଆନ୍ତି। ଏପରି କି ପର୍ଯ୍ୟଟନର ବିକାଶ ଘଟିଲେ ଚା ବିକାଳି ବି ଅଧିକ ରୋଜଗାର କରନ୍ତି ବୋଲି ସେ ପ୍ରକାଶ କରିଥିଲେ।

# 'ଗ୍ରାହାମ୍ ଷ୍ଟେନ୍ସ' ସିନେମାରେ ଶର୍ମନ୍

**ମୁମ୍ବାଇ:** ଦୀର୍ଘ ୨୦ବର୍ଷ ତଳର ଅଷ୍ଟ୍ରେଲୀୟ ମିଶନାରି ଗ୍ରାହାମ ଷ୍ଟେନ୍ସ ହତ୍ୟାକାଣ୍ଡକୁ ନେଇ ନିର୍ମାଣ ହୋଇଥିବା ହଲିଉଡ ଫିଲ୍ମରେ ବଲିଉଡ୍ ଅଭିନେତା ଶର୍ମନ୍ ଜୋଷୀ ଜଣେ ଖବରଦାତା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ସ୍କାଏପାସ୍ ଏଣ୍ଟରଟେନ୍‌ମେଣ୍ଟ ଦ୍ୱାରା ପ୍ରସ୍ତୁତ ପ୍ରଥମ ଫିଲ୍ମ ଆମେରିକାରେ ଫେବୃୟାରୀ ୧ରେ ରିଲିଜ ହେବାକୁ ଯାଉଛି। ୧୧୨ ମିନିଟ୍‌ର ଏହି ଫିଲ୍ମ ଭାରତରେ ମାର୍ଚ୍ଚରେ ଏବଂ ଅଷ୍ଟ୍ରେଲିଆରେ ଏପ୍ରିଲରେ ରିଲିଜ ହେବା କାର୍ଯ୍ୟକ୍ରମ ରହିଛି। ଉକ୍ତ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଆମେରିକୀୟ ନିର୍ଦ୍ଦେଶକ ଅନୀଶ ଡାନିଏଲ୍। ୧୯୯୦ ଶେଷଭାଗରେ ଗ୍ରାମୀଣ ଭାରତର ସାମାଜିକ ଜୀବନ ଦୋହଲିଯାଇଥିବାବେଳେ ଖବରଦାତା ମାନବ ବାନାର୍ଜୀ (ବଲିଉଡ୍‌ର ଶର୍ମନ୍ ଜୋଷୀ) ଉନ୍ନତମାନର ଜୀବନଯାପନ ପାଇଁ ଓଡିଶାର ଏକ ସହରକୁ ଚାଲିଯାଆନ୍ତି। ଅଷ୍ଟ୍ରେଲୀୟ ମିସନାରି ଗ୍ରାହାମ ଷ୍ଟେନ୍ସ ଗରିବ ଓ କୁଷ୍ଠରୋଗୀଙ୍କ ସେବା ଆଳରେ ଧର୍ମାନ୍ତରୀକରଣ କରାଉଥିବା କଳ୍ପନାଜଳ୍ପନା ପ୍ରକାଶ ପାଇବା ପରେ ଏହି ଘଟଣାର ତଦନ୍ତମୂଳକ ରିପୋର୍ଟ ପାଇଁ ଶର୍ମନ୍ ଆଗ୍ରହୀ ହୋଇପଡନ୍ତି। ପରିଶେଷରେ ସତ୍ୟ ଓ ତଥ୍ୟ ପ୍ରକାଶ ପରେ ଗ୍ରାହାମ ଷ୍ଟେନ୍ସଙ୍କ ଜୀବନର ଏକ ଦୁଃଖଦାୟକ ଯବନିକା ଘଟେ ଯାହା ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ହୋଇପଡେ। ଏଥିରେ ଗ୍ରାହାମ୍ ଷ୍ଟେନ୍ସ ଭୂମିକାରେ ଆମେରିକୀୟ ଅଭିନେତା ବାଲ୍ଡୱିନ୍ ଏବଂ ତାଙ୍କ ପତ୍ନୀ ଗ୍ଲାଡିସ୍ ଷ୍ଟେନ୍ସ ଭୂମିକାରେ ଅଭିନେତ୍ରୀ ଶାରି ରିଗ୍‌ବାଏ ଅଭିନୟ କରିଛନ୍ତି। ସତ୍ୟ କାହାଣୀ ଉପରେ ଆଧାରିତ ଏହି ଫିଲ୍ମର ଅଧିକାଂଶ ଭାଗ ହାଇଦ୍ରାବାଦ୍‌ରେ ଶୁଟିଂ ହୋଇଛି। 'ଦି ଲିଷ୍ଟ ଅଫ୍ ଦିଜ୍' ନାମକ ଏହି ଫିଲ୍ମର ଏକ୍‌ଜିକ୍ୟୁଟିଭ୍ ପ୍ରଡ୍ୟୁସର ଅଛନ୍ତି ଭିକ୍ଟର ଆବ୍ରାହାମ୍। ପ୍ରେମ, ଆଶା ଏବଂ କ୍ଷମା ଭଳି ଶକ୍ତି କିପରି ଘୃଣା ଏବଂ ଅସୂୟାକୁ ପରାଜିତ କରିଥାଏ, ତାହା ଉକ୍ତ କାହାଣୀରେ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି। ୧୯୯୯ ଜାନୁୟାରୀ ୨୨-୨୩ର ସେହି କାଳରାତ୍ରି। ଅଷ୍ଟ୍ରେଲିଆରେ ଜନ୍ମିତ ଖ୍ରୀଷ୍ଟିଆନ୍ ମିଶନାରି ଗ୍ରାହାମ ଷ୍ଟିୱାର୍ଟ ଷ୍ଟେନ୍ସ (୫୮), ତାଙ୍କ ଦୁଇପୁତ୍ର ଫିଲିପ (୯) ଏବଂ ଟିମୋଥି(୭) ନିଜ ଷ୍ଟେଶନ୍ ୱାଗନ ମଧ୍ୟରେ ଶୋଇଥିବା ବେଳେ ସେଥିରେ ଅମାନୁଷିକ ଭାବେ ନିଆଁ ଲଗାଇ ଦିଆଯାଇଥିଲା। ଏହି ଘଟଣାର ମୁଖ୍ୟ ଖଳନାୟକ ଦାରା ସିଂ ଓରଫ୍ ରବୀନ୍ଦ୍ର କୁମାର ପାଲ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୨୦୦୩ ସେପ୍ଟେମ୍ବର ୨୨ରେ ରାଜ୍ୟ ପ୍ରୋଭିନ୍ସିଆଲ୍ କୋର୍ଟ ଦ୍ୱାରା ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା। ୨୦୦୫ରେ ଓଡ଼ିଶା ହାଇକୋର୍ଟ ଦଣ୍ଡ କୋହଳ କରି ଦାରାଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହିତ ଅନ୍ୟ ୧୧ଜଣଙ୍କୁ ଦଣ୍ଡମୁକ୍ତ କରିଥିଲେ।



# ପାକିସ୍ତାନ ରପ୍ତାନି କରୁଛି ମଣିଷ ଚୁଟି

**ଇସଲାମାବାଦ**



ଗତ ୫ବର୍ଷ ମଧ୍ୟରେ ପାକିସ୍ତାନ ଚାଇନାକୁ ୧ଲକ୍ଷ କିଲୋଗ୍ରାମରୁ ଅଧିକ ମଣିଷ ଚୁଟି ରପ୍ତାନି କରିଛି। ଏହାର ମୂଲ୍ୟ ୧୩ଲକ୍ଷ ୨ହଜାର ଆମେରିକୀୟ ଡଲାର ହେବ ବୋଲି ଆକଳନ କରାଯାଇଛି। ବାଣିଜ୍ୟ ଓ ବୟନ ମନ୍ତ୍ରଣାଳୟ ପକ୍ଷରୁ ନ୍ୟାଶନାଲ ଆସେମ୍ବ୍ଲିକୁ ଏହି ସୂଚନା ଦିଆଯାଇଛି। ଚାଇନାର ମେକ୍ ଅପ୍ ଇଣ୍ଡଷ୍ଟ୍ରିରେ ମାନବ ଚୁଟିର ଚାହିଦା ବୃଦ୍ଧିପାଉଥିବାରୁ ପାକିସ୍ତାନରୁ ଅଧିକ ପରିମାଣର କେଶ ରପ୍ତାନି ହୋଇଛି। ଏଥିସହିତ ଫ୍ୟାଶନ୍ ପାଇଁ କୃତ୍ରିମ କେଶ ବାନ୍ଧିବାର ଧାରା ବୃଦ୍ଧିପାଇବାରେ ଲାଗିଛି ବୋଲି ଜଣେ ବିଶିଷ୍ଟ ବିଉଟିସିଆନ୍ ଏ.ଏମ୍. ଚୌହାନ୍ ପ୍ରକାଶ କରିଛନ୍ତି। ଆହୁରି ମଧ୍ୟ ଚାଇନାରେ କେଶଜାତ ସାମଗ୍ରୀ ଉତ୍ପାଦନ କିଛିଦିନ ହେଲା ହ୍ରାସ ପାଇଛି। ଉନ୍ନତମାନର କେଶ ଆମେରିକା ଓ ଜାପାନକୁ ମଧ୍ୟ ରପ୍ତାନି ହେଉଛି। କାରଣ ଚିତ୍ତ ବିନୋଦନ ଶିଳ୍ପ ଲାଗି ପରଚୁଳର ଚାହିଦା ବୃଦ୍ଧିପାଇବାରେ ଲାଗିଛି।

## ଇତିହାସର ଆଇନାରେ

# ଜାନୁୟାରୀ ୨୦ର ପ୍ରମୁଖ ଘଟଣା

୧୯୮୯ ଜାନୁୟାରୀ ୨୦ରେ ଆମେରିକାର ୪୧ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ଜର୍ଜ ଏଚ୍.ଡବ୍ଲ୍ୟୁ. ବୁଶ୍। ତାଙ୍କର ପୂରାନାମ ହେଉଛି ଜର୍ଜ ହରବର୍ଟ ୱାକର ବୁଶ୍। ରାଷ୍ଟ୍ରପତି ଭାବରେ ତାଙ୍କର କାର୍ଯ୍ୟକାଳ ୧୯୮୯ରୁ ୧୯୯୩। ୧୯୮୧ରୁ ୧୯୮୯ ସେ ଆମେରିକାର ୪୩ତମ ଉପରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥିଲେ। ରିପବ୍ଲିକାନ୍ ପାର୍ଟି ସଦସ୍ୟ ଭାବରେ ସେ ପୂର୍ବରୁ ଜଣେ କଂଗ୍ରେସମ୍ୟାନ୍, ଆମ୍ବାସଡର, ସିଆଇଏ ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ପବ୍ଲିକ୍ ସର୍ଭିସ୍‌ରେ ଥିବା ବେଳେ ସେ ଜର୍ଜ ବୁଶ୍ ନାମରେ ପରିଚିତ ଥିଲେ। କିନ୍ତୁ ତାଙ୍କ ପୁତ୍ର ଜର୍ଜ ଡବ୍ଲ୍ୟୁ. ବୁଶ୍ ୨୦୦୧ରେ ୪୩ତମ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ସେ 'ଜର୍ଜ ଏଚ.ଡବ୍ଲ୍ୟୁ. ବୁଶ୍', 'ବୁଶ୍ ୪୧' ଏବଂ 'ଜର୍ଜ ବୁଶ୍ ସିନିୟର' ନାମରେ ପରିଚିତ ହେଲେ।

୧୮୪୧ ଜାନୁୟାରୀ ୨୦ରେ ହଂକଂ ଦ୍ୱୀପକୁ ଅଧିକାର କଲା ବ୍ରିଟିଶ। ହଂକଂର ଦକ୍ଷିଣ ଭାଗରେ ଅବସ୍ଥିତ ଏହି ଦ୍ୱୀପର ଲୋକସଂଖ୍ୟା ୨୦୦୮ ସୁଦ୍ଧା ୧,୨୮୯,୫୦୦ ଏବଂ ଜନସଂଖ୍ୟା ସାନ୍ଦ୍ରତା ପ୍ରତି ବର୍ଗ କିଲୋମିଟରରେ ୧୬,୩୯୦। ପ୍ରଥମ ଅଫିମ ଯୁଦ୍ଧ ସମୟରେ ବ୍ରିଟେନ୍ ଏହି ଦ୍ୱୀପକୁ ଅଧିକାର କରିବା ପରେ ପାଖାପାଖି ୩,୦୦୦ ବାସିନ୍ଦା ସ୍ଥାନାନ୍ତର ହୋଇଥିଲେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

କ୍ର.ସଂ. (୧) ଇ-ଟେଣ୍ଡର ନଂ. ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୨୩୩-୧୮-୧୯, ତାରିଖ: ୧୫।୦୧।୨୦୧୯
**କାର୍ଯ୍ୟ:** ବିଳାସପୁର ଡିଭିଜନର ସିନିୟର ଡିଇଏନ୍/ସେଣ୍ଟ୍ରାଲଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ରେଳଧାରଣା କଡ଼ରେ ସୀମା ପ୍ରାଚୀର ନିର୍ମାଣ। **ଟେଣ୍ଡର ମୂଲ୍ୟ (ଟଙ୍କାରେ):** ₹୪,୫୯,୧୨,୩୮୬/-, **ଇଏମ୍‌ଡି (ଟଙ୍କାରେ):** ₹୩,୭୯,୬୦୦/-। **ସମାପ୍ତି ଅବଧି:** ୦୮ ମାସ। **ଟେଣ୍ଡର ଦାଖଲର ଆରମ୍ଭ ତାରିଖ:** ତା୨୮।୦୧।୨୦୧୯ରିଖ ୧୧.୦୦ ଘଟିକାରୁ । **ଟେଣ୍ଡର ଦାଖଲର ଶେଷ ତାରିଖ:** ତା୧୧।୦୨।୨୦୧୯ରିଖ ୧୧.୦୦ ଘଟିକା। ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍ **https://www.ireps.gov.in** ରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣଯୋଗ୍ୟ ହେବନାହିଁ।

**ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.)/ବିଏସ୍‌ପି**
**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଳାସପୁର**
CPR/10/351
ସ୍ୱଚ୍ଛ ଭାରତ ଅଭିଯାନ

**OFFICE OF THE BHAGIRATHIPUR S.C.S. LTD. (P.A.CS)**

**Regd. No. 101CU/Dt. 16.03.1955**
**At: Bhagirathipur, Po- :Arakhapatna, Athagarh, Dist: Cuttack Under A.R.C.S, Athagarh Circle, Athagarh**

**ADVERTISEMENT**

One post of Chief Executive of Bhagirathipur SCS Ltd., under Athagarh Block, Athagarh filled up by way of direct recruitment on mark basis.

**Eligibility and Educational Qualification**

The candidate must belongs to the area of operation of the society, if eligible candidates are not available in the area of operation society preference to be given to the candidate of concerned block and then district area.

The candidate must be a graduate in any discipline from any recognized University with Computer proficiency.

Preference shall be given to the candidate having HDCM/MA/M.Sc/M.Com MCA/ MBA/LLM/BBA/BCA/Diploma in Comp. Management and computer application from a recognized University.

The age of the candidate should not be less than 21 years or more than 32 years as on dt. 01.04.2019 provided that the upper age limit shall be 37 years in respect of persons belonging to SC / ST / SEBC / PH and ex-service man. The upper age limit shall be 45 years in respect of persons employed in any coop. society.

**Scale of Pay:** Rs. 5200-20200 with grade pay Rs. 1900/- subject to fulfilment of condition as laid down in the order No. 18672 Dt. 31.07.2010 of the R.C.S. Odisha, Bhubaneswar.

Application form can obtained in person from the Secretary of the Society on payment of Rs. 100/- ( Rupees One Hundred ) only from Dt.19.01.2019 to Dt. 02.02.2019 during 11 A.M to 2 PM (except holidays) at Office of the B.R. Pur SCS Ltd. Bhagirathipur.

The duly filled in Application along with required documents and receipt in support of deposit of requisite fee should be submitted to the Society in person and obtained the acknowledgement receipt from Dt. 01.02.2019 to Dt. 02.02.2019 during 11 A.M to 5 P.M (except holiday) at office of the B.R. Pur SCS, Bhagirathipur.

**N.B- (a)** Application received after stipulated date & time or incomplete application shall not be entertained., **(b)** The employee shall be bound to furnish security according to such standard and such term may be prescribed by the management of the Society from time to time., **(c)** The management of the society reserves all rights to amend / alter/ cancel, the requirement process at any time without assigning any reason thereof.

**By order of the President**
**Sd./- Secretary, Bhagirathipur, S.C.S. Ltd.**

## ଖେଳ ଖବର

# ରେକର୍ଡ ବିଜୟ ସହ ସେମିରେ ସୌରାଷ୍ଟ୍ର

**ଲକ୍ଷ୍ନୌ, ୧୯।୧ (ପି.ଟି.):** ହାର୍ଭିକ ଦେଶାଇଙ୍କ କ୍ୟାରିୟରର ପ୍ରଥମ ଶତକ ବଳରେ ସୌରାଷ୍ଟ୍ର ରଣଜୀ ଟ୍ରଫି ଇତିହାସରେ ରେକର୍ଡ ରନ୍‌ର ପିଛା କରି ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଚାଲିଥିବା ଉତ୍ତରପ୍ରଦେଶ (ୟୁପି) ବିପକ୍ଷ ମ୍ୟାଚ୍‌କୁ ସୌରାଷ୍ଟ୍ର ଦଳ ୬ ଉଇକେଟରେ ଜିତିଛି। ୩୭୨ ରନ୍‌ର ରେକର୍ଡ ବିଜୟ ଲକ୍ଷ୍ୟକୁ ସୌରାଷ୍ଟ୍ର ମାତ୍ର ୪ ଉଇକେଟ ହରାଇ ହାସଲ କରିନେଇଛି। ଏଥିପୂର୍ବରୁ ୨୦୦୮-୦୯ ସିଜନରେ ସର୍ଭିସେସ୍ ବିପକ୍ଷ ମ୍ୟାଚ୍‌ରେ ଆସାମ ୩୭୧ ରନ୍ ଟାର୍ଗେଟର ପିଛା କରି ବିଜୟ ଲାଭ କରିଥିଲା, ଯାହା ପୂର୍ବରୁ ରଣଜୀ ଟ୍ରଫିରେ ରେକର୍ଡ ଚେଜ୍ ଥିଲା। ଏଥିସହ ଚଳିତ ରଣଜୀ ଟ୍ରଫି ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ବିଦର୍ଭ ଓ କେରଳ ମଧ୍ୟରେ ପ୍ରଥମ ସେମିଫାଇନାଲ, ସେହିଭଳି ସୌରାଷ୍ଟ୍ର ଓ କର୍ନାଟକ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ।

# ରାହାନେ ଭାରତ ଏ' ଅଧିନାୟକ

**ନୂଆଦିଲ୍ଲୀ, ୧୯।୧ (ପି.ଟି.)**

ଜାନୁୟାରୀ ୨୩ରୁ ଆରମ୍ଭ ହେବାକୁଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଘରୋଇ ସିରିଜର ପ୍ରଥମ ତିନୋଟି ମ୍ୟାଚ୍ ପାଇଁ ଅଜିଙ୍କ୍ୟ ରାହାନେଙ୍କୁ ଭାରତ ଏ' କ୍ରିକେଟ ଦଳର ଅଧିନାୟକ ଭାବେ ମନୋନୀତ କରାଯାଇଛି। ଶେଷ ଦୁଇଟି ମ୍ୟାଚରେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଖେଳିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସିନିୟର ସିଲେକ୍ସନ କମିଟି ବୈଠକରେ ଲାୟନ୍ସ ଦଳ ବିପକ୍ଷ ୫ ଦିନିକିଆ ପାଇଁ ଘୋଷଣା କରାଯାଇଥିଲା। ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜରୁ ଭାରତୀୟ ଦଳରୁ ପନ୍ତ୍ ବାଦ୍ ପଡ଼ିଥିଲେ। କିନ୍ତୁ ଟେଷ୍ଟ ସିରିଜରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଆସନ୍ତା ବିଶ୍ୱକପ୍ ପାଇଁ ସେ ଚୟନକର୍ତ୍ତାଙ୍କ ନଜରରେ ରହିଛନ୍ତି। ଏହି ହାର୍ଡ ହିଟିଂ ବ୍ୟାଟ୍ସମ୍ୟାନ ନ୍ୟୁଜିଲାଣ୍ଡ ଗସ୍ତ କରିବା ପୂର୍ବରୁ ଜାନୁୟାରୀ ୨୯ ଓ ୩୧ରେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଦୁଇଟି ମ୍ୟାଚ ଖେଳିବେ। ନ୍ୟୁଜିଲାଣ୍ଡରେ ଭାରତୀୟ ଦଳ ଫେବୃୟାରୀ ୬ରୁ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳିବା କାର୍ଯ୍ୟକ୍ରମ ରହିଛି। ଅଭ୍ୟାସ ପାଇଁ ଟେଷ୍ଟ ଉପଅଧିନାୟକ ଅଜିଙ୍କ୍ୟ ରାହାନେଙ୍କୁ ପ୍ରଥମ ୩ ଦିନିକିଆ ପାଇଁ ଭାରତ ଏ' ଦଳରେ ସାମିଲ କରାଯାଇଛି। ଶ୍ରେୟାସ ଆୟାର ଓ ଶାର୍ଦ୍ଦୁଳ ଠାକୁରଙ୍କ ସମେତ ଅଷ୍ଟ୍ରେଲିଆରେ ଐତିହାସିକ ଟେଷ୍ଟ ସିରିଜ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିବା ହନୁମା ବିହାରୀଙ୍କ ଆକ୍ସନ ମଧ୍ୟ ଦେଖିବାକୁ ମିଳିବ। ମହାରାଷ୍ଟ୍ର ବ୍ୟାଟ୍ସମ୍ୟାନ ଅଙ୍କିତ ବାଓନେ ଶେଷ ଦୁଇଟି ଗେମ୍‌ରେ ଅଧିନାୟକତ୍ୱ କରିବେ। ତାଙ୍କୁ ଆହୁରି ମଧ୍ୟ ଜାନୁୟାରୀ ୨୦ରେ ଖେଳାଯିବାକୁଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଏକ ୱାର୍ମଅପ୍ ମ୍ୟାଚ ପାଇଁ ବୋର୍ଡ ସଭାପତି ଏକାଦଶରେ ସାମିଲ କରାଯାଇଛି।

# ପାକିସ୍ତାନ ବିଜୟୀ

**ପୋର୍ଟ ଏଲିଜାବେଥ୍, ୧୯।୧ (ଏଏଫ୍‌ପି):** ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ପାକିସ୍ତାନ ୫ ଉଇକେଟରେ ଜିତିନେଇଛି। ଏଥିସହିତ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ୨୬୭ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭ୍ରମଣକାରୀ ଦଳ ୪୯.୧ ଓଭରରେ ୫ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଦଳ ପକ୍ଷରୁ ଓପନର ଇମାମୁଲ ହକ୍ ୮୬ ରନ ଓ ବାବର ଆଜାମ ୪୯ ରନ କରିଥିବାବେଳେ ମହମ୍ମଦ ହାଫିଜ୍ ୭୧ ରନ କରି ଅପରାଜିତ ଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ହାଶିମ ଅମ୍ଲାଙ୍କ ଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୨ଉଇକେଟ ହରାଇ ୨୬୬ ରନ କରିଥିଲା। ଅମ୍ଲା (୧୦୮*) ପ୍ରଥମ ଉଇକେଟରେ ରିଜା ହେଣ୍ଡ୍ରିକ୍ସ (୪୫)ଙ୍କ ସହ ୮୨ରନ ଏବଂ ଦ୍ୱିତୀୟ ଉଇକେଟ୍‌ରେ ପଦାର୍ପଣକାରୀ ରସି ଭାନ୍ ଡର୍ ଡସେନ୍ (୯୩)ଙ୍କ ସହ ଦ୍ୱିତୀୟ ଉଇକେଟ ପାର୍ଟନରଶିପ୍‌ରେ ୧୫୫ ରନ ଯୋଗ କରିଥିଲେ।
ସଂକ୍ଷିପ୍ତ ସ୍କୋର:ଦକ୍ଷିଣ ଆଫ୍ରିକା-୫୦ ଓଭରରେ ୨୬୬/୨ (ହାଶିମ୍ ଅମ୍ଲା-୧୦୮*, ରେସି ଭାନ୍‌ଡର ଡୁସାନ୍-୯୩, ରିଜା ହେଣ୍ଡ୍ରିକ୍ସ-୪୫, ଶାଦାବ ଖାଁ-୧/୪୧)। ପାକିସ୍ତାନ-୪୯.୧ ଓଭରରେ ୨୬୭/୫ (ଇମାମୁଲ ହକ୍-୮୬, ମହମ୍ମଦ ହାଫିଜ୍-୭୧*, ବାବର ଆଜାମ୍-୪୯, ଡୁଆନେ ଅଲିଭର-୨/୭୩)।

# ଆନ୍ତଃସ୍କୁଲ କ୍ରିକେଟ: ମଦର୍ସ ପବ୍ଲିକ ସ୍କୁଲ, ପ୍ରଭୁଜୀ ବିଜୟୀ

**ଭୁବନେଶ୍ୱର, ୧୯।୧(ସ୍ପୋର୍ଟ୍ସ ବ୍ୟୁରୋ):** ଦି ଭେଟେରାନ୍ସ କ୍ରିକେଟ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୭ତମ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ୨ଟି ମ୍ୟାଚ୍‌ରେ ମଦର୍ସ ପବ୍ଲିକ ସ୍କୁଲ ଓ ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ ବିଜୟୀ ହୋଇଛନ୍ତି। ଦିବସର ପ୍ରଥମ ମ୍ୟାଚ୍‌ରେ ପ୍ରଭୁଜୀ ୫୫ ରନରେ ସେଣ୍ଟ କର୍ନଭେଟ୍ ସ୍କୁଲକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମଦର୍ସ ପବ୍ଲିକ ସ୍କୁଲ ୨୨ ଓଭରରେ ୧୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ କର୍ନଭେଟ ସ୍କୁଲ ୧୧୬ ରନ କରିବାକୁ ସମର୍ଥ ହୋଇଥିଲା। ୨ୟ ମ୍ୟାଚ୍‌ରେ ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ ୪୮ ରନରେ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ପ୍ରଭୁଜୀ ଟିମ୍ ଅମିକ୍ ଆଦିତ୍ୟ ଦାସ (୬୭ ରନ)ଙ୍କ ଅର୍ଦ୍ଧଶତକ ବଳରେ ୨୨ ଓଭରରେ ୩ ଉଇକେଟ୍ ହରାଇ ୧୫୩ ରନ କରିଥିଲା। ଜବାବରେ ଭେଙ୍କଟେଶ୍ୱର ୨୦ ଓଭରରେ ୧୦୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅମିକ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ।

# କେନ୍ଦ୍ରାପଡ଼ା-ପୁରୀ ଫାଇନାଲ





ମ୍ୟାଚ୍ ଅବସରରେ ପୁରୀ ୱେଭର୍ସ ଓ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଦଳର ଖେଳାଳିମାନେ।

**ଓଡ଼ିଶା ଟେନିସ ପ୍ରିମିୟର ଲିଗ୍**

**ଭୁବନେଶ୍ୱର, ୧୯।୧(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨ୟ ଓଡ଼ିଶା ଟେନିସ ପ୍ରିମିୟର ଲିଗ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ସମ୍ବଲପୁର ଶୁଟର୍ସକୁ ହରାଇ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଏବଂ ଅନୁଗୋଳ ଏସର୍ସକୁ ହରାଇ ପୁରୀ ୱେଭର୍ସ ଫାଇନାଲରେ ପ୍ରବେଶ କରିଛି। ରବିବାର କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଓ ପୁରୀ ୱେଭର୍ସ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ ସେମିଫାଇନାଲରେ କେନ୍ଦ୍ରାପଡ଼ା ୨୫-୨୪ ପଏଣ୍ଟରେ ସମ୍ବଲପୁର ଶୁଟର୍ସକୁ ପରାସ୍ତ କରିଛି। ସମ୍ବଲପୁରର ଏସ.ଡି. ପ୍ରଜ୍ୱଳ ଦେବ କେନ୍ଦ୍ରାପଡ଼ାର ଜଗମିତ ସିଂଙ୍କୁ ୭-୨, କେନ୍ଦ୍ରାପଡ଼ାର ଆଲେକ୍ସ ସୋଲାଙ୍କି ୭-୨ରେ ଆଦିତ୍ୟ ଶତପଥୀଙ୍କୁ, ନିଶାନ୍ତ ଗୋଏଲ-ଜଗମୀତ ସିଂ ଯୋଡ଼ି ୭-୧ରେ ଦିଲୀପ ମହାନ୍ତି-ଆଦିତ୍ୟ ଶତପଥୀ ଯୋଡ଼ିଙ୍କୁ ହରାଇଥିବାବେଳେ ସମ୍ବଲପୁର ଶୁଟର୍ସର ଆୟୁଷି ତନ୍‌ୱାର ୭-୫ରେ କେନ୍ଦ୍ରାପଡ଼ାର ଅଭିକା ସଗୱାଲଙ୍କୁ ଏବଂ ଏସ.ଡି. ପ୍ରଜ୍ୱଳ-ଆୟୁଷି ତନ୍‌ୱାର ଯୋଡ଼ି ୭-୪ରେ ଅଭିକା ସଗୱାଲ-ଆଲେକ୍ସ ସୋଲାଙ୍କିଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ପୁରୀ ୱେଭର୍ସ ୩୦-୧୮ରେ ଅନୁଗୋଳ ଏସର୍ସକୁ ହରାଇ ଦେଇଛି। ପୁରୀ ୱେଭର୍ସର ସୁରଜ ଆର. ପ୍ରବୋଧ ୭-୨ରେ ଅନୁଗୋଳ ଏସର୍ସର ସାହିଲ ଗାୱାରେଙ୍କୁ, ଆଶୁତୋଷ ଦାସ ୭-୨ରେ ସୈଫ ଅଲୀଙ୍କୁ ଏବଂ ସୁରଜ-ଜଗଦୀଶ ତନ୍‌ୱାର ଯୋଡ଼ି ଅମିତ ବେନିୱାଲ-ସ୍ରଭ୍ୟା ଶିବାନୀ ଚିକୋଲାପୁଡ଼ିଙ୍କୁ ପରାସ୍ତ କରିଛନ୍ତି। ସେହିପରି ଅନୁଗୋଳ ଏସର୍ସର ସ୍ରଭ୍ୟା ଶିବାନୀ ଚିକୋଲାପୁଡ଼ି ୭-୩ରେ ପୁରୀ ୱେଭର୍ସର ଅନମ ଆଲମାସଙ୍କୁ ଏବଂ ଅମିତ ବେନିୱାଲ-ସ୍ରଭ୍ୟା ଶିବାନୀ ଚିକୋଲାପୁଡ଼ି ଯୋଡ଼ି୭-୬(୫)ରେ ଜଗଦୀଶ ତନ୍‌ୱାର-ଅନମ ଆଲମାସଙ୍କୁ ହରାଇ ଦେଇଛନ୍ତି।








ମହାରାଷ୍ଟ୍ର ପୋଲିସର ଆତଙ୍କବାଦ ନିରୋଧୀ ସ୍କ୍ୱାଡ ପଡୋଶୀ ପାଲଘର ଜିଲାରୁ ୫ଜଣ ବାଂଲାଦେଶୀଙ୍କୁ ଗିରଫ କରିଛି। ସେମାନେ ବେଆଇନ ଭାବରେ ଦେଶ ଭିତରକୁ ପ୍ରବେଶ କରିଥିବା ଅଭିଯୋଗ ହୋଇଥିଲା।

# କୃଷକଙ୍କୁ ମିଳୁ ସମ୍ମାନ:ରାଜ୍ୟପାଳ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ମନୁଷ୍ୟ ଜୀବନଧାରଣ ପାଇଁ ମାଟି ଓ ପାଣି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ମାଟିର ସ୍ୱାସ୍ଥ୍ୟରକ୍ଷା ପାଇଁ ବିଶେଷ ଧ୍ୟାନ ଦେବା ଦରକାର । ମାତ୍ର ବାସ୍ତବରେ ତାହା ହେଉ ନାହିଁ । ମାଟି ଓ ପାଣ ପ୍ରଦୂଷିତ ହେଉଛି । ମାଟି ଶୁଦ୍ଧୀକରଣକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପରାମର୍ଶ ଦେଇଛନ୍ତି । ବରମୁଣ୍ଡାଠାରେ ଅନୁଷ୍ଠିତ କୃଷି ଓଡ଼ିଶା ସମାରୋହର ଉଦ୍ୟାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ, କୃଷକମାନଙ୍କ ଜୀବିକା ଓ ଜୀବନଧାରଣ ମାନରେ ଉନ୍ନତି ହେବା ଦରକାର । କୃଷି କ୍ଷେତ୍ରର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧ କାର୍ଯ୍ୟକ୍ରମ ଓ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହାର ସୁଫଳ ଚାଷୀଙ୍କ ପାଖରେ ପହଞ୍ଚିବା ଦରକାର ବୋଲି ରାଜ୍ୟପାଳ କହିଛନ୍ତି । ପୃଥିବୀକୁ ମା' ସମାନ ଆଦର କରିବା ସହିତ କୃଷକମାନେ ଯେପରି ଉଚିତ ସମ୍ମାନ ପାଇବେ ସେ ଦିଗରେ ସମସ୍ତେ ଯତ୍ନବାନ୍ ହେବା ଆବଶ୍ୟକ। କୃଷକମାନଙ୍କର ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ କୃଷିବୈଜ୍ଞାନିକ ଓ ପ୍ରଶାସନ ସ୍ତରରେ ପ୍ରଚେଷ୍ଟା ଜାରି ରହିବା ଦରକାର । ଫଳରେ ଚାଷୀ ଆତ୍ମହତ୍ୟା ଭଳି ଘଟଣା ଶୁଣିବାକୁ ମିଳିବ ନାହିଁ ବୋଲି ରାଜ୍ୟପାଳ କହିଛନ୍ତି। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ, ଧାନ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ଅଗ୍ରଗତି ଘଟିବା ଯୋଗୁ ରାଜ୍ୟ ଏକ ବଳକା ରାଜ୍ୟରେ ପରିଗଣିତ ହେବା ସହିତ କୃଷି କର୍ମଣ ପୁରସ୍କାର ଲାଭ କରୁଛି ବୋଲି ପାତ୍ର କହିଛନ୍ତି । ଅର୍ଥ ମନ୍ତ୍ରୀ ଶଶିଭୂଷଣ ବେହେରା ଉତ୍ସବରେ ପୌରୋହିତ୍ୟ କରି କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଦ୍ୱାରା କୃଷିକୁ ପ୍ରାଧାନ୍ୟ ଦେଇ ସ୍ୱତନ୍ତ୍ର କୃଷି କ୍ୟାବିନେଟ୍, ସ୍ୱତନ୍ତ୍ର କୃଷି ବଜେଟ୍ ଏବଂ ବଜେଟ୍‌ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ପ୍ରତିବର୍ଷ ଅଧିକରୁ ଅଧିକ ଅର୍ଥ ବ୍ୟବସ୍ଥା ଫଳରେ କୃଷିରେ ପ୍ରଭୂତ ଉନ୍ନତି ଘଟିଛି ଏବଂ ଯୁବକମାନେ ଚାକିରି ପଛରେ ନ ଧାଇଁ କୃଷିକୁ ଆପଣେଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ରାଜ୍ୟ ସରକାର ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ସମ୍ପ୍ରତି 'କାଳିଆ' ଯୋଜନା ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ତଥା ଭୂମିହୀନ ଚାଷୀଙ୍କ ଭିତରେ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଚାଷୀଙ୍କୁ ରାଜ୍ୟପାଳ ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ୫ ଦିନ ବ୍ୟାପୀ ଆୟୋଜିତ ପ୍ରଦର୍ଶନୀରେ ଶ୍ରେଷ୍ଠ ମଣ୍ଡପଗୁଡ଼ିକୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଉତ୍ସବ ଶେଷ ଦିବସରେ 'ଷ୍ଟ୍ରେଙ୍ଗଦେନିଂ ଲଜିଷ୍ଟିକ, କୋଲ୍ଡ ଚେନ ଆଣ୍ଡ ୱେରହାଉସ' ବିଷୟରେ ଆଲୋଚନା ହୋଇଥିଲା।




କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଉଛନ୍ତି ରାଜ୍ୟପାଳ ଗଣେଶୀ ଲାଲ ।

**କୃଷି ଓଡ଼ିଶା-୨୦୧୯ ଉଦ୍‌ଯାପିତ**



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

## ଢଗଢମାଳି

**ଓର ଉଣ୍ଡି ବସିଥା,**
**ବେଳ ଦେଖି ହଗିଯା ।**

ପେଟ ସଫା ବା ପରିଷ୍କାର ରହିଲେ ଦେହ ସୁସ୍ଥ ରହିଥାଏ। ସାଧାରଣତଃ ଝାଡ଼ା ପରିଷ୍କାର ନ ହେଲେ ଭୋକ ଲାଗି ନ ଥାଏ ଓ ଦେହ ମଧ୍ୟ ଦୁର୍ବଳ ଲାଗିଥାଏ। ତେଣୁ ଦେହକୁ ସୁସ୍ଥ ନୀରୋଗ ରଖିବା ପାଇଁ ହେଲେ ଏଥିପ୍ରତି ଯତ୍ନଶୀଳ ହେବା ନିତାନ୍ତ ଆବଶ୍ୟକ। ସେଥିପାଇଁ ନିୟମିତ ଭାବେ ଏକ ନିର୍ଦ୍ଦିଷ୍ଟ ସମୟରେ ଅଭ୍ୟାସ କରି ଝାଡ଼ାଯିବା ଉଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଲେଇର ଦରଦର କଞ୍ଚା,**
**ହାଣ୍ଡିଖାଇର ଦରଦର ସିଝା ।**

ଅସ୍ଥିର ପ୍ରକୃତି ବ୍ୟକ୍ତିଙ୍କର କାର୍ଯ୍ୟଶୈଳୀ ବେଢ଼ଙ୍ଗିଆ ହୋଇଥାଏ। ତରତର ସ୍ୱଭାବ ଯୋଗୁ ତାଙ୍କଦ୍ୱାରା କୌଣସି କାର୍ଯ୍ୟ ଠିକ୍ ଭାବେ ହୋଇପାରି ନ ଥାଏ। ଅସ୍ଥିର ଚିତ୍ତ ଯୋଗୁ ସେମାନେ ସବୁବେଳେ କ୍ଷତିରେ ପଡ଼ିଥାନ୍ତି ଓ ହେଉଥିବା କାର୍ଯ୍ୟସବୁ ବିଗିଡ଼ି ଯାଇଥାଏ। ସେହିପରି ଖାଦ୍ୟଲୋଭୀ ବ୍ୟକ୍ତି କେବେ ଭୋକ ସମ୍ଭାଳି ରହିପାରି ନ ଥାନ୍ତି। ଖାଦ୍ୟ ଭଲଭାବେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଅପେକ୍ଷାକରିବା ସେମାନଙ୍କ ପକ୍ଷେ କାଠିକର ପାଠ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ସଂକ୍ଷେପରେ**

## ଘନ କୁହୁଡ଼ି: ବିମାନ ଚଳାଚଳ ବାଧାପ୍ରାପ୍ତ

ଭୁବନେଶ୍ୱର,୧୯।୧(ବ୍ୟୁରୋ): ଭୁବନେଶ୍ୱରରେ ଶନିବାର ସକାଳେ ଘନ କୁହୁଡ଼ି ଯୋଗୁ ବିମାନସେବା ବାଧାପ୍ରାପ୍ତ ହୋଇଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବିମାନଗୁଡିକ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଚଳାଚଳ କରିଛି। ୫ ବିମାନ ବିଳମ୍ବରେ ଉଡ଼ାଣ କରିଥିବାବେଳେ ଦିଲ୍ଲୀ-ଭୁବନେଶ୍ୱର ଇଣ୍ଡିଗୋ ବିମାନର ଗତିପଥକୁ ବଦଳାଇ ଦିଆଯାଇଥିଲା। ମିଳିଥିବା ସୂଚନାନୁସାରେ, କୁହୁଡ଼ି ପାଇଁ ଭୁବନେଶ୍ୱର ବିମାନବନ୍ଦରରୁ ଏୟାର ଇଣ୍ଡିଆର ଭୁବନେଶ୍ୱର-ଦିଲ୍ଲୀ ବିମାନ ବିଳମ୍ବରେ ଯାତ୍ରା କରିଥିଲା। ଦିଲ୍ଲୀରୁ ଭୁବନେଶ୍ୱର ଆସିବାକୁ ଥିବା ଇଣ୍ଡିଗୋ ବିମାନ (ନଂ.୨୨୧୪)କୁ ଭୋର୍ ୪ଟା ୩୭ ସମୟରେ ଭୁବନେଶ୍ୱର ପରିବର୍ତ୍ତେ କଲିକତାକୁ ଡାଇଭର୍ଟ କରାଯାଇଥିଲା। ତେବେ କୁହୁଡ଼ି ଦୂର ହେବାପରେ ସକାଳ ୯ଟା ୧୦ରେ ଏହି ବିମାନ ଆସି ଭୁବନେଶ୍ୱରରେ ପହଞ୍ଚିଥିଲା। ଏହାବ୍ୟତୀତ ଏୟାର ଏସିଆର କଲିକତା-ଭୁବନେଶ୍ୱର ବିମାନ କୁହୁଡ଼ି ଯୋଗୁ ବିଳମ୍ବରେ ଅର୍ଥାତ୍ ୧୧ଟା ୧୯ରେ ଭୁବନେଶ୍ୱରରେ ପହଞ୍ଚିଥିଲା। ସେହିପରି ଇଣ୍ଡିଗୋର କଲିକତା-ଭୁବନେଶ୍ୱର-ଗୌହାଟୀ ବିମାନ, ଚେନ୍ନାଇ-ଭୁବନେଶ୍ୱର-ବେଙ୍ଗାଲୁରୁ ବିମାନ ଓ କୋଚି-ଭୁବନେଶ୍ୱର-କୋଚି ବିମାନ ବିଳମ୍ବରେ ଚଳାଚଳ କରିଥିଲା।

## ପୁରୀ ବନ୍ୟପ୍ରାଣୀ ବନଖଣ୍ଡରେ ଡଲ୍‌ଫିନ ଶୂନ

ପୁରୀ ଅଫିସ/କାକଟପୁର/ବ୍ରହ୍ମଗିରି/ କୋଣାର୍କ,(ଡି.ଏନ.ଏ.)୧୯।୧

ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଡଲ୍‌ଫିନ ନାହାନ୍ତି। ଶନିବାର ହୋଇଥିବା ଗଣତିରୁ ଏହା ସ୍ପଷ୍ଟ ହୋଇଛି। ପୁରୀ ବନଖଣ୍ଡ ଅଧୀନରେ ୫ଟି ରେଞ୍ଜ୍ ବ୍ରହ୍ମଗିରି, ବାଲୁଖଣ୍ଡ, କୋଣାର୍କ, ଗୋପ ଓ ଅସ୍ତରଙ୍ଗ ରହିଛି। ଏଥିମଧ୍ୟରୁ ଗୋପ ରେଞ୍ଜ୍‌ରେ ଡଲ୍‌ଫିନ ରହିବା ଲାଗି କୌଣସି ଜଳାଶୟ ନ ଥିବାରୁ ଅନ୍ୟ ୪ଟି ରେଞ୍ଜ୍‌ରେ ଗଣତି କରାଯାଇଥିଲା। ଦେବୀ ମୁହାଣଠାରୁ ଅରଖକୁଦା ମୁହାଣ ପର୍ଯ୍ୟନ୍ତ ବ୍ୟାପୀ ଥିବା ଏହି ୪ଟି ରେଞ୍ଜ୍‌ରେ ଗୋଟିଏ ହେଲେ ବି ଡଲ୍‌ଫିନ ଦେଖିବାକୁ ମିଳି ନ ଥିବା ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି। ତେବେ ଏହି ଗଣତିରେ କୁହୁଡ଼ି ବାଧକ ସାଜିଥିଲା। ପୂର୍ବ ନିର୍ଦ୍ଧାରିତ ସକାଳ ୬ଟାରୁ ଗଣତି କରିବା ସମ୍ଭବ ହୋଇ ନ ଥିଲା। ସକାଳ ସାଢେ ୯ଟାରୁ ପ୍ରାୟ ସନ୍ଧ୍ୟା ପର୍ଯ୍ୟନ୍ତ ୧୦ଟି ଟିମ୍ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିବା ଡିଏଫ୍‌ଓ କହିଛନ୍ତି। ଗତବର୍ଷ କେଲୁଣି ମୁହାଣରେ ୫ଟି ବଟଲନୋଜ୍ ଡଲ୍‌ଫିନ ଦେଖିବାକୁ ମିଳିଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ଶୂନ୍ ରହିବାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅସ୍ତରଙ୍ଗ ରେଞ୍ଜ୍‌ରେ ୪ଟି, ବ୍ରହ୍ମଗିରି ରେଞ୍ଜ୍‌ରେ ଗୋଟିଏ, କୋଣାର୍କ ରେଞ୍ଜ୍‌ରେ ଗୋଟିଏ, ବାଲୁଖଣ୍ଡ ରେଞ୍ଜ୍‌ରେ ୪ଟି ଟିମ୍ ଗଣନାରେ ସାମିଲ ହୋଇଥିଲେ।

# ମଥୁରା ପହଞ୍ଚିଲେ କୃଷ୍ଣ, ବଳରାମ

ମଥୁରାନଗରୀ/ଗୋପପୁର,୧୯।୧

**ବରଗଡ଼ ଧନୁଯାତ୍ରା**



ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଧରି ଅକ୍ରୁର ମଥୁରା ଯାଉଛନ୍ତି।

ବରଗଡ଼ ଧନୁଯାତ୍ରା ମହୋତ୍ସବର ଶନିବାର ନବମ ଦିବସରେ ଅକ୍ରୁର କୃଷ୍ଣ ଓ ବଳରାମଙ୍କୁ ଧରି ମଥୁରା ରାଜ୍ୟର ଆଦିମାତା ମନ୍ଦିର(ଖଜୁରଟିକ୍ରା)ରେ ବିଶ୍ରାମ ନେଇଛନ୍ତି। ଏହାପରେ ଗୋପପୁର ଯାତ୍ରା ଶେଷ ହୋଇଛି। ଗୋପପୁର ଯାତ୍ରାର ଅନ୍ତିମ ଦିବସରେ ଅପରାହ୍ନ ପ୍ରାୟ ୪ଟାରେ ଅକ୍ରୁର ଶ୍ରୀକୃଷ୍ଣ, ବଳରାମଙ୍କୁ ଧରି ନନ୍ଦଭବନରୁ ବାହାରିଥିଲେ । ଗୋପପୁର ପରିକ୍ରମା କରି ଶ୍ରୀକୃଷ୍ଣ, ବଳରାମ ଗୋପ ମଣ୍ଡପକୁ ପହଞ୍ଚିଥିଲେ। ଗୋପମଣ୍ଡପ ଦୃଶ୍ୟାଭିନୟରେ ଅକ୍ରୁର ଶ୍ରୀକୃଷ୍ଣ, ବଳରାମଙ୍କୁ ମଥୁରା ନେବା ପାଇଁ ନନ୍ଦରାଜା ଓ ନନ୍ଦରାଣୀଙ୍କୁ କହିଥିଲେ। ମାତ୍ର ନନ୍ଦରାଣୀ, ନନ୍ଦରାଜା ବେନିଭାଇଙ୍କୁ ମଥୁରା ଛାଡ଼ିବାକୁ ଚାହିଁ ନ ଥିଲେ । ଧନୁଯାତ୍ରା ସାରି ୪ଦିନ ପରେ ମଥୁରାରୁ ଫେରି ଆସିବେ ବୋଲି ଶ୍ରୀକୃଷ୍ଣ ନନ୍ଦରାଣୀ ଓ ନନ୍ଦରାଜାଙ୍କୁ ବୁଝାଇଥିଲେ । ଶ୍ରୀରାଧା ମଧ୍ୟ କୃଷ୍ଣଙ୍କ ପଥରୋଧ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ବେନିଭାଇ ଗୋପପୁର ଛାଡ଼ିବା ପରେ ଶ୍ରୀରାଧାଙ୍କ ସମେତ ସମସ୍ତ ଗୋପାଳ ବାଳକ, ଗୋପୀ ଗୋପାଙ୍ଗନା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ।

ଅପରପକ୍ଷେ କଂସ ମହାରାଜ ଅନ୍ୟଦିନ ଭଳି ଶନିବାର ମଥୁରା ପରିଭ୍ରମଣ କରିଥିଲେ। ବାଟରେ ସେ ଆମ୍ରବନ (ଗୋବିନ୍ଦପାଲି)କୁ ଯାଇଥିଲେ ଏବଂ ସେଠାରେ ଶ୍ରୀକୃଷ୍ଣଙ୍କ ଆରାଧନାରତ ମୁନି ଋଷିଙ୍କ ଯଜ୍ଞ ମଣ୍ଡପ ଭାଙ୍ଗିଥିଲେ। ଏହା ସହିତ ମୁନିଋଷିଙ୍କୁ କାରାଗାରରେ ବନ୍ଦୀ କରିଥିଲେ । ଏହି ସମୟରେ ଶ୍ରୀକୃଷ୍ଣ, ବଳରାମ ମଥୁରା ପହଞ୍ଚିଥିବା ଖବର ପାଇ ମହାରାଜ କଂସ ଖୁସିରେ ଉତ୍‌ଫୁଲ୍ଲିତ ହୋଇ ନାଚଗୀତରେ ମସ୍‌ଗୁଲ୍ ହୋଇ ପଡ଼ିଥିଲେ ।

## ରାଜ୍ୟର ବିକାଶକୁ ଭାଜପା ସଂକଳ୍ପପତ୍ରରେ ଗୁରୁତ୍ୱ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ସଂକଳ୍ପପତ୍ର ପ୍ରସ୍ତୁତି ଆରମ୍ଭ କରିଛି। ରାଜ୍ୟର ସର୍ବାଙ୍ଗୀନ ବିକାଶକୁ ଏଥିରେ ଗୁରୁତ୍ୱ ଦିଆଯିବ। ସଂକଳ୍ପପତ୍ର କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏନେଇ ଶନିବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱଭୂଷଣ କହିଛନ୍ତି ଯେ, ଆଗାମୀ ଦିନରେ ଜନ ପରାମର୍ଶରେ ଭାଜପା ସଂକଳ୍ପ ପତ୍ର ବନାଇ ସେହି ଅନୁସାରେ କାର୍ଯ୍ୟ କରାଯିବ।

## ଜ୍ୱାଇଁଙ୍କ ମାଡ଼ରେ ଶ୍ୱଶୁର ମୃତ

ପଟ୍ଟାଙ୍ଗି,୧୯।୧(ଡି.ଏନ୍.ଏ.): କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ତଥା ସୁଙ୍କି ଫାଣ୍ଡି ଅଧୀନସ୍ଥ ରାବାଲପାଡୁ ଗ୍ରାମରେ ଶ୍ୱଶୁରଙ୍କୁ ତାଙ୍କ ଜ୍ୱାଇଁ ହତ୍ୟା କରିଛନ୍ତି। ସୁଙ୍କି ଫାଣ୍ଡି ଝିଅ ଜ୍ୱାଇଁଙ୍କୁ ଅଟକ ରଖି ପଚରାଉଚରା କରୁଛି। ରାବାଲପାଡୁରେ ରହୁଥିବା ଗେମେଲ ଲାଛାୟାଙ୍କ ସହ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ଜ୍ୱାଇଁ ମୁସୁରି ଲାଛାୟାଙ୍କ ମଧ୍ୟରେ ବଚସା ସହ ହାତାହାତି ହୋଇଥିଲା। ଏଥିରେ ଜ୍ୱାଇଁ ଲାଛାୟା ରାଗିଯାଇ ଗେମେଲଙ୍କ ମୁଣ୍ଡକୁ ପ୍ରହାର କରିବା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଚୋରି

ବାସୁଦେବପୁର, ୧୯।୧ (ଡି.ଏନ.ଏ.)



ଗହଣା ଦୋକାନରେ ପୋଲିସ ତଦନ୍ତ କରୁଛି।

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ବେତଡା ବଜାରରେ ଥିବା ଗୋଦାବରୀ ଜୁଏଲେରୀ ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତିରେ ବଡ଼ଧରଣର ଚୋରି ହୋଇଛି। ଚୋରମାନେ ଦୋକାନର ପାର୍ଶ୍ୱ କାନ୍ଥ ତାଡ଼ି ଦୋକାନରେ ପଶି ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି କରି ନେଇଯାଇଛନ୍ତି। ଏ ସମ୍ପର୍କରେ ଜାଣିବା ପରେ ଶନିବାର ସକାଳେ ଦୋକାନ ମାଲିକ ରାଜେନ୍ଦ୍ର ସାହୁ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସଦଳବଳ ଦୋକାନ ନିକଟରେ ପହଞ୍ଚି କ୍ଷେତ୍ରୀୟ ତଦନ୍ତ କରିଥିଲା। ପରେ ଅପରାହ୍ନରେ ଆଇଆଇସି ଉମାଶଙ୍କର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଇଣ୍ଟିଫିକ ଟିମ୍ ଓ ଡଗ୍‌ସ୍କ୍ୱାଡ ପହଞ୍ଚି ତଦନ୍ତ ଚଳାଇଥିଲେ। ଚୋରମାନେ ଏହି ମାର୍କେଟ କମ୍ପ୍ଲେକ୍ସର ଉତ୍ତରପାର୍ଶ୍ୱ (ପଛପାଖ)ରେ ଥିବା ବାଉଁଶ ତିଆରି ଶିଡ଼ିରେ ଛାତକୁ ଉଠି ଦୋକାନର ପାର୍ଶ୍ୱକାନ୍ଥ ତାଡ଼ି ଅଳଙ୍କାର ନେଇଯାଇଥିବା ତଦନ୍ତ ବେଳେ ଜଣାପଡ଼ିଛି। ତେବେ ଏହି ଚୋରି ଘଟଣା ବେତଡ଼ା ବଜାରରେ ବ୍ୟବସାୟୀଙ୍କ ମହଲରେ ଏକ ଭୟର ବାତାବରଣ ସୃଷ୍ଟି କରିଛି। ଏ ନେଇ ବାସୁଦେବପୁର ଥାନାରେ ଏକ ମାମଲା(ନଂ.୯/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ପ୍ରକାଶ ଯେ, ବର୍ଷକ ତଳେ ବେତଡ଼ା ବଜାରରୁ ୨ଟି ଗହଣା ଦୋକାନରୁ ଅନୁରୂପ ଅଳଙ୍କାର ଚୋରି ହୋଇଥିଲା। ଏହି ଘଟଣାରେ ସେତେବେଳେ କାହାରିକୁ ଗିରଫ କରାଯାଇପାରି ନ ଥିଲା। ବର୍ଷକ ପରେ ପୁଣି ଏହି ବଜାରର ଗୋଦାବରୀ ଗହଣା ଦୋକାନରୁ ଚୋରି ହେବା ପୋଲିସ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପୋଲିସ ତୁରନ୍ତ ଚୋରଙ୍କୁ ଧରିବାକୁ ବ୍ୟବସାୟୀ ମହଲରୁ ଦାବି କରାଯାଇଛି।

# ଭାରରେ ଡାକ୍ତରଖାନା ବୁହାହେଲେ ରୋଗୀ

ମାଲକାନଗିରି/ଗୋବିନ୍ଦପାଲ/ ଖଇରପୁଟ,୧୯।୧ (ଡି.ଏନ୍.ଏ.)

ଗ୍ରାମକୁ ରାସ୍ତା ନ ଥିବାରୁ ଖଟିଆରେ ରୋଗୀଙ୍କୁ ବୁହା ହେବା ପରି ଦୃଶ୍ୟ ମାଲକାନଗିରି ଜିଲା ଖଇରପୁଟ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ବ୍ଲକର ଅଣ୍ଡ୍ରାହାଲ ପଞ୍ଚାୟତ ଗୋଇଗୁଡା ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇପାରୁନାହିଁ। ଅଞ୍ଚଳରେ ମୋବାଇଲ ସେବା ମଧ୍ୟ ନାହିଁ। ଫଳରେ ଗ୍ରାମର କେହି ଅସୁସ୍ଥ ହୋଇପଡିଲେ ଖଟିଆରେ ହିଁ ବୁହା ହୋଇ ଡାକ୍ତରଖାନା ଯାଇଥାନ୍ତି। ଗ୍ରାମର ହାଡି ବଡନାୟକଙ୍କ ସ୍ତ୍ରୀ ସମ୍ଭାରୀ ବଡନାୟକ (୨୨) ଅସୁସ୍ଥ ହୋଇପଡିବାରୁ ତାଙ୍କୁ ପରିବାର ଲୋକେ ଖଟିଆରେ ବୋହି ଡାକ୍ତରଖାନା ଆଣିଥିଲେ। ଖବରରୁ ଜଣାପଡିଛି, ସମ୍ଭାରୀ ଦୀର୍ଘଦିନ ହେଲା ପେଟରୋଗରେ ଆକ୍ରାନ୍ତ ହୋଇ ଘରେ ପଡି ରହିଥିଲେ। ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ଗ୍ରାମରେ ଆଦିବାସୀ ପରମ୍ପରା ଅନୁଯାୟୀ ଝଟି ପର୍ବ ଚାଲୁଥିବାରୁ କୌଣସି ଲୋକ ସମ୍ଭାରୀଙ୍କୁ ଭାରରେ କାନ୍ଧେଇ ଡାକ୍ତରଖାନା ନେବାକୁ ରାଜି ହୋଇ ନ ଥିଲେ । ଖବର ପାଇ କେତେକ ଖବରଦାତା ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ଏକ ଡୋଲିରେ ଗ୍ରାମଠାରୁ ୪ କିଲୋମିଟର ରାସ୍ତା ତୁଳାଗୁରୁମ ଗ୍ରାମକୁ ଆଣିଥିଲେ। ପରେ ସେଠାରୁ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୨ ଆମ୍ବୁଲାନ୍ସ ପଠାଇବା ପାଇଁ ଯୋଗାଯୋଗ କରାଯାଇଥିଲା । କିଛି ସମୟ ପରେ ଆମ୍ବୁଲାନ୍ସ ଆସିବାରୁ ସେଥିରେ ସମ୍ଭାରୀଙ୍କୁ ଖଇରପୁଟ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡା. ଅମିୟ ରଞ୍ଜନ ସାହୁ ପରୀକ୍ଷା କରି ସମ୍ପୃକ୍ତା ମହିଳାଙ୍କ ଦୀର୍ଘଦିନ ହେଲା ପେଟରେ ପାଣି ଜମି ରହିବାରୁ ପେଟ ବ୍ୟଥା ବୃଦ୍ଧି ପାଇଥିଲା। ପ୍ରାୟ ଅଧାଲିଟର ପାଣି ପେଟରୁ ବାହାର କରିବା ପରେ ସେ ଟିକେ ଆଶ୍ୱସ୍ତି ଲାଭ କରିଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ବର୍ତ୍ତମାନ ସମ୍ଭାରୀ ମାଲକାନଗିରିରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ଗୋଇଗୁଡା ଗ୍ରାମ ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ବେଳେ ପାହାଡ ପର୍ବତ ଅଞ୍ଚଳ ହୋଇଥିବାରୁ ସେହି ଗ୍ରାମକୁ ରାସ୍ତା ନାହିଁ। ଏପରି କି ଗ୍ରାମରେ କୌଣସି ଫୋନ୍ ସେବା ନାହିଁ। ବିଭିନ୍ନ ସମୟରେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ଲାଗି ଗ୍ରାମବାସୀ ଦାବି କରିଛନ୍ତି।



+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ଯୁକ୍ତ ୩ ଗଣିତ, କେମିଷ୍ଟ୍ରି ପରୀକ୍ଷାରେ ବିଭ୍ରାଟ

**ଅଧାରୁ ବନ୍ଦ ହେଲା ପରୀକ୍ଷା**

ଭୁବନେଶ୍ୱର, ୧୯।୧ (ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ କଲେଜଗୁଡିକରେ ଶନିବାର ଅନୁଷ୍ଠିତ ଯୁକ୍ତ-୩ ପଞ୍ଚମ ସେମିଷ୍ଟର ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଛି। ଗଣିତ ଓ କେମିଷ୍ଟ୍ରି ପରୀକ୍ଷା ଦେବାକୁ ଛାତ୍ରୀଛାତ୍ରମାନେ ହଲ୍‌ରେ ବସିବା ପରେ ସେମାନଙ୍କୁ ପ୍ରଶ୍ନପତ୍ର ଦିଆଯାଇଥିଲା। ମାତ୍ର ପ୍ରଶ୍ନପତ୍ରରେ ପାଠ୍ୟକ୍ରମ ବାହାରୁ ପ୍ରଶ୍ନ ରହିଥିଲା। ଛାତ୍ରୀଛାତ୍ରମାନେ ଏହା ଦେଖିବା ପରେ ବିଭିନ୍ନ କଲେଜର ପରୀକ୍ଷା ହଲ୍‌ରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ପରୀକ୍ଷାର୍ଥୀମାନେ ହୋହଲ୍ଲା କରିବାରୁ ୨୦ ମିନିଟ ପରେ ପରୀକ୍ଷା ବାତିଲ କରାଯାଇଥିଲା। ୭ଦିନ ମଧ୍ୟରେ ପୁଣି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିବା ଅଧିକାରୀଙ୍କ ଏଭଳି ଖାମଖିଆଲ ମନୋଭାବକୁ ନେଇ ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ପୋଲିସ ବିଭାଗକୁ ଭାଜପାର ସମାଲୋଚନା

ଭୁବନେଶ୍ୱର,୧୯।୧(ବ୍ୟୁରୋ)-

ନାବାଳିକାଙ୍କଠାରୁ ଆରମ୍ଭ କରି ମହିଳାଙ୍କ ପର୍ଯ୍ୟନ୍ତ ସମସ୍ତେ ଅସମ୍ମାନିତ, ନିଷ୍ପେଷିତ, ଅପମାନିତ । ଏଥିପାଇଁ ଗୃହ ବିଭାଗ ଓ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣରୂପେ ଦାୟୀ। ପ୍ରତିଦିନ ଗଣବଳାତ୍କାର ଏବଂ ସରକାରୀ ହଷ୍ଟେଲରେ ନାବାଳିକା ଗର୍ଭବତୀ ହେବା ଘଟଣା ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ଏସବୁ ସତ୍ତ୍ୱେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି। ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା କହିଛନ୍ତି ଯେ,ଗୃହ ବିଭାଗର ଅଧୀନରେ ଥିବା କ୍ରାଇମବ୍ରାଞ୍ଚ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅପରାଧୀଙ୍କୁ ଧରିବାରେ ଅସଫଳ ହୋଇଛି। ଏଥିସହିତ ତଥ୍ୟ ପ୍ରମାଣ ନଷ୍ଟ କରି ଜାଣିଶୁଣି ବଳାତ୍କାର କରିଥିବା ଅପରାଧୀମାନଙ୍କୁ ଖସାଇବାରେ ରେକର୍ଡ ସୃଷ୍ଟି କରିଛି । ଏହା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଶନିବାର ଏକ କାର୍ଯ୍ୟକ୍ରମରେ ପୋଲିସ ବିଭାଗକୁ ସାବାସି ଦେଇଛନ୍ତି। ଏହା ମହିଳାମାନଙ୍କ ପ୍ରତି ଅସମ୍ମାନ। ପିପିଲି ପୀଡ଼ିତା ବେବିନା ଘଟଣାରେ ପିପିଲି ଆଇଆଇସି କ'ଣ ପ୍ରଶଂସାର ପାତ୍ର କି ? ଏସପିଙ୍କ ଅଫିସରୁ ମାତ୍ର ୫ କିମି ଦୂରରେ ବେଲଟିକିରି ଠାରେ ନାବାଳିକା ଚୋରାଚାଲାଣ ପରି ଘଟଣା ପାଇଁ ପୋଲିସ ବିଭାଗ କ'ଣ ପ୍ରଶଂସାର ପାତ୍ର କି । ପୋଲିସ ପ୍ରଶାସନ ସୁରକ୍ଷା ଦେଇପାରୁ ନ ଥିବା କାରଣରୁ ସରକାରୀ ଆବାସିକ ହଷ୍ଟେଲରେ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ପରେ ପୋଲିସ ବିଭାଗ କ'ଣ ପ୍ରଶଂସାର ପାତ୍ର କି ବୋଲି ପ୍ରଭାତୀ ପ୍ରଶ୍ନ କରିଛନ୍ତି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

MAHENDAR FINANCE
• Personal Loan • Business Loan • Salary Slip Loan • Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ) ସ୍ମୃତି ସମିତି, ପୁରୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ଲକ୍ଷ୍ମୀଧର ମହାନ୍ତି
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

ଉତ୍କଳର ଆରାଧ ଦେବତା ପରଂବ୍ରହ୍ମ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ପରମ ସେବକ, ସମାଜ ସଂସ୍କାରକ ତଥା ମହାନ୍ ବିପ୍ଳବୀ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ) ତାଙ୍କର ଏକନିଷ୍ଠ ସାଧନା, ବଳିଷ୍ଠ ନେତୃତ୍ୱ, ଅବଦମିତ ଦେଶପ୍ରେମ, ଅସୀମ ତ୍ୟାଗ, ଅସାଧାରଣ ବ୍ୟକ୍ତିତ୍ୱ ଏବଂ ପ୍ରଚଣ୍ଡ ଧୀଶକ୍ତି ପାଇଁ ପ୍ରତିଟି ଓଡ଼ିଆ ପ୍ରାଣରେ ଚିରସ୍ମରଣୀୟ ।

15001/13/0548/1819



“ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ୨୦ ଗ୍ରାମ୍ ବ୍ରାଉନ ସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୧୯।୧(ବ୍ୟୁରୋ)/ପାତ୍ରପଡା (ଡି.ଏନ୍.ଏ.): ବ୍ରାଉନ୍ ସୁଗାର ବ୍ୟବସାୟ କରୁଥିବା ୨ଜଣ ଅଭିଯୁକ୍ତଙ୍କୁ କ୍ୟୁଏଟି ଓ ଖଣ୍ଡଗିରି ପୋଲିସ ମିଳିତ ଉଦ୍ୟମରେ ଚଢ଼ାଉ କରାଯାଇ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ପୋଲିସ ୨୦ଗ୍ରାମ୍ ବ୍ରାଉନ ସୁଗାର, ୨୭ଶହ ଟଙ୍କା ଓ ଗୋଟିଏ କାର(ଓଡି-୦୨ଏଓ୍ୱାଇ-୪୯୧୫)କୁ ଜବତ କରାଯାଇଛି। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ଏୟାରଫିଲ୍ଡ ଥାନା ଭିମପୁର ଅଞ୍ଚଳର ଅସୀମ ସାହୁ(୨୧) ଓ ଓ୍ୱାୟୁଏଟି କଲୋନୀର ସୁବ୍ରଜିତ ମହାନ୍ତି(୨୩)। ସେମାନଙ୍କୁ ଖଣ୍ଡଗିରି ପୋଲିସ ଏକ ଏନ୍‌ଡିପିଏସ୍ କେସ୍ ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ,ଦୁଇ ବ୍ୟବସାୟୀ ବରମୁଣ୍ଡା ବସ୍ ଷ୍ଟାଣ୍ଡ ଓ ଏହାର ଆଖପାଖ ଅଞ୍ଚଳରେ ବ୍ରାଉନ ସୁଗାର ବ୍ୟବସାୟ କରନ୍ତି। ଶନିବାର ସକାଳ ପ୍ରାୟ ୧୧ଟା ସମୟରେ ଦୁଇ ବ୍ୟବସାୟୀ କାରରେ ବରମୁଣ୍ଡା ବସ୍ ଷ୍ଟାଣ୍ଡ ଭିତରେ ବସି ଗ୍ରାହକଙ୍କୁ ଆପେକ୍ଷା କରିଥିଲେ। ଖବର ପାଇ କ୍ୟୁଏଟି ଓ ଖଣ୍ଡଗିରି ପୋଲିସ ସେଠାରେ ଚଢ଼ାଉ କରିଥିଲା। ଦୁଇ ଜଣଙ୍କୁ ଯାଞ୍ଚ କରିବା ପରେ କାରରୁ ବ୍ରାଉନ ସୁଗାର ମିଳିଥିଲା। ଦୁଇ ଜଣ ପେଶାଦାର ବ୍ୟବସାୟୀ ବୋଲି ଜଣାପଡିଛି।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ମୁକୁଳା ଫାଟକ ଦେଇ ଚାଲିଲା ତପସ୍ୱିନୀ ଏକ୍ସପ୍ରେସ

ପୁରୀ ଅଫିସ,୧୯।୧

ରେଳ ବିଭାଗରେ ପୁଣି ଏକ ଖାମଖିଆଲି ଘଟଣା ପଦାକୁ ଆସିଛି। ସର୍ବଦା ଚଳଚଞ୍ଚଳ ରହୁଥିବା ସିଦ୍ଧମହାବୀର ଲେଭଲ କ୍ରସିଂରେ ଶନିବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଲେଭଲ କ୍ରସିଂର ଦୁଇପାର୍ଶ୍ୱ ଫାଟକ ପଡି ନ ଥିବା ବେଳେ ତପସ୍ୱିନୀ ଏକ୍ସପ୍ରେସ୍ ଯିବା ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବତଟ ରେଳପଥ ତୁରନ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଡ୍ୟୁଟିରେ ଅବହେଳା କରିଥିବାରୁ ଟ୍ରେନ୍ ଚାଳକ (ଲୋକୋ ପାଇଲଟ୍)ଗୋବିନ୍ଦ ସାହୁ ଏବଂ ସହକାରୀ ଚାଳକ (ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍) ଉମେଶ କୁମାରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। କିନ୍ତୁ ଏଠାରେ ଡ୍ୟୁଟିରେ ଥିବା ଗେଟ୍‌ମ୍ୟାନଙ୍କୁ ତଦନ୍ତ ପରିସରଭୁକ୍ତ କରା ନ ଯିବା ପ୍ରଶ୍ନବାଚୀ ଛିଡ଼ା କରିଛି।

ସକାଳ ୭ଟା ୨୫। ହଠାତ୍ ହାତିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍ (ନଂ.୧୮୪୫୧) ପୁରୀ ଷ୍ଟେଶନ ଅଭିମୁଖେ ଯାତ୍ରା କରିଥିଲା। ହେଲେ ଏହି ସମୟରେ ସିଦ୍ଧମହାବୀର ଲେଭଲ କ୍ରସିଂର ଦୁଇପାର୍ଶ୍ୱ ଫାଟକ ମୁକୁଳା ଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବହୁ ଗାଡି, ସ୍କୁଲ ଛାତ୍ରୀଛାତ୍ର ଫାଟକକୁ ଅତିକ୍ରମ କରି ଟ୍ରେନ୍ ଲାଇନ କଡ଼ରେ ଠିଆ ହୋଇଥିଲେ। ସୌଭାଗ୍ୟବଶତଃ କୌଣସି ଅଘଟଣ ଘଟି ନ ଥିଲେ ମଧ୍ୟ ଏଭଳି ଖାମଖିଆଲିକୁ ନେଇ ଜନସାଧାରଣ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଖବର ପୂର୍ବତଟ ରେଳପଥ ଅଧିକାରୀଙ୍କ ଦୃଷ୍ଟିକୁ ଆସିବା ପରେ ଆରମ୍ଭ ହୋଇଥିଲା ଖୋଳତାଡ଼। ଖୋର୍ଦ୍ଧା ରୋଡ ଡିଆରଏମ୍ ବ୍ରଜମୋହନ ଅଗ୍ରୱାଲ ୪ ଜଣିଆ ଟିମ୍ ଗଠନ କରିଥିଲେ। ଅପରାହ୍ନରେ ଏହି ଟିମ୍ ପୁରୀରେ ପହଞ୍ଚି ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା।

କମିଟିର ପ୍ରାଥମିକ ତଦନ୍ତ ସମ୍ପର୍କରେ ପୂର୍ବତଟ ରେଳପଥ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ, ଟ୍ରେନ୍‌ର ଲୋକୋ ପାଇଲଟ୍ ଏବଂ ସହକାରୀ ଲୋକୋ ପାଇଲଟ୍ ସିଦ୍ଧମହାବୀର ଲେଭଲ କ୍ରସିଂ ପୂର୍ବରୁ ନାଲିବତି ଜଳୁଥିବା ଦେଖିଥିଲେ। ତେଣୁ ଫାଟକ ପୂର୍ବରୁ ଟ୍ରେନ୍‌କୁ ଅଟକାଇଥିଲେ। ପ୍ରାୟ ଦେଢ଼ମିନିଟ୍ ରହିବା ପରେ ପୁଣି ଷ୍ଟେଶନ ଅଭିମୁଖେ ଟ୍ରେନ୍ ଛାଡିଥିଲେ। କିନ୍ତୁ ଛାଡିବା ପୂର୍ବରୁ ସେମାନେ ଫାଟକ ବନ୍ଦ ନେଇ ସୁନିଶ୍ଚିତ କରିବା କଥା। କିନ୍ତୁ ସେମାନେ ଏହା କରି ନ ଥିଲେ। ତେଣୁ କମିଟି ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିବା ପର୍ଯ୍ୟନ୍ତ ଏହି ଦୁଇଜଣଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏଠାରେ ଥିବା ଗେଟ୍‌ମ୍ୟାନଙ୍କ ପାଖରେ ଟ୍ରେନ୍ ଆସୁଥିବା ସୂଚନା ଥିଲା କି ନାହିଁ, ଯଦି ଥିଲା ସେ କାହିଁକି ଫାଟକ ବନ୍ଦ କଲେ ନାହିଁ, ସେ ଦିଗରେ ପୂର୍ବତଟ ରେଳପଥ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

ଅନ୍ୟପକ୍ଷରେ ପୁରୀ-କୋଣାର୍କ ରୋଡ ମଧ୍ୟ ଦେଇ ଯାଇଥିବା ଏହି ଲେଭଲ କ୍ରସିଂରେ ସର୍ବଦା ଯାନବାହନ ଚଳାଚଳ କରିଥାଏ। ଦିନକୁ ଦିନ ଜନସଂଖ୍ୟା ଏବଂ ଗାଡି ମୋଟର ଚଳାଚଳ ବୃଦ୍ଧି ପାଉଥିବା ବେଳେ ଏଠାରେ ଏକ ଓଭରବ୍ରିଜ୍‌ର ଆବଶ୍ୟକତା ଜରୁରୀ ହୋଇପଡିଛି। ଦୀର୍ଘବର୍ଷ ହେଲା ଏହି ଦାବି କରାଯାଉଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ତୁରନ୍ତ ରେଳ ଓଭରବ୍ରିଜ୍ ନିର୍ମାଣ ଦିଗରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପୁରୀ ଜିଲା ଯୁବ କଂଗ୍ରେସ ଚେତାବନୀ ଦେଇଛି।



ସିଦ୍ଧମହାବୀର ଲେଭଲ କ୍ରସିଂ ଫାଟକ ଖୋଲା ଥିବାବେଳେ ତପସ୍ୱିନୀ ଏକ୍ସପ୍ରେସ ଯାଉଛି।

- କାର୍ଯ୍ୟରେ ଅବହେଳା ପାଇଁ ୨ ନିଲମ୍ବିତ
- ଗେଟ୍‌ମ୍ୟାନଙ୍କୁ ତଦନ୍ତ ପରିସରଭୁକ୍ତ କରା ନ ଯିବା ନେଇ ପ୍ରଶ୍ନବାଚୀ

# ଦିନକୁ ୧୦ରୁ ୧୨ ଘଣ୍ଟା ପଢୁଥିଲି

**ଭୁବନେଶ୍ୱର,୧୯।୧(ବ୍ୟୁରୋ): ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ର ଶିବାଶିଷ ନାୟକ। ୨୦୧୯ ଜେଇଇ ମେନ୍‌ରେ ୯୯.୯୮ ପ୍ରତିଶତ ମାର୍କ ରଖି ଓଡ଼ିଶା ଟପ୍ପର ହେବା ସହିତ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କଠିନ ପରିଶ୍ରମ ଏବଂ ଦୃଢ଼ ଅଧ୍ୟବସାୟ ବଳରେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ସକ୍ଷମ ହୋଇଛନ୍ତି। ନିଜର ସଫଳତାର ଶ୍ରେୟ ସେ ନିଜ ବାପା ଏବଂ ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଡ. ଏପିଜେ ଅବଦୁଲ୍ କଲାମ୍‌ଙ୍କୁ ଦେଇଛନ୍ତି।**

**■ଓଡ଼ିଶା ଟପ୍ପର ହେବା ଜାଣିବା ପରର ଅନୁଭୂତି କିଭଳି ଥିଲା?**

ରେଜଲ୍ଟକୁ ନେଇ ମୁଁ ବହୁତ ଖୁସି। ଭଲ ପର୍ସେଣ୍ଟେଜ୍ ରଖିବି ବୋଲି ଆଶା କରିଥିଲି। ହେଲେ ୯୯.୯୮% ସହିତ ଓଡ଼ିଶା ଟପ୍ପର ହେବା ମୋର ଆଶାଠାରୁ ବହୁ ଉପରେ ଥିଲା।

**■ଜେଇଇ ମେନ୍ ପାଇଁ ଦିନକୁ କେତେ ସମୟ ଦେଉଥିଲେ?**

ଦିନକୁ ମୁଁ ପ୍ରାୟ ୧୦ ରୁ ୧୨ ଘଣ୍ଟା ପାଠ ପଢୁଥିଲି। ଜେଇଇ ପାଇଁ ବହୁତ ପରିଶ୍ରମ କରିଛି। ପ୍ରତିଦିନ ଯେପରି ପଢା ରୁଟିନ୍‌କୁ ବଜାୟ ରଖିବି ତା’ଉପରେ ଅଧିକ ଗୁରୁତ୍ୱ ଦେଉଥିଲି।

**■ସଫଳତାର ଶ୍ରେୟ କାହାକୁ ଦେବେ? ପ୍ରେରଣା କାହାକୁ ମାନନ୍ତି?**

ନିଶ୍ଚିତ ଭାବେ ମୋ ବାପା। ବାପାଙ୍କ ପାଇଁ ଆଜି ମୋତେ ଏହି ସଫଳତା ମିଳିଛି। ପ୍ରେରଣା ମୁଁ ସବୁବେଳେ ଜଣକୁ ମାନେ। ସେ ହେଲେ ଡ. ଏପିଜେ ଅବଦୁଲ୍ କଲାମ୍। ତାଙ୍କ ଜୀବନ ଆଦର୍ଶରୁ ମୋତେ ଅନେକ କିଛି ଶିଖିବାର ସୁଯୋଗ ମିଳିଛି।

**■ଆଗକୁ କ’ଣ ପଢିବାର ଯୋଜନା ଅଛି?**

ଆଇଆଇଟିରେ ନାମ ଲେଖାଇବି। କମ୍ପ୍ୟୁଟର ସାଇନ୍ସ ପ୍ରତି ମୋର ବହୁତ ଦୁର୍ବଳତା ରହିଛି। ତେଣୁ ଏଥିରେ ହିଁ ଆଡ୍‌ମିଶନ ନେବି। ଆଗକୁ ଯାଇ କମ୍ପ୍ୟୁଟର ସାଇନ୍ସ କ୍ଷେତ୍ରରେ ନାଁ କରିବାକୁ ଚାହେଁ।

**■ନିତିଦିନିଆ ଜୀବନ ସମ୍ପର୍କରେ କିଛି? ପାଠପଢା ବ୍ୟତୀତ ଆଉ କେଉଁଥିରେ ଆଗ୍ରହ ଅଛି?**

ଫୁଟବଲ୍ ଖେଳିବାକୁ ମୋତେ ବହୁତ ଭଲ ଲାଗେ। ଏହାବ୍ୟତୀତ ପ୍ରତିଦିନ ମୁଁ ଉଭୟ ଓଡ଼ିଆ ଓ ଇଂଲିଶ ଖବରକାଗଜ ପଢ଼େ। ନଭେଲ୍ ପଢ଼ିବାକୁ ବି ଭଲ ଲାଗେ।

**■ଜେଇଇ ମେନ୍ କ୍ରାକ୍ କରିବାକୁ ପିଲାମାନଙ୍କୁ କ’ଣ ପରାମର୍ଶ ଦେବ?**

ପ୍ରତ୍ୟେକ ଦିନ ଏକ ନୂତନ ଆଶା ନେଇ ଆସେ। ସେଥିପାଇଁ ସମୟ ଅପଚୟ ନ କରି ଏହାର ସଦୁପଯୋଗ କରିବା ଉଚିତ୍। ଦୃଢ଼ ମନୋବଳ ସହ ନିଜ ଲକ୍ଷ୍ୟପଥରେ ଅଗ୍ରସର ହେବା ଆବଶ୍ୟକ। ସଫଳତା ଆପେ ଆପେ ଆସିବ।



ଶିବାଶିଷ ନାୟକ

# ର୍‍ୟାପ୍‌ରେ ‘ଆପଣମାନେ ଖୁସି ତ’

ଭୁବନେଶ୍ୱର,୧୯।୧(ବ୍ୟୁରୋ)

‘ଆପଣମାନେ ଖୁସି ତ?’ ଏହି ପ୍ରଶ୍ନ ସହ ଏବେ ପ୍ରତି ଓଡ଼ିଆ ବେଶ୍ ଭଲଭାବେ ପରିଚିତ। ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ହେଉ କି ଭୁବନେଶ୍ୱରରେ ଆୟୋଜିତ ଡଟ୍ ଫେଷ୍ଟର ମଞ୍ଚ, ସବୁଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁହଁରୁ ଶୁଣିବାକୁ ମିଳୁଛି ‘ଆପଣମାନେ ଖୁସି ତ?’। ମୁଖ୍ୟମନ୍ତ୍ରୀଙ୍କ ଏହି ସିଗ୍ନେଚର୍ ପ୍ରଶ୍ନକୁ ନୂଆ ରୂପରେ ଓଡ଼ିଶାବାସୀଙ୍କ ନିକଟରେ ପହଞ୍ଚାଇବାର ଉଦ୍ୟମ କରିଛନ୍ତି ଓଡ଼ିଶା ଜନ୍ମିତ ଲୋକପ୍ରିୟ ର୍‍ୟାପର୍ ବିଗ୍‌ଡିଲ୍। ନିଜର ନୂଆ ମ୍ୟୁଜିକ୍ ଭିଡିଓ ‘ଖୁସି ତ’କୁ ଏହି ୨୬ ବର୍ଷୀୟ ର୍‍ୟାପର୍ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରିଛନ୍ତି। ଏବେ ଏହି ର୍‍ୟାପ୍ ମ୍ୟୁଜିକ୍ ଭିଡିଓ ମଧ୍ୟ ଭାଇରାଲ ହୋଇଛି।

ବ୍ଲେଜ୍ ଏବଂ ହାର୍ଡ କୌରଙ୍କ ଭଳି ଦେଶର ଜଣାଶୁଣା ର୍‍ୟାପର୍‌ମାନଙ୍କ ସହ କାମ କରିଥିବା ପୁରୀ ଜନ୍ମିତ ସମୀର ରିଷୁ ମହାନ୍ତି ଓରଫ୍ ବିଗ୍‌ଡିଲ୍ ଏଥର ସମ୍ପୂର୍ଣ୍ଣ ହଟ୍‌କେ ର୍‍ୟାପ୍ ସହ ଆସିଛନ୍ତି। ଶୁକ୍ରବାର ବିଗ୍‌ଡିଲ୍ ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲରେ ରିଲିଜ ହୋଇଥିବା ‘ଖୁସି ତ’ ମ୍ୟୁଜିକ୍ ଭିଡିଓ ମାତ୍ର କିଛିଘଣ୍ଟା ମଧ୍ୟରେ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଓଡ଼ିଶା ବିଶେଷକରି ଭୁବନେଶ୍ୱରର ବିକାଶର ଚିତ୍ର ଦର୍ଶାଯାଇଥିବା ଏହି ଗୀତର ଲିରିକ୍ସ ଓ ର୍‍ୟାପ୍‌ରେ ପୁଣିଥରେ ସମୀରଙ୍କ ଟ୍ୟାଲେଣ୍ଟ ଦେଖିବାକୁ ମିଳିଛି। ମାତ୍ର ୪ ମିନିଟ ୧୦ ସେକେଣ୍ଡର ଭିଡିଓରେ ଦର୍ଶକଙ୍କୁ ବାନ୍ଧି ରଖିବାର ସମସ୍ତ ପ୍ରକାର ପ୍ରୟାସ କରିଛନ୍ତି ବର୍ତ୍ତମାନ ସମୟର ଏହି ଟ୍ରେଣ୍ଡିଂ ର୍‍ୟାପର୍। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ତଥା ହକି ବିଶ୍ୱକପ୍ ଏବଂ ଭୁବନେଶ୍ୱରର ନବକଳେବରକୁ ଏଥିରେ ଅତି ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। ପୂର୍ବରୁ ‘ସ୍କିଲ୍‌ଡ ଇନ୍ ଓଡ଼ିଶା’ ଭିଡିଓ ମାଧ୍ୟମରେ ନବୀନଙ୍କ ପ୍ରଶଂସା କରିଥିବା ସମୀର ପୁଣିଥରେ ଏହି ଭିଡିଓରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଶୈଳୀକୁ ବେଶ୍ ପ୍ରଶଂସା କରିଛନ୍ତି। ଭିଡିଓର ନିର୍ଦ୍ଦେଶନା ବୀରେନ ଜ୍ୟୋତି ମହାନ୍ତି ଦେଇଥିବାବେଳେ ଓଡ଼ିଶାର ଲୋକପ୍ରିୟ ଡ୍ୟାନ୍ସର ତଥା କୋରିଓଗ୍ରାଫର୍ ହରିହର ଦାସ ଏଥିରେ କୋରିଓଗ୍ରାଫି କରିଛନ୍ତି। ‘ଖୁସି ତ’ର ପ୍ରଯୋଜକ ହେଉଛନ୍ତି ପଦ୍ମଶ୍ରୀ ନୀଳମାଧବ ପଣ୍ଡା। ସବୁଠାରୁ ବଡ଼କଥା ହେଲା ଏହି ଭିଡିଓରେ ‘କେନ୍ଦେରା’ ଏବଂ ‘ସମ୍ବଲପୁରୀ ଡ୍ରମ୍’ ଭଳି ଓଡ଼ିଶାର କିଛି ଲୁପ୍ତପ୍ରାୟ ତଥା ପାରମ୍ପରିକ ବାଦ୍ୟଯନ୍ତ୍ରର ବ୍ୟବହାର କରାଯାଇଛି। ବର୍ତ୍ତମାନସୁଦ୍ଧା ୨୫ ହଜାରରୁ ଅଧିକ ଲୋକ ଏହାକୁ ଦେଖିସାରିଲେଣି। ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଟୁଇଟର ହ୍ୟାଣ୍ଡେଲରେ ଏନେଇ ଟୁଇଟ୍ କରିବାସହ ସମୀରଙ୍କ ଗୀତର ପ୍ରଶଂସା କରିଛନ୍ତି।





# ‘ମଣିଷପଣିଆର ଗବେଷଣାଗାର ମୟୂରଭଞ୍ଜ’



ମୟୂରଭଞ୍ଜ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ଛଉ ନୃତ୍ୟ।

ଭୁବନେଶ୍ୱର,୧୯।୧(ବ୍ୟୁରୋ)

## ମୟୂରଭଞ୍ଜ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ମୟୂରଭଞ୍ଜକୁ କୌଣସି ଦିଗରୁ ବି ବାରି ହେବ ନାହିଁ। ସବୁଠାରେ ମଣିଷପଣିଆ କମି କମି ଯାଉଥିବା ବେଳେ ମୟୂରଭଞ୍ଜ କିନ୍ତୁ ମଣିଷପଣିଆକୁ ଉଜ୍ଜୀବିତ କରି ରଖିଛି। ମଣିଷପଣିଆର ଗବେଷଣାଗାର ହେଉଛି ମୟୂରଭଞ୍ଜ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମୟୂରଭଞ୍ଜ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଉତ୍କଳ ମଣ୍ଡପରେ ଆୟୋଜିତ ଅଷ୍ଟମ ମୟୂରଭଞ୍ଜ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଧାନ ଏହା କହିଥିଲେ।

ଏହି ତିନିଦିନିଆ ଉତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟା ଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉତ୍ସବର ଶୀର୍ଷକ ସଙ୍ଗୀତ ‘ଭଞ୍ଜ ମାଟି ଆମ ମା’ ପରିବେଷିତ ହୋଇଥିଲା। ଏହାପରେ ଭଞ୍ଜପୁର ଝୁମୁରିଆ ଝୁମର ଦଳର ଝୁମର ନୃତ୍ୟ, ସଙ୍ଗୀତ ଏବଂ ନିଚ୍ଛୁଆପଦା ଛଉନୃତ୍ୟ ପ୍ରତିଷ୍ଠାନ ଦ୍ୱାରା ଛଉନୃତ୍ୟ ‘ଅର୍ପଣ’ ଏବଂ ‘ପ୍ରେମ ଋତୁ’ ପରିବେଷିତ ହୋଇଥିଲା। ଯାହା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହାସହ କରଞ୍ଜିଆର ନୃତ୍ୟଶ୍ରୀ ଦଳ ଏବଂ ଫ୍ଲୋଲେସ୍ ଡ୍ୟାନ୍ସ ଗ୍ରୁପ୍, ବାରିପଦାର ନଂ ୧ ଡ୍ୟାନ୍ସ ଗ୍ରୁପ୍, ଭୁବନେଶ୍ୱରର ଗୁରୁକୁଳ ଡ୍ୟାନ୍ସ ଆଣ୍ଡ ଭିଜୁଆଲ୍ ଏକାଡେମୀର ଆଦିମ ଆଦିବାସୀ ମହାସଂଘର କଳାକାରମାନେ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ହାସ୍ୟ ଅଭିନେତା ପପୁ ପମ୍‌ପମ୍, ସଲିଲ ମିତ୍ର, ନିର୍ଦ୍ଦେଶକ ତାପସ ସରଘରିଆ ହାସ୍ୟରସ ମାଧ୍ୟମରେ ଦର୍ଶକଙ୍କୁ ଭରପୂର ହସାଇଥିଲେ। ଏହାପରେ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର ଏବଂ ସାଗର କୁମାର ସେମାନଙ୍କ ମନଛୁଆଁ ଗୀତରେ ଶ୍ରୋତାଙ୍କୁ ବାନ୍ଧି ରଖିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ବୀରଭଦ୍ର ସିଂ, ଅଭିନେତା ଉତ୍ତମ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର ସ୍ମରଣିକା ଉନ୍ମୋଚନ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ଥିଲେ ଅଭିନେତା ବାବୁଶାନ, ମିହିର ଦାସ ଏବଂ ସ୍ୱରାଜ। ଉତ୍ସବ ପରିସରରେ ଥିବା କ୍ରାଫ୍ଟ ମେଳା ଏବଂ ମୟୂରଭଞ୍ଜର ପାରମ୍ପରିକ ବ୍ୟଞ୍ଜନ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସଂସଦର ସାଧାରଣ ସମ୍ପାଦକ ଗୋକୁଳ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଚିନ୍ମୟ ଦାସ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚନ କରୁଛନ୍ତି।





“ ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ। ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ। ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ।

- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଟ୍ରାକ୍ଟର ଚୋରି ଅଭିଯୋଗରେ ୪ ଗିରଫ

ପୁରୁଣା ଭୁବନେଶ୍ୱର,୧୯ ।୧( ଡି.ଏନ.ଏ.): ଟ୍ରାକ୍ଟର ଚୋରି ଅଭିଯୋଗରେ ଧଉଳି ଥାନା ପୋଲିସ ଶନିବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ନୂଆପଡାର ବ୍ରହ୍ମାନନ୍ଦ ସାହୁ(୩୯) ମଳିପୁରର କାଶୀନାଥ ସାହୁ (୪୨), କଟକ ଜିଲା ବାଙ୍କୀ ଥାନା ଅଧୀନ ସାମନ୍ତରାପୁର ଗାଁର ମନୋଜ କୁମାର ଦାସ ଏବଂ ଗଞ୍ଜାମ ବୋଲଗଡ ଥାନା ଅଞ୍ଚଳର ଅନିଲ କୁମାର ପ୍ରଧାନ(୨୩)। ପୋଲିସ ସୂଚନା ମୁତାବକ କଟକ ଜିଲା ନିଆଳି ବ୍ଲକ ବାଲୁଗାଁର ସନାତନ ସେଠଙ୍କ ଟ୍ରାକ୍ଟରକୁ ବିକ୍ରି କରିବା ଓ ଚୋରି ଅଭିଯୋଗରେ ସେଠଙ୍କ ସହଯୋଗୀ ଏବଂ ଦୁଇ ଗାଡି ଚାଳକଙ୍କୁ ଗିରଫ କରାଯାଇଛି। ଧଉଳି ଥାନା ଅଧୀନ ଲିଙ୍ଗିପୁରସ୍ଥିତ ଅଭିଯୁକ୍ତ ପ୍ରସନଙ୍କ ଗ୍ୟାରେଜ ସମ୍ମୁଖରେ ଗାଡି ଚୋରି କରି ଅଭିଯୁକ୍ତମାନେ ନଂ. ପ୍ଲେଟ ପରିବର୍ତ୍ତନ କରି ବାଇକ୍ ନମ୍ବର ଲଗାଇ ଥିଲେ। ଏ ନେଇ ଅଭିଯୋଗକାରୀ ସନାତନ ପୂର୍ବରୁ ଥାନାରେ ଅଭିଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ପୋଲିସ ପରିବାର କଲ୍ୟାଣ ପ୍ରଦର୍ଶନୀ ଉଦ୍‌ଯାପିତ

କଟକ ଅଫିସ,୧୯।୧: କଟକ ବାଲିଯାତ୍ରା ଉପର ପଡିଆରେ ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବ ଆନୁକୂଲ୍ୟରେ ଗତ ୧୭ ତାରିଖ ଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ପୋଲିସ ପରିବାର କଲ୍ୟାଣ ପ୍ରଦର୍ଶନୀ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଯୋଗଦେଇ ଆଗାମୀ ଦିନରେ ଏହି ପ୍ରଦର୍ଶନୀକୁ ଅଧିକ ଆକର୍ଷଣୀୟ କରିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର ଉପାଧ୍ୟକ୍ଷ ବୀଣା ରାୟ ଶ୍ରୀବାସ୍ତବଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପରିବାର କଲ୍ୟାଣ କେନ୍ଦ୍ରଗୁଡିକୁ ପୁରସ୍କୃତ କରାଯାଇଥିଲା। ଷ୍ଟଲ୍ ସାଜସଜ୍ଜା ପାଇଁ କଟକର ଓଏସ୍ଏପି ଷଷ୍ଠ ବାଟାଲିୟନ ପ୍ରଥମ, ସୁନ୍ଦରଗଡ ପୋଲିସ ଜିଲା ଦ୍ୱିତୀୟ ଏବଂ ଓଏସ୍ଏପି ୪ର୍ଥ ବାଟାଲିୟନ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ଖାଦ୍ୟ ପ୍ରସ୍ତୁତୀକରଣ ଓ ସଂରକ୍ଷଣ ପାଇଁ ବ୍ରହ୍ମପୁର ପୋଲିସ ଜିଲା ପ୍ରଥମ, ଓଏସ୍ଏପି ୩ୟ ବାଟାଲିୟନ ଦ୍ୱିତୀୟ ଓ ଗଞ୍ଜାମ ପୋଲିସ ଜିଲା ତୃତୀୟ ସ୍ଥାନ ଅଧିକାର କରିଥିଲା। ହସ୍ତକଳା ଓ ସୂଚୀ କାର୍ଯ୍ୟ ପାଇଁ ଓଏସ୍ଏପି ୭ମ ବାଟାଲିୟନ ପ୍ରଥମ, ରାଉରକେଲା ପୋଲିସ ଜିଲା ଦ୍ୱିତୀୟ ଏବଂ ସୁନ୍ଦରଗଡ ପୋଲିସ ଜିଲା ତୃତୀୟ ସ୍ଥାନ ହାସଲ କରିଥିଲା। ସମସ୍ତ ବିଜେତାଙ୍କୁ ଅର୍ଥ ରାଶି ସହ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ପୋଲିସର କ୍ରୀଡାବିତ୍ କୁମାରୀ ସରସ୍ୱତୀ ଚାନ୍ଦଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ବାର୍ଷିକ କ୍ରୀଡ଼ା ଉତ୍ସବ

**ବାଲିପାଟଣା,୧୯।୧(ଡି.ଏନ୍.ଏ):** ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିରର ୨୫ତମ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଖବରଦାତା ଗଙ୍ଗାଧର ଓଝା ମୁଖ୍ୟ ଅତିଥିଭାବେ ଯୋଗଦେଇ ଭବିଷ୍ୟତ ଗଢ଼ିବା ପାଇଁ କେବଳ ପାଠ ନୁହେଁ, ଶାରୀରିକ ଶିକ୍ଷାର ଆବଶ୍ୟକତାକୁ ଧ୍ୟାନ ଦେଲେ ଜଣେ ସଫଳ ଶିକ୍ଷାର୍ଥୀ ହୋଇପାରିବ ବୋଲି କହିଥିଲେ। ୩ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବରେ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ କୃତ୍ତିକା ମହାପାତ୍ର, ସାଇଶ୍ୱେତା ପଦ୍ମାକାଣ୍ଡି ଓ ଅଙ୍କିତା ତ୍ରିପାଠୀ ଚାମ୍ପିୟନ ହୋଇଛନ୍ତି। କ୍ରୀଡ଼ା ଶିକ୍ଷକ ସୁନୀଲ କୁମାର ପଣ୍ଡା, ଓକିଲୁନ ନିଶା, ବନଶ୍ରୀ ରାଉତ, ଲିପିକା ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

# ଆଶଙ୍କାରେ ଶ୍ରୀଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମା ମରାମତି

- ଶୀତଳୀକରଣ ପ୍ରକ୍ରିୟାରେ ମୂର୍ତ୍ତିର କରାଯିବ ମରାମତି
- ମିଳୁନାହାନ୍ତି କାରିଗର



**ପୁରୁଣା ଭୁବନେଶ୍ୱର,୧୯।୧(ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବ ରାତ୍ରି ଆସନ୍ତା ମାର୍ଚ୍ଚ ୩ରେ ଅନୁଷ୍ଠିତ ହେବ। ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମରାମତି ପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ପଡୁନାହିଁ। ଚଳିତବର୍ଷ ମଧ୍ୟ ଠାକୁରଙ୍କ ଏହି ଯାତ୍ରାରେ ଭଗ୍ନ ଚଳନ୍ତି ପ୍ରତିମା ଯାତ୍ରା କରିବେ। ତା'ର ଗୋଟିଏ ମାସ ପରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାରେ ମଧ୍ୟ ଏହି ଅଭାବନୀୟ ଘଟଣାର ପୁନରାବୃତ୍ତି ଘଟିବା ନେଇ କେବଳ ସେବାୟତ ନୁହନ୍ତି ବୁଦ୍ଧିଜୀବୀ, ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ମଧ୍ୟ ପ୍ରଶ୍ନ ଉଠିଛି।

ସୂଚନାଥାଉ କି ଶ୍ରୀଜୀଉଙ୍କ ବିଭିନ୍ନ ଯାନିଯାତ୍ରାରେ ଠାକୁରଙ୍କ ଚଳନ୍ତି ପ୍ରତୀମା ଚନ୍ଦ୍ରଖେଖର, ବାସୁଦେବ, ଦୋଳଗୋବିନ୍ଦ ପ୍ରଭୃତି ୬ ମୂର୍ତ୍ତି ଯାତ୍ରା କରିଥାନ୍ତି। ସମସ୍ତ ଚଳନ୍ତି ପ୍ରତିମା ଅଷ୍ଟଧାତୁରେ ନିର୍ମିତ। କେଉଁ ଆବହମାନକାଳରୁ ରହିଥିବା ଏହି ଚଳନ୍ତି ପ୍ରତିମାଗୁଡିକର ବିଭିନ୍ନ ଅବୟବ ଏବଂ ଆୟୁଧ କାଳକ୍ରମେ ଅବକ୍ଷୟ ହୋଇଥିବା ଦେଖିବାକୁ ମିଳିଥିଲା। ଘଟଣା ଜଣାପଡ଼ିବା ପରେ ୪ ବର୍ଷ ପୂର୍ବରୁ ଏଗୁଡ଼ିକୁ ମରାମତି କରାଯିବା ପାଇଁ ଦାବି ହୋଇ ଆସୁଥିଲା। ଏକଦା ୪୦ ବର୍ଷ ଧରି ରୁକୁଣା ରଥର ସାରଥି କାର୍ଯ୍ୟ ତୁଲାଉଥିବା ସେବାୟତ ନରସିଂହ ଖୁଣ୍ଟିଆ ଭଗ୍ନ ଚଳନ୍ତି ପ୍ରତିମାକୁ ପୂଜା ଅର୍ଚ୍ଚନା କରିବା, ଯାନିଯାତ୍ରାରେ ନେବା ଶୁଭଙ୍କର ନୁହଁ ବୋଲି କହିବା ସହ ମରାମତି ପାଇଁ ମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ସମାନ ଅଭିଯୋଗ ବିଭିନ୍ନ ନିଯୋଗ ପକ୍ଷରୁ ମଧ୍ୟ କରାଯାଇଥିଲା। ୨ ବର୍ଷ ତଳେ ପୁରୀ ମୁକ୍ତି ମଣ୍ଡପ ସହ ଯୋଗାଯୋଗ ହୋଇଥିଲେ ହେଁ ଆଜି ସୁଦ୍ଧା କୌଣସି ନିର୍ଯାସ ବାହାରି ପାରୁ ନାହିଁ। ଫଳରେ ଆସନ୍ତା ଯାତ୍ରାରେ ଚଳନ୍ତି ପ୍ରତିମା ମରାମତି କିମ୍ବା ବଦଳ ହୋଇ ନ ପାରିବା ଜଣାପଡିଛି। ନିକଟରେ ମନ୍ଦିର ପ୍ରଶାସନ ପକ୍ଷରୁ ମୁକ୍ତିମଣ୍ଡପକୁ ଏହାର ପ୍ରତିକାର ନେଇ ଚିଠି କରାଯାଇଥିଲା। ତହିଁରେ ମୁକ୍ତିମଣ୍ଡପ ପଣ୍ଡିତମାନେ ଚଳନ୍ତି ପ୍ରତିମା ଶୀତଳୀକରଣ ପଦ୍ଧତିରେ ମରାମତି ପାଇଁ ଉପଦେଶ ଦେଇଥିଲେ। ଏପଟେ ସେଭଳି ଶୀତଳୀକରଣ ପଦ୍ଧତି କାର୍ଯ୍ୟକାରୀ କରିବାକୁ ଉପଯୁକ୍ତ କୁଶଳୀ କାରିଗର ମିଳୁନାହାନ୍ତି। ଗୋଟିଏ ପଟେ ଟ୍ରଷ୍ଟ ବୋର୍ଡ, ସେବାୟତ ଏବଂ ଅନ୍ୟ ଅଧିକାରୀମାନଙ୍କ ମତ ପାର୍ଥକ୍ୟ ନେଇ ଅଦ୍ୟାବଧି କିଛି ସୁଫଳ ମିଳିପାରୁନାହିଁ। ଯାହାକୁ ନେଇ ଚଳନ୍ତି ପ୍ରତିମା ବଦଳ କିମ୍ବା ମରାମତି ପାଇଁ ବିଳମ୍ବ ଦେଖାଦେଉଛି। ଏ ନେଇ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ସାହୁଙ୍କୁ ପଚାରିବାରେ ଏ ପ୍ରସଙ୍ଗରେ ମୁକ୍ତିମଣ୍ଡପ ସହ ଦୁଇଥର ଚିଠି ମାଧ୍ୟମରେ ଜଣାଇଲୁଣି। ତେବେ ମୁକ୍ତିମଣ୍ଡପ ପଣ୍ଡିତଙ୍କ କହିବା ଅନୁଯାୟୀ, ଶୀତଳୀକରଣ ପ୍ରକ୍ରିୟାରେ ମୂର୍ତ୍ତି ମରାମତି କରାଯିବ। ଏହା କିଭଳି ଓ କେଉଁ କାରିଗର ଏହାକୁ କରିବେ ସେମାନେ ମିଳି ପାରୁ ନ ଥିବାରୁ ଚଳନ୍ତି ପ୍ରତିମାଗୁଡିକ ମରାମତିରେ ବିଳମ୍ବ ହେଉଛି। ଶିବରାତ୍ରି ପୂର୍ବରୁ ଯଦି କାରିଗର ମିଳନ୍ତି ତାହା ହେଲେ ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ସାହୁ କହିଛନ୍ତି।

## ନିଜସ୍ୱ ଗୃହ ସମସ୍ୟା ଦୂରକରିବ ମଡେଲ ଅଙ୍ଗନୱାଡ଼ି

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ଶିଶୁର ପ୍ରାଥମିକ ଶିକ୍ଷାକୁ ସୁଦୃଢ କରିବା ପାଇଁ ଅଙ୍ଗନୱାଡ଼ି ଗୃହର ଆବଶ୍ୟକତା ଜରୁରୀ ହୋଇଥିବା ବେଳେ ଅଧିକାଂଶ ବସ୍ତି ଅଞ୍ଚଳରେ ଅଙ୍ଗନୱାଡ଼ିଙ୍କର ନିଜସ୍ୱ ଗୃହ ନାହିଁ। ତେବେ କିଭଳି ପ୍ରତ୍ୟେକ ଅଞ୍ଚଳରେ କମ୍ ମୂଲ୍ୟରେ ଅଙ୍ଗନୱାଡି ଗୃହ ନିର୍ମାଣ କରାଯାଇପାରିବ ତାହାର ଏକ ମଡେଲ୍ ଢୁଙ୍ଗୁଢୁଙ୍ଗୁ ବସ୍ତିଠାରେ ନିର୍ମାଣ କରାଯାଇଛି। ଏହାକୁ ଆଖି ଆଗରେ ରଖି ବିଏମ୍‌ସି ଅଧିନସ୍ଥ ଢୁଙ୍ଗୁଢୁଙ୍ଗୁ ବସ୍ତି ୱାର୍ଡ ନମ୍ବର-୧୦ରେ ଶିଶୁ ମହିଳା ବିକାଶ କେନ୍ଦ୍ର(ସିସିଡବ୍ଲ୍ୟୁଡି), ନ୍ୟାଶନାଲ ଫାଉଣ୍ଡେଶନ୍ ଫର ଇଣ୍ଡିଆ, ସେଫର ୱାର୍ଲ୍ଡ କମ୍ୟୁନିକେଶନର ମିଳିତ ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅଙ୍ଗନୱାଡି ଗୃହକୁ **ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା** ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ କର୍ପୋରେଟର ପ୍ରଣତି ନାୟକ, ନ୍ୟାଶନାଲ୍ ଫାଉଣ୍ଡେଶନ୍ ଫର୍ ଇଣ୍ଡିଆର ଡ. ବର୍ଷା ପରିଚ୍ଛା, ସିଦ୍ଧାର୍ଥ ବେହେଲ, ଅଙ୍ଗନୱାଡି କର୍ମୀ ସଙ୍ଗୀତା ସିନ୍ଧୁ, ସିସିଡବ୍ଲ୍ୟୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବାଉଁଶରେ ନିର୍ମିତ ଏହି ମଡେଲ୍ ଗୃହରେ ଶିଶୁମାନଙ୍କ ପଢିବା ଗୃହ ସହ ଆବଶ୍ୟକୀୟ ସାମଗ୍ରୀ ରଖିବା ଓ ରୋଷେଇ ଗୃହର ବ୍ୟବସ୍ଥା କରାଯାଇଛି। ଶିଶୁମାନଙ୍କୁ ଆକର୍ଷିତ କରିବା ପାଇଁ ଏଠାରେ ବିଭିନ୍ନ ରଙ୍ଗ ଲଗାଯାଇଛି। ବନ୍ୟାଜଳ କିଭଳି ଗୃହକୁ ପ୍ରବେଶ ନ କରିବ ସେହିଭଳି ଗୃହର ଉଚ୍ଚତା ରଖାଯାଇଛି।

## ଓଡ଼ିଶା ଦଳିତ ଅଧିକାର ମଞ୍ଚର ରାଜ୍ୟସ୍ତରୀୟ କନ୍‌ଭେନ୍‌ଶନ




କନ୍‌ଭେନ୍‌ଶନରେ ଯୋଗ ଦେଇଥିବା ଅତିଥିମାନେ।

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ଓଡ଼ିଶା ଦଳିତ ଅଧିକାର ମଞ୍ଚ ପକ୍ଷରୁ ରାଜ୍ୟ ସଭାପତି ମାନ ଜେନାଙ୍କ ଅଧ୍ୟକ୍ଷତାରେ ଶନିବାର ରେଡକ୍ରସ ଭବନଠାରେ ଓଡ଼ିଶାରେ ଭୂମିହୀନ କୃଷିଶ୍ରମିକ ଓ ଭାଗଚାଷୀଙ୍କ ସମସ୍ୟା, ସମାଧାନ ବିଷୟରେ ଏକ ଦୁଇଦିନିଆ କନ୍‌ଭେନ୍‌ଶନ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ଭାଗଚାଷୀଙ୍କ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ସରକାରର ସାହାସ ନ ଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁସୂଚିତ ଜାତି ସେଲ୍‌ର ସଭାପତି ବିଭୁପ୍ରସାଦ ତରାଇ, ଆମ୍ ଆଦମି ପାର୍ଟିର ସଭାପତି ନିଶିକାନ୍ତ ମହାପାତ୍ର, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋଙ୍କ ସହ ସୁରେଶ ପାଣିଗ୍ରାହୀ, ରାଧାକାନ୍ତ ସେଠୀ, ଅବସରପ୍ରାପ୍ତ ପ୍ରଶାସକ ଡ. କଲ୍ୟାଣ ରାୟ, ଓଡ଼ିଶା ଦଳିତ ଅଧିକାର ମଞ୍ଚ ଉପଦେଷ୍ଟା ମଧୁସୂଦନ ଯାଦବ ଯୋଗଦେଇଥିଲେ। ଏହି କନ୍‌ଭେନ୍‌ଶନ୍‌ରେ ଓଡ଼ିଶାର ସମସ୍ତ ଜିଲାରୁ ଜିଲା ସଭାପତି, ବ୍ଲକ ସଭାପତିମାନେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଜିଲା ଓ ତହସିଲ ସ୍ତରରେ କରିବାପାଇଁ ମଞ୍ଚ ପକ୍ଷରୁ ସ୍ଥିର କରାଯାଇଛି।

## ମଦଦୋକାନ ଭାଙ୍ଗିଲେ ଉତ୍ତ୍ୟକ୍ତ ମହିଳା

**ବାରଙ୍ଗ,୧୯।୧(ଡି.ଏନ୍.ଏ.)**



ପୋଲିସ ଅଧିକାରୀ ମହିଳାଙ୍କୁ ବୁଝାଶୁଝା କରୁଛନ୍ତି।

ବାରଙ୍ଗ ଥାନାର ନରାଜ ଗ୍ରାମରେ ଥିବା ଏକ ଦେଶୀ ମଦଦୋକାନକୁ ଶନିବାର ସହର ଓ ସାମଲସାହି ମହିଳାମାନେ ଭାଙ୍ଗି ଦେଇଛନ୍ତି। ଛୋଟପିଲାଙ୍କୁ ମଦ ନ ଦେବାକୁ ଗ୍ରାମବାସୀ ଦୋକାନୀକୁ ତାଗିଦ୍ କରିଥିଲେ। କିନ୍ତୁ ବ୍ୟବସାୟୀ ଲାଭ ଯୋଗୁ ଦୋକାନୀ ପିଲାଙ୍କୁ ମଦ ଦେଉଥିବା ଜାଣିପାରି ମହିଳାମାନେ ଉତ୍ତ୍ୟକ୍ତ ହୋଇ ଦୋକାନ ଭଙ୍ଗାରୁଜା କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମହିଳାଙ୍କୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପ୍ରକାଶ ଯେ, ନରାଜ ଗ୍ରାମରେ ସରକାରୀ ଦେଶୀମଦ ଦୋକାନ ରହିଛି। ଏହି ଦୋକାନର ୧୦୦ମିଟର ଦୂରତା ମଧ୍ୟରେ ସାମଲ ସାହି, ସହର ସାହି ଓ ଗଙ୍ଗାଧାରଣୀ ମନ୍ଦିର ଥିବାବେଳେ ଦୋକାନ ପଛପଟେ ଅଛି ସିଦ୍ଧେଶ୍ୱର ବିଦ୍ୟାମନ୍ଦିର। ଏହି ମଦଦୋକାନରୁ ମଦ ପିଇ ଅନ୍ୟ ଗ୍ରାମ ଅପେକ୍ଷା ସହର ସାହି ଓ ସାମଲ ସାହିର ବହୁଲୋକ ମୃତ୍ୟୁବରଣ କରିଛନ୍ତି। ଏଥିସହ ବିଦ୍ୟାଳୟ ପଛରେ ଦୋକାନଟି ଥିବାରୁ ସ୍କୁଲପିଲା ଏହାର ଆଦୃତ ହେବାପୂର୍ବରୁ ଉଭୟ ଗ୍ରାମବାସୀ ପିଲାଙ୍କୁ ମଦ ନ ଦେବାକୁ ଦୋକାନୀକୁ କହିଥିଲେ। ଶନିବାର ସନ୍ଧ୍ୟାରେ ସହର ସାହିର ଦୁଇଜଣ ପିଲା ମଦ କିଣୁଥିବାର ଦେଖିବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଉଭୟ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ସଂଘବଦ୍ଧ ହୋଇ ରାତିରେ ମଦଦୋକାନ ସମେତ ଆସବାବପତ୍ର ଭଙ୍ଗାରୁଜା କରିବା ସହ ଏକ ସାଇକେଲକୁ ପୋଡ଼ିଦେଇଥିଲେ। ଭୟରେ ଦୋକାନ କର୍ମଚାରୀମାନେ ଗ୍ରୀଲ ବନ୍ଦକରି ଭିତରେ ରହିଯାଇଥିଲେ। ଖବରପାଇ ପୋଲିସ ପହଞ୍ଚିବାବେଳେ ଉତ୍ତ୍ୟକ୍ତ ମହିଳାମାନେ ପୋଲିସକୁ ମଧ୍ୟ ଦୋଷାରୋପ କରିବା ସହ ଉକ୍ତ ଦୋକାନକୁ ତୁରନ୍ତ ସ୍ଥାନାନ୍ତର କରିବାକୁ ଦାବି କରିଥିଲେ। ପରେ ଏ ବିଷୟରେ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବାପରେ ମହିଳାମାନେ ଫେରିଥିଲେ। ଏନେଇ ବାରଙ୍ଗ ଥାନାଧିକାରୀ ଶଶିକାନ୍ତ ରାଉତ କୁହନ୍ତି, ଏହି ମଦଦୋକାନ ସରକାରୀ ସ୍ୱୀକୃତିପ୍ରାପ୍ତ ହୋଇଥିବା ବେଳେ ଘଟଣା ବିଷୟରେ ଜିଲା ପ୍ରଶାସନ ସହ କଥା ହୋଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

**ପ୍ରତିଶ୍ରୁତି ପରେ ଫେରିଲେ**

## ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

**ବାଲିଅନ୍ତା,୧୯।୧(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁରର ଶାସନ ଗ୍ରାମରେ ଶନିବାର ଏକ ପାନୀୟ ଜଳପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯକ୍ରମରେ ଅର୍ଥ ଓ କୃଷି ମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ ପାନୀୟଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏହାପୂର୍ବରୁ ମନ୍ତ୍ରୀ ବେହେରା ଶାସନ ଗ୍ରାମ ଛକରେ ଥିବା ରାଧାମୋହନ ଯୁବକ ସଂଘର ପାଠାଗାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିପାଇଁ ଆମ ଗାଁ ଆମ ବିକାଶ ଯୋଜନାରୁ ୭ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ଉତ୍ସବରେ ଅବସରପ୍ରାପ୍ତ ଆଇପିଏସ ଅଫିସର ଅରୂପ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ସରପଞ୍ଚ ଜୟଶ୍ରୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ପରେ ଗ୍ରାମର ସତସଙ୍ଗ କେନ୍ଦ୍ର ପରିସରରେ ଆୟୋଜିତ ପିଠା କାର୍ଯ୍ୟକ୍ରମରେ ମନ୍ତ୍ରୀ ବେହେରା ଯୋଗଦେଇଥିଲେ। ଉତ୍ସବକୁ ମାନସ ନାୟକ, ପ୍ରସନ୍ନ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଘର ଗ୍ରୀଲ ଭାଙ୍ଗି ଚୋରି, ଜଣେ ଗିରଫ

**କଟକ ରୋଡ,୧୯।୧(ଡି.ଏନ୍.ଏ)**

ଘର ଗ୍ରୀଲ ଭାଙ୍ଗି ଚୋରି କରିବା ଅଭିଯୋଗରେ ବଡ଼ଗଡ଼ ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ମଇଁଷାଖାଲ ବସ୍ତିରେ ରହୁଥିବା ଟୁନା ପ୍ରଧାନ। ପୋଲିସ ସୂଚନା ଅନୁଯାୟୀ, ୨୦୧୮ ନଭେମ୍ବର ୩ରେ କେଦାରଗୌରୀ ବିହାରରେ ରହୁଥିବା ବଳରାମ ରାଉତରାୟଙ୍କ ଘର ଗ୍ରୀଲ୍ ଭାଙ୍ଗି ଟୁନା ସହ ତାଙ୍କ ଅନ୍ୟ ସହଯୋଗୀ ୨ଟି ଏଲଇଡି ଟିଭି ଚୋରି କରିନେଇଥିଲେ। ବଳରାମଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୪୧୭/୧୮)ରୁଜୁ କରିଥିଲା।

## ଆଜିଠାରୁ ଆମ ଲୋକକଳା ଆମ ସଂସ୍କୃତି କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ମାସରେ ଗୋଟିଏ ଦିନ ଏଣିକି ପ୍ରତିମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ଲୋକକଳା କାର୍ଯ୍ୟକ୍ରମ। ଲୋକକଳାର ପ୍ରଚାର ପ୍ରସାର, କଳାକାରଙ୍କୁ ଆର୍ଥିକ ସହାୟତା ପ୍ରଦାନ ଏବଂ ସରକାରଙ୍କ ଜନମଙ୍ଗଳକାରୀ ଯୋଜନାଗୁଡିକର ପ୍ରସାର ପାଇଁ ଏହି ଅଭିନବ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ପ୍ରତିମାସରେ ରବୀନ୍ଦ୍ର ମଣ୍ଡପଠାରେ ଏହି 'ଆମ ଲୋକକଳା ଆମ ସଂସ୍କୃତି' କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଥିବାବେଳେ ରବିବାର ଏହାକୁ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିବେ। ରବୀନ୍ଦ୍ର ମଣ୍ଡପଠାରେ ପ୍ରଥମ ରାଜ୍ୟସ୍ତରୀୟ 'ଆମ ଲୋକକଳା ଆମ ସଂସ୍କୃତି' କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ ବୋଲି ଶନିବାର ବିଭାଗ ପକ୍ଷରୁ ସ୍ଥାନୀୟ ରାଜ୍ୟ ଅଭିଲେଖାଗାରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା 'ସଂସ୍କୃତି ଚର୍ଚ୍ଚା' ଓ 'ଶ୍ରୀଜଗନ୍ନାଥାୟନ' କାର୍ଯ୍ୟକ୍ରମ ଭଳି ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ପ୍ରତ୍ୟେକ ମାସର ଗୋଟିଏ ଦିନ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ନିୟମିତ ପରିବେଷଣ କରାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଲାଙ୍ଗୀରର 'ବଜାଶାଳ', ଖୋର୍ଦ୍ଧାର 'ଘୋଡ଼ା ନାଚ' ଏବଂ କଟକର 'ଦଣ୍ଡକୋଇଲା' ପରିବେଷିତ ହେବ। ପ୍ରତି ମାସରେ ଦୁଇଟି କିମ୍ବା ତିନୋଟି ଲେଖାଏ ଲୋକକଳାକୁ ମିଶାଇ ମୋଟ ୨୪ରୁ ୩୬ଟି ଲୋକକଳା ପରିବେଷଣ କରାଯିବ। ଖବରଦାତା ସମ୍ମିଳନୀରେ ସଂସ୍କୃତି ବିଭାଗ ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋୟୀ, ସଂସ୍କୃତି ବିଭାଗ ଯୁଗ୍ମନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ ଏବଂ ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

■ ଅଭିଯୋଗ ଆଣିଲା ସେଭେନ ହିଲ୍‌ସ ଇଷ୍ଟେଟ୍ ଫ୍ଲାଟ୍ ଓନର୍ସ ଆସୋସିଏଶନ

## ଟଙ୍କା ନେଇ ଭଣ୍ଡେଇ ଚାଲିଛି ବିଲ୍ଡର ସଂସ୍ଥା

- ଟଙ୍କା ଦେଇ ଫସିଛନ୍ତି ଶତାଧିକ ଲୋକ
- ବିଦ୍ୟୁତ୍, ପାଣି, ଲିଫ୍ଟ, ରାସ୍ତା ନାହିଁ
- ଇଓଡବ୍ଲ୍ୟୁ, ରେରା କର୍ତ୍ତୃପକ୍ଷ ନୀରବ

**ଭୁବନେଶ୍ୱର,୧୯।୧ (ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ ଆସୋସିଏଶନର କର୍ମକର୍ତ୍ତା।

ନାନା ପ୍ରତିଶ୍ରୁତି ଦେଇ ଫ୍ଲାଟ୍ ବିକ୍ରି କରୁଛନ୍ତି ବିଲ୍‌ଡର ସଂସ୍ଥା। ଟଙ୍କା ନେବା ପରେ ଚୁକ୍ତି ଅନୁସାରେ ଘର ଓ ଆବଶ୍ୟକ ସୁବିଧା ସୁଯୋଗ ଦିଆଯାଉନି। ଫଳରେ ଫ୍ଲାଟ୍ କିଣିବା ପରେ ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଏକ ବିଲ୍‌ଡର ସଂସ୍ଥା ବିରୋଧରେ ଏମିତି ଅଭିଯୋଗ ଆଣିଛି ସେଭେନ ହିଲ୍‌ସ ଇଷ୍ଟେଟ୍ ଫ୍ଲାଟ୍ ଓନର୍ସ ଆସୋସିଏଶନ। ଶନିବାର ଭୁବନେଶ୍ୱରଠାରେ ଏକ ଖବରଦାତା ସମ୍ମିଳନୀରେ ଆସୋସିଏଶନ ସଭାପତି ଲଲାଟେନ୍ଦୁ ରଥ କହିଛନ୍ତି ଯେ, ପୁରୀସ୍ଥିତ ସେଭେନ୍ ହିଲ୍‌ସ ସ୍ୟାଣ୍ଡିସ୍‌ରେ ଶତାଧିକ ଲୋକ ୭ବର୍ଷ ହେବ ଫ୍ଲାଟ୍ କିଣିଛନ୍ତି। ଆଉ କେତେଜଣ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଟଙ୍କା ଦେଇଛନ୍ତି। ଓଡ଼ିଶା ସମେତ ରାଜ୍ୟ ବାହାରର ୫ଶହରୁ ଅଧିକ ଲୋକଙ୍କ ସମେତ କେତେଜଣ ପ୍ରବାସୀ ଭାରତୀୟଙ୍କଠାରୁ ସଂସ୍ଥା ୧୦୦ କୋଟି ଟଙ୍କା ନେଇଛି। ମାତ୍ର ଟଙ୍କା ନେବା ପରେ ଚୁକ୍ତି ଖିଲାପ କରି ଭଣ୍ଡେଇ ଚାଲିଛି। ଫ୍ଲାଟରେ ପାଣି, ବିଦ୍ୟୁତ୍, ଲିଫ୍ଟ ଓ ରାସ୍ତା ନାହିଁ। ଏନେଇ ସଂସ୍ଥାର ମୁଖ୍ୟଙ୍କୁ ଜମାକାରୀ ବାରମ୍ବାର କହିଥିଲେ ମଧ୍ୟ ସେ କେବଳ ପ୍ରତିଶ୍ରୁତି ଦେଇ ସମୟ ଗଡ଼ାଇ ଚାଲିଛନ୍ତି। ଏପରି କି ଲୋକଙ୍କଠାରୁ ସମ୍ପୂର୍ଣ୍ଣ ଟଙ୍କା ନେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଫ୍ଲାଟ୍ ହସ୍ତାନ୍ତର କରୁନାହାନ୍ତି। ଫଳରେ ଏବେ ଏହି ଫ୍ଲାଟଗୁଡିକ ଭୂତକୋଠି ପାଲଟିଲାଣି। ଏହି ବାସଗୃହ ପ୍ରକଳ୍ପଟି ଏବେ ନିର୍ମାଣାଧୀନ ରହିଥିବାବେଳେ ଏଯାଏ ଏହାକୁ ରେରା ଆଇନ ଅନୁଯାୟୀ ପଞ୍ଜୀକରଣ କରାଯାଇ ନ ଥିବା ଆସୋସିଏଶନ ସଭାପତି ରଥ କହିଛନ୍ତି। ଏପିର କି ଏ ସଂକ୍ରାନ୍ତରେ ଖାଉଟି ଅଦାଲତ, ଇଓଡବ୍ଲ୍ୟୁ ଓ ରେରା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ବି ସୁଫଳ ମିଳୁ ନ ଥିବା ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଂଘ ଉପସଭାପତି ଡା. ଭବାନୀ ପ୍ରସାଦ ଦାଶ, ସାଧାରଣ ସମ୍ପାଦକ ହରେଶ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ବିଜୟ କୁମାର ରାୟ ଓ କୋଷାଧ୍ୟକ୍ଷ ବସୁଧା ମିଶ୍ର ଉପସ୍ଥିତ ରହିଥିଲେ। ତେବେ ଏ ସଂକ୍ରାନ୍ତରେ ଉକ୍ତ ବିଲ୍ଡର ସଂସ୍ଥାର ମାଲିକଙ୍କୁ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ରିସିଭ୍ କରି ନ ଥିଲେ।

## ଫଟୋରେ ଖବର



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଶନିବାର 'କ ଖ ଗ' ସମ୍ବଲପୁର ଏକଲବ୍ୟ ଅର୍ଗାନାଇଜେଶନ ପକ୍ଷରୁ ଆୟୋଜିତ ନାଟକର ଏକ ଦୃଶ୍ୟ।



ଭୁବନେଶ୍ୱର ୟୁନିଟ-୮ସ୍ଥିତ ଷ୍ଟିୱାର୍ଟ ସ୍କୁଲ ପରିସରରେ ଶନିବାର ଅନୁଷ୍ଠିତ ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେଇଥିବା ପିଲାମାନେ।




ଭଦ୍ରକ ଗ୍ରାମାଞ୍ଚଳ ଥାନାସ୍ଥିତ କୋଦଣ୍ଡପୁର ଛାତ୍ର ଅମ୍ରିତ ପୁହାଣଙ୍କ ନ୍ୟାୟ ଦାବିରେ ପୁରୁଷ କମିଶନ ପକ୍ଷରୁ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ କରାଯାଉଛି।

# ସହଜ ହେଉଛି ପରୀକ୍ଷା ପ୍ରସ୍ତୁତି

ଦିନଥିଲା କୌଣସି କମ୍ପିଟେଟିଭ୍ ପରୀକ୍ଷା କିମ୍ବା ଇଣ୍ଟରଭ୍ୟୁ ଲାଗି ପ୍ରସ୍ତୁତ ହେବାକୁ ଖୁବ୍ କଷ୍ଟ କରିବାକୁ ପଡୁଥିଲା। କେତେବେଳେ ଆବଶ୍ୟକ ଷ୍ଟଡି ମ୍ୟାଟେରିଆଲ୍ ମିଳିବାରେ ଅସୁବିଧା ହେଉଥିଲା ତ ଆଉ କେବେ ପରୀକ୍ଷା ପ୍ରସ୍ତୁତି ଲାଗି କୋଚିଂ ସେଣ୍ଟର ଯିବାରେ ସମୟ ଅଭାବ କିମ୍ବା ଅର୍ଥ ସାଜୁଥିଲା ବାଧକ। ହେଲେ ଏବେ ସେ ସମୟ ଆଉ ନାହିଁ। ନିଜର ଶିକ୍ଷାଗତ ଯୋଗ୍ୟତାନୁଯାୟୀ ଯେକୌଣସି କମ୍ପିଟେଟିଭ୍ ପରୀକ୍ଷା ଲାଗି ଘରେ ବସି ପ୍ରସ୍ତୁତି କରିବାର ସମସ୍ତ ସୁବିଧା ସୁଯୋଗ ଆଣି ଦେଇଛି ଇଣ୍ଟରନେଟ୍ ...



**ଗୁଗୁଲ:** ତତ୍‌କ୍ଷଣାତ୍ କୌଣସି ବିଷୟରେ ଜାଣିବାର ବର୍ତ୍ତମାନ ସବୁଠୁ ସହଜ ମାଧ୍ୟମ ପାଲଟିଛି ସର୍ଚ୍ଚ ଇଞ୍ଜିନ ଗୁଗୁଲ୍। ବିଦ୍ୟାର୍ଥୀଙ୍କ ଲାଗି ଏହା ବରଦାନଠୁ କମ୍ ନୁହେଁ। ଯଦି କୌଣସି ପରୀକ୍ଷା ଲାଗି ପ୍ରସ୍ତୁତ ହେବାର ଥାଏ ଏଥିରେ ସର୍ଚ୍ଚ କରିବା ଦ୍ୱାରା ସମସ୍ତ ଡିଟେଲ୍ ମିଳିବା ସହ ପ୍ରସ୍ତୁତି ଲାଗି ଷ୍ଟଡି ମ୍ୟାଟେରିଆଲ୍ ଏବଂ ବିଗତ ବର୍ଷ ଗୁଡ଼ିକର ପ୍ରଶ୍ନ ଉତ୍ତର ମଧ୍ୟ ମିଳି ପାରୁଛି। ଏ ବାବଦୀୟ କେଉଁ ସବୁ ବ୍ଲଗ୍ କିମ୍ବା ୱେବ୍‌ସାଇଟ୍ ଆପଣଙ୍କ ପାଇଁ ଉପାଦେୟ ହୋଇପାରିବ ସେ ସମ୍ପର୍କରେ ବି ସବିଶେଷ ତଥ୍ୟ ଏଥିରୁ ମିଳିଯାଉଛି।

**ୟୁଟ୍ୟୁବ୍:** ବିଭିନ୍ନ ଚାକିରି ସମ୍ବନ୍ଧିତ ବିଶେଷ କରି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ନିମନ୍ତେ ବିଦ୍ୟାର୍ଥୀମାନଙ୍କ ଲାଗି ୟୁଟ୍ୟୁବ୍ ବେଶ୍ ସହାୟକ ହୋଇପାରୁଛି। ଏଥିରେ ଅଧ୍ୟାପକ, ଶିକ୍ଷାବିତ୍, କୋଚିଂ ସେଣ୍ଟର ସଞ୍ଚାଳକ, ବିଶେଷଜ୍ଞ ଆଦିଙ୍କ ଦ୍ୱାରା ବିଭିନ୍ନ ବିଷୟ ବସ୍ତୁକୁ ନେଇ ଭିଡିଓ ଉପଲବ୍ଧ ରହୁଛି। ଏମିତିକି ୟୁଟ୍ୟୁବ୍‌ର ବିଭିନ୍ନ ଚ୍ୟାନେଲ୍‌ରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ଗ୍ରୁପ୍ ଡିସ୍କଶନ୍ ଭିଡିଓ ମଧ୍ୟ ଉପଲବ୍ଧ ରହୁଛି। ଯାହାକୁ ଦେଖି ପାଠ ବୁଝିବା ଏବଂ ମନେ ରଖିବା ଅଧିକ ସରଳ ହୋଇପାରୁଛି।

**ବ୍ଲଗ୍ ଏବଂ ୱେବ୍‌ସାଇଟ୍:** ଏଥିରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିଭିନ୍ନ ପରୀକ୍ଷା ଲାଗି ପ୍ରସ୍ତୁତ ହେବା ଏବଂ ସେଥିରେ କୃତକାର୍ଯ୍ୟ ହେବାର ଟିପ୍ସ ମିଳିଯାଉଛି। ବିଗତବର୍ଷ ଗୁଡ଼ିକରେ ଏଭଳି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ସଫଳତାର ସୂତ୍ର ଏବଂ ପଢ଼ାକୁ ଅଧିକ ସୁଦୃଢ଼ କରିବାର କୌଶଳ ଜାଣି ହେଉଛି। କୋଚିଂ ସେଣ୍ଟର ଏବଂ ଅନ୍‌ଲାଇନ୍ କୋର୍ସ ଯୋଗାଉଥିବା ଅନେକ ପୋର୍ଟାଲ ତରଫରୁ ବି ପଢ଼ା ସାମଗ୍ରୀ ଏଥିରୁ ମିଳିପାରୁଛି।



ବର୍ତ୍ତମାନ ଇଣ୍ଟରନେଟ୍ ଜରିଆରେ ପାଠ ପଢ଼ା ବିଶେଷ କରି ଯେକୌଣସି କମ୍ପିଟେଟିଭ୍ ପରୀକ୍ଷା ଲାଗି ଘରେ ବସି ପ୍ରସ୍ତୁତି କରିବା ହୋଇପାରିଛି ଅଧିକ ସହଜ ଏବଂ ସରଳ...

**ପବ୍ଲିକେଶନ:** ଯେକୌଣସି ପରୀକ୍ଷା ଲାଗି ପ୍ରସ୍ତୁତ ହେବା ନିମନ୍ତେ ଏଥିପାଇଁ ଆବଶ୍ୟକ ପୁସ୍ତକ ଯଥା ସମୟରେ ମିଳିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା। କାରଣ ଅର୍ଥ ଅଭାବରୁ ବହି କିଣି ନ ପାରିବା, ଦୋକାନରେ ବହି ଉପଲବ୍ଧ ନ ଥିବା କିମ୍ବା ଯଥା ସମୟରେ ଯୋଗାଡ଼ ନ ହୋଇପାରିବା କାରଣରୁ ଅନେକଙ୍କୁ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବାରୁ ନଜିର ରହିଛି। ହେଲେ ବର୍ତ୍ତମାନ ବିଭିନ୍ନ ପବ୍ଲିସର୍ସଙ୍କର ପୁସ୍ତକ ଅନ୍‌ଲାଇନ୍‌ରେ ଅର୍ଥାତ୍ ଇ-ବୁକ୍ ଭାବେ ମିଳୁଛି। କେତେକ ବହି ସମ୍ପୂର୍ଣ୍ଣ ମାଗଣାରେ ପଢ଼ି ହେଉଥିବାବେଳେ ଆଉ କେତେକର ଦେୟ ଦେବା ପରେ ଡାଉନ୍‌ଲୋଡ୍ କରି ଇଚ୍ଛାନୁସାରେ ପଢ଼ି ହେଉଛି।

**ଇ- ଲାଇବ୍ରେରୀ:** ଯଦି ନିର୍ଦ୍ଦିଷ୍ଟ ପବ୍ଲିକେଶନ୍‌ର ବହି ନ ମିଳେ ତେବେ ଏହି ସମ୍ବନ୍ଧିତ ଅନ୍ୟ ବହି ଖୋଜିବା ଲାଗି ଏବେ ଇ-ଲାଇବ୍ରେରୀର ସୁବିଧା ବି ନିଆଯାଇପାରୁଛି। ଏଥିରୁ ଆବଶ୍ୟକତା ଅନୁଯାୟୀ ଏକାଧିକ ବହି ଡାଉନ୍‌ଲୋଡ୍ କରି ଡେସ୍କଟପ୍, ଲାପ୍‌ଟପ୍ ହେଉ କିମ୍ବା ସ୍ମାର୍ଟଫୋନ୍‌ରେ ମଧ୍ୟ ପଢ଼ି ହେଉଛି। ଏହାଦ୍ୱାରା ସାଙ୍ଗରେ ଅଧିକ ବହି ଧରି ଯିବାର ଟେନ୍‌ଶନ୍ ରହୁନାହିଁ। ଯେକୌଣସି ସ୍ଥାନରେ ଅବା ସମୟରେ ନିଜ ଫୋନ୍‌ରେ ପଢ଼ିବା ବି ସହଜ ହେଉଛି।

**ଇ- କମର୍ସ:** ଏହି ୱେବ୍‌ସାଇଟ୍‌ଟି ବର୍ତ୍ତମାନ ବିଭିନ୍ନ ପ୍ରକାରର ସୁବିଧା ଯୋଗାଇ ଦେଉଥିବାରୁ ବେଶ୍ ଲୋକପ୍ରିୟ ହୋଇପାରିଛି। ଯେଉଁଥିରେ ସାମିଲ ରହିଛି ବିଦ୍ୟାର୍ଥୀମାନଙ୍କ ଲାଗି ଆବଶ୍ୟକ ଷ୍ଟଡି ମ୍ୟାଟେରିଆଲ୍। ପାଠ ପଢ଼ା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ନିମନ୍ତେ ଏଥିରେ ଡାଟା ଉପଲବ୍ଧ ହୋଇପାରୁଛି। ଯାହାକୁ ସିଧାସଳଖ ହେଉ କିମ୍ବା ଡାଉନ୍‌ଲୋଡ୍ କରି ପରେ ପଢ଼ାଯାଇପାରୁଛି।

**ମକ୍ ଟେଷ୍ଟ:** ବର୍ତ୍ତମାନ ବଡ଼ ବଡ଼ ସଂସ୍ଥାନରେ ପ୍ରବେଶ କରିବା ଲାଗି କମ୍ପ୍ୟୁଟର ଆଧାରିତ ଟେଷ୍ଟ ବାଧ୍ୟତାମୂଳକ ହେଉଥିବା ଦେଖିବାକୁ ମିଳୁଛି। ଯେଉଁଥିପାଇଁ ପ୍ରସ୍ତୁତି ହେବା ଲାଗି ଅନ୍‌ଲାଇନ୍‌ରେ ଅନେକ ୱେବ୍‌ପୋର୍ଟାଲ, ମୋବାଇଲ୍ ଆପ୍, ୱେବ୍‌ସାଇଟ୍‌ର ସୁବିଧା ମିଳୁଛି। ଯେଉଁଥିରେ ପୂର୍ବବର୍ଷଗୁଡ଼ିକରେ ଏଭଳି ପରୀକ୍ଷାରେ ଆସିଥିବା ପ୍ରଶ୍ନ ସହ ଚଳିତବର୍ଷ ଲାଗି ସାମ୍ଭାବ୍ୟ ପ୍ରଶ୍ନ ସାମିଲ ରହୁଛି। ଯାହାର ସାହାଯ୍ୟ ନେଇ ଜଣେ ବିଦ୍ୟାର୍ଥୀ ମକ୍ ଟେଷ୍ଟ ଲାଗି ନିଜକୁ ପ୍ରସ୍ତୁତ କରିବା ସହଜ ହୋଇପାରିବ।

## ଏ ସପ୍ତାହର ପ୍ରଶ୍ନ

୧- ନିକଟରେ ଆଇସିଏସ୍‌ଆଇ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ .........ଙ୍କୁ ମିଳିଛି ?
୨- ୧୦ମ ଶିଖ୍ ଗୁରୁ ଗୋବିନ୍ଦ ସିଂ ......... ମସିହାରେ ଜନ୍ମ ଗ୍ରହଣ କରିଥିଲେ ?
୩- 'ୱାନ୍ ଫ୍ୟାମିଲୀ, ୱାନ୍ ଜବ୍' ସ୍କିମ୍ ......... ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଛି ?
୪- ଫିଲିପ୍ କୋଟ୍‌ଲର୍ ପ୍ରେସିଡେନ୍ସିଆଲ୍ ଆୱାର୍ଡ ପାଇଥିବା ପ୍ରଥମ ଭାରତୀୟ ..................... ?
୫- ସୋଲାନମ୍ ଟ୍ୟୁବେରୋସମ୍ .........ର ବୈଜ୍ଞାନିକ ନାମ ?

## ଗତ ସପ୍ତାହର ଉତ୍ତର

୧ ଚେନ୍ନାଇ
୨ ଏଚ୍‌ଡିଏଫ୍ ମ୍ୟୁଚୁଆଲ୍ ଫଣ୍ଡ
୩ ଲନ୍ ଚାନୀ
୪ ଭିଏତ୍‌ନାମ
୫ ଚାର୍ଲ୍ସ ମାସିଣ୍ଟସ୍

## ଉତ୍ତରଦାତା



ପ୍ରଶାନ୍ତ କର, ପୁରୀ



ମୂରଲୀଧର ପ୍ରଧାନ,ବ୍ରହ୍ମପୁର



କିରନ୍ କୁମାର ମହାନ୍ତି, ଭୁବନେଶ୍ୱର

**ବିଃଦ୍ରଃ** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitri-agamiasha @gmail.com

## ଟପ୍ 10

### ପୃଥିବୀର ଶକ୍ତିଶାଳୀ ବାୟୁସେନା

୧- ୟୁନାଇଟେଡ୍ ଷ୍ଟେଟ୍ସ ଏୟାର ଫୋର୍ସ..........ଆମେରିକା
୨- ରଷିଆନ୍ ଏୟାର ଫୋର୍ସ......................... ରୁଷିଆ
୩- ପିପୁଲ୍ସ ଲିବରେଶନ୍ ଆର୍ମି ଏୟାର ଫୋର୍ସ....... ଚାଇନା
୪- ଇଣ୍ଡିଆନ୍ ଏୟାର ଫୋର୍ସ......................... ଭାରତ
୫- ରୟାଲ ଏୟାର ଫୋର୍ସ......................... ଇଂଲଣ୍ଡ
୬- ଇସ୍ରାଏଲ୍ ଏୟାର ଫୋର୍ସ..................... ଇସ୍ରାଏଲ୍
୭- ଫ୍ରେଞ୍ଚ୍ ଏୟାର ଫୋର୍ସ............................. ଫ୍ରାନ୍ସ
୮- ତୁର୍କୀଶ ଏୟାର ଫୋର୍ସ.............................. ତୁର୍କୀ
୯- ଇଜିପ୍ଟିଆନ୍ ଏୟାର ଫୋର୍ସ...................... ଇଜିପ୍ଟ
୧୦- ଜର୍ମାନ ଏୟାର ଫୋର୍ସ....................... ଜର୍ମାନୀ



# ତେଲୁଗୁ ଡ୍ୟାନ୍ସିଂ ରିଆଲିଟି ଶୋ'ରେ ଚମକୁଛନ୍ତି କାହ୍ନା

କୁହାଯାଏ, ପ୍ରତିଭାକୁ ମାର୍ଜିତ ପାଇଁ ଗୁରୁ ଆବଶ୍ୟକ । କିନ୍ତୁ ସେ ଥିଲେ ନିଜେ ନିଜର ଗୁରୁ। ଟିଭି ଏବଂ ଇଣ୍ଟର୍‌ନେଟରୁ ପ୍ରସିଦ୍ଧ କୋରିଓଗ୍ରାଫର୍ ଏବଂ ଡ୍ୟାନ୍ସରଙ୍କ ନୃତ୍ୟକୁ ଦେଖି ପ୍ରଶିକ୍ଷଣ ନେଇଥିଲେ । ଭୁଲ୍ କରୁଥିଲେ, ପୁଣି ନିଜେ ନିଜକୁ ସୁଧାରି ନେଉଥିଲେ। ନିଜ ସ୍ୱପ୍ନକୁ ସଫଳ କରିବାକୁ ଜଣେ ମଣିଷ ଯେ, କେତେ ପରିଶ୍ରମ କରିପାରେ, ସଂଘର୍ଷ କରିପାରେ, ତ୍ୟାଗ କରିପାରେ, ତାହାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଲେ ଗଂଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକର ମାର୍କଣ୍ଡିରେ ରହୁଥିବା ମା' ମାମି ଏବଂ ବାପା ତାରାକାନ୍ତ ମହାନ୍ତିଙ୍କ ପୁଅ କାହ୍ନା ମହାନ୍ତି। ବର୍ତ୍ତମାନ ସେ ତେଲୁଗୁ ଡ୍ୟାନ୍ସ ରିୟଲ୍‌ଟି ଶୋ' ଜଗତରେ ଧମାଲ୍ କରୁଛନ୍ତି । ନିଜ ଡ୍ୟାନ୍ସର ଯାଦୁରେ ସମସ୍ତଙ୍କ ମନ ଜିଣୁଛନ୍ତି । ମାତ୍ର ୧୬ ବର୍ଷ ବୟସରେ ସେ ତେଲୁଗୁ ଟେଲିଭିଜନ୍ ଜଗତରେ ସଫଳ ଡ୍ୟାନ୍ସର ଏବଂ କୋରିଓଗ୍ରାଫର୍ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।

ଜନ୍ମ ଓଡ଼ିଶାରେ ହୋଇଥିଲେ ମଧ୍ୟ ପରିସ୍ଥିତି କାହ୍ନାଙ୍କୁ ହାଇଦ୍ରାବାଦ୍‌ରେ ପହଞ୍ଚାଇ ଦେଇଥିଲା । ସେଠାରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ। ପିଲାଟି ଦିନରୁ ଡ୍ୟାନ୍ସ ପ୍ରତି କାହ୍ନାଙ୍କର ଖୁବ୍ ଆଗ୍ରହ ରହିଥିଲା। ତେଣୁ ମାତ୍ର ୬ବର୍ଷ ବୟସରେ ସେ ବିଦ୍ୟାଳୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ଭାଗନେଇ ନିଜର ସ୍ୱତନ୍ତ୍ର ନୃତ୍ୟ ଶୈଳୀ ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ଏହାର କିଛି ଦିନ ପରେ ନିଜ ଗାଁକୁ ଛୁଟିରେ ଆସିବା ଅବସରରେ ଦଣ୍ଡନାଚରେ ନୃତ୍ୟ ପ୍ରଦର୍ଶନର ସୁଯୋଗ ପାଇଥିଲେ।



ଯୁବ ପ୍ରତିଭା | କାହ୍ନା ମହାନ୍ତି

ଆଉ ସେଠାରେ ଦର୍ଶକଙ୍କ କରତାଳି ଏବଂ ପ୍ରଶଂସା ତାଙ୍କ ଭିତରର ଡ୍ୟାନ୍ସରକୁ ଯେମିତି ବାଧ୍ୟ କରିଥିଲା, ଆହୁରି ଆଗକୁ ଯିବାକୁ। ଆଉ ସେବେଠୁ ପଛକୁ ଫେରିନାହାନ୍ତି। ସେ ପ୍ରଥମେ ତେଲୁଗୁ ଟିଭି ଚ୍ୟାନେଲ୍ 'ଇ-ଟିଭି'ରେ ପ୍ରସାରିତ ଲୋକପ୍ରିୟ ଡ୍ୟାନ୍ସ ରିୟଲ୍‌ଟି ଶୋ' 'ଢି(ନିଆଁ)'ରେ ୨୦୧୨ ମସିହାରେ ଭାଗନେବାକୁ ସୁଯୋଗ ପାଇଥିଲେ। ଏହାପରେ କାହ୍ନା ଓଡ଼ିଶାକୁ ଆସି ସାର୍ଥକ ଚ୍ୟାନେଲରେ ପ୍ରସାରିତ ଡ୍ୟାନ୍ସ ରିୟଲ୍‌ଟି ଶୋ' 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ'ରେ ଅଂଶଗ୍ରହଣ କରି ପ୍ରଥମ ରନର୍ସଅପ୍ ହୋଇପାରିଥିଲେ । ତେବେ ସଫଳତାର ନିକଟତର ହୋଇ ଚାମ୍ପିୟନ୍ ଟ୍ରଫି ହାତଛଡ଼ା ହୋଇଯାଇଥିଲେ ମଧ୍ୟ ହିନ୍ଦୀ ଚଳଚ୍ଚିତ୍ର ଜଗତର ଅନ୍ୟତମ ଶ୍ରେଷ୍ଠ ଡ୍ୟାନ୍ସର ଏବଂ ଅଭିନେତା ଗୋବିନ୍ଦାଙ୍କଠାରୁ ପୁରସ୍କାର ଗ୍ରହଣ କରିବା ତାଙ୍କ ଜୀବନର ସ୍ମରଣୀୟ ମୁହୂର୍ତ୍ତ ବୋଲି ପ୍ରକାଶ କରନ୍ତି କାହ୍ନା। ଇତିମଧ୍ୟରେ ବାଙ୍ଗାଲୋର୍‌ରେ କନଡ଼ ଭାଷାରେ ସେ କେତେକ ଶୋ' ଏବଂ ହାଇଦ୍ରାବାଦ୍‌ରେ 'ଢି-୧୦ ଏବଂ ୧୧'ରେ ବି କୋରିଓଗ୍ରାଫି କରିସାରିଛନ୍ତି। ତାଙ୍କ ପ୍ରଶିକ୍ଷଣରେ ନୃତ୍ୟ କରିଥିବା ପ୍ରତିଯୋଗୀମାନେ ସଫଳତା ହାସଲ ମଧ୍ୟ କରିଛନ୍ତି। ଯେଉଁଥିଲାଗି ତେଲୁଗୁ ଭାଷାଭାଷୀଙ୍କ ମଧ୍ୟରେ ସେ ଏକ ପରିଚିତ ଚେହେରା ପାଲଟିଯାଇଛନ୍ତି । ନିଜେ ଡ୍ୟାନ୍ସ ଶିଖିବା ସହ ଏକ ଡ୍ୟାନ୍ସ କୋଚିଂ ସେଣ୍ଟର ଖୋଲିଛନ୍ତି। ହାଇଦ୍ରାବାଦ୍‌ରେ ରହି ତେଲୁଗୁ ଚଳଚ୍ଚିତ୍ର ଜଗତରେ କ୍ୟାରିୟର୍ ଗଢ଼ିବାକୁ ଇଚ୍ଛା ରଖିଥିବା କାହ୍ନା, ନିଜ ସ୍ୱପ୍ନକୁ ସଫଳ କରିବାକୁ କଠିନ ପରିଶ୍ରମ କରୁଛନ୍ତି। ଆଉ ଦିନେ ନିଶ୍ଚିତ ଜଣେ ସଫଳ କୋରିଓଗ୍ରାଫ୍ ହେବି ବୋଲି ଆତ୍ମବିଶ୍ୱାସର ସହ ପ୍ରକାଶ କରିଛନ୍ତି।

-ଆଶୀର୍ବାଦ ରାଉତ

## ଜାଣନ୍ତୁ ଦୁନିଆ

### ହୀରା

ହୀରାର ସୌନ୍ଦର୍ଯ୍ୟ ଏପରି ଯେ, ତାହା କାହାର ବି ଦୃଷ୍ଟିଆକର୍ଷଣ କରିପାରେ। ତେବେ ସୁନ୍ଦର ଦିଶୁଥିବା ଏହି ଦାମୀ ପଥର କେବଳ ଅଳଙ୍କାର ଭାବେ ନୁହେଁ ଆହୁରି ଅନେକ କାର୍ଯ୍ୟରେ ବ୍ୟବହାର ହୋଇଥାଏ । ଆସନ୍ତୁ ଜାଣିବା ହୀରା ସମ୍ପର୍କରେ କେତୋଟି କଥା...

- ହୀରା ହେଉଛି ପୃଥିବୀର ସବୁଠୁ ଶକ୍ତ ବା ଟାଣ ଉପାଦାନ।
- ସାଧାରଣତଃ ଅନେକଙ୍କ ମନରେ ଏକ ଧାରଣା ଥାଏ ଯେ, ସବୁ ହୀରା ଦେଖିବାକୁ ସ୍ୱଚ୍ଛ। ହେଲେ ସବୁ ହୀରା ଦେଖିବାକୁ ଏପରି ନୁହେଁ। କାରଣ ପୃଥିବୀ ପୃଷ୍ଠରେ ଲାଲ୍, ନୀଳ, ଗୋଲାପି, ହଳଦିଆ, କଳା, ସବୁଜ, ବଇଗଣୀ, କମଳା ଆଦି ରଙ୍ଗର ହୀରା ମଧ୍ୟ ରହିଛି।
- ସ୍କଟ୍‌ଲାଣ୍ଡ ସ୍ଥିତ ସେଣ୍ଟ ଆଣ୍ଡ୍ରୁଜ୍ ୟୁନିଭର୍ସିଟିର ରସାୟନବିଜ୍ଞାନ ବିଭାଗର ବିଶେଷଜ୍ଞ ଉଜୋଙ୍ଗ୍ ଝୌ କ୍ୟାଣ୍ଡେଲ୍ ଜଳିବା ସମୟରେ ଏଥିରୁ ନିର୍ଗତ ଅଗ୍ନିଶିଖାରେ ୧.୫ମିଲିୟନ୍ ସୂକ୍ଷ୍ମ ହୀରା କଣିକା ଥିବା ଆବିଷ୍କାର କରିଥିଲେ।
- କଟିଂ ଏବଂ ପଲିଶିଂ ଦ୍ୱାରା ଗୋଟିଏ ହୀରାର ପ୍ରକୃତ ଓଜନର ପ୍ରାୟ ୫୦ ପ୍ରତିଶତ କ୍ୟାରେଟ୍ ପର୍ଯ୍ୟନ୍ତ ହ୍ରାସ ପାଇଥାଏ।
- ହୀରା ଖଣି ସର୍ବପ୍ରଥମେ ପ୍ରାୟ ୨୮୦୦ ବର୍ଷ ପୂର୍ବେ ଭାରତରେ ମିଳିଥିଲା। ବର୍ତ୍ତମାନ ସମଗ୍ର ପୃଥିବୀରେ ପ୍ରାୟ ୨୫ଟି ଦେଶରେ ହୀରା ଖଣି ରହିଥିବା ବେଳେ ୟୁରୋପ ଏବଂ ଆଣ୍ଟାର୍କଟିକା ମହାଦେଶରେ ଏପର୍ଯ୍ୟନ୍ତ ଏହାର ସନ୍ଧାନ ମିଳିନାହିଁ।
- ହୀରା ଭୂପୃଷ୍ଠର ପ୍ରାୟ ୨୦୦ କିମି. ଗଭୀରତାରେ ସୃଷ୍ଟି ହୋଇଥାଏ, ଯାହାକି ସମୟକ୍ରମେ ଆଗ୍ନେୟ ଉଦ୍‌ଗିରଣ ଆଦି କାରଣରୁ ଉପରକୁ ଉଠିଆସିଥାଏ।
- କୁଲିନାନ୍ ହୀରା ହେଉଛି ବର୍ତ୍ତମାନ ସୁଦ୍ଧା ଆବିଷ୍କାର ହୋଇଥିବା ସବୁଠାରୁ ବଡ ହୀରା। ଯାହାର ପ୍ରକୃତ ଓଜନ ୩୧୦୬ କ୍ୟାରେଟ୍।
- ୧୪୭୭ରେ ଅଷ୍ଟ୍ରିଆର ଆର୍କଡ୍ୟୁକ୍ ମ୍ୟାକ୍ସିମିଲିଆନ୍ ସର୍ବପ୍ରଥମେ ହୀରା ମୁଦି ପିନ୍ଧାଇ ବର୍‌ଗଣ୍ଡୀଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ।
- ପୃଥିବୀ ବାହାରେ ଅର୍ଥାତ୍ ମହାକାଶରେ କେତୋଟି ଗ୍ରହରେ ହୀରା ରହିଥିବା ଗବେଷକମାନେ ପ୍ରକାଶ କରିଛନ୍ତି।
- ଆଫ୍ରିକା ଏବଂ ଦକ୍ଷିଣ ଆମେରିକାରେ ମିଳୁଥିବା କାବ୍ରୋନାଡୋ ହୀରାର ଉତ୍ପତ୍ତି ପୃଥିବୀ ପୃଷ୍ଠରେ ନୁହେଁ ବରଂ ଏହା ବହୁବର୍ଷ ପୂର୍ବେ ଅନ୍ୟ ଗ୍ରହରୁ ଆସିଥିବା ବିଶ୍ୱାସ କରାଯାଏ।



# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 4

## JEE (Main) (PHYSICS)

**Time : 1 hour** **Maximum Marks: 120**

**GENERAL INSTRUCTIONS**

*For each question you will be given **4** Marks if you have darkened only the bubble corresponding to the correct answer and zero mark if no bubble is darkened. In all other cases, minus **one (–1)** Marks (**NEGATIVE MARKING**) will be given.*

**1.** A string of length 1.5 m with its two ends clamped is vibrating in its fundamental mode. Amplitude at the centre of string is 4 mm. Distance between two points on the string having amplitude 2 mm is:

(A) 1 m (B) 75 cm
(C) 60 cm (D) 50 cm

**2.** The magnetic field at the origin due to the current flowing in the wire is:




(A) $-\frac{\mu_0 I}{8\pi a}(\hat{i}+\hat{k})$ (B) $\frac{\mu_0 I}{2\pi a}(\hat{i}+\hat{k})$

(C) $\frac{\mu_0 I}{8\pi a}(-\hat{i}+\hat{k})$ (D) $\frac{\mu_0 I}{4\pi a\sqrt{2}}(\hat{i}+\hat{k})$

**3.** A galvanometer has a resistance of 20Ω and reads full scale when 0.1V is applied across it. To convert it into voltmeter of 10V range, the galvanometer should have a resistance :

(A) 1980 Ω in series (B) 2080 Ω in series
(C) 980 Ω in series (D) 1980 Ω in parallel

**4.** Two identical p-n junctions may be connected in series with a battery in three ways (as shown in the figure). The potential difference across the two p-n junctions are equal in:




(A) Circuit 1 and Circuit 2
(B) Circuit 2 and Circuit 3
(C) Circuit 3 and Circuit 1
(D) Circuit 1 only

**5.** A uniform circular disc has radius R and mass m. A particle, also of mass m, is fixed at point A on the edge of the disc as shown in the figure. The disc can rotate freely about a fixed horizontal chord PQ that is at a distance R/4 from the centre C of the disc. The line AC is perpendicular to PQ. Initially, the disc is held vertical with point A at its highest position. It is then allowed to fall so that it starts rotating about PQ. Then the linear speed of the particle as it reaches its lowest position is:




(A) $\frac{\sqrt{5gR}}{2}$ (B) $\sqrt{\frac{5gR}{2}}$

(C) $\sqrt{5gR}$ (D) None of these

**6.** A simple pendulum has time period $T_1$. The point of suspension is now moved upward according to the relation $y = Kt^2$, where y is the vertical displacement. The time period now becomes $T_2$ The ratio $\frac{T_1^2}{T_2^2}$ is: [Given g = 10 m/s², K = 1m/s²]

(A) $\frac{6}{5}$ (B) $\frac{5}{6}$

(C) 1 (D) $\frac{4}{5}$

**7.** Which gate is represented by the circuit shown below?




(A) AND (B) OR
(C) NAND (D) NOR

**8.** 100m long antenna is mounted on a 500m tall building. The complex can become a transmission tower for waves with wave length:

(A) ~ 400m (B) ~ 25m
(C) ~ 150m (D) ~ 2400m

**9.** For the circuit shown below each resistance is of 12Ω. Find the net resistance across A and B.




(A) 4Ω (B) 3Ω
(C) 16Ω (D) 2Ω

**10.** A Capacitor and a coil in series are connected to a 6 volt ac source. By varying the frequency of the source, maximum current of 600mA is observed. If the same coil is now connected to a cell of emf 6 volt and internal resistance of 2 ohm, the current through it in steady state will be:

(A) 0.5A (B) 0.6A
(C) 1.0A (D) 2.0A

**11.** One requires 11 eV of energy to dissociate a carbon monoxide molecule into carbon and oxygen atoms. The minimum frequency of the appropriate electromagnetic radiation to achieve the dissociation lies in:

(A) Visible region (B) Infrared region
(C) Ultraviolet region (D) Microwave region

**12.** A change of 8.0mA in the emitter current brings a change of 7.9mA in the collector current. How much change in the base current is required to have the same change 7.9mA in the collector current ?

(A) 0.1mA (B) 0.2mA
(C) 0.05mA (D) No change

**13.** A diatomic ideal gas is used in a Carnot engine as the working substance. If during the adiabatic expansion part of the cycle, the volume of the gas increases from V to 32V, the efficiency of the engine is:

(A) 0.5 (B) 0.75
(C) 0.99 (D) 0.25

**14.** A body is projected vertically upwards from the bottom of a crater of moon of depth $\frac{R}{100}$ where R is the radius of moon with a velocity equal to the escape velocity on the surface of moon. Then the maximum height attained by the body from the surface of the moon is nearly:

(A) 105 R (B) 99 R
(C) 110 R (D) None of these

**15.** A projectile is given an initial velocity $(\hat{i}+2\hat{j})$ m/s, where $\hat{i}$ is along the ground and $\hat{j}$ is along the vertical. Then the equation of its trajectory is : [Given : g = 10m/s²]

(A) $y = 2x - 5x^2$ (B) $y = x - 5x^2$
(C) $4y = 2x - 5x^2$ (D) $y = 2x + 5x^2$

**16.** The phenomenon of beats can take place:

(A) For longitudinal waves only
(B) For transverse waves only
(C) For both longitudinal and transverse waves
(D) For sound waves only.

**17.** Ten grams of $^{57}C_o$ kept in an open container beta-decays with a half-life of 270 days. The weight of the material inside the container after 540 days will be very nearly:

(A) 10g (B) 5g
(C) 2.5g (D) 1.25g

**18.** Consider the following two statements:

I. Line spectra contain information about atoms.

II. Band spectra contain information about molecules.

The correct choice is:

(A) Both I and II are wrong
(B) I is correct but II is wrong
(C) II is correct but I is wrong
(D) Both I and II are correct

**19.** A pendulum clock (fitted with a small heavy bob that is connected with a metal rod) is 5 seconds fast each day at a temperature of 15°C and 10 seconds slow at a temperature of 30°C. The temperature at which it is designed to give correct time, is:

(A) 18°C (B) 20°C
(C) 24°C (D) 25°C

**20.** Eddy, whose mass is 65kg, climbs up the 1.6m high stairs in 2.0s. Fat supplies 5.2 x $10^7$ j energy per kg which is converted to mechanical energy with a 20% efficiency rate. How much fat will he use up in climbing the stairs ? [Given : g = 10m/s²]

(A) 0.2gm (B) 0.4gm
(C) 0.05gm (D) 0.1gm

**21.** A block of mass 1kg is set sliding on a uniformly rough horizontal floor from a point P. After travelling a distance of 2 meters, the block encounters a spring with spring constant equal to 2N/m, at a point Q. After travelling a distance of x meters in contact with the spring, the block comes to rest at a point R. The energies, lost by the block over the parts PQ and QR, are equal to each other. Find the value of x. (coefficient of friction between block and the ground, μ is 0.1)




(A) x = 0.5m (B) x = 1.2m
(C) x = 1.5m (D) x = 1m

**22.** A ball having mass m is fastened at the end of a rod that is connected to the side of a tall building, at point P as shown in the figure. The length of the rod is l, and it makes an angles θ with the x-axis. The ball becomes loose and starts to fall with acceleration $-g\hat{j}$ the angular momentum of the ball about point P as a function of time is:




(A) $-mglt\sin\theta\hat{k}$ (B) $-mglt\cos\theta\hat{k}$

(C) $mglt\sin\theta\hat{k}$ (D) $mglt\cos\theta\hat{k}$

**23.** Four equal charges of magnitude q each are placed at four corners of a square with its centre at origin and lying in y-z plane. A fifth charge +Q is moved along x-axis. The electrostatic potential energy (U) varies on x-axis as:

(A)



(B)



(C)



(D)



**24.** What is the reading of micrometer screw gauge shown in figure ? [Given : Least count of screw gauge = 0.01mm and no zero error]




(A) 2.31mm (B) 2.29mm
(C) 2.36mm (D) 2.41mm

**25.** A diverging beam of light from a point source S having divergence angle α falls symmetrically on a glass slab as shown. The angles of incidence of the two extreme rays are equal. If the thickness of the glass is t and its refractive index is n, then the angle of the emergent beam is:




(A) zero (B) α
(C) $\sin^{-1}(1/n)$ (D) $2\sin^{-1}(1/n)$

**26.** A paramagnetic sample shows a net magnetization of 8 $Am^{-1}$ when placed in an external magnetic field of 0.6T at a temperature of 4K. When the same sample is placed in an external magnetic field of 0.2T at a temperature of 16K, the magnetization will be:

(A) $\frac{32}{3}$ $Am^{-1}$ (B) $\frac{2}{3}$

(C) 6 $Am^{-}$ (D) 2.4 $Am^{-1}$

**27.** In an experiment refractive index of glass was observed to be 1.45, 1.56, 1.54, 1.44, 1.54 and 1.53. The mean absolute error in the experiment is:

(A) ± 0.04 (B) 0.02
(C) –0.03 (D) ± 0.01

**28.** A Horizontal turn table in the form of a disc of radius r carries a gun at G and rotates with angular velocity $\omega_0$ about a vertical axis passing through the centre O. The Increase in angular velocity of the system if the gun fires a bullet of mass m with a tangential velocity v with respect to the gun is: (moment of inertia of gun + table about O is $I_0$)




(A) $\frac{mvr}{I_0+mr^2}$ (B) $\frac{2mvr}{I_0}$

(C) $\frac{v}{2r}$ (D) $\frac{mvr}{2I_0}$

**29.** One mole of an ideal gas under goes a process $P = P_0\left[1+\left(\frac{2V_0}{V}\right)^2\right]^{-1}$ where $P_0$, $V_0$ are constants. Change in temperature of the gas when volume is changed from $V = V_0$ to $V = 2V_0$ is:

(A) $\frac{4}{5}\frac{P_0V_0}{nR}$ (B) $\frac{3}{4}\frac{P_0V_0}{nR}$

(C) $\frac{2}{3}\frac{P_0V_0}{nR}$ (D) $\frac{9}{7}\frac{P_0V_0}{nR}$

**30.** A point source causes photoelectric effect from a small metal plate. Which of the following curves may represent the saturation photocurrent as a function of the distance between the source and the metal?




(A) a (B) b
(C) c (D) d

For Answers vist: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 2nd FEBRUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com




## BRIDE WANTED

Khandayat boy 1986/ 6' B.Tech, Bank PO require serviceholder (preferable banking) Barsha. 9338229705, 8144274615. D-64772

Wanted job Brahmin Bride, DCB Bank Deputy Manager, 32. 8763682144. D-65601

Khandayat boy service TCS, required BE/ MBA/ MCA. Contact 8280026066. D-10679

## GROOM WANTED

1985, 5', Khandayat PSU Bank Manager girl, Govt./ PSU/ Bank groom required. Ph: 9861228214. D-10554

Divorcee bride Lecturer 39, Teacher 41 (caste-no-bar). Contact: 7873374269. D-65450

Now Matrimonial ads. only on Wednesday & Sunday Book 1 Get 1 FREE




## SALE

Hyundai Creta- 2016, Sx(0), Cruze- 2014, LTZ, Lancer Cedia Sports red, Skoda Octavia, Nissan Teanna, Land Rover. 7381091234, 9861194627. D-65330

2500 km. run May, 2018 Alto 800 VXI silver colour. 9437284700. D-10660




## SALE

2BHK simplex @ 25,50,000/- at Balianta, Hanspal. Mob: 7064994691, 8763499150. D-10631

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱରରେ 6300 sqft. ଘରବାରି plot ସୁନ୍ଦରପଦାରେ, duplex ଜାଗମରାରେ ବିକ୍ରିହେବ। 9337124361, 8917656421. D-58031

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର Khordha NHରୁ 100' ଦୂରତାରେ BDA plot 400/-ରେ ମିଳୁଅଛି। 9090963952. D-65328

Gharabari plot at bypass NH side, Kantabada Square, MITM Engineering College front, Bhubaneswar: 9938373904. D-65442

Gharabari ST plot 2000 sqft. (2nos.) Vipul Garden front, Ghatikia, Bhubaneswar: 7381564227. D-65443

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-10648

Sale of MA & MB- 30, G.G.P. Colony, Rasulgarh. Cost @ 60 Lakhs. Contact: 9861068796, 9437573355. D-10573

Residential plot available at Khandagiri, Bhubaneswar AIIMS Hospital backside 30' Road with compoundwall 700/- psqft. 9938373904. D-65444

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-10478

ଭୁବନେଶ୍ୱର ବାଲିଅନ୍ତା roadside Puri Bypass sideରେ ପ୍ଲଟ ମିଳୁଛି। 8093465134. D-65338

BDA yellowzone gharabadi boundary, electricity and greenery facilities plot at Patrapada, Tamnado and Infovally GITA College Square. 9938770157, 7008818121. D-65339

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

Booking one lakh simplex 2BHK 1200 sqft. land 20,50,000/- BDA area Tankapani Road, Sai Temple. Instalment 10,000/-. 7735738102. D-10628

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-10649

ଭୁବନେଶ୍ୱର ଖଣ୍ଡଗିରି AMRI Hospital ନିକଟରେ ପାଚେରିସହ plot sqft. 1350/-. 9776452737. D-65340

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଞ୍ଚାରୁ ବିକ୍ରିହେବ। 9178660666. D-65509

Gharabadi yellow zone plot near AIIMS Hospital immediate possession. 9438277164, 9938670164. D-65508

2800 sqft. semi commercial land for immediate sale at Hanspal, NH-5, Bhubaneswar. Contact Deepak: 9937329999. D-64569

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପାଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-65321

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-10493

Finance plots Uttara- 510/- Pipili bypass- 360/- Hanspal- 1350/- Atala-650/-, Pahal- 1450/-. 9776711888, 9658619997. D-10622

Bhubaneswar AIIMS Hospital, plot. 9777553622. D-64769

BDA yellowzone gharabari plot 30ft. road near Hanspal Square and Samantarapur Nuagaon: 9438419823, 9437286655. D-65448

3 bedroom new premium group housing duplex for immediate sale at Garage Chhak, Bhubaneswar. Contact Deepak: 9937329999. D-64568

Gharabari plot with boundary 50mtr. from Khandagiri Square/ BDA approved Duplex 1Km. from Hanspal Square and Atala: 9438419823, 9437286655. D-65449

Land required in cuttack, Bhubaneswar for marketing, sharing, outright. 9937816565. D-10644

Plot for sale near Balipatna (BDA area) @ Rs. 85/- per sqft. (Total area 2 acres) 500 mtrs. distance from Balipatana Market. Contact nos. 8984249041, 9348251575. D-10657

Want to make a society deal for 50 Units of 2/3BHK flats project at Corporate price near AMRI Hospital, Ghatikia, Bhubaneswar. 7750085903. D-10658

2BHK/ 1BHK flat ready for immediate sale at SBI Colony, Kesura, Bhubaneswar. 9437000723. D-56163

2BHK flat with fully furnished at Sunderpada. 9439362175. D-35841

Flats available for sale at Pokhariput, Bhubaneswar. RERA, BDA & SBI approved. Call: 7381863666, 7381267666. D-65518

Luxurious studio, 1&2 BHK, duplex at prime location of puri. Book@ 1lakh. 9437929773. D-10664

## LEASE

One running lodge near Puri Sea Beach for immediate long term lease. Contact: 9090714981, 7008456764. D-64037

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65329

Shop for sale 210 sqft. Metrohouse Vanivihar, BBSR. Contact: 7381077972. D-10643




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-10650




1000, 750, 700, 650, 450 sqft. available for office purpose at centrally located Unit-9, 2300 sqft. office space available at Metro house Vanivihar. 3BHK available for rent at Damayanti Apartment Nayapally. Mob: 7789837712, 9861256148. D-71411

**6000 sqft. Prime Retail Showroom high footfall zone at Damana Square, Chandrasekharpur, Bhubaneswar on rent. Genuine person please contact: 9437073222.** D-10675

1400 sqft. commercial space at BMC Bhabani mall sqft. 50/-. 9337119834. D-65331

2BHK house Kalinga Nagar opposite Vipul Garden, family, service holder. 9337281564, 9437581715. D- 64936

**For rent 25000 sqft. open land near Dhauli with boundary wall and gate, for commercial purpose. Contact: 8917576258.** D-10572

3BHK first floor suitable for family/ MESS. Available in Sailashree Vihar. 9437101413. D-63930

Tolet for shop/ bank/ Inst./ Comm. Sailashree Vihar House No.- VIM-508 (1) Ground floor (20x17)= 340 running garment shop, (2) 1st floor 1680 sqft., running small bazar, facing to main road and adjacent to Indian Bank building at Sailashree Vihar, BBSR for immediate rent contact Dillip Sahoo. Mob. No.:7682090550, 9438296700. D-10575

**1500 sqft. 1st Floor, Ashok Nagar, Janpath, Bhubaneswar for Office purpose on Rent. Contact: 9437073222.** D-10676

ଭୁବନେଶ୍ୱରରେ ଆଜବେଷ୍ଟସ ଘର–3 phase line ସହ ଖୋଲା ଜାଗା ଆବଶ୍ୟକ। Contact: 8018172594. D-62919

3BHK marble flat Unit-8, Souvagya Nagar, Main road. Contact. 9000004523. D-64938

## ACCOMMODATION

3BHK house road side ground floor for clinic. Contact: 7894744308. D-59846

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Shivam logistic packers movers. Household/ car relocation countrywide. 9777044177, 9338461133. D-10586




Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Saishree ayurvedic full body massage ladies & gents. Contact: 7438896074. D-64689

Herbal full body massage with refreshment by well trained therapist. 7381239385. D-65513

Herbal full body massage by smart/ expert therapist. Contact: 8338067247. D-65514

Newly opening ayurvedic massage smart therapist, Shree herbal. 7750020754. D-65515

Improving your health, skin care through expert therapist, excellent offer. 9668374480. D-65516

Pamper yourself this Mansoon professional massage. Contact Purple Orchid. 9776598888. D-65517

Ayurvedic full body massage ladies/ gents experts therapist. 8338097451. D-64693

Sai solution ayurvedic full body massage ladies/ gents. Contact: 8117033493. D-64695

Experienced full body massage with us by experts. Enquiry: 06742597822, 7377048581. D-65510

Roshin ayurvedic massage club fully relaxed by smart lady home service facility available. 9937637219. D-64684

Ayurvedic full body massage ladies/ gents smart experts therapist. 9114697517. D-64686

Physiotherapy, full body massage by trained ladies/ gents therapy. 7008773793. D-65451




PMEGP, MSME, AGRO, food processing, want to make any project. Consult Mr. Samantaray (FCA). 7008236035, 9937309695. D-10582

Buy one Jeans pant only 850/- and earn upto 30,000/- per month. Cash on delivery available. Order only to whatsapp: 8114680173. D-64775

Buy one Jean Pant only 850/- and earn upto 10.000/- Per month. We need business partner for every Town. +918114680173. D-64773

## LOST

Myself Samirka Prasad Jaiswal have been lost my cheque book while traveling. Cheque No. are 1950 to 2000 Account No. is 163205005978 which belong from ICICI Bank Semiliguda Branch if someone gets then please contact to my Mobile No.: 7008403339. D-10677

## କୃତିତ୍ୱ



ଇନ୍ଦ୍ରପ୍ରିୟା ଶ୍ରୀଚନ୍ଦନ



ପ୍ରତ୍ୟୁଷ କୁମାର ଦଳାଇ

ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିରର ଛାତ୍ରୀ ଇନ୍ଦ୍ରପ୍ରିୟା ଶ୍ରୀଚନ୍ଦନ, ଛାତ୍ର ପ୍ରତ୍ୟୁଷ କୁମାର ଦଳାଇ ୨୦୧୭–୧୮ ବର୍ଷ ପାଇଁ ଭୁବନେଶ୍ୱର ଶିକ୍ଷାମଣ୍ଡଳ ଦ୍ୱାରା ପରିଚାଳିତ ୫ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉଭୟ ସଫଳତା ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଅଟେ। ଉଭୟ ଛାତ୍ରୀଛାତ୍ର ଏହାର ଶ୍ରେୟ ସେମାନଙ୍କ ମା–ପ୍ରିୟମ୍ବଦା ଶ୍ରୀଚନ୍ଦନ, ପଲ୍ଲଶ୍ରୀ ପ୍ରଧାନ, ବାପା– ଇନ୍ଦ୍ରଜିତ ଶ୍ରୀଚନ୍ଦନ, ବସନ୍ତ କୁମାର ଦଳାଇ, ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ (ସୁରେନ୍ଦ୍ର କୁମାର ଖୁଣ୍ଟିଆ ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର ଓ ଗୁରୁମା ଗୁରୁଜୀଙ୍କୁ ଦେଇଛନ୍ତି। ଧ–୪୬୨୬୦

## Birthday Wish



**Sanjana Kundu**

Nuapatna, Cuttack

Wishing you a day filled with happiness and a year filled with joy. Happy Birthday. Best Wishes From: ବାପା, ମା, ଭାଇ, ଭଉଣୀ, ଦାଦା, ଖୁଡୀ, ସଞ୍ଜୁ, ବନ୍ଧୁ ଓ ପରିବାରବର୍ଗ। ଧ–୧୦୬୬୮

## ଜନ୍ମଦିନ ଶୁଭେଚ୍ଛା



(ରାଜ୍)

**ଶ୍ରୀଜିତ୍ ପଟ୍ଟନାୟକ**

IRC Village, BBSR

ତୋର ନବମ ଜନ୍ମବାର୍ଷିକ ତିଥି ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶିରିଡି ସାଇବାବାଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ ସର୍ବଦା କୁସୁମିତ ହେଉ ତଥା ଯଶସ୍ୱୀ କରନ୍ତୁ। ଶୁଭେଚ୍ଛା ସହ: ବୋଉମା, ମାମି, ପାପା, ମାମା, ମଣ୍ଟୁ କାକୁ, ସାନମା, ଟଣ୍ଟୁ କାକୁ, କାକୀ, ଚିଣ୍ଟୁ କାକୁ, ସାନ କାକୀ, ବୁଲୁ ଭାଇନା, ଅପା, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଗୁଡୁ, ଦିଦି, ପ୍ରେମ, ଶ୍ୱେତା, ସିଦ୍ଧେଶ, ବନ୍ଧୁ ଓ ପରିବାରବର୍ଗ। ଧ–୧୦୬୬୫

## ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା



**ନୃସିଂହ ଦାଶ**

Tikarpada, Puri

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ ସର୍ବଦା କୁସୁମିତ ହେଉ। ଶୁଭେଚ୍ଛା ସହ: ମାମା, ପାପା, ଭାଇନା, ନାନୀ, ବାପା, ମା, କାକା, ଖୁଡୀ ଓ ବନ୍ଧୁପରିବାରବର୍ଗ। ଧ–୧୦୬୬୭

## CLASSIFIED BOOKING STATIONS

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674-2726335, 9337013246

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph- 2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**BEEZY'S & ADD**
Balakati, Khurda, Giridhari Lal Saranga, Mob : 9438302811

**SUMIT COMMUNICATION**
Hruda Nanda Behera, Plot No.- 983, Mancheswar, BBSR, Mob : 9938965727

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Locahan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277




## In Memoriam



**Late Kailash Chandra Sahoo**
**DOB: 09.05.1951**
**DOD: 06.01.2004**
**Khadi Niketan Plaza**
**136, Ashok Nagar, Unit-II,**
**Bhubaneswar, Odisha- 751009**

Always remember that you are absolutely unique. Fondly remembered & deeply missed. Mourned by: Smt. Saudamini Sahoo, Sanjeev Sahoo & Nibedita Sahoo, Dr. Akshaya Ku. Sahoo & Sunita Sahoo, Rajeev Sahoo & Kalpana Sahoo, Ashu, Omm, Shree, Sona, Rupa, Mona. D-10656

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶ୍ରୀମତୀ ପ୍ରମୋଦିନୀ ସାବତ**

ଆବିର୍ଭାବ: ୧୯।୦୪।୧୯୫୫
ତିରୋଧାନ: ୨୦।୦୧।୨୦୧୨

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗଙ୍କ ସହ ଏ.କେ. ସାବତ ଆଣ୍ଡ କମ୍ପାନୀର ପାର୍ଟନର୍ସ ଏବଂ ସମସ୍ତ କର୍ମକର୍ତ୍ତାବୃନ୍ଦ। ଧ–୧୦୬୩୦

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବ୍ରଜ କିଶୋର ନାୟକ**

ଶାନ୍ତିନିବାସ, ୱାଟର ୱାର୍କସ ରୋଡ୍, ପୁରୀ
ଆବିର୍ଭାବ: ୦୮।୧୦।୧୯୫୦
ତିରୋଧାନ: ୦୨।୦୧।୨୦୧୮

ତୁମର ହସ ହସ ମୁହଁ, ସ୍ନେହ, କର୍ମନିଷ୍ଠା, ସଚ୍ଚୋଟପଣିଆ ତଥା ଛାତ୍ରବତ୍ସଳ ଗୁଣ ଯୋଗୁ କେବଳ ପୁରୀ ଜିଲ୍ଲା ସ୍କୁଲ ନୁହେଁ ସମଗ୍ର ପୁରୀ ସହରରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ତୁମେ ଆଦର୍ଶ। ତୁମ ଆଶୀର୍ବାଦ ଆମ୍ଭମାନଙ୍କର ଶ୍ରେୟ ହେଉ ଏବଂ ତୁମର ଆତ୍ମାର ସଦ୍‌ଗତି ହେଉ ଏହାହିଁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ ପରିବାର ଓ ବନ୍ଧୁବାନ୍ଧବ। ଧ–୬୩୭୫୨

Dollar 71.19 (16) | Sensex 12.53 36,386.61 | Nifty 1.75 10,906.95 | Gold ₹60 33,160.00 | Silver ₹280 40,100.00

କୌଶଳ ବିକାଶ ଏବଂ ନିଯୁକ୍ତିକୁ ନେଇ ଠିକ୍ ତଥ୍ୟ ସଂଗ୍ରହ ହେବାର ଆବଶ୍ୟକତା ରହିଛି।
– ପୀୟୂଷ ଗୋଏଲ, କେନ୍ଦ୍ର ରେଳ ମନ୍ତ୍ରୀ



ଦେଶୀୟ ସଂସ୍ଥାଗୁଡ଼ିକ ଦେଶର ଇକମର୍ସ କ୍ଷେତ୍ରରେ ପ୍ରବେଶ କରିଲେ ଡାଟା କଲୋନାଇଜେଶନ ହ୍ରାସ ଘଟିବ।
– ଟି.ଭି. ମୋହନ ଦାସ ପାଇ, ପୂର୍ବତନ ସିଏଫ୍‌ଓ ଇନଫୋସିସ

## ସଂକ୍ଷେପରେ

### ନୀରବ ମୋଦି ଠକେଇ ମାମଲା
### ପିଏନ୍‌ବିର ୨ ଅଧିକାରୀ ବହିଷ୍କୃତ

ନୂଆଦିଲ୍ଲୀ,୧୯-୧: ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ ମାମୁ ମେହୁଲ ଚୋକ୍‌ସୀଙ୍କ ଦ୍ୱାରା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ୧୪ ହଜାର କୋଟି ଟଙ୍କାର ଠକେଇ ମାମଲାରେ କେନ୍ଦ୍ର ସରକାର ନିକଟରେ ଅବସର ନେବାକୁ ଥିବା ୨ ଜଣ ଏକଜିକ୍ୟୁଟିଭ ଡାଇରେକ୍ଟରଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଏହି ଦୁଇ ଅଧିକାରୀଙ୍କ ମଧ୍ୟରୁ କେ.ଭିରା ବ୍ରହ୍ମଜୀ ରାଓ ଚଳିତ ମାସ ୨୨ରେ ଓ ଅନ୍ୟ ଜଣେ ସଞ୍ଜୀବ ଶରଣ ଆସନ୍ତା ମେ’ରେ ଅବସର ନେଇଥାନ୍ତେ। ଦିଲ୍ଲୀ ହାଇକୋର୍ଟରେ ରାଓଙ୍କ ପକ୍ଷରୁ ଏକ ରିଟ୍ ପିଟିଶନ ଦାଖଲ କରାଯାଇଥିବାରୁ ସରକାରଙ୍କ ପକ୍ଷରୁ ନୋଟିଫିକେଶନ ଜାରି କରାଯାଇଥିବା କୁହାଯାଉଛି। ୧୪ ହଜାର କୋଟି ଟଙ୍କାର ଠକେଇ ରୋକିବାରେ ୨ ଜଣ ଅଧିକାରୀ ବିଫଳ ହୋଇଥିବା ସରକାରଙ୍କ ପକ୍ଷରୁ କାରଣ ଦର୍ଶାଯାଇଛି। ପୂର୍ବରୁ ସରକାର ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ।

### ମାଲ୍ୟାଙ୍କ ଅଭିଯୋଗ ମନଗଢ଼ା: ବିଚାରପତି

ମୁମ୍ବାଇ,୧୯-୧: ସ୍ଥାନୀୟ ପିଏମ୍‌ଏଲ୍‌ଏ କୋର୍ଟ ଚଳିତ ମାସ ୫ରେ ତାଙ୍କ ରାୟରେ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରିସାରିଛନ୍ତି। ତେବେ ଶନିବାର ସମ୍ପୂର୍ଣ୍ଣ ରାୟଟି ମିଡିଆରେ ପ୍ରକାଶ ପାଇଛି। ଏଥିରେ ବିଚାରପତି ଏମ୍.ଏସ୍.ଆଜମୀ ଦର୍ଶାଇଛନ୍ତି ଯେ, କେନ୍ଦ୍ର ସରକାର ରାଜନୈତିକ ଆକ୍ରୋଶ ରଖି ତାଙ୍କୁ ବ୍ରିଟେନରୁ ପ୍ରତ୍ୟର୍ପଣ କରିବାକୁ ଚାହୁଁଛନ୍ତି ବୋଲି ମାଲ୍ୟା ଦେଇଥିବା ଯୁକ୍ତି ମନଗଢ଼ା ଛଡ଼ା ଆଉ କିଛି ନୁହେଁ। ବିଚାରପତି ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, ସରକାରଙ୍କ ବିରୋଧରେ ଅଭିଯୋଗ ଆଣି ମାଲ୍ୟା ବ୍ରିଟେନରେ ରହିପାରିବେ ନାହିଁ। ତାଙ୍କ ଯୁକ୍ତି ଗ୍ରହଣୀୟ ନୁହେଁ।

### ଜିଏସ୍‌ଟି କାରବାର ୬ଟି ରାଜ୍ୟ ସୀମା ବଢ଼ାଇବାକୁ ରାଜି

ନୂଆଦିଲ୍ଲୀ,୧୯-୧: ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଅଧୀନରେ ଗଠିତ ଜିଏସ୍‌ଟି ପରିଷଦ ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି କାରବାର ସୀମାକୁ ୪୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ତେବେ ଅଦ୍ୟାବଧି ମାତ୍ର ୬ଟି ରାଜ୍ୟ ଏଥିପାଇଁ ରାଜି ହୋଇଥିବା ସୂଚନା ମିଳିଛି। ପୂର୍ବରୁ ସୀମା ବୃଦ୍ଧିକୁ ବିରୋଧ କରୁଥିବା ଛତିଶଗଡ଼ ଉକ୍ତ ତାଲିକାରେ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନ୍ୟପକ୍ଷରେ ପାହାଡ଼ିଆ ରାଜ୍ୟ ଭାବେ ପରିଚିତ ଜମ୍ମୁ-କଶ୍ମୀର ଓ ଆସାମ ପାଇଁ ସୀମା ହ୍ରାସ କରାଯାଇଥିଲେ ହେଁ ସେମାନେ ଏହା ବୃଦ୍ଧି କରିବାକୁ ଯାଉଛନ୍ତି। ପୂର୍ବରୁ ଏହି ଦୁଇ ରାଜ୍ୟ ପାଇଁ କାରବାର ସୀମା ୧୦ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲା ବେଳେ ସେମାନେ ଏହାର ଦ୍ୱିଗୁଣା ସୀମା ଧାର୍ଯ୍ୟ କରିଥିଲେ। କାରବାର ସୀମା ବୃଦ୍ଧି ପାଇଁ ଅନ୍ୟ ରାଜ୍ୟଗୁଡ଼ିକ ବିଚାରବିମର୍ଶ ଚଳାଇଥିଲା ବେଳେ କେନ୍ଦ୍ର ସରକାର ଏହାକୁ ଲାଗୁ କରିବାର ସମୟସୀମାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ନୂଆ ଜିଏସ୍‌ଟି ସୀମା ବୃଦ୍ଧି ନିଷ୍ପତ୍ତି ରାଜ୍ୟଗୁଡ଼ିକ ଉପରେ ଛାଡ଼ି ଦିଆଯାଇଛି। ଏହାଦ୍ୱାରା ପଞ୍ଜୀକୃତ ୧.୨ କୋଟି ଏମ୍‌ଏସ୍‌ଏମ୍‌ଇଙ୍କ ମଧ୍ୟରୁ ପ୍ରାୟ ୨୦ ଲକ୍ଷ ଜିଏସ୍‌ଟିରୁ ବାହାରି ଯିବେ। ଏହାଦ୍ୱାରା ଆୟ ପ୍ରଭାବିତ ହେବ ବୋଲି ରାଜ୍ୟଗୁଡ଼ିକ ପରିଷଦର ଗତ ବୈଠକରେ ଯୁକ୍ତି ଦର୍ଶାଇଥିଲେ।

### ଜମି କିଣାବିକା: ୨୦ ହଜାରରୁ ଊର୍ଦ୍ଧ୍ୱ ହେଲେ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୧୯-୧: ଜମିଜମା କିଣାବିକାରେ ୨୦ ହଜାର ଟଙ୍କାରୁ ଅଧିକ ନଗଦ ନେଣଦେଣ ହେଲେ ଆୟକର ବିଭାଗ ନୋଟିସ ଜାରି କରିବ। ଏନେଇ ଇତିମଧ୍ୟରେ ବିଭାଗର ଦିଲ୍ଲୀ ଡିଭିଜନ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜମିଜମା କିଣାରେ ୨୦ ହଜାର ଟଙ୍କାରୁ ଅଧିକ ନଗଦ କାରବାର କରିଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଜାଣିବା ଲାଗି ଆୟକର ବିଭାଗର ଅଧିକାରୀମାନେ ଜମିଜମା ପଞ୍ଜୀକରଣ କାର୍ଯ୍ୟାଳୟକୁ ଯାଇ ତାଲିକା ତିଆରି କରିବା ଆରମ୍ଭ କରିଛନ୍ତି। ଦିଲ୍ଲୀର ସମସ୍ତ ୨୧ ସବ୍ ରେଜିଷ୍ଟ୍ରାର ଅଫିସରୁ ୨୦୧୫-୧୮ ମଧ୍ୟରେ ହୋଇଥିବା ଜମିଜମା ବିକ୍ରିର ତଥ୍ୟ ସଂଗ୍ରହ କରାଯାଉଛି। ନାମ ଗୋପନ ରଖି ଜଣେ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

### ୨୮ରେ ଏନ୍‌ପିଏ ବୈଠକ

ନୂଆଦିଲ୍ଲୀ,୧୯-୧: ଅନାଦାୟ ଋଣ(ଏନ୍‌ପିଏ) ପରିଚାଳନା ତଥା ଆଦାୟକୁ ନେଇ ଆସନ୍ତା ୨୮ରେ ଅର୍ଥ ମନ୍ତ୍ରଣାଳୟ ସହ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କ ବୈଠକ ହେବାକୁ ଯାଉଛି। ଆର୍ଥିକ ସେବା ସଚିବ ରାଜୀବ କୁମାର ବୈଠକରେ ଅଧ୍ୟକ୍ଷତା କରିବେ ବୋଲି ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ପୂର୍ବରୁ ୨୨ରେ ଏହି ବୈଠକ ହେବାର ଥିଲା।

# ୨୦ ହଜାର କୋଟି ରୋକିଛି ଆୟକର ବିଭାଗ

ନୂଆଦିଲ୍ଲୀ,୧୯-୧

- ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ୧୪.୭ ପ୍ରତିଶତ
- ୧୦୦ କୋଟି ଅଥବା ତଦୂର୍ଦ୍ଧ୍ୱ ରିଫଣ୍ଡ ଏପ୍ରିଲରେ ଦିଆଯାଇପାରେ
- ୧୫୦ରୁ ୩୦୦ କୋଟିର ୧୭୫ମାମଲା ବିଚାରାଧୀନ
- ଡିସେମ୍ବର ସୁଦ୍ଧା ପ୍ରତ୍ୟକ୍ଷ ଟିକସ ସଂଗ୍ରହ ପରିମାଣ ୭.୪୩ ଲକ୍ଷ କୋଟି ଟଙ୍କା



ଆୟକର ବିଭାଗ ଆର୍ଥିକ ବର୍ଷ ୨୦୧୬-୧୭ ଲାଗି ବିଭିନ୍ନ କମ୍ପାନୀ ଏବଂ ରାଷ୍ଟ୍ରାୟତ୍ତ ସଂସ୍ଥାଙ୍କ ବଡ଼ ଧରଣର ରିଫଣ୍ଡ ରୋକିବାକୁ ନିଷ୍ପତ୍ତି ନେଇଛି। ଏଥିଲାଗି ବିଭାଗ ପକ୍ଷରୁ ଏକାଧିକ କାରଣ ମଧ୍ୟ ଦର୍ଶାଯାଇଛି। ଯେଉଁଥିରେ ସ୍ରୋତ ଉପରେ ଟିକସ କାଟିବା(ଟିଡିଏସ୍) ସହ କ୍ରେଡିଟ୍ ନ ମିଶିବା, କ୍ଷତିକୁ ଆଗାମୀ ବର୍ଷ ପାଇଁ ଦର୍ଶାଇବା ଏବଂ ବିଗତ ବର୍ଷର ଟିକସ ଦାବି ପଡିରହିବା ଆଦି ସାମିଲ କରାଯାଇଛି। ଏହିସବୁ ବିବାଦର ସମାଧାନ ପର୍ଯ୍ୟନ୍ତ ପ୍ରାୟ ୨୦ ହଜାର କୋଟି ଟଙ୍କାର ରିଫଣ୍ଡ ଦାବିକୁ ରୋକାଯାଇଛି। ପ୍ରତ୍ୟକ୍ଷ ଟିକସ ବାବଦରେ ଚଳିତ ବର୍ଷର ବଜେଟ୍‌ରେ ଧାର୍ଯ୍ୟ ଲକ୍ଷ୍ୟ ୧୧.୫ ଲକ୍ଷ କୋଟି ଟଙ୍କାର ଏହା ୧.୭ ପ୍ରତିଶତ।

ଜଣେ ଟିକସଦାତାଙ୍କ ପକ୍ଷରୁ ଆୟକର ରିଫଣ୍ଡ ଦାବି କରିଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କହିଛନ୍ତି ଯେ, ଟିଡିଏସ୍ ସହ କ୍ରେଡିଟ ମିଶୁ ନ ଥିବାରୁ ରିଫଣ୍ଡକୁ ରୋକାଯାଇଛି ବୋଲି ଆୟକର ବିଭାଗ ସଫେଇ ଦେଇଛି। ୧୦୦ କୋଟି ଅଥବା ତଦୂର୍ଦ୍ଧ୍ୱ ରାଶିର ରିଫଣ୍ଡ ଏପ୍ରିଲରେ ପ୍ରଦାନ କରାଯିବାର ସମ୍ଭାବନା ରହିଛି ବୋଲି ବିଭାଗ କହିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଏକ ରାଷ୍ଟ୍ରାୟତ୍ତ କମ୍ପାନୀର ୬ ହଜାର କୋଟି ଟଙ୍କାର ରିଫଣ୍ଡ ଦାବି ଲଟକିଛି। ତେବେ ଏ ସମ୍ପର୍କରେ ବିସ୍ତୃତ ସୂଚନା ମିଳିପାରିନାହିଁ। କେବଳ ଏତିକି ନୁହେଁ, ଆୟକର ବିଭାଗ ଅନ୍ତଃରାଷ୍ଟ୍ରୀୟ ନେଣଦେଣ ସହ ଜଡ଼ିତ ଟ୍ରାନ୍ସଫର ପ୍ରାଇସିଂ ମାମଲାକୁ ତ୍ୱରାନ୍ୱିତ କରିଛି। ଟିକସଦାତାଙ୍କ ପକ୍ଷରୁ ବିବାଦ ସମାଧାନ କମିଟି ସମ୍ମୁଖରେ ଆଗତ ମାମଲାଗୁଡ଼ିକୁ ଆୟକର ବିଭାଗ ଫଇସଲା କରୁଛି। ପ୍ରାୟ ୧୭୫ ଏଭଳି ମାମଲାର ଏବେ ଶୁଣାଣି ଚାଲିଛି। ୧୫୦ କୋଟିରୁ ୩୦୦ କୋଟି ଟଙ୍କା ଭିତରେ ରିଫଣ୍ଡ ଦାବି କରୁଥିବା ଏଭଳି ଟିକସଦାତାଙ୍କ ମାମଲାଗୁଡ଼ିକୁ ଆୟକର ବିଭାଗ ଖୋଲାଇ ରଖିଛି। ଆୟକର ନିୟମ ଅନୁଯାୟୀ କମିଟି ନିର୍ଦ୍ଦେଶ ଦେବା ମାତ୍ରେ ଆକଳନ ଅଧିକାରୀ ଟିକସଦାତାଙ୍କୁ ତାଙ୍କ ପକ୍ଷ ଶୁଣାଇବା ଲାଗି ସୁଯୋଗ ନ ଦେଇ ରିଫଣ୍ଡ ଦାବି ସମ୍ପର୍କରେ ମିଳିଥିବା ନିର୍ଦ୍ଦେଶକୁ ପାଳନ କରିଥାନ୍ତି। ଫଳରେ ଟିକସଦାତା ଅପିଲୀୟ ଅଦାଲତରେ ଆବେଦନ କରିବାକୁ ସୁଯୋଗ ପାଆନ୍ତି। ଏଥିପୂର୍ବରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ରା ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଧିମା ପଡିଯାଇଥିବାରୁ ଚିନ୍ତା ବ୍ୟକ୍ତ କରିଥିଲେ। କେନ୍ଦ୍ର ସରକାର ବଜେଟ୍‌ରେ ବିତ୍ତୀୟ ନିଅଣ୍ଟ ପରିମାଣକୁ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୩.୩ ପ୍ରତିଶତରେ ରଖିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହାକୁ ଦର୍ଶାଇବା ଲାଗି ସମ୍ଭବତଃ ବିଭାଗ ଉକ୍ତ ପଦକ୍ଷେପ ନେଇଛି। ଚଳିତ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧୪.୭ ପ୍ରତିଶତ ରହିବ ବୋଲି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଏପ୍ରିଲ-ଡିସେମ୍ବରରେ ୧୩.୬ ପ୍ରତିଶତ ପର୍ଯ୍ୟନ୍ତ ପୂରଣ ହୋଇପାରିଛି । ଅର୍ଥାତ୍ ପ୍ରତ୍ୟକ୍ଷ ଟିକସ ବାବଦରେ ମଧ୍ୟ ସରକାର ଲକ୍ଷ୍ୟ ପୂରଣ କରିପାରିବେ ନାହିଁ ଏହା ସ୍ପଷ୍ଟ ହୋଇଛି। ଚନ୍ଦ୍ରା ଏହାକୁ ନେଇ ନିଜର ଉଦ୍‌ବେଗ ପ୍ରକାଶ କରିସାରିଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଟିଡିଏସ୍ ସହ କ୍ରେଡିଟ ନ ମିଶିବା ଯୋଗୁ ଏହି ସ୍ଥିତି ଉପୁଜିଛି। ଏହାଛଡ଼ା କ୍ଷତିକୁ ପରବର୍ତ୍ତୀ ବର୍ଷକୁ ଗଡ଼ାଇ ନେବା ଯୋଗୁ ରିଫଣ୍ଡକୁ ରୋକାଯାଇଛି। ଆଇନ ଅନୁଯାୟୀ ଆୟକର ବିଭାଗ କ୍ରମାଗତ ୮ ବର୍ଷ ପର୍ଯ୍ୟନ୍ତ କ୍ଷତିକୁ ଆଗକୁ ଗଡ଼ାଇବାକୁ ଅନୁମତି ଦେଇପାରିବ। ପ୍ରାପ୍ତ ସୂଚନାନୁଯାୟୀ ଡିସେମ୍ବର ସୁଦ୍ଧା ରାଜସ୍ୱ ସଂଗ୍ରହ ୭.୪୩ ଲକ୍ଷ କୋଟି ଟଙ୍କା ହୋଇଛି। ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଟିକସ ସଂଗ୍ରହ ଆଶାଜନକ ରହିଥିବା ବେଳେ ତୃତୀୟ ତ୍ରୈମାସରେ ଆଦାୟ କମିଛି। ସେହିପରି ଏପ୍ରିଲ-ନଭେମ୍ବରରେ ଆଦାୟ ୧୪.୭ ପ୍ରତିଶତ ବଢ଼ିଛି, କିନ୍ତୁ ଏପ୍ରିଲ-ଡିସେମ୍ବରରେ ଏହା ହ୍ରାସ ପାଇଛି।

# ବିଗ୍ ବଜାରର ‘ସବ୍‌ସେ ଶସ୍ତା ୫ ଦିନ୍’ ସେଲ ୨୩ରୁ

ଭୁବନେଶ୍ୱର,୧୯-୧




ପ୍ରମୁଖ ରିଟେଲ ଚେନ୍ ବିଗ୍ ବଜାର ପକ୍ଷରୁ ଏହାର ‘ସବ୍‌ସେ ଶସ୍ତା ୫ ଦିନ’ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୨୩ରୁ ୨୭ ଯାଏ ଚାଲିବ। ଏହି ସମୟରେ ବିଗ୍ ବଜାର ଷ୍ଟୋରରୁ କ୍ରୟ ଉପରେ ଗ୍ରାହକମାନେ ଆକର୍ଷଣୀୟ ରିହାତି ପାଇ ପାରିବେ। ୩୦୦୦ ଟଙ୍କାରୁ ଊର୍ଦ୍ଧ୍ୱ କ୍ରୟ ଉପରେ ଫ୍ୟୁଚର ପେଓ୍ୱାଲେଟରେ ୨୦% କ୍ୟାଶବ୍ୟାକ ମିଳିବ। ରୁପେ କାର୍ଡରେ ୫୦୦ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ କ୍ରୟରେ ୭% ଅତିରିକ୍ତ ରିହାତି, ସର୍ବନିମ୍ନ ୫୦୦୦ ଟଙ୍କାର କ୍ରୟରେ ୧୦% ଅତିରିକ୍ତ ରିହାତି, ପେଟିଏମ୍‌ରେ ଗିଫ୍ଟ ଭାଉଚର କ୍ରୟ କରିବା ସହ ଏହି ଭାଉଚର ଉପରେ ୫୦% କ୍ୟାଶବ୍ୟାକ ଏବଂ ଦ୍ରବ୍ୟ କ୍ରୟ ଉପରେ ୨୦%ରୁ ଅଧିକ ରିହାତି ସୁବିଧା ପାଇବେ ବୋଲି ବିଗ୍ ବଜାର ପକ୍ଷରୁ ସୂଚନା ରହିଛି। ଗ୍ରାହକମାନେ ବିଗ୍ ବଜାର ଷ୍ଟୋରରେ ପୁରୁଷ, ମହିଳା, ପିଲାମାନଙ୍କ ଫ୍ୟାଶନ, ଏଲ୍‌ଇଡି ଟିଭି, ସ୍ମାର୍ଟଫୋନ, ଗୃହ ଉପକରଣ ଭଳି ବିଭିନ୍ନ ସାମଗ୍ରୀ ଉପରେ ରିହାତି ପାଇ ପାରିବେ। ଏଭଳି ସେଲ ଦ୍ୱାରା ସାମଗ୍ରୀ କ୍ରୟ ଉପରେ ଲୋକମାନେ ଅଧିକ ସଞ୍ଚୟ କରିପାରିବେ ବୋଲି ବିଗ୍ ବଜାରର ସିଇଓ ସଦାଶିବ ନାୟକ ସୂଚନା ଦେଇଛନ୍ତି।

## ଫେବୃୟାରୀ ୩ରେ ଫିଟ୍‌ଜୀର ଆଡ୍‌ମିଶନ ଟେଷ୍ଟ

ଭୁବନେଶ୍ୱର, ୧୯-୧

FIITJEE

କୋଚିଂ ପ୍ରତିଷ୍ଠାନ ଫିଟଜୀ ପକ୍ଷରୁ ଏହାର ଆଡମିଶନ ଟେଷ୍ଟ ଫେବୃୟାରୀ ୩ରେ ଅନୁଷ୍ଠିତ ହେବାକୁ ଯାଉଛି। ଜେଇଇ ଆଡଭାନ୍ସ, ଜେଇଇ ମେନ୍ ସହ ବିଭିନ୍ନ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ତଥା ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଦିଗରେ ଏହା ଛାତ୍ରୀଛାତ୍ରୀଙ୍କୁ ସୁବିଧା ଦେବ ବୋଲି ଫିଟଜୀ ପକ୍ଷରୁ କୁହାଯାଇଛି। ଏଥିପାଇଁ ପଞ୍ଚମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରି ପାରିବେ। ପଞ୍ଜୀକରଣର ଶେଷ ତାରିଖ ଚଳିତ ମାସ ୩୧ ରହିଛି। ଅଫଲାଇନ ପଞ୍ଜୀକରଣ ଲାଗି ଛାତ୍ରୀଛାତ୍ର ଫିଟ୍‌ଜୀ କେନ୍ଦ୍ରରୁ ଆବେଦନ ପତ୍ର ସଂଗ୍ରହ କରିପାରିବେ। ସେହିଭଳି ଫିଟଜୀ ଓ୍ୱେବସାଇଟକୁ ଯାଇ ଅନଲାଇନ ପଞ୍ଜୀକରଣ କରିହେବ। ଛାତ୍ରୀଛାତ୍ରଙ୍କ ଚିନ୍ତାକରିବା ଶକ୍ତି ତଥା ମୂଳଦୁଆକୁ ଉନ୍ନତ କରିବା ପାଇଁ ସର୍ବଦା ପ୍ରୟାସରତ ବୋଲି ଫିଟ୍‌ଜୀର ନିର୍ଦ୍ଦେଶକ ଆର୍.ଏଲ୍. ତ୍ରିଖା ସୂଚନା ଦେଇଛନ୍ତି।

## ବିଦେଶରେ ଟ୍ରେନ୧୮ ପ୍ରତି ବଢୁଛି ଆଗ୍ରହ

ନୂଆଦିଲ୍ଲୀ,୧୯-୧



ଟ୍ରେନ ୧୮ ନିର୍ମାଣ ପରେ ଭାରତୀୟ ରେଲୱେ କୋଚ୍ ଓ ୱାଗନର ୨୦୦ ବିଲିୟନ ଡଲାରର ବିଶ୍ୱ ବଜାରରେ ଓହ୍ଲାଇବାକୁ ଯୋଜନା ପ୍ରସ୍ତୁତ କରିଛି। କାରଣ ଏହି ଟ୍ରେନ ପ୍ରତି ବିଦେଶରେ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ପେରୁ, ଇଣ୍ଡୋନେସିଆ, ମାଲେସିଆ ଏବଂ ପଶ୍ଚିମ ଏସିଆର କେତେକ ଦେଶ ଏଥିପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ଏହାକୁ ଦେଖି ଭାରତୀୟ ରେଲୱେ ୨୦୦ ବିଲିୟନ ଡଲାର କୋଚ୍ ଓ ୱାଗନ ବଜାରରେ ପ୍ରବେଶ ଲାଗି ରେଲୱେ ଅଣ୍ଟାଭିଡ଼ିଛି। ଏଥିଲାଗି ରେଲୱେର ନଜର ସିଙ୍ଗାପୁର-କୁଆଲାଲାମ୍ପୁର ହାଇସ୍ପିଡ ରେଲ(ଏଚ୍‌ଏସ୍‌ଆର୍) ପ୍ରକଳ୍ପ ଉପରେ ରହିଛି, ଯାହାକି ଦୀର୍ଘ ଦିନ ହେବ ବନ୍ଦ ହୋଇଯାଇଛି। ସୂଚନାଥାଉ କି, ୧୦୦ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ଟ୍ରେନ ୧୮ର ଦିଲ୍ଲୀ-ବାରାଣସୀ ମଧ୍ୟରେ ବାଣିଜ୍ୟିକ ଚଳାଚଳ ଖୁବଶୀଘ୍ର ହେବାକୁ ଯାଉଛି। ରେଲୱେ ବୋର୍ଡର ରୋଲିଂ ଷ୍ଟକ୍ ସଦସ୍ୟ ରାଜେଶ ଅଗ୍ରୱାଲ କହିଛନ୍ତି ଯେ, ମଧ୍ୟ-ପୂର୍ବ, ଉତ୍ତର ଏବଂ ଦକ୍ଷିଣ ଆମେରିକା, ଦକ୍ଷିଣ-ପୂର୍ବ ଏସିଆ ଏବଂ ଏପରିକି ପୂର୍ବ ୟୁରୋପର ଦେଶଗୁଡ଼ିକ ଟ୍ରେନ୧୮ ପ୍ରତି ଆଗ୍ରହ ପ୍ରଦର୍ଶନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଲୱେକୁ ଦେଶରେ ତିଆରି ହେଉଥିବା ଏହି ଟ୍ରେନ ସମ୍ପର୍କରେ ଏକ ପ୍ରେଜେଣ୍ଟେଶନ ତିଆରି କରିବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି।




## ହିରୋ ‘ଏକ୍ସଟ୍ରିମ ୨୦୦ଆର୍’ର ଆକ୍ଟିଭେଶନ କ୍ୟାମ୍ପେନ

ଭୁବନେଶ୍ୱର,୧୯-୧

ପ୍ରମୁଖ ୨ ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ବଜାରକୁ ଆସିଥିବା ନୂଆ ପ୍ରିମିୟମ ବାଇକ୍ ‘ଏକ୍ସଟ୍ରିମ ୨୦୦ଆର୍’ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଆକ୍ଟିଭେଶନ କ୍ୟାମ୍ପେନ ଅନୁଷ୍ଠିତ ହେଉଛି। କମ୍ପାନୀ ପକ୍ଷରୁ ନିକଟରେ ଖୋର୍ଦ୍ଧାରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଚଳିତ ସପ୍ତାହରେ ୨ ଦିନ ପାଇଁ ଭୁବନେଶ୍ୱରର ୟୁନିଟ-୧ ମାର୍କେଟଠାରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ଏଠାରେ ନୂଆ ମଡେଲଟିର ପାୱାର, ଟର୍କ, ଫିଟନେସ ସହ ଅତ୍ୟାଧୁନିକ ଫିଚର ସମ୍ପର୍କରେ ନୂଆ ପିଢିର ଗ୍ରାହକଙ୍କୁ ସଚେତନ କରାଯାଉଛି। ଗ୍ରାହକ ଏନ୍‌ଗେଜମେଣ୍ଟ, ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ଏଠାରେ ଗ୍ରହଣ କରାଯାଇଛି। ଗ୍ରାହକଙ୍କ ଲାଗି ଗିଫ୍ଟ ବ୍ୟବସ୍ଥା ମଧ୍ୟ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ମଡେଲରେ ୨୦୦ ସିସିର ଇଞ୍ଜିନ, ୪.୬ ସେକେଣ୍ଡରେ ୧୧୪ କିମିର ସ୍ପିଡ୍, ସିଫ୍ଟ ଫ୍ରେମ ଡିଜାଇନ, କଷ୍ଟମାଇଜ ଏର୍ଗୋନୋମିକ, ଆରାମ, ବୋଲ୍ଡ ଫୁଏଲ ଟ୍ୟାଙ୍କ, ୭ ଷ୍ଟେପର ମନୋସକ୍ ସସପେନଶନ ଟେକ୍ନୋଲୋଜି ରହିଛି। ଏହି କ୍ୟାମ୍ପେନ ‘ଫିୟର ନଥିଙ୍ଗ’ ନାମରେ ଚାଲିଥିବା ବେଳେ ଯୁବବର୍ଗଙ୍କୁ ବିଭିନ୍ନ ଆକ୍ଟିଭିଟି ଦ୍ୱାରା ଉତ୍ସାହିତ କରାଯାଉଛି ବୋଲି କମ୍ପାନୀ ପ୍ରକାଶ କରିଛି। ଏହି ମେଡଲଟିର ଏକ୍ସ ଶୋ’ରୁମ ବଜାର ଦର ୯୦,୯୦୦ ଟଙ୍କା ରହିଛି।

## ବ୍ରେକଜିଟ୍ ଆହ୍ୱାନକୁ ଦେଖି ପଦକ୍ଷେପ ନିଆଯିବ: ଶକ୍ତିକାନ୍ତ



ଗାନ୍ଧୀନଗର,୧୯-୧

ବ୍ରେକଜିଟ୍‌କୁ ନେଇ ସାରା ବିଶ୍ୱରେ ଅନିଶ୍ଚୟତାର ବାତାବରଣ ରହିଛି। ଭାରତ ମଧ୍ୟ ଏହା ଉପରେ ଦୃଷ୍ଟି ରଖିଛି। ଏ ସଂକ୍ରାନ୍ତୀୟ ଆହ୍ୱାନକୁ ଦେଖିବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପଦକ୍ଷେପ ନେବ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବ୍ରେକଜିଟ୍ ପରେ ବ୍ରିଟେନ ଓ ୟୁରୋପୀୟ ୟୁନିୟନ ସହ ଭାରତର ଦୃଢ଼ ବାଣିଜ୍ୟ ଓ ନିବେଶ ବୃଦ୍ଧି ନେଇ ପରିଣାମଗତ ନୀତି ସଂକ୍ରାନ୍ତରେ ଆହ୍ୱାନ ରହିଛି। ଅନ୍ତର୍ଜାତୀୟ ବଜାରରେ ତେଲ ଦର ବୃଦ୍ଧି ତଥା ଅନିଶ୍ଚିତ ଚାହିଦା ପରିବେଶ ଭିତରେ ମଧ୍ୟ ଭାରତର ବହିଃ କ୍ଷେତ୍ର ଏଥିରୁ ଅଛୁଆଁ ରହିପାରିଛି। ଏଠାରେ ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି ଯେ, ବ୍ରେକଜିଟ୍ ଆହ୍ୱାନର ମୁକାବିଲା ଲାଗି ଭାରତୀୟ କମ୍ପାନୀ ଓ ନୀତି ନିର୍ଦ୍ଧାରକଙ୍କୁ ନିଜ ନିଜର କୌଶଳ ବଦଳାଇବାକୁ ହେବ।

## ରେଡଚିଫ୍‌ର ଭାଗ୍ୟଶାଳୀ ଗ୍ରାହକ ପୁରସ୍କୃତ



ଗୁରୁଗ୍ରାମ,୧୯-୧

ଲେୟାନ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡର ଲୋକପ୍ରିୟ ଲେଦର୍ ବ୍ରାଣ୍ଡ ରେଡଚିଫ୍ ପକ୍ଷରୁ ଏହାର ଭାଗ୍ୟଶାଳୀ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ଗୁରୁଗ୍ରାମର ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଗ୍ୟଶାଳୀଙ୍କୁ ବୁଲେଟ୍ ମୋଟର ସାଇକେଲ ପ୍ରଦାନ କରାଯାଇଛି। ଦେଶର ୧୨୨ ସହରର ଗ୍ରାହକଙ୍କୁ ଲକି ଡ୍ରରେ କମ୍ପାନୀ ସାମିଲ କରିଥିଲା। ଗୁଣବତ୍ତା ଫୁଟୱେର ଲାଗି ଜଣାଶୁଣା ଏହି ବ୍ରାଣ୍ଡ ଦେଶର ୫,୦୦୦ ମଲ୍ଟି ବ୍ରାଣ୍ଡ ଆଉଟଲେଟରେ ଉପଲବ୍ଧ। କମ୍ପାନୀ ବର୍ତ୍ତମାନ ଏହାର ୧୪୦ ଅଧିକୃତ ସ୍ୱତନ୍ତ୍ର ଆଉଟଲେଟରେ ଏହି ପ୍ରଡକ୍ଟଗୁଡ଼ିକୁ ଯୋଗାଉଛି। ଏହା ବାଦ ଇ-କମର୍ସ ପ୍ଲାଟଫର୍ମରେ କମ୍ପାନୀର ପ୍ରଡକ୍ଟ ଉପଲବ୍ଧ ହେଉଛି। ଗ୍ରାହକଙ୍କୁ ପ୍ରାଥମିକତା ଦେଇ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ମନୋଜ ଜ୍ଞାନଚନ୍ଦାନୀ ସୂଚନା ଦେଇଛନ୍ତି। ଭାଗ୍ୟଶାଳୀ ବିଜେତାଙ୍କ ମଧ୍ୟରେ ଦିଲ୍ଲୀର ଅରବିନ୍ଦ କୁମାର, ଭରତପୁରର ମଦନ ମୋହନ, ରେୱାରୀର ଅଶ୍ୱିନୀ ଶର୍ମା,ବାରାଣସୀର ମହିନ୍ଦ୍ର ପ୍ରତାପ, ଲକ୍ଷୀମପୁରକ୍ଷୀରିର ରୋହିତ ରାଜ ସିଂ ପ୍ରମୁଖ ଅଛନ୍ତି। ବୁଲେଟ ବାଦ କମ୍ପାନୀ ୧୪୦ହୋମଥିଏଟରମଧ୍ୟପ୍ରଦାନକରିଛି।

# ଓଡ଼ିଶା ପାଇଁ ୭୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ଯୋଜନା

ଭୁବନେଶ୍ୱର,୧୯-୧




ନାବାର୍ଡର ଫୋକସ୍ ପେପର

ଚଳିତବର୍ଷରେ ରାଜ୍ୟରେ ବିଭିନ୍ନ କ୍ଷେତ୍ର ଲାଗି ୭୫,୬୧୨ କୋଟି ଟଙ୍କାର କ୍ରେଡିଟ୍ ପୋଟେନସିଆଲ (ଋଣ ଯୋଜନା) ରହିଛି। ଜାତୀୟ କୃଷି ଏବଂ ଗ୍ରାମୀଣ ଉନ୍ନତୀକରଣ ବ୍ୟାଙ୍କ(ନାବାର୍ଡ) ପକ୍ଷରୁ ୨୦୧୯-୨୦ ବର୍ଷ ଲାଗି କ୍ରେଡିଟ୍ ସେମିନାର ଅବସରରେ ଏହାର ସିଜିଏମ୍ ଏ.ଚନ୍ଦ୍ରଶେଖର ଏହି ସୂଚନା ଦେଇଛନ୍ତି। ପ୍ରତିଷ୍ଠାନ ପକ୍ଷରୁ ଜାରି କରାଯାଇଥିବା ଫୋକସ୍ ପେପରରେ ରାଜ୍ୟରେ ଋଣ ସମ୍ଭାବନା ନେଇ ଉଲ୍ଲେଖ ରହିଛି। ଏଥିରେ ରାଜ୍ୟର ଭିତ୍ତିଭୂମି ଆବଶ୍ୟକତା, ଯୋଜନା, ଋଣ ଯୋଗାଣ ସହ ଆଗ୍ରୋ କ୍ଲାଇମେଟିକ ଜୋନର ବିଭିନ୍ନ କ୍ଷେତ୍ର ଏବଂ ଉପକ୍ଷେତ୍ରକୁ ସାମିଲ କରାଯାଇଛି। ଋଣ ସମ୍ଭାବନା ରହିଥିବା କ୍ଷେତ୍ରଗୁଡ଼ିକୁ ବ୍ୟାଙ୍କ ତଥା ଅନ୍ୟାନ୍ୟ ଅଂଶୀଦାରମାନେ ନଜରରେ ରଖି ଧାର୍ଯ୍ୟ ଲକ୍ଷ୍ୟ ଦିଗରେ କାର୍ଯ୍ୟ କରିବାକୁ ଚନ୍ଦ୍ରଶେଖର ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ନାବାର୍ଡ ପକ୍ଷରୁ ରାଜ୍ୟରେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି ଯେ, ନାବାର୍ଡ ଗ୍ରାମୀଣ ଭିତ୍ତିଭୂମି ଉନ୍ନତୀକରଣ ପାଣ୍ଠି(ଆର୍‌ଆଇଡିଏଫ୍)ର ଋଣ ଲାଭ କରିବାରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ । ପଶୁ, କୁକୁଡା ପାଳନ, ମତ୍ସ୍ୟଚାଷ କ୍ଷେତ୍ରକୁ ଟର୍ମ ଋଣରେ ବୃଦ୍ଧି ହେଉଥିବାରୁ ଏହା ଲୋକଙ୍କ ଆୟ ବୃଦ୍ଧି ଦିଗରେ ସହାୟକ ହେଉଥିବା ସେ ମତପ୍ରକାଶ କରିଥିଲେ। ରାଜ୍ୟର ବିକାଶ ଲାଗି ବ୍ୟାଙ୍କ ନ ଥିବା ସ୍ଥାନଗୁଡ଼ିକରେ ବ୍ୟାଙ୍କିଙ୍ଗ ସେବା ଉପଲବ୍ଧ କରାଇବାକୁ ସେ ଆର୍‌ବିଆଇ ଏବଂ ଅନ୍ୟ ବ୍ୟାଙ୍କରଙ୍କୁ ପରାମର୍ଶ ଦେଇଛନ୍ତି। କୃଷି, ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ର ସହ ଗ୍ରାମୀଣ କ୍ଷେତ୍ରକୁ ଋଣ ଯୋଗାଣ ଉପରେ କୃଷି ବିଭାଗ ପ୍ରମୁଖ ସଚିବ ସୁଭାଷ ଗର୍ଗ ମତ ରଖିଥିଲେ। ଭବିଷ୍ୟତର ଋଣ ଯୋଜନା ନେଇ ନାବାର୍ଡ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଏମ୍.କେ. ମଲ୍ଲ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା, ଏସ୍‌ଏଲବିସିର ସଦସ୍ୟ ତଥା ଡିଜିଏମ୍ ପି.କେ.ସି. ଦାସ ପ୍ରମୁଖ ଉପସ୍ଥିତ ଥିଲେ।





# ବୋର୍ଡ ଏକାଦଶ ଦଳରେ ରାଜେଶ

**କଟକ ଅଫିସ,୧୯।୧ :** ପପୁ ରାୟଙ୍କ ପରେ ଆଉ ଜଣେ ଓଡ଼ିଆ ଯୁବ କ୍ରିକେଟ ପ୍ରତିଭା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବୋର୍ଡ ସଭାପତି ଏକାଦଶ ଦଳରେ ସ୍ଥାନ ପାଇଛନ୍ତି । ଭାରତ ଗସ୍ତରେ ଆସିଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଏକ ୨ ଦିନିଆ ୱାର୍ମଅପ ମ୍ୟାଚ୍ ପାଇଁ ଡାହାଣହାତୀ ପେସ ବୋଲର ରାଜେଶ ମହାନ୍ତିଙ୍କୁ ଚୂଡ଼ାନ୍ତ ୧୫ଜଣିଆ ଦଳରେ ସାମିଲ କରାଯାଇଛି । ପୂର୍ବରୁ ଓଡ଼ିଶା ସ୍ପିନର ପପୁ ରାୟ ଦଳରେ ସ୍ଥାନ ପାଇଥିଲେ ।

ଡାହାଣହାତୀ ପେସ ବୋଲର ରାଜେଶଙ୍କର ଚଳିତ ରଣଜୀ ସିଜନରେ ଓଡ଼ିଶା ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ ହୋଇଥିଲା । ୮ଟି ମ୍ୟାଚ୍ ଖେଳିଥିବା ରାଜେଶ ୪୦ଟି ଉଇକେଟ ହାସଲ କରିଥିଲେ । ଆସାମ ବିପକ୍ଷ ମ୍ୟାଚରେ ରାଜେଶ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଥିଲେ । ପ୍ରଥମ ଇନିଂସ୍‌ରେ ୩୧ରନ ଦେଇ ୫ଟି ଓ ଦ୍ୱିତୀୟ ଇନିଂସରେ ୫୫ରନ୍ ଦେଇ ୬ଟି ଉଇକେଟ ଅକ୍ତିଆର କରିବା ସହ ଗୋଟିଏ ମ୍ୟାଚ୍‌ରେ ମୋଟ ୧୧ଟି ଉଇକେଟ ରାଜେଶ ଦଖଲ କରିଥିଲେ । ବାଲାଂଦେଶର ଢ଼ାକା ଠାରେ ଗତ ସେପ୍ଟେମ୍ବରରେ ଖେଳାଯାଇଥିବା ୧୯ବର୍ଷରୁ ଏସିଆ କପରେ ମଧ୍ୟ ରାଜେଶ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ । ପିତା କିଶୋର ଚନ୍ଦ୍ର ମହାନ୍ତି ଓ ମା ମନୋରମା ମହାନ୍ତିଙ୍କ ପୁତ୍ର ରାଜେଶଙ୍କ ଘର ନୟାଗଡ଼ ଜିଲା ତୁଳସୀପୁର ଅଞ୍ଚଳରେ । ଟେନିସ ବଲ କ୍ରିକେଟ ଖେଳୁଖେଳୁ ଏବେ ରାଜ୍ୟର ଆଗଧାଡ଼ିର ପେସ ବୋଲର ଭାବେ ପରିଗଣିତ ହେଲେଣି ରାଜେଶ । ଭୁବନେଶ୍ୱରେ ହେଉଥିବା ଏକ ଘରୋଇ ଟୁର୍ନାମେଣ୍ଟ ଖେଳିବାକୁ ଆସିଥିବା ବେଳେ ରାଜ୍ୟର ପୂର୍ବତନ କ୍ରିକେଟର ଦୀପକ ମଙ୍ଗରାଜଙ୍କ ନଜରକୁ ସେ ଆସିଥିଲେ । ପରେ ରାମେଶ୍ୱର ସ୍ପୋର୍ଟିଂରେ ଯୋଗ ଦେଇ ଅଭ୍ୟାସ କରିବା ସହ ରାଜ୍ୟ ୧୯ବର୍ଷରୁ କମ ଦଳରେ ସ୍ଥାନ ପାଇଥିଲେ । କୁଚବିହାର ଟ୍ରଫି ୨୦୧୭-୧୮ ସିଜନରେ ରାଜେଶ ୪ଟି ମ୍ୟାଚ ଖେଳି ମୋଟ୍ ୧୧ଟି ଉଇକେଟ ଦଖଲ କରିଥିଲେ । ଏହା ପରେ ରାଜେଶଙ୍କର ଓଡ଼ିଶା କ୍ରିକେଟରେ ଯାତ୍ରା ଜାରି ରହିଛି । ଇଂଲଣ୍ଡ ଲାୟନ୍ସ ବିପକ୍ଷ ମ୍ୟାଚରେ ଭଲ ପ୍ରଦର୍ଶନ କରିବାକୁ ନିଶ୍ଚିତ ଭାବେ ଚେଷ୍ଟା କରିବି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ।



**ବୋର୍ଡ ସଭାପତି ଏକାଦଶ ଦଳ**

ଈଶାନ କିଶନ(ଅଧିନାୟକ), ଅକ୍ଷତ ରେଡ୍ଡୀ, ଧ୍ରୁବ ଶୋରେ, ରିକି ଭୁଇ, ସିଦ୍ଧେଶ ଲାଡ୍, ରିଙ୍କୁ ସିଂ, ପ୍ରିୟମ ଗର୍ଗ, ସୌରଭ କୁମାର, ରାହୁଲ ଚହର, ଜୟନ୍ତ ଯାଦବ, ଅନିକେତ ଚୌଧାରୀ, ଅଙ୍କିତ୍ ରାଜପୁତ, ରାଜେଶ ମହାନ୍ତି ।

## ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)

**ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଙ୍ଗ୍, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲଫାଫା ପ୍ରଣାଳୀରେ ଜଉମୁଦା ପରସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :

1. NIT No. **52/CDB/2018-19.** କାର୍ଯ୍ୟର ନାମ : ପୋଷ୍ଟାଲ ପ୍ରିଣ୍ଟିଂ ପ୍ରେସ, ଭୁବନେଶ୍ୱରରେ ବିଦେଶୀ ଡାକଘରର ନବିନିକରଣ । ଆନୁମାନିକ ମୂଲ୍ୟ : ଟ.୧୧,୪୭,୦୩୧.୦୦, ଅମାନତ ଜମା ରାଶି : ଟ.୨୨,୯୪୧/-, ଟେଣ୍ଡର ଶୁଳ୍କ : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଯାହା ପ୍ରଯୁଜ୍ୟ ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୪୫ (ପଇଁଚାଳିଶି) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୪.୦୧.୨୦୧୯ରିଖ ଅପରାହ୍ନ ୧୫.୦୦ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **https://dopcivil.euniwizard.com** ରୁ ପ୍ରାପ୍ତ କରାଯାଇ ପାରିବ ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ),
ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର

## OFFICE OF THE EXECUTIVE ENGINEER, RWS&S DIVISION, BARGARH

Email:- eerwss_bgh@.nic.in, Ph (O):- 06646 233220, FAX:- 06646 234626
No 117 / Dt. 11.01.2019

**GOVERNMENT OF ODISHA "e" PROCUREMENT NOTICE**

**Bid Identification No 15 Dt. 11.01.2019 of 2018-19**

**No. 1423-O:-** The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'A 'or 'Special' registered with any department of State Government or equivalent class of Central Govt.etc. to be eventually drawn up in G2 Contract form as per terms and condition noted below.

1. Name of the work : Execution of RPW/S to village Dunduri & its adjoining villages under Ambabhona Block in Bargarh District
2. Approx. Estimated cost : Rs 321.28 lakhs
3. Date and time of availability of document in the portal : Dt 21.01.2019 to Dt 13.02.2019 upto 5.00 PM
4. Last date/ time for receipt of bids in the portal : Dt 13.02.2019 upto 5.00 PM
5. Date & time of Opening of Tender : Dt 14.02.2019 at 11.00 AM
6. Name and address of the Officer Inviting Bid : Executive Engineer, RWS&S Division, Bargarh, District: Bargarh

Further details can be seen from the e-procurement portal "http// tendersorissa.gov.in".

The authority reserves the right to reject any or all the tenders without assigning any reason thereof.

25157/11/0034/1819 *Executive Engineer, RWS&S Division, Bargarh*

## OFFICE OF THE EXECUTIVE ENGINEER RWSS DIVISION, BHUBANESWAR

**PLOT NO. 1214 (P), AT: TAPOVAN, P.O: KHANDAGIRI, BHUBANESWAR – 30**
Tel- (0674) 2384108, E-Mail: eerwss_bbsr@nic.in

**Govt. of Odisha e-Procurement Notice**

**Bid Identification Notice No.48 of 2018-19**

**No. 1421-O:-** The Executive Engineer, RWS&S Division, Bhubaneswar on behalf of Governor of Odisha invites percentage bid though e-procurement in double cover system according to norm of e-procurement.

1. Nature of Work Supplying all labour, material T&P for laying of rising main and Distribution pipe line of HDPE/GI/DI, construction of pump house, compound wall, RCC ESR, UGR,SV chamber, Stand post with other ancillary works. For water supply schemes under Khordha Division (3nos).
2. No. of Tender : 4 Nos.
3. Tender Paper Cost : Rs.6000.00 to. Rs.10000.00
4. Value of Work : From 55.31 Lakhs to 356.58 lakhs
5. Class of Contractor : "B" "A" SPL
6. Date & time of availability of Bid document in portal : 22.01.2019 4.00 PM to 31.01.2019 Upto 3.00 PM
7. Date & Time of seeking tender clarification : 22.01.2019 4.00 PM to 14.01.2019 Upto 3.00 PM during office hour
8. Date & Time of opening of tender : 01.02.2019 at 11.00 AM in the O/O E.E., RWSS Divn., Bhubaneswar
9. Time of Completion : 180 days to 365 days
10. The bidders have to participate in online bidding only. Further details can be seen from the website : https://www.tendersorissa.gov.in. corrigendum if any shall only be published above website.
11. The Bid cost and EMD to be deposited through online.

*EXECUTIVE ENGINEER*
25011/11/0033/1819 *RWS&S DIVISION, BHUBANESWAR*

## GOVERNMENT OF ODISHA OFFICE OF THE EXECUTIVE ENGINEER NATIONAL HIGHWAY DIVISION, BOLANGIR

No.43-b:- **e - Procurement Notice**

**Bid Identification No. 09/EE NH (BGR) of 2018-19**

| | | |
|---|---|---|
| 1. | The Executive Engineer, N.H. Division, Balangir on behalf of the Governor of Odisha invites percentage rate bid in double cover system in ONLINE MODE for construction of road & bridge work detailed in the table below from eligible contractors. | |
| 2. | Nature of work | Road Work |
| 3. | No. of tender | 2 nos. |
| 4. | Cost of Tender Paper (Online) | Rs. 10,000/- (Tender paper cost) |
| 5. | Class of Contractor | "A" Class & "B" Class |
| 6. | Date & Time of sale & Receipt of Bids | From 11.00 A.M. 25.01.2019 to 5.00 P.M. on 04.02.2019. |
| 7. | Date of opening bid | 11.00 A.M. on 05.02.2019 |
| 8. | The bidders have to participate in ONLINE bidding only. Further details can be seen from the website:http://tendersodisha.gov.in. | |

Executive Engineer
34101/11/0004/1819 NH Division, Bolangir

## GOVERNMENT OF ODISHA OFFICE OF THE EXECUTIVE ENGINEER, RWS&S DIVISION, RAYAGADA

Email ID eerwss_rgd@nic.in, Mobile No.8280408061

**e-Procurement Notice for PWS Works**

**Identification No Online Tender/16/RWSS/RGD/2018-19**

**No. 1419-O:-**

1) **Name of Works:-**
   1. Supplying & Laying of rising main and distribution system pipe line of UPVC/DI/GI, construction of Compound wall RCC OGR/ ESR,SV/ NRV Chamber, Air Valve Pillar stand post etc for different PWS projects in Rayagada District.
2) Total Number of Works : 9 Nos. (Detailed list available in the website)
3) Estimated Cost : Rs 26.69 to 77.87 Lakh
4) Class of Contractor : C, B & A
5) Period of completion : 06/09 months

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Water Supply & Sanitation Division, Rayagada | Online Tender/ 16/ RWSS/ RGD/2018-19 | 22.01.2019 at 10.00 AM | 05.02.2019 upto 5.00PM |

**NB:-** Further details can be seen from the website www.tendersodisha.gov.in

*Sd./- 15.01.2019*
*Executive Engineer,*
25007/11/0024/1819 *RWS&S Division, Rayagada*

## OFFICE OF THE EXECUTIVE ENGINEER R.W.S.&S. DIVISION, NUAPADA

**GOVT. OF ODISHA**
**E-mail: eerwssnpd@rediffmail.com**

**"e" Procurement Notice**

**Bid Identification No. RWS&S_10/2018-19**

No. 1422-O: The Executive Engineer, RWS&S Divsion, Nuapada on behalf of Governor of Odisha invites Lump sum bid in single cover system according to norm of "e" procurement system in Online from eligible contractors having valid & up to date contractors Registration Certificate, GST Clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the standard Lumpsum (G2) contract form.

| | | |
|---|---|---|
| Nature of Work | : | Water Supply Schemes SC/ST Hostel under Nuapada district |
| No. of Tender | : | 10 (Ten) Nos. |
| Approx. Estimated Cost | : | Rs.11.68 Lakhs to Rs.31.20 Lakhs |
| Period of Completion | : | 02 (Two) Months to 05 (Five) Months |
| Tender Cost | : | Rs.6000/- |
| Class of Contractor | : | Class D, C & B |
| Date and time of availability of bid document in the portal | : | 23.01.2019 at 10.00 A.M. |
| Last date/time for receipt of bids in the portal | : | 02.02.2019 upto 5.00 P.M. |
| Date of Opening of Bid | : | 04.02.2019 at 11.00 A.M. |

The bidders have to participate in online bidding only. Further details can be seen from the website **http://tendersorissa.gov.in**.

**Sd./- (Er. B.P. Panda)**
**Executive Engineer**
**25043/11/0008/1819** **RWSS Division, Nuapada**

## GOVERNMENT OF ODISHA, OFFICE OF THE EXECUTIVE ENGINEER, RURAL WORKS DIVISION, KESINGA

Email: eerwkesinga@yahoo.com

**e-Procurement Notice**

No.1394-O

**BID IDENTIFICATION NO. EERWKSNG-online-03/2018-19**

1. Name of works : 2 Nos. Building work
2. Total No. of work : 1 No.
3. Estimated Cost : Please refer DTCN
4. E.M.D. : 1% of estimated cost
5. Cost of Tender document : Please refer DTCN
6. Class of Contractor : Please refer DTCN
7. Period of Completion : As per DTCN
8. Other details : As per DTCN

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, Rural works Division, Kesinga | EERWKSNG-online- 03/2018-19 | 22.01.2019 at 10.00AM | 31.01.2019 upto 5.00 PM | 30.01.2019 upto 5.00PM | 05.02.2019 at 11.00AM |

Further details can be seen from the website i.e. www.tenderorissa.gov.in.

25153/11/0004/1819 *Sd./- Executive Engineer, Rural Works Division, Kesinga*

## GOVERNMENT OF ODISHA OFFICE OF THE EXECUTIVE ENGINEER RURAL WORKS DIVISON-I MALKANGIRI

e-mail: rwd_malkangiri@yahoo.co.in

No.1414-O

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender 17/MKG/2018-19**

1. Name of the work : Road works (Detailed in Annexure)
2. Total Number of Works : 6 (Six) Number
3. Tender Cost : Rs. 8.84 Lakhs to Rs. 44.20 Lakhs
4. Class of Contractor : 'D' , 'C' , 'B' & 'A' Class contractors
5. Period of Completion : (As Per Detailed in Annexure)
6. Other Details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender /17 / RWD-I, MKG/ 2018-19 | 6 (Six) Nos. of Road works | 24.01.2019 from 11.00AM | 04.02.2019 upto 5.00PM | 02.02.2019 upto 5.00PM | 07.02.2019 at 11.30AM |

Further details can be seen from the Website www.tenderorissa.gov.in

25058/11/0016/1819 *Executive Engineer, R.W. Division-I, Malkangiri*

## ତହସିଲ କାର୍ଯ୍ୟାଳୟ, ବେତନଟୀ

### ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଜାତୀୟ ରାଜପଥ-୫ ପ୍ରକଳ୍ପ, ବେତନଟୀ, ଜିଲ୍ଲା- ମୟୂରଭଞ୍ଜ

### ସର୍ବସାଧାରଣ ନୋଟିସ୍

ଜାତୀୟ ରାଜପଥ ଆଇନ୍ ୧୯୫୬ (Act 48 of 1956) ର ଧାରା-୩ (କ) ଉପଧାରା-୩ (୧) ମୁତାବକ ଯେହେତୁ, ଭାରତ ସରକାର ସଡ଼କ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ-୫ର ରାଜ୍ୟର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବେତନଟୀ ତହସିଲର ବେତନଟୀଠାରୁ ପଦ୍ମନାଭପୁର (ଝାରପୋଖରିଆ, ବାରିପଦା, ବାଲେଶ୍ୱର ସେକ୍ସନ)ର ସଂପ୍ରସାରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ ( ୧୯୫୬ର ୪୮ ନଂ ଆଇନ୍)ର ଧାରା ୩ (କ)ର ଉପଧାରା ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ S.O. 6278 (E) ତା. ୨୧.୧୨.୨୦୧୮ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତଦ୍ୱାରା ତଫସିଲଭୁକ୍ତ ଜମିର ସତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ତାହାଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ଭୂ-ଅର୍ଜନ ଅଧିକାରୀ, ଜାତୀୟ ରାଜପଥ ପ୍ରକଳ୍ପ ନଂ. ୫, ଜିଲ୍ଲା ମୟୂରଭଞ୍ଜଙ୍କ କାର୍ଯ୍ୟାଳୟ ଠିକଣାରେ ଉପରୋକ୍ତ ଆଇନର ଧାରା-୩ (ଗ)ର ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଏର କରିପାରିବେ । ଏ ସମ୍ପର୍କରେ ଧାରା ୩ (ଗ)ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦବିବରଣୀ ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଭୂଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ) ଏନ୍.ଏଚ୍.-୫ ବେତନଟୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି ।

ସ୍ୱା: ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ,
ଜାତୀୟ ରାଜପଥ-୫ ପ୍ରକଳ୍ପ, ବେତନଟୀ

## MINISTRY OF ROAD TRANSPORT AND HIGHWAYS

### NOTIFICATION

**New Delhi, the 21st December, 2018**

**S.O: 6278 (E).** —In exercise of the powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the schedule below, is required for building (widening/Two-lane with paved shoulder/four laning etc.), maintenance, management and operation of National Highway No.18, on the stretch of land from Km.28 to Km. 77 (At- Bhagabati, Po- Betnoti, P/S- Betnoti, Dist.- Mayurbhanj) in the district of MAYURBHANJ in the State of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of section 3C of the said Act.

Every such objection shall be made to the Competent Authority, namely, Competent Authority of Land Acquisition in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land covered under this notification are available and can be inspected by the interested person at the aforesaid office of the Competent Authority.

**SCHEDULE**

**Brief description of the land to be acquired, with or without structure, falling NH 18 in the stretch of land from NH 18 (At- Bhagabati, Po- Betnoti, P/S- Betnoti, Dist. - Mayurbhanj) in the district of MAYURBHANJ in the State of ODISHA.**

| ରାଜ୍ୟ: ଓଡ଼ିଶା | ଜିଲ୍ଲା :ମୟୂରଭଞ୍ଜ | | | | |
|---|---|---|---|---|---|
| କ୍ର.ନଂ. | ସର୍ଭେ/ ପ୍ଲଟ ନଂ | ଜମିର ପ୍ରକାର | ଜମିର କିସମ | ଜମିର ସ୍ଥାନୀୟ ରକବା (ହେକ୍ଟରରେ) | ଅଧିଗ୍ରହଣ ଜମିର ରକବା (ହେକ୍ଟରରେ) |
| ତହସିଲ : ବେତନଟୀ | | | | | |
| ଗ୍ରାମ : ଆଗିରିଆ | | | | | |
| ୧ | ୧୮୬ | ବେସରକାରୀ | ଘରବାରି | ୦.୦୦୦୪୦୪୬ (ହେକ୍ଟରରେ) | ୦.୦୦୦୪୦୪୬ |
| ୨ | ୧୮୭ | ବେସରକାରୀ | ଘରବାରି | ୦.୦୦୦୪୦୪୬ (ହେକ୍ଟରରେ) | ୦.୦୦୦୪୦୪୬ |
| ୩ | ୧୮୮ | ବେସରକାରୀ | ଘରବାରି | ୦.୦୦୦୪୦୪୬ (ହେକ୍ଟରରେ) | ୦.୦୦୦୪୦୪୬ |
| ୪ | ୨୦୩ | ବେସରକାରୀ | ଶାରଦ ଅଣଜଳସେଚିତ-୨ | ୦.୦୦୦୪୦୪୬ (ହେକ୍ଟରରେ) | ୦.୦୦୦୪୦୪୬ |
| ୫ | ୨୦୫ | ବେସରକାରୀ | ଶାରଦ ଅଣଜଳସେଚିତ-୨ | ୦.୦୦୦୪୦୪୬ (ହେକ୍ଟରରେ) | ୦.୦୦୦୪୦୪୬ |
| ୬ | ୨୦୮ | ବେସରକାରୀ | ଶାରଦ ଅଣଜଳସେଚିତ-୧ | ୦.୦୦୦୪୦୪୬ (ହେକ୍ଟରରେ) | ୦.୦୦୦୪୦୪୬ |
| ୭ | ୨୨୯ | ବେସରକାରୀ | ଚକ | ୦.୦୦୦୪୦୪୬ (ହେକ୍ଟରରେ) | ୦.୦୦୦୪୦୪୬ |
| ଗ୍ରାମ: ବେତନଟୀ | | | | | |
| ୧ | ୩୯୨ | ସରକାରୀ | ସଡ଼କ | ୦.୦୧୨୧୪୦୮ (ହେକ୍ଟରରେ) | ୦.୦୧୨୧୪୦୮ |
| ୧ | ୪୯୫ | ସରକାରୀ | ନୟନଜୋରି | ୦.୦୨୪୨୮୧୭ (ହେକ୍ଟରରେ) | ୦.୦୨୪୨୮୧୭ |
| ଗ୍ରାମ: ପଦ୍ମନାଭପୁର | | | | | |
| ୧ | ୭୦୩ | ବେସରକାରୀ | ଚକ | ୦.୦୦୬୪୭୫୧ (ହେକ୍ଟରରେ) | ୦.୦୦୬୪୭୫୧ |
| | | | ମୋଟ | ୦.୧୯୧୦ | ୦.୧୯୧୦ |

TAHASILDAR, BETNOTI
CALA-CUM-TAHASILDAR, NH-5, BETNOTI

## GOVT. OF ODISHA OFFICE OF THE SUPERINTENDING ENGINEER, RURAL WORKS CIRCLE, BARIPADA

**Tel. No. 06792-261343(O)/ 261344 (Fax)/E-Mail:- serwcbaripada@nic.in**

**No.1406-O:-** **"e" Procurement Notice for Bridge Work**

**Identification No.- Online Tender- Bridge N.C.B. No. 146 for 2018-19**

**Letter No. 71** **Date 15.01.19**

| | | | |
|---|---|---|---|
| 1. | Name of the work | : | Construction of Bridge over Sarali Nallah at 0/260 Km on Station bazar to Baghara road under BSY in the District of Mayurbhanj for the year 2018-19. |
| 2. | Total No. of works | : | 01 No. (One) |
| 3. | Estimated Cost | : | Rs. 202.73 lakhs (approximately) |
| 4. | Eligible Class of Contractor | : | 'B' & 'A' Class (of Odisha P.W.D.) or relevant Class of other licensing authorities. |
| 5. | Period of Completion | : | 12 (Twelve) Calendar months for the work |
| 6. | Other details | : | |

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E.R.W. Circle, Baripada | |
|---|---|---|---|---|---|---|
| | | From | | | Technicl Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Baripada | Bridge On-line N.C.B. No. 146 | Dt. 22.01.2019 at 11.00 AM | Dt. 05.02.2019 at 11.00 AM | Dt. 04.02.2019 upto 1.00 PM | Dt. 06.02.2019 at 11.00 AM | Will be intimated separately |

- Further details can be seen from the website: www.tendersorissa.gov.in.

**Sd./- Superintending Engineer,**
**25130/11/0026/1819** **R.W. Circle, Baripada**

## GOVERNMENT OF ODISHA OFFICE OF THE EXECUTIVE ENGINEER KALAHANDI RWS&S DIVISION, BHAWANIPATNA

**e-mail: eerwsskld@nic.in, eerwsskld@gmail.com, Phone No: 06670-230784**

**No.1405-O:-** **INVITATION OF BID THROUGH e-TENDERING**

**Bid Identification No-16/EE/RWSS/2018-19/Bpt Dated 15.01.2019**

01. Name of the work :

| Procurement Officer | Bid Identification No | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 16/EE/RWSS/2018-19/ Bpt Dated-15.01.2019 | 22.01.2019 | 07.02.2019 | 08.02.2019 at 11.30 AM onwards |

Cost of tender paper & payment of EMD to be made online payment system.
Further details can be seen from the e-procurement portal http://tenderodisha.gov.in.

**25005/11/0031/1819** **Sd./- Executive Engineer, Kalahandi RWS&S Division, Bhawanipatna**



“ବିରାଟ କୋହଲି କ୍ରିକେଟର ସମସ୍ତ ଫର୍ମାଟରେ ଭଲ ପ୍ରଦର୍ଶନ କରି ଆସୁଛନ୍ତି, ହେଲେ ସେ ସଚିନ ତେନ୍ଦୁଲକରଙ୍କ ସହ ତୁଳନୀୟ ନୁହନ୍ତି ।

–ଏସ୍. ଶ୍ରୀସନ୍ଥ, ପୂର୍ବତନ ଭାରତୀୟ କ୍ରିକେଟର

“ଅଷ୍ଟ୍ରେଲିଆ ମାଟିରେ ଭାରତର ପ୍ରଥମ ଟେଷ୍ଟ ସିରିଜ ବିଜୟ ପଛରେ ୟର୍କର ବୋଲର ଯଶପ୍ରୀତ ବୁମ୍‌ରାଙ୍କ ବିଶେଷ ଭୂମିକା ରହିଛି ।

–ୱାସିମ ଆକ୍ରମ, ପୂର୍ବତନ ପାକିସ୍ତାନ କ୍ରିକେଟର



## ସଂକ୍ଷେପରେ

### ଫୁଟବଲରେ ରୌପ୍ୟ, ହକିରେ ଓଡ଼ିଶାକୁ ବ୍ରୋଞ୍ଜ

**କଟକ ଅଫିସ,୧୯।୧ :** ମହାରାଷ୍ଟ୍ରର ପୁଣେଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସର ୧୭ବର୍ଷରୁ କମ୍ ମହିଳା ଫୁଟବଲରେ ଓଡ଼ିଶା ରୌପ୍ୟ ଓ ହକିରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛି । ସଂଘର୍ଷପୂର୍ଣ୍ଣ ଫୁଟବଲ ଇଭେଣ୍ଟର ଫାଇନାଲରେ ଓଡ଼ିଶା ଦଳ ୧-୨ ଗୋଲରେ ଝାଡ଼ଖଣ୍ଡଠାରୁ ହାରି ଯାଇଥିଲା। ସେହିପରି ହକି ପ୍ରତିଯୋଗିତାର ସେମିରେ ଝାଡ଼ଖଣ୍ଡ ଠାରୁ ପରାସ୍ତ ହେବା ପରେ ଓଡ଼ିଶା ଶନିବାର ବ୍ରୋଞ୍ଜ ପଦକ ମ୍ୟାଚ୍ ପଞ୍ଜାବ ବିପକ୍ଷରେ ଖେଳିଥିଲା । ୩-୨ ଗୋଲରେ ଓଡ଼ିଶା ଏହି ମ୍ୟାଚକୁ ଜିତିଛି। ପ୍ରଥମ କ୍ୱାର୍ଟରରେ ଓଡ଼ିଶା ପକ୍ଷରୁ ୩ଟି ଗୋଲ ସ୍କୋର ହୋଇଥିଲା । ୪ର୍ଥ ମିନିଟରେ ସୁନୀତା ଖାଖା, ୬ଷ୍ଠ ମିନିଟରେ ଜ୍ୟୋତି ଛତ୍ରି ଓ ୧୩ତମ ମିନିଟରେ ନିମାବତି ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଥମ କ୍ୱାର୍ଟରର ୧୫ତମ ମିନିଟରେ ମଧ ପଞ୍ଜାବର ସି ତମାଙ୍ଗ ଏକ ଗୋଲ ଦେଇଥିଲେ । ୩-୧ରେ ପ୍ରଥମ କ୍ୱାର୍ଟରକୁ ଓଡ଼ିଶା ଅଗ୍ରଣୀ ରଖିବା ପରେ ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲା । ୪ର୍ଥ କ୍ୱାର୍ଟରରେ ପଞ୍ଜାବ ଗୋଟିଏ ଗୋଲ ଦେବା ଫଳରେ ମ୍ୟାଚ୍ ୩-୨ ଗୋଲରେ ଶେଷ ହୋଇଥିଲା ।

# ପ୍ରି-କ୍ୱାର୍ଟରରେ ସେରେନା-ହାଲେପ

**ଅଷ୍ଟ୍ରେଲିଆନ ଓପନ ଟେନିସ**

ମେଲବୋର୍ନ,୧୯।୧(ଏଏଫ୍‌ପି)

ଆମେରିକାର ସେରେନା ୱିଲିୟମ୍ସ ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ଟେନିସର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ୩ୟ ରାଉଣ୍ଡ ମ୍ୟାଚ୍‌ରେ ୱିଲିୟମ୍ସ ୬-୨, ୬-୧ ସେଟ୍‌ରେ ୟୁକ୍ରେନର ଡାୟାନା ୟଷ୍ଟ୍ରିମସ୍କାଙ୍କୁ ହରାଇ ଦେଇଛନ୍ତି। ମାତୃତ୍ୱ ଲାଭ କରିବା ପରେ ୩୭ ବର୍ଷୀୟ ଆମେରିକୀୟ ଖେଳାଳି ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛନ୍ତି। ଦୁଇ ବର୍ଷ ତଳେ ଏଠାରେ ସେ ୨୩ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ପ୍ରି-କ୍ୱାର୍ଟରରେ ସେ ଶୀର୍ଷ ର୍‍ୟାଙ୍କପ୍ରାପ୍ତ ସିମୋନା ହାଲେପଙ୍କୁ ଭେଟିବେ। ହାଲେପ ଅନ୍ୟ ଏକ ମ୍ୟାଚ୍‌ରେ ସେରେନାଙ୍କ ଭଉଣୀ ଭେନସ ୱିଲିୟମ୍ସଙ୍କୁ ୬-୨, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସର ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ଜାପାନର ନାଓମି ଓସାକା ୫-୭, ୬-୪, ୬-୧ ସେଟ୍‌ରେ ତାଇପେର ହ୍ସି ସୁ-ୱି, ୟୁକ୍ରେନର ଏଲିନା ସ୍ୱିତୋଲିନା ୪-୬, ୬-୪, ୭-୫ ସେଟ୍‌ରେ ଚାଇନାର ଶୁଇ ଝାଙ୍ଗ୍, ଲାଟଭିଆର ଆନାସ୍ତାସିଜା ସେଭାସ୍ତୋଭା ୬-୩, ୬-୩ ସେଟ୍‌ରେ ଚାଇନାର ୱାଙ୍ଗ୍ କ୍ୱାଙ୍ଗ୍, ଆମେରିକାର ମାଡିସନ କିଜ୍ ୬-୩, ୬-୨ ସେଟ୍‌ରେ ବେଲାରୁଷର ଏଲିସେ ମେର୍ଟେନ୍ସ, ସ୍ପେନର ଗାର୍ବିନ ମୁଗୁରୁଜା ୭-୬(୭/୫), ୬-୨ ସେଟ୍‌ରେ ସୁଇଜରଲାଣ୍ଡର ଟିମିଆ ବାକ୍ସିନସ୍କି ଏବଂ ଚେକ୍ ରିପବ୍ଲିକର କାରୋଲିନା ପ୍ଲିସ୍‌କୋଭା ୬-୪, ୩-୬, ୬-୨ରେ ଇଟାଲୀର କାମିଲା ଜିଓର୍ଗିଙ୍କୁ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

### ଜୋକୋଭିଚ୍ ୪ର୍ଥ ରାଉଣ୍ଡରେ

ପୁରୁଷ ସିଙ୍ଗଲ୍ସରେ ଟାଇଟଲ ଦାବିଦାର ସର୍ବିଆର ନୋଭାକ୍ ଜୋକୋଭିଚ୍ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ୩ୟ ରାଉଣ୍ଡ ମ୍ୟାଚରେ ସେ କାନାଡ଼ାର ଡେନିସ ଶାପୋଭାଲୋଭଙ୍କୁ ୬-୩, ୬-୪, ୪-୬, ୬-୦ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ରୁଷିଆର ଡାନିଲ ମେଡଭେଡେଭ ୬-୨, ୭-୬(୭/୩), ୬-୩ରେ ବେଲାରୁଷର ଡେଭିଡ୍ ଗଫିନ, ଜାପାନର କେଇ ନିଶିକୋରି ୭-୬(୮/୬), ୬-୧, ୬-୨ରେ ପର୍ତ୍ତୁଗାଲର ଜୋଆଓ ସୋଉସା, ସ୍ପେନର ପାବ୍‌ଲୋ କାରେନୋ ବୁଷ୍ଟା ୬-୨, ୬-୪, ୨-୬, ୬-୪ ସେଟ୍‌ରେ ଇଟାଲୀର ଫାବିଓ ଫୋଗନିନି, କାନାଡ଼ାର ମିଲୋସ ରାଓନିକ୍ ୬-୪, ୬-୪, ୭-୬(୮/୬)ରେ ଫ୍ରାନ୍ସର ପିଏରେ-ହ୍ୟୁଗ୍ସ ହର୍ବର୍ଟ, ଜର୍ମାନୀର ଆଲେକ୍ସାଣ୍ଡର ଜାଭେରେଭ ୬-୩, ୬-୩, ୬-୨ରେ ଅଷ୍ଟ୍ରେଲିଆର ଆଲେକ୍ସ ବୋଲ୍ଟ ଏବଂ କ୍ରୋଏସିଆର ବୋର୍ନା କୋରିକ୍ ୨-୬, ୬-୩, ୬-୪, ୬-୩ ସେଟ୍‌ରେ ସର୍ବିଆର ଫିଲିପ୍ କ୍ରାଜିନୋଭିଚ୍‌ଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପହଞ୍ଚିଛନ୍ତି।



ରୋଜର ଫେଡରରଙ୍କ ସହ ବିରାଟ କୋହଲି ଓ ଅନୁଷ୍କା ଶର୍ମା।

### ଫେଡରରଙ୍କୁ ଭେଟିଲେ ବିରୁଷ୍କା

**ମେଲବୋର୍ନ,୧୯।୧(ଏପି):** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ଅନୁଷ୍କା ଶର୍ମା ଶନିବାର କିମ୍ବଦନ୍ତୀ ଟେନିସ ଖେଳାଳି ରୋଜର ଫେଡରରଙ୍କୁ ଭେଟିଛନ୍ତି। ଏଥିସହ ମେଲବୋର୍ନ ପାର୍କଠାରେ ବିରାଟ ଓ ଅନୁଷ୍କା (ବିରୁଷ୍କା) ଚଳିତ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କ ୩ୟ ରାଉଣ୍ଡ ମ୍ୟାଚ୍ ଉପଭୋଗ କରିଥିଲେ। ଜୋକୋଭିଚ୍ ୬-୩, ୬-୪, ୪-୬, ୬-୪ ସେଟ୍‌ରେ ଡେନିସ ଶାପଭାଲୋଭଙ୍କୁ ହରାଇ ଦେଇଥିଲେ। ଏହି ମ୍ୟାଚ୍‌ର କେତେକ ଫଟୋ ଓ ଫେଡରରଙ୍କ ସହ ଉଠାଇଥିବା ଫଟୋକୁ ଟୁଇଟରରେ କୋହଲି ଶେୟାର କରିଛନ୍ତି।

# କେସିଏସଏ କ୍ରିକେଟ: ଟାଉନ୍ କ୍ଲବ ଚାମ୍ପିୟନ



ଚାମ୍ପିୟନ୍ ଟାଉନ୍ କ୍ଲବ୍ ଦଳ ଟ୍ରଫି ସହ।

**ଭୁବନେଶ୍ୱର, ୧୯।୧ (ସ୍ପୋର୍ଟସ୍ ବ୍ୟୁରୋ):** ଖରିଆରରେ ଅନୁଷ୍ଠିତ କେସିଏସଏ କ୍ରିକେଟ ଟୁର୍ନାମେଣ୍ଟରେ ଭୁବନେଶ୍ୱରର ଟାଉନ୍ କ୍ଲବ ଚାମ୍ପିୟନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଟାଉନ୍ କ୍ଲବ ୯୨ ରନରେ ପାଟଣାଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୧୯.୫ ଓଭରରେ ୧୯୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଦୀପକ ମାଝି ୧୮ ବଲ୍‌ରୁ ଦ୍ରୁତ ୪୮, ବିଶାଲ କର ୧୯ ବଲ୍‌ରୁ ୪୩, ଗିରିଜା ମିଶ୍ର ୨୪ ବଲ୍‌ରୁ ୪୩ ରନ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ସତ୍ୟଜିତ ୪ ଏବଂ ସାଗର ୨ଟି ଉଇକେଟ ନେଇଥିଲେ। ୧୯୨ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ପାଟଣାଗଡ଼ ୧୯.୨ ଓଭରରେ ୯୯ ରନ କରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ରାହୁଲ ସର୍ବାଧିକ ୩୮ ରନ କରିବାକୁ ସକ୍ଷମ ହୋଇଥିଲେ। ଟାଉନ୍ କ୍ଲବ ପକ୍ଷରୁ ବିଶାଲ କର ୧୫ ରନ ବିନିମୟରେ ୪ଟି, ମାନସ ଦାସ ୨ଟି ଏବଂ ସୁମନ ମହାରଣା, ସୁଶୀଲ ବାରିକ, ଦୀପକ ମାଝି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଚାମ୍ପିୟନ ଦଳର ବିଶାଲ କର ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ ବୋଲର ପୁରସ୍କାର ପାଇଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ ଦୀପକ ମାଝି। ଚାମ୍ପିୟନ ଟାଉନ୍ କ୍ଲବକୁ ଟ୍ରଫି ସହ ୩୧,୦୦୦ ଓ ରନର୍ସଅପ୍ ପାଟଣାଗଡ଼ ଦଳକୁ ୨୧,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା।

**ରାଜ୍ୟ ପୋଲିସ ଆଥ୍‌ଲେଟିକ ଚାମ୍ପିୟନଶିପ ଉଦ୍‌ଯାପିତ**

# ରାଉରକେଲା, କମିଶନରେଟ ପୋଲିସ-ଏ ଚାମ୍ପିୟନ

କଟକ ଅଫିସ,୧୯।୧

ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଚାଲିଥିବା ୭୧ତମ ରାଜ୍ୟ ପୋଲିସ ଆଥଲେଟିକ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବର୍ଗରେ ରାଉରକେଲା ଓଏସ୍‌ଏପି ୪ର୍ଥ ବାଟାଲିୟନ ଦଳଗତ ଚାମ୍ପିୟନ ହୋଇଥିବା ବେଳେ କଟକ ଓଏସଏପି ୬ଷ୍ଠ ବାଟାଲିୟନ ରନର୍ସଅପ ହୋଇଥିଲା। ମହିଳା ବର୍ଗରେ ଦଳଗତ ଚାମ୍ପିୟନ ହୋଇଛି କମିଶନରେଟ ପୋଲିସ-ଏ ଦଳ । ଏହି ବର୍ଗରେ ଭୁବନେଶ୍ୱର ଓଆଇଏସ୍‌ଏଫ୍ ରନର୍ସଅପ ହୋଇଥିଲା । ରାଉରକେଲା ଓଏସ୍‌ଏପି ୪ର୍ଥ ବାଟାଲିୟନର ଆଶୁତୋଷ କୁମାର ଶ୍ରେଷ୍ଠ ପୁରୁଷ ଆଥ୍‌ଲେଟ ଓ କମିଶନରେଟ ପୋଲିସ-ଏର ବନିତା ଲାକ୍ରା ଶ୍ରେଷ୍ଠ ମହିଳା ଆଥଲେଟ ଭାବେ ପୁରସ୍କୃତ ହୋଇଛନ୍ତି । ଏହି ଅବସରରେ ଓଡ଼ିଶା ପୋଲିସ ପାଇଁ ଗୌରବ ଆଣିଥିବା କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏମାନେ ହେଲେ ଏସ୍‌ଓଜି ଚନ୍ଦକାର ହାବିଲଦାର ଯୋଗରାଜ ଥାପ୍ପା, ଓଆଇଏସଏଫ କନଷ୍ଟେବଳ ବର୍ଷା ନାଥ, ଝାରସୁଗୁଡ଼ା ଓଏସ୍‌ଏପି ୨ୟ ବାଟାଲିୟନ ସିପାହି ବିକ୍ରମ ଗାର୍ତ୍ତି ମଗର, ପୁରୀ ଜିଲା କନଷ୍ଟେବଳ ସୀତାକାନ୍ତ ଓଝା, ରମାକାନ୍ତ ଓଝା, କଟକ ଜିଲା କନଷ୍ଟେବଳ ସଂଯୁକ୍ତା ଡୁଙ୍ଗଡୁଙ୍ଗ, କଟକ ସହରାଞ୍ଚଳ କନଷ୍ଟେବଳ ମଞ୍ଜୁଳା ଖେସ୍ । ପୋଲିସ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ୧୦୦ମିଟର ଦୌଡ଼ରେ କୋରାପୁଟର କେ.ଭି ସିଂ ପ୍ରଥମ, କଳାହାଣ୍ଡି ଏସ୍‌ପି ବାଟୁଲା ଗଙ୍ଗାଧର ଦ୍ୱିତୀୟ ଓ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ୩ୟ ସ୍ଥାନ ହାସଲ କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଡଃ ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଭିବାଦନ ଗ୍ରହଣ କରିଥିଲେ। ଉତ୍କର୍ଷତା ବଜାୟ ରଖି ଆଗାମୀ ଦିନରେ ଓଡ଼ିଶା ପୋଲିସର ନାମକୁ ଉଜ୍ଜ୍ୱଳ କରିବାକୁ ଶର୍ମା କହିଥିଲେ। କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କଟକ ଡିସିପି ଅଖିଳେଶ୍ୱର ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିଯୋଗିତା ପରିଚାଳନା କମିଟି ଉପାଧ୍ୟକ୍ଷ ବିନୟତୋଷ ମିଶ୍ର ଉପସ୍ଥିତ ଥିଲେ।

# ସଞ୍ଜୀବନ, ଅମନ ଅଗ୍ରଣୀ

ଭୁବନେଶ୍ୱର, ୧୯।୧(କ୍ରୀଡ଼ା ପ୍ରତିନିଧି)

ଯାଜପୁରରୋଡ଼ସ୍ଥିତ ଗ୍ଲୋରିୟସ ଇଂଲିଶ୍ ମିଡିୟମ ସ୍କୁଲରେ ଶନିବାରଠାରୁ ଆରମ୍ଭ ହୋଇଛି ଯାଜପୁର ଜିଲା ଓପନ ଚେସ୍ ଚାମ୍ପିୟନଶିପ୍। ଯାଜପୁର ୟୁନାଇଟେଡ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ୨ଟି କାଟେଗୋରି ସିନିୟର ଓ ଜୁନିୟର ବର୍ଗରେ ଅନୁଷ୍ଠିତ ହେଉଛି। ଏଥିରେ ୫ ଜିଲା ଭଦ୍ରକ, କଟକ, ଯାଜପୁର, କେନ୍ଦୁଝର ଓ ଖୋର୍ଦ୍ଧାରୁ ୬୬ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ସିନିୟର ବର୍ଗରେ ୨୦ ଓ ଜୁନିୟରରେ ୪୬ ଖେଳାଳି ସାମିଲ। ୭ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ୧୬ ଜଣ ଅନ୍ତର୍ଜାତୀୟ ରେଟେଡ ଖେଳାଳି ଖେଳୁଛନ୍ତି। ପ୍ରଥମ ଦିବସରେ ୩ ରାଉଣ୍ଡ ଖେଳ ହୋଇଥିଲା। ସିନିୟର ବର୍ଗରେ ଖୋର୍ଦ୍ଧାର ସଞ୍ଜୀବନ ନାୟକ ୩ ପଏଣ୍ଟ ସହିତ ଏକକ ଅଗ୍ରଣୀ ଲାଭ କରିଥିବାବେଳେ ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ର, ରବୀନ୍ଦ୍ର କୁମାର ଓଝା ଓ ସୁବୋଧ ଆଚାର୍ଯ୍ୟ ୨.୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଜୁନିୟର ବର୍ଗରେ ଯାଜପୁରର ଅମନ ଲାହା, ଆରୁଷ ଧାବାଡ଼େ, ଚିନ୍ମୟ ମହାପାତ୍ର ଓ ଖୋର୍ଦ୍ଧାର ନିଖିଲ ସାହୁ ୩ ପଏଣ୍ଟ ଲେଖାଏ ପାଇ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। କୁମାର କୌଶିକ ଓ ତ୍ରିଦେବ ତୀର୍ଥଙ୍କର ୨.୫ ଲେଖାଏ ପାଇଛନ୍ତି। ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ରଙ୍କ ସହ ଗୋଟି ଚାଳନା କରି ଗ୍ଲୋରିୟସ ସ୍କୁଲର ନିର୍ଦ୍ଦେଶକ ଅଭୟ ପତି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ପ୍ରିନ୍ସିପାଲ କଳ୍ପତରୁ ସାହୁ, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଆୟୋଜକ ଆସୋସିଏଶନ ସଭାପତି ଚୈତନ୍ୟ ଚରଣ ଜେନା, ସମ୍ପାଦକ ମନୋଜ କୁମାର ପରିଡ଼ା, ଫିଡେ ଆର୍ବିଟର ସନ୍ତୋଷ କୁମାର ମହାପାତ୍ର, କୋଚ୍ କ୍ଷୀରୋଦ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ‘ପାଣ୍ଡ୍ୟା, ରାହୁଲଙ୍କୁ ଖେଳିବାକୁ ଦିଆଯାଉ’

ନୂଆଦିଲ୍ଲୀ,୧୯।୧(ପି.ଟି.)

ତଦନ୍ତ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ହାର୍ଦ୍ଦିକ ପାଣ୍ଡ୍ୟା ଓ କେ.ଏଲ୍. ରାହୁଲଙ୍କୁ ଖେଳିବା ଲାଗି ଅନୁମତି ଦେବାପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସି.କେ. ଖାନ୍ନା ପ୍ରଶାସକ କମିଟି (ସିଓଏ)କୁ ନିବେଦନ କରିଛନ୍ତି। ଏକ ଟିଭି ଚ୍ୟାଟ୍ ଶୋ’ କାର୍ଯ୍ୟକ୍ରମରେ ମହିଳାଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଯୋଗୁ ଏହି ଖେଳାଳି ଦ୍ୱୟଙ୍କୁ ସିଓଏ ସସ୍‌ପେଣ୍ଡ କରିଛି। ସେମାନଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଅଧାରୁ ଫେରାଇ ଅଣାଯାଇଛି। ଏହି ଭୁଲ ପାଇଁ ଉଭୟେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ମଧ କରିସାରିଛନ୍ତି। ପ୍ରଶାସକ କମିଟି ନିକଟକୁ ଖାନ୍ନା ପଠାଇଥିବା ଚିଠିରେ ଏହା ଉଲ୍ଲେଖ କରିଛନ୍ତି। ପୁନଶ୍ଚ ପାଣ୍ଡ୍ୟା ଓ ରାହୁଲଙ୍କୁ ନ୍ୟୁଜିଲାଣ୍ଡ ଟୁର୍ ପାଇଁ ଭାରତୀୟ ଦଳରେ ସାମିଲ କରିବା ଲାଗି ସେ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ଖେଳାଳିଦ୍ୱୟଙ୍କ ଭାଗ୍ୟ ନିର୍ଦ୍ଧାରଣ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଣେ ଅମ୍ବୁଡ୍‌ସମ୍ୟାନଙ୍କ ଦ୍ୱାରା କରାଯାଉ ବୋଲି ସିଓଏ ଚାହୁଁଛି। ଏଣେ ୧୪ଟି ରାଜ୍ୟ ଆସୋସିଏଶନ ତୁରନ୍ତ ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍) ଡକାଇବା ଲାଗି ଦାବି କରିଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ବିସିସିଆଇର ପୂର୍ବତନ ସଭାପତି ଏନ. ଶ୍ରୀନିବାସନଙ୍କ ଅନୁଗତ ଭାବେ ଜଣାଶୁଣା। ବିସିସିଆଇ କୋଷାଧ୍ୟକ୍ଷ ଅନିରୁଦ୍ଧ ଚୌଧାରୀ ତୁରନ୍ତ ଏସ୍‌ଜିଏମ ଡକାଇବା ଲାଗି ଖାନ୍ନାଙ୍କୁ ମଧ ଚିଠି ଲେଖିଛନ୍ତି। ଏହାଦ୍ୱାରା ବୋର୍ଡ ସଦସ୍ୟମାନେ ଜଣେ ଅମ୍ବୁଡ୍ସମ୍ୟାନ ନିଯୁକ୍ତି ଦେଇପାରିବେ। ବିସିସିଆଇ ସମ୍ବିଧାନ ଅନୁସାରେ ବାର୍ଷିକ ସାଧାରଣ ବୈଠକ (ଏଜିଏମ)ରେ ଜଣେ ଅମ୍ବୁଡ୍‌ସମ୍ୟାନଙ୍କୁ ନିଯୁକ୍ତି ଦିଆଯାଇପାରିବ। ମାତ୍ର ଏହି ବିଷୟ ବର୍ତ୍ତମାନ କୋର୍ଟରେ ବିଚାରାଧୀନ ଥିବା ଖାନ୍ନା ଚୌଧାରୀଙ୍କୁ କହିଛନ୍ତି। ଖାନ୍ନା ଆହୁରି ମଧ କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧାରୀଙ୍କ ମତାମତ ଲୋଡିଛନ୍ତି।

# ସେମିରେ ହାରିଲେ ସାଇନା

**କୁଆଲାଲମ୍ପୁର,୧୯।୧(ପି.ଟି.):** ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ବର୍ଗର ସେମିଫାଇନାଲରେ ଷ୍ଟାର ଭାରତୀୟ ଖେଳାଳି ସାଇନା ନେହ୍ୱାଲ ପରାସ୍ତ ହୋଇଛନ୍ତି। ଏଥିସହ ପ୍ରତିଯୋଗିତାରେ ଭାରତୀୟ ପ୍ରତିଦ୍ୱନ୍ଦ୍ୱିତା ଶେଷ ହୋଇଛି। ସେମିଫାଇନାଲରେ ସାଇନା ତିନି ଥର ବିଶ୍ୱ ଚାମ୍ପିୟନ ତଥା ଅଲିମ୍ପିକ୍ ଚାମ୍ପିୟନ କାରୋଲିନ ମାରିନଙ୍କଠାରୁ ପରାସ୍ତ ହୋଇଛନ୍ତି। ଶନିବାର ଖେଳାଯାଇଥିବା ମୁକାବିଲାରେ ସାଇନା ୧୬-୨୧, ୧୩-୨୧ ଗେମ୍‌ରେ ହାରି ଯାଇଛନ୍ତି। ଏହି ମ୍ୟାଚ୍‌ରେ ୪୦ ମିନିଟ୍ ଧରି ସଂଘର୍ଷ କରିବା ପରେ ମଧ ୨୮ ବର୍ଷୀୟା ସାଇନା ବିଜୟ ଲାଭ କରିବାକୁ ସକ୍ଷମ ହୋଇ ନ ଥିଲେ। ଅନ୍ୟପକ୍ଷରେ ସାଇନାଙ୍କ ବିପକ୍ଷରେ ସ୍ପାନିଶ ଖେଳାଳି କାରୋଲିନଙ୍କ ଏହା ୬ଷ୍ଠ ବିଜୟ।

# ବିଦର୍ଭଠାରୁ ହାରିଲା ଓଡ଼ିଶା

**କଟକ ଅଫିସ,୧୯।୧:** ରାଜକୋଟର ଏସ୍‌ସିଏ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ୨୩ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୬ ଉଇକେଟରେ ବିଦର୍ଭଠାରୁ ହାରିଛି। ଲଗାତର ୩ଟି ମ୍ୟାଚରେ ବିଜୟୀ ହେବା ପରେ ଟୁର୍ନାମେଣ୍ଟରେ ଓଡ଼ିଶାର ଏହା ପ୍ରଥମ ପରାଜୟ। ଗ୍ରୁପ-ଇରେ ସ୍ଥାନ ପାଇଥିବା ଓଡ଼ିଶା ୪ ମ୍ୟାଚରୁ ୧୨ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୨ୟ ସ୍ଥାନରେ ରହିଛି । ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ନେତୃତ୍ୱାଧୀନ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୧୩ରନରେ ପ୍ରଥମ ଉଇକେଟ ହରାଇବା ପରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦଳ ୭୧ରନରେ ଅଲଆଉଟ ହୋଇଥିଲା । ଅଞ୍ଜଳି ସିଂ (୧୮ରନ) ଓ ରାଣୀ ଟୁଡୁ (୧୫ରନ)ଙ୍କୁ ବାଦ ଦେଲେ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରି ନଥିଲେ । ବିଦର୍ଭ ପକ୍ଷରୁ ଏମ.ଏସ୍ ବୋଦଖେ ୩ଟି, ଅଧିନାୟିକା ଡି କସତ ୨ଟି ଉଇକେଟ ଅକ୍ତିଆର କରିଥିଲେ । ୪ରନରେ ବିଦର୍ଭ ଓପନର ଆର.ଏ ମୋରେଙ୍କ ଉଇକେଟ ହରାଇଥିଲେ ମଧ ଅଧିନାୟିକା କସତଙ୍କ ଅର୍ଦ୍ଧଶତକୀୟ ବଳରେ ଦଳ ବିଜୟ ଲକ୍ଷ୍ୟ ହାସଲ କରିଥିଲା। କସତ ୫୦ରନର ଅପରାଜିତ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ବିଦର୍ଭ ୪ଟି ଉଇକେଟ ହରାଇଥିଲା ।

**ODISHA CONSTRUCTION CORPORATION LTD.**
(A Government of Odisha Undertaking)
MANJORE GATE WORKS PROJECT, CENTRAL WORKSHOP, RASULGARH, BHUBANESWAR-751010

**BID CALL NOTICE IDENTIFICATION**

No.OCC/MGWP/02/2018-19 Date. 18.01.2019

Sealed bids in conformity with the terms, conditions in the bid document are invited from intending bidders / scrap dealers for the work **“Expression of interest for cutting, dismantling, removing, shifting etc. & disposal of existing old & damaged barrage bay radial gates No. 15 & 16 of Samal Barrage, Samal, Dist-Angul with all labours, consumables, tools & tackles, industrial gases, machinery, equipments etc. required to complete the work on as is where is basis as per direction of Engineer-in-charge”.** For details, please visit our website : **www.odishaconstruction.com** or Govt. of Odisha website : **www.odishagov.nic.in.** The last date & time of sale of bid documents are on **01.02.2019 at 1.00 P.M.** and receipt of bid document on same date at **3.00 P.M.** The received bid documents will be opened on **01.02.2019 at 4.00 P.M.**

Sd/- SENIOR MANAGER (MECH.)

**NORTH ORISSA UNIVERSITY**
Sriram Chandra Vihar, Takatpur, Baripada, Mayurbhanj - 757003, Odisha

No.: 212/NOU/Store/133-2015 Date: 19.01.2019

**TENDER NOTICE**

Sealed quotations are invited from reputed & registered firms for supply of Office Stationery, Cartridge, Toner, Printing articles to the University. The quotations should reach the undersigned on or before **07.02.2019 by 11.00 A.M.** and will be opened by the Purchase Committee on **07.02.2019 at 12.30 P.M.** in the presence of the tenderers. Interested parties may contact the Store section for detailed list of the Stationeries/Printing items and details of tender papers, the list of Stationeries/ Printing items may also be downloaded from our website **www.nou.nic.in.** The parties have to submit the samples as per brand/make specifications mentioned in the list at the time of opening of the quotations by the tender committee to judge the quality. The successful tenderers should ensure delivery of materials in accordance with the samples within 15 (Fifteen) days from the date of issue of supply order to the University Store Section at their own cost. The supplier should deposit Rs.200/- towards cost of tender paper and Rs.5,000/- or 1% of the total cost of the quoted items whichever is higher will be deposited as EMD in shape of DD in favour of "Comptroller of Finance, North Orissa University" payable at Baripada alongwith the quotation. The materials which would not conform to approve samples would be rejected, subject to replacement by the supplier. The intending supplier should furnish the attested copies of the Registration Certificate, valid GSTIN, Income Tax & Uptodate VAT Clearance Certificate along with the quotation. The authority reserves the right to accept or reject any or all quotations without assigning any reason thereof.

Sd./- Registrar

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.) E.H.T. (O&M) DIVISION, JODA
P.O.- BONEIKALA, DIST.- KEONJHAR, PIN: 758038 (ODISHA) , PHONE NO.: 7328829375, E-mail: ehtm.div.jod@optcl.co.in
CIN: U40102OR2004SGC007553

Letter No.: 1666 Dated: 19.01.2019

**TENDER CALL NOTICE NO.- 09/2018-2019**

Sealed tenders are invited from Manufacturers/Reputed Supplier having experience in similar nature of job & having valid IT PAN Card/GST registration for the “Work of Supply of Single line diagram, sign board & other safety related display board at Grid S/S Joda, Grid S/S Barbil & Grid S/S Dhenkikote under EHT(O&M) Division, Joda. Cost of tender paper Rs.2240/-, EMD = Rs.4500/-. Sale of tender document from Dt.23.1.2019 to 6.2.2019. Last date of submission of tender 7.02.2019 upto 1.00 P.M. Date of opening of tender 7.2.2019 at 3.00 P.M. For details visit our website: **www.optcl.co.in**.
Corrigendum if any will be published in the OPTCL website only.

Sd./- Dy. General Manager (Elect.), EHT (O&M) Division, Joda

**ODISHA STATE ROAD TRANSPORT CORPORATION, BHUBANESWAR**
No. 777 / OSRTC, Bhubaneswar, dt. 18.01.2019

**SHORT TENDER NOTICE**

The Chairman-Cum-Managing Director, OSRTC, Bhubaneswar invites sealed tenders from the registered and eligible Firms/ Press for supply of Printing Materials for Official use by OSRTC.

The tender documents can be available from 21.01.19 to 28.01.19 during office hour from corporate office. The cost of Tender paper is Rs. 500/- + GST @12% and can be downloaded from OSRTC, website www.osrtc.in download forms will be acceptable on payment of Rs. 560/-- through Bank Draft drawn in favour of Accounts Officer, OSRTC, Bhubaneswar. The sealed tender paper will be received by the undersigned in person/Regd. Post/Speed Post upto 3.00 PM of 29.01.19 at Corporate Office, OSRTC, Bhubaneswar and will be opened on the same day at 04.00 PM.

The amount of Rs. 5000/- only as EMD in shape of Bank Draft on any scheduled bank in favour of Accounts Officer, OSRTC, Bhubaneswar should be attached with EOI failing which the same will be liable for rejection.

The Chairman-cum-Managing Director, OSRTC, reserves the right to reject any or all tenders without assigning any reason thereof.

Sd./- General Manager (Admn)
OSRTC, Bhubaneswar

**OFFICE OF THE NOTIFIED AREA COUNCIL, KONARK**
email: nackonark@gmail.com, Phone No.: 06758-236826

**QUOTATION CALL NOTICE**

Sealed quotations are invited from intending registered Firms / Contractors / Tent house / Decorators / Agency for “Erection of Temporary Welcome Gate at different places, installation of temporary stall, green room, illumination of N.A.C. office building with Lichu light etc on the Occassion of Maghamela-2019, Konark on Dt.11.02.2019 to 12.02.2019”. The quotation paper can be purchased from Konark Office during office hour from Dt.21.01.2019 to Dt.30.01.2019 on payment of Rs. 500.00 (Rupees Five Hundred) only towards paper cost (Non refundable). The quotationers will also have to deposit Rs. 1,500.00 (Rupees One Thousand Five Hundred) only as EMD in shape of Cash or NSC / KVP / B.D./ Bankers Chqeue / Deposit receipt in schedule Bank duly pledged in favour of the Executive Officer, Konark N.A.C. in separate envelope, attested copies of upto date ITCC/ PAN, Copy of G.S.T. Regd. No./ Regd No. of Farm, Experience etc. The sealed quotation from the interested person in the prescribed proforma along with document mentioned above shall reach to the office of the Undersigned on or before Dt.31.01.19 by 3.00PM and the same will be opened at 3.30PM on the same day in the presence of the quotationer or their authorised representatives. Quotations reached beyond stipulated date and time shall not be considered. The detailed quotation call notice may also be seen in the N.A.C. website www.nackonark.in.

The authority reserves the right to accept or reject any or all quotations without assigning any reason thereof.

*Sd./- Executive Officer, Konark NAC*

**INSTITUTE OF HOTEL MANAGEMENT CATERING TECHNOLOGY & APPLIED NUTRITION**
VEER SURENDRA SAI NAGAR, BHUBANESWAR-751007
Phone: (0674) 2589241, Website: www.ihmbbs.org

**NOTICE INVITING TENDER**

No. IHM BHUBANESWAR/2018-19 Dated: 21.05.2018

E-tender is invited by IHM, Bhubaneswar on two bid system from Individuals/Companies/Firms registered in India fulfilling the eligibility conditions, as per tender document for supply/ contract of the following items for a period of one year (1st April 2019 to 31st March 2020).

1. Sec-A: Groceries, Tins and Bottle products etc.
2. Sec-B: Vegetable, Fruits, Milk and Milk Products etc.
3. Sec-C: Mutton, Chicken, Fish, Egg etc.
4. Annual Contract for supply of Office Stationery.
5. Annual Contract for supply of Cleaning Materials.
6. Annual Contract for Security Services
7. Annual Contract for Pest Control.
8. Annual Contract for GAS Appliances
9. Outsourcing of Highly Skilled, Skilled, Semi-Skilled & Unskilled Workers
10. Annual contract for Hiring of Vehicles.

Last date of submission of tender upto **17.00 hrs. of 10.02.2019**
For details please visit our websites:
**www.tenderwizard.com/IHM** or **www.ihmbbs.org**

**Sd/- Principal**

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଜାନୁୟାରୀ ୨୦/୨୦୧୯ Bhubaneswar, Sunday, January 20/2019


## ସଂକ୍ଷେପରେ

### ବୋହୂ ଦଶାହ କର୍ମକୁ ଯାଇ ବୁଡ଼ିଗଲେ ଶ୍ୱଶୁର

**ନିଶ୍ଚିନ୍ତକୋଇଲି,୧୯।୧(ସ୍ୱ.ପ୍ର.):** ବୋହୂ ଦଶାହ କର୍ମ ସମ୍ପାଦନ କରିବାକୁ ଯାଇଥିବାବେଳେ କେନାଲରେ ବୁଡ଼ି ଶ୍ୱଶୁରଙ୍କ ମୃତ୍ୟୁ ହୋଇଛି। ଏଭଳି ଦୁଃଖଦ ଘଟଣା କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବଡ଼କ୍ଷୀର ପଞ୍ଚାୟତରେ ଦେଖିବାକୁ ମିଳିଛି। ପଞ୍ଚାୟତ ଅଧୀନ ଗୋପପୁର ଗ୍ରାମର ହରେକୃଷ୍ଣ ରାଉଳଙ୍କ ସ୍ତ୍ରୀ କବିତା (୩୮)ଙ୍କ ଗତ ୧୦ ତାରିଖ ଦିନ ମୃତ୍ୟୁ ଘଟିଥିଲା। ଶନିବାର ତାଙ୍କ ଦଶାହ ଥିଲା। ଜ୍ଞାତି କୁଟୁମ୍ବଙ୍କ ସହ କବିତାଙ୍କ ଶ୍ୱଶୁର ଗୋବର୍ଦ୍ଧନ(୮୦) ଗାଁ ଦେଇ ଯାଇଥିବା ୮ନଂ କେନାଲକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ସମୟରେ ତାଙ୍କ ଗୋଡ଼ ଖସି ଯାଇଥିଲା। ଫଳରେ ସେ କେନାଲରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୋହୂ ଦଶାହରେ ଶ୍ୱଶୁରଙ୍କ ମୃତ୍ୟୁ ଘଟଣା ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ୨୦୧୮ରେ ଅଧିକ ରୋଗୀ ପରିବହନ କରିଛି ୧୦୮ ଆମ୍ବୁଲାନ୍ସ

**ଭୁବନେଶ୍ୱର,୧୯।୧(ବ୍ୟୁରୋ):** ରାଜ୍ୟ ସରକାରଙ୍କ ୧୦୮ ଓ ୧୦୨ ଆମ୍ବୁଲାନ୍ସ ୨୦୧୮ରେ ସର୍ବାଧିକ ରୋଗୀଙ୍କୁ ଜରୁରିକାଳୀନ ସେବା ଯୋଗାଇଛି। ଏହିବର୍ଷ ୧୦୮ ଆମ୍ବୁଲାନ୍ସ ୧୮% ଅଧିକ ରୋଗୀ ପରିବହନ କରିଛି। ୨୦୧୩ ମାର୍ଚ୍ଚ ମାସରେ ଆରମ୍ଭ କରାଯାଇଥିବା ୧୦୮ ଆମ୍ବୁଲାନ୍ସ ୨୦୧୭ରେ ୩୫୮୬୩୩ ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଥିବାବେଳେ ୨୦୧୮ରେ ଏହା ସର୍ବାଧିକ ୪୨୩୭୩୬ ରୋଗୀକୁ ସେବା ଯୋଗାଇଛି। ୨୦୧୪, ୨୦୧୫ ଓ ୨୦୧୬ ବର୍ଷରେ ଏହି ଆମ୍ବୁଲାନ୍ସ ଯଥାକ୍ରମେ ୪୦୭୫୭୫, ୩୭୬୩୬୦ ଓ ୩୫୬୦୧୬ ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲା।ସେହିପରି ୨୦୧୮ରେ ୧୦୨ ଆମ୍ବୁଲାନ୍ସ ସର୍ବାଧିକ ୫,୨୪,୫୫୮ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ସକ୍ଷମ ହୋଇଛି। ୨୦୧୪ରୁ ୨୦୧୭ ପର୍ଯ୍ୟନ୍ତ ଏହା ଯଥାକ୍ରମେ ୧,୩୦,୫୫୫, ୪,୧୪,୦୮୫, ୪,୮୯,୬୫୪ ଓ ୫,୧୬,୧୪୩ ଗୋଗୀଙ୍କୁ ସେବା ଯୋଗାଇଛି। ଜିକିତ୍ସା ହେଲ୍‌ଥ କେୟାର ଲିମିଟେଡ୍ ଦ୍ୱାରା ପରିଚାଳିତ ଏହି ଆମ୍ବୁଲାନ୍ସ ସେବା ଅନେକ ସମୟରେ ଫଲ୍ସ କଲ୍, ଗମନାଗମନ ଅସୁବିଧା, ମୋବାଇଲ୍ ନେଟୱାର୍କର ଅଭାବ ଏହି ଜରୁରିକାଳୀନ ସେବା ପଥରେ ବାଧା ସୃଷ୍ଟି କରିଥିବା ସଂସ୍ଥାର ରାଜ୍ୟ ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି।

## ଘର ନ ପାଇବାରୁ ଲକ୍ଷ୍ମୀଧରଙ୍କ ଆତ୍ମହତ୍ୟା ଘଟଣା

# ଦ୍ୱିତୀୟ ଭିଡିଓରେ ନିରାକାରପୁର ସରପଞ୍ଚ, ବିଡିଓଙ୍କ ନାମ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୯।୧(ଡି.ଏନ.ଏ.):**

ଗ୍ରାମୀଣ ଆବାସ ଯୋଜନାରେ ଘରଟିଏ ନ ପାଇବାରୁ ଗତ ୧୬ ତାରିଖରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ନିରାକାରପୁରସାହିର ଲକ୍ଷ୍ମୀଧର ବେହେରା (୩୫) ଆତ୍ମହତ୍ୟା କରିଥିଲେ। ମୃତ ଲକ୍ଷ୍ମୀଧରଙ୍କ ପ୍ରଥମ ଭିଡିଓ ଭାଇରାଲ ହେବା ପରେ ସରକାର ଓ ପ୍ରଶାସନ ସମାଲୋଚନାର ଶିକାର ହୋଇ ଆସୁଛନ୍ତି। ବିରୋଧୀ ଦଳ ପକ୍ଷରୁ ବିଡିଓଙ୍କ ଗିରଫ ଦାବିରେ ଆନ୍ଦୋଳନ ଆରମ୍ଭ ହୋଇଛି। ଏବେ ଦ୍ୱିତୀୟ ଭିଡିଓ ଭାଇରାଲ ହୋଇଛି। ଏହି ଭିଡିଓରେ ମୃତକଙ୍କ ବୟାନରେ ନିରାକାରପୁର ସରପଞ୍ଚଙ୍କ ସମେତ ବିଡିଓ ଟାଙ୍ଗୀ, ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ଲକ୍ଷ୍ମୀଧର ଭିଡିଓରେ ବୟାନ ରଖିଛନ୍ତି, ଅଭିଯୋଗ କରିବା ପରେ କେହି ଶୁଣୁନାହାନ୍ତି। ୫ ପ୍ରାଣୀ କୁଟୁମ୍ବଙ୍କୁ ଚଳାଇବା ମୋ ପକ୍ଷେ ବଡ କଷ୍ଟ ହୋଇପଡିଲାଣି। ବିଏ ପାସ୍ କରି ଚାକିରି ନ ପାଇ ବାଲି ସିମେଣ୍ଟ କାମ କରି ପରିବାର ପ୍ରତିପୋଷଣ ବଡ କଷ୍ଟରେ କରୁଛି। ମଲା ପରେ କ'ଣ ଅଭିଯୋଗ ଶୁଣି ସମାଧାନ କରିବେ ବୋଲି ସେ



ଲକ୍ଷ୍ମୀଧର ବେହେରା।



ନଷ୍ଟ ହୋଇଯାଇଥିବା ଲକ୍ଷ୍ମୀଧରଙ୍କ ଚାଳ ଛପର ଘର।

କହିଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ନିରାକାରପୁର ଅଞ୍ଚଳରେ ପୁଣି ଆବାସ ଯୋଜନାକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିରୋଧୀମାନେ ବିଡିଓଙ୍କ ସମେତ ସରପଞ୍ଚଙ୍କୁ ଦାୟୀ କରି ନିଲମ୍ବନ କରିବାକୁ ଦାବି କରିଛନ୍ତି। ଏଭଳିସ୍ଥଳେ ନିରାକାରପୁର ସରପଞ୍ଚ ହୃଷୀକେଶ ରାଉତରାୟ ଶନିବାର ଖବରଦାତା ସମ୍ମିଳନୀ କରି ନିଜର ଓ ଦଳର ସମ୍ପୃକ୍ତି ନ ଥିବା ସଫେଇ ଦେଇଛନ୍ତି।

ସରପଞ୍ଚଙ୍କ ସୂଚନା ଅନୁସାରେ, ଗତ ୧୩ ତାରିଖ ସନ୍ଧ୍ୟାରେ ମୃତ ଲକ୍ଷ୍ମୀଧରଙ୍କ ପତ୍ନୀ କୁମାରୀ ଫୋନ ଯୋଗେ ଭୁଲ ହୋଇଛି କହି କ୍ଷମା ମାଗିଥିଲେ। କ୍ଷମାର କାରଣ ପଚାରିବାରୁ ଘର ନ ପାଇବାରୁ ଲକ୍ଷ୍ମୀଧର ଏକ ଭିଡିଓ କରିଥିବା ସୂଚନା ଦେଇଥିଲେ। ଲକ୍ଷ୍ମୀଧରଙ୍କୁ ଡାକି ଭିଡିଓ ସମ୍ପର୍କରେ ପଚାରିବାରୁ ମୋତେ ମଦ ପିଆଇ କିଛି ଲୋକ ଭିଡିଓ କରାଇ ନେଇଥିବା ସେ କହିଥିଲେ। ଘଟଣା ପଛରେ କିଏ ପଚାରିବାରୁ ଜୀବନ ପ୍ରତି ବିପଦ ଅଛି ବୋଲି ଦର୍ଶାଇଥିଲେ। ସେ ସମୟରେ ଉକ୍ତ ଘଟଣାକୁ ମୁଁ ହାଲୁକା ଭାବେ ନେଇଥିଲି। ପରବର୍ତ୍ତୀ ପର୍ଯ୍ୟାୟରେ ଘଟଣା ଯେ ଗୁରୁତର ରୂପ ନେବ, ମୋତେ ଜଣା ନ ଥିଲା। ଆବାସ ଯୋଜନାରେ ଘର ପାଇବା ନେଇ ଲକ୍ଷ୍ମୀଧର ତାଙ୍କୁ କେବେ ଅଭିଯୋଗ କରି ନ ଥିଲେ। ମୁଁ ତିତ୍‌ଲି ବାତ୍ୟା ପରେ ଘରକୁ ଘର ବୁଲି କ୍ଷତିଗ୍ରସ୍ତଙ୍କ ନାଁ ସଂଗ୍ରହ କରିଥିଲି। ସେଥିରେ ଲକ୍ଷ୍ମୀଧରଙ୍କ ନାଁ ରହିଥିଲା। ବନ୍ୟା ବିପନ୍ନଙ୍କ ପାଇଁ ସରକାରୀ ସହାୟତା ଓ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେଇଥିଲି। ମୃତ୍ୟୁର ୫ ଦିନ ପୂର୍ବରୁ ପିଠା ଯୋଜନାରେ ବିଜୁ ପକ୍କାଘର ଦିଆଯାଉଛି ବୋଲି ମୁଁ ଲକ୍ଷ୍ମୀଧରଙ୍କୁ କହିଥିଲି। ତେବେ ଲକ୍ଷ୍ମୀଧର ଘର ପାଇବା ଜାଣିବି ଆତ୍ମହତ୍ୟା କେଉଁଥିପାଇଁ କରିଛନ୍ତି, ମୋତେ ଅଜଣା। ଏଭଳିସ୍ଥଳେ ସରପଞ୍ଚ ୯ ଦଫା ଦାବିକୁ ତଦନ୍ତ ପରିସରଭୁକ୍ତ କରିବାକୁ କହି ସତ୍ୟର

### ୯ ଦଫା ଦାବି ବିଚାରକୁ ନେଇ ତଦନ୍ତ କରାଯାଉ

ଉନ୍ମୋଚନ କରିବାକୁ ଅନୁରୋଧ କରିଛନ୍ତି। ଲକ୍ଷ୍ମୀଧରଙ୍କ ବୟାନଙ୍କୁ ତଦନ୍ତ, କେଉଁ ପରିସ୍ଥିତିରେ ଭିଡିଓ ରେକର୍ଡିଂ କରାଯାଇଛି ତା'ର ଅନୁଧ୍ୟାନ, ପୁଣି ଲକ୍ଷ୍ମୀଧରଙ୍କ ମୋବାଇଲ ନ ଥିବାବେଳେ କିଏ ଏହି ଭିଡିଓ ରେକର୍ଡିଂ କରିଛନ୍ତି ତା'ର ଯାଞ୍ଚ କରାଯାଉ। ୨ଟି ଭିଡିଓ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ କରାଯାଇଥିବାରୁ ସ୍ଥାନକୁ ଚିହ୍ନଟ, ଲକ୍ଷ୍ମୀଧରଙ୍କ ଆତ୍ମହତ୍ୟାର କାରଣ, ଭିଡିଓ ଭାଇରାଲ କରୁଥିବା ବ୍ୟକ୍ତି, ଘଟଣାକୁ ରାଜନୈତିକ ରୂପ ଦେବା ବନ୍ଦ କରିବାକୁ ଦାବି ରହିଛି। ଯଦି ମୁଁ ଦୋଷୀ ବୋଲି ତଦନ୍ତରେ ଜଣାପଡେ, ତେବେ କାର୍ଯ୍ୟାନୁଷ୍ଠାନ ନେବାକୁ ସରପଞ୍ଚ ସ୍ୱାଗତ କରିଛନ୍ତି। ଖବରଦାତା ସମ୍ମିଳନୀରେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ପାଲଟାସିଂହ, ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ରାଉତରାୟ, ୧୨, ୯, ୮ ଓ ୧୦ ନଂ. ୱାର୍ଡ ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

## ଶ୍ରୀଲିଙ୍ଗରାଜ ମନ୍ଦିର

### ପୁନରୁଦ୍ଧାର ଆନନ୍ଦବଜାର ଗୃହ ଲୋକାର୍ପଣ



**ପୁରୁଣା ଭୁବନେଶ୍ୱର, ୧୯।୧(ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜ ମନ୍ଦିର ଆନନ୍ଦ ବଜାରର ୧୦ଟି ନବନିର୍ମିତ ଏବଂ ପୁନରୁଦ୍ଧାର ଘର ଲୋକାର୍ପଣ କାର୍ଯ୍ୟ ଶନିବାର ହୋଇଛି। ସମସ୍ତ ଗୃହଗୁଡିକ ପଥରରେ ନିର୍ମାଣ କରାଯାଇଛି। ସେହିଭଳି ମନ୍ଦିରର ଭୋଗ ମଣ୍ଡପରେ ବର୍ଷାପାଣି ଝରିବା ନେଇ ଦେଖାଦେଇଥିବା ସମସ୍ୟାର ସମାଧାନ ପୂର୍ବକ ମରାମତି କାର୍ଯ୍ୟ ହୋଇଥିଲା। ରାଜ୍ୟ ଇନଟାକ ପକ୍ଷରୁ ଉଭୟ କାର୍ଯ୍ୟ ପାଇଁ ପ୍ରାୟ ୪୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ଇନ୍‌ଟାକ୍ ନିର୍ଦ୍ଦେଶକ ମଲ୍ଲିକା ମିତ୍ରା ସୂଚନା ଦେଇଛନ୍ତି। ଲୋକାର୍ପଣ ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଏହି କାମ ଦ୍ୱାରା ଅଧିକରୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନଙ୍କର ଆବଶ୍ୟକତା ପୂରଣ ହୋଇପାରିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅମିୟ ତ୍ରିପାଠୀ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ସାହୁ ଏବଂ ମନ୍ଦିର ସେବାୟତମାନେ ଉପସ୍ଥିତ ଥିଲେ। ସୂଚନାଥାଉ କି ଐତିହ୍ୟ କାରୁକାର୍ଯ୍ୟସମ୍ପନ୍ନ ମନ୍ଦିରରେ କୌଣସି ଫଳକ ଲଗା ଯାଇନାହିଁ। ନିଜର ନାମ ଏଥିରେ ଉଲ୍ଲେଖ ନ କରିବାକୁ ମନ୍ତ୍ରୀ ପଣ୍ଡା ସୌଜନ୍ୟମୂଳକ ଦୃଷ୍ଟିରୁ ମନାକରିଥିଲେ।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ହେବାକୁଥିବା ଆଦିବାସୀ ମେଳା ପାଇଁ ଆଦିବାସୀ ମହିଳାମାନେ କୁଡ଼ିଆ ତିଆରି କରୁଛନ୍ତି।

## ପୋଡ଼ି ହୋଇ ସ୍ତ୍ରୀ ମୃତ: ସ୍ୱାମୀ, ଝିଅ ଆହତ

### ପାରିବାରିକ କଳହ

**ପୁରୁଣା ଭୁବନେଶ୍ୱର,୧୯।୧(ଡି.ଏନ.ଏ.)**

ପାରିବାରିକ କଳହରୁ ଗୋଟିଏ ପରିବାରର ୩ ସଦସ୍ୟ ଶନିବାର ନିଆଁରେ ପୋଡ଼ି ହୋଇ ଯାଇଛନ୍ତି। ଏଭଳି ଅଭାବନୀୟ ଘଟଣା ଲିଙ୍ଗରାଜ ଥାନା ଅଧୀନ କପିଳେଶ୍ୱର ଗ୍ରାମର କେନାଲ ବନ୍ଧରେ ରହୁଥିବା ଏକ ଦମ୍ପତିଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସେମାନେ ହେଲେ ଅଜୟ ଦାସ(୩୬), ସ୍ତ୍ରୀ ଜାନକୀ (୩୨) ଓ ତାଙ୍କର ଶିଶୁ କନ୍ୟା। ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଜାନକୀଙ୍କ ମୃତ୍ୟୁ ଘଟିଛି।

ପୋଲିସ ସୂଚନା ମୁତାବକ, ଏମାନଙ୍କ ଘର କଟକ ଜିଲାରେ। ସେମାନେ ୨୦୦୦ ମସିହାରୁ କେନାଲ ବନ୍ଧରେ ଆଜବେଷ୍ଟସ ଘର କରି ରହିଆସୁଥିଲେ। ଅଜୟ ଏଠାରେ ରଙ୍ଗ ମିସ୍ତ୍ରି ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଶୁକ୍ରବାର ପାରିବାରିକ କଳହରୁ ବଚସା ଏବଂ ଯୁକ୍ତିତର୍କ ହୋଇଥିଲା। ଏପରି କି ସନ୍ଧ୍ୟାରେ ମାରପିଟ ଲାଗିଥିଲା। ଶନିବାର ସକାଳୁ ସେହି ଘଟଣାକୁ କେନ୍ଦ୍ରକରି ଜାନକୀ ନିଜ ଦେହରେ କିରୋସିନ ଢାଳିହୋଇ ନିଆଁ ଲଗାଇଦେଇଥିଲେ। ଏହି ସମୟରେ ବଡ଼ଝିଅ ବାହାରେ ଖେଳୁଥିବାବେଳେ ସାନଝିଅ ଘରେ ଥିଲେ। ପାଖରେ ଥିବା ଅଜୟ ସାନ ଝିଅ ଓ ସ୍ତ୍ରୀଙ୍କୁ ବଞ୍ଚାଇବା ନିମନ୍ତେ ନିଆଁ ଲିଭାଇବାକୁ ଯାଇ ନିଜେ ପୋଡ଼ି ହୋଇଯାଇଥିଲେ। ଏଥିରୁ ତାଙ୍କର ଶିଶୁ ମଧ୍ୟ ବାଦ୍ ପଡ଼ି ନ ଥିଲେ। ଅଜୟଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ପାଣି ପକାଇ ନିଆଁ ଲିଭାଇବା ସହ ପୋଲିସକୁ ଖବର ଦେଇଥିଲେ। ନିଆଁ ଲାଗି ଘରର ଆସବାବପତ୍ର ପୋଡିଯାଇଛି। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଡାକ୍ତରଙ୍କ ସୂଚନା ମୁତାବକ, ଜାନକୀଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବାବେଳେ ଅଜୟଙ୍କ ଶରୀରର ୫୦ ପ୍ରତିଶତ ପୋଡ଼ିଯାଇଛି। ଶିଶୁ କନ୍ୟା ଅଳ୍ପ ପୋଡ଼ି ହୋଇଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜାନକୀଙ୍କ ସନ୍ଧ୍ୟାରେ ମୃତ୍ୟୁ ଘଟିଥିବା ଲିଙ୍ଗରାଜ ଥାନା ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ସୂଚନା ଦେଇଛନ୍ତି। ଖବର ଲେଖା ହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ଗ୍ୟାସ ରିଫିଲିଂ ବେଳେ ବିସ୍ଫୋରଣ

### ୨ ଆହତ, ଦୋକାନ ମାଲିକ ଫେରାର

**କଟକରୋଡ,୧୯।୧(ଡି.ଏନ୍.ଏ)**

ଲକ୍ଷ୍ମୀସାଗର ଥାନା ଅଧୀନ ଖାରପଡ଼ା ଶାନ୍ତିନଗରରେ ଥିବା ଏକ ଗ୍ୟାସ ଚୁଲା ମରାମତି ଦୋକାନରେ ଶନିବାର ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟିଛି। ଏଥିରେ ଦୋକାନ ମାଲିକଙ୍କ ସମେତ ମଣ୍ଡପ ସାହିରେ ରହୁଥିବା ପ୍ରଭାକର ବାରିକ ଆହତ ହୋଇଛନ୍ତି। ତେବେ ଦୋକାନ ମାଲିକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେ ଖାରପଡ଼ା ଗଣେଶ ମଣ୍ଡପ ନିକଟରେ ରହୁଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ସମ୍ପୃକ୍ତ ବ୍ୟବସାୟୀ ଶାନ୍ତିନଗର ନିକଟ ଏକ କ୍ୟାବିନରେ ଗ୍ୟାସ ଚୁଲା ମରାମତି କରିବା ସହ ବେଆଇନଭାବେ ଗ୍ୟାସ ରିଫିଲିଂ କରୁଥିଲେ। ପୂର୍ବାହ୍ନ ପ୍ରାୟ ୧୨ଟାରେ ଏକ ୧୪କେଜି ଗ୍ୟାସ ସିଲିଣ୍ଡରରୁ ଅନ୍ୟ ଏକ ୫କେଜି ସିଲିଣ୍ଡରକୁ ଗ୍ୟାସ ଭର୍ତ୍ତି କରୁଥିବା ବେଳେ ହଠାତ ଉକ୍ତ ସିଲିଣ୍ଡର ୨ଟି ଫାଟି ଯାଇଥିଲା। ସେହି ସମୟରେ ନିକଟରେ ଥିବା ଅନ୍ୟ ଏକ ସିଲିଣ୍ଡର ମଧ୍ୟ ଫାଟିଥିଲା। ୩ଟି ସିଲିଣ୍ଡର ଏକ ସଙ୍ଗେ ବିସ୍ଫୋରଣ ହେବା ଫଳରେ କ୍ୟାବିନର ଛାତ ଉଡିଯିବା ସହ ସମ୍ପୃକ୍ତ ବ୍ୟବସାୟୀ ଓ ପ୍ରଭାକର ଆହତ ହୋଇଥିଲେ। ଖବରପାଇ ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକଙ୍କ ସହ କଳ୍ପନା ଅଗ୍ନିଶମ କେନ୍ଦ୍ରର ଲିଡିଂ ଫାୟାରମ୍ୟାନ ଗଣେଶ କୁମାର ପାତ୍ରଙ୍କ ସହ ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଉଭୟ ଆହତଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଆହତ ବ୍ୟବସାୟୀଜଣକ ସେଠାରୁ କେଉଁଆଡେ ପଳାଇ ଯାଇଥିଲେ। ବେଆଇନ ଭାବେ ଗ୍ୟାସ ରିଫିଲିଂ ସମୟରେ ତ୍ରୁଟି ଯୋଗୁ ବିସ୍ଫୋରଣ ଘଟିଛି ବୋଲି ଅଗ୍ନିଶମ କେନ୍ଦ୍ରର ସହକାରୀ ଫାୟାର ଅଫିସର ସରୋଜ କୁମାର ରାଉତ କହିଛନ୍ତି। ଖବର ଲେଖାହେବା ବେଳକୁ ସମ୍ପୃକ୍ତ ବ୍ୟବସାୟୀଜଣକ ଫେରାର ଥିବା ଥାନା ଅଧିକାରୀ ନାୟକ କହିଛନ୍ତି। ଏ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ବେଳେ ତଦନ୍ତ ଜାରି ରହିଛି।

## ୧୨ଜଣ ପାଇବେ ପେନ୍ ଇନ୍ ବୁକ୍ସ ଯୁବଲେଖକ ପୁରସ୍କାର

**ଭୁବନେଶ୍ୱର,୧୯।୧(ବ୍ୟୁରୋ):** ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ଯୁବ ଲେଖକ ପୁରସ୍କାର ୨୦୧୮ ଲାଗି ଚୂଡ଼ାନ୍ତ ତାଲିକା ଘୋଷଣା ହୋଇଛି। ୧୦ଜଣ ଯୁବ ଓଡ଼ିଆ ଲେଖକଙ୍କ ସମେତ ପ୍ରଥମଥର ପାଇଁ ଦୁଇଜଣ ହିନ୍ଦୀ ଓ ଇଂଲିଶ ସାହିତ୍ୟିକଙ୍କୁ ପୁରସ୍କାର ତାଲିକାରେ ସାମିଲ କରାଯାଇଥିବା ପେନ୍ ଇନ୍ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ସୂଚନା ଦେଇଛନ୍ତି। ନରେଶ କୁମାର ବେହେରା, ଆଶୁତୋଷ ଆଚାର୍ଯ୍ୟ, ଶ୍ରୀ ଗୋବିନ୍ଦ, ଗୀତାଞ୍ଜଳି ମହାରଣା, ଚକ୍ରଧର ପାତ୍ର, ଡା. ପ୍ରତ୍ୟୁଷ ମିଶ୍ର, ଗିରୀଶ ରଞ୍ଜନ, ସାର୍ଥକ ପ୍ରଧାନ, ସିପୁନ ଜେନା ଓ ଦେବଦତ୍ତ ମିଶ୍ର ପେନ୍ ଇନ୍ ଯୁବ ଲେଖକ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିଭଳି ହିନ୍ଦୀ ଓ ଇଂଲିଶ ଭାଷା ବିଭାଗରେ ହିନ୍ଦୀ କବିତା ସଂକଳନ 'ଜିଗୀଷା' ପାଇଁ ରିଙ୍କୁ ଟଙ୍କ୍ ଏବଂ ଇଂଲିଶ କବିତା ସଂକଳନ 'ଟି ଅଫ୍' ପାଇଁ ଶୁଭଲକ୍ଷ୍ମୀ ସେନାପତି ପେନ୍ ଇନ୍ ବୁକ୍ସ ଯୁବ ଲେଖକ ପୁରସ୍କାର ୨୦୧୮ ପାଇବେ। ଫେବ୍ରୁୟାରୀ ୧୪ରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ପରେ ଏ ସମସ୍ତ ପାଣ୍ଡୁଲିପି ପେନ୍ ଇନ୍ ପକ୍ଷରୁ ପୁସ୍ତକ ଆକାରରେ ପ୍ରକାଶ ପାଇବ।

## ରାଜାରାଣୀ ସଙ୍ଗୀତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଶାସ୍ତ୍ରୀୟ ସଙ୍ଗୀତରେ ମନ୍ଦିର ପ୍ରାଙ୍ଗଣ ମୁଖରିତ

**ପୁରୁଣା ଭୁବନେଶ୍ୱର, ୧୯।୧(ଡି.ଏନ.ଏ.)**

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ରାଜାରାଣୀ ସଙ୍ଗୀତ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟା ସାଙ୍ଗକୁ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଓ ତବଲା ବାଦନରେ ମନ୍ଦିର ପ୍ରାଙ୍ଗଣ ମୁଖରିତ ହୋଇଥିଲା। ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ। ଏହାକୁ ଭୁବନେଶ୍ୱରର ସଙ୍ଗୀତା ପଣ୍ଡା ପରିବେଷଣ କରିଥିଲେ। ତାଙ୍କର ପ୍ରଥମ ପ୍ରସ୍ତୁତି ଥିଲା କବିସୂର୍ଯ୍ୟ ବଳଦେବ ରଥଙ୍କ ରଚନାରୁ 'ସତେ କି ବିତି ଏହା କରିବଗୋ' ଯାହା ରାଗାଙ୍ଗି ରାଗତାରା ଉପରେ ନିବଦ୍ଧ ଥିଲା। ପରେ ପରେ ବାଟଛାଡ ମୋହନରେ ଯିବି ଯମୁନା ଯାହା ନାଟାଙ୍ଗ ଉପରେ ପର୍ଯ୍ୟବେଶିତ ଥିଲା। ଶେଷରେ ଜୟଦେବଙ୍କ ରଚନାରୁ ଗୀତଗୋବିନ୍ଦ ସହ ଓଡିଆ ଭଜନ ପରିବେଷଣ କରିଥିଲେ। ତାଙ୍କ ସହିତ ମର୍ଦ୍ଦଳରେ ନିରଞ୍ଜନ ସାହୁ, ବେହେଲାରେ ସୁରମଣୀ ରମେଶ ଚନ୍ଦ୍ର ଦାସ, କଣ୍ଠରେ ସ୍ମୃତି ମିଶ୍ର ଏବଂ ତାନପୁରାରେ ପ୍ରତିଭା ଦାସ ସହଯୋଗ କରିଥିଲେ।



ମହୋତ୍ସବ ମଞ୍ଚରେ ଶାସ୍ତ୍ରୀୟ ସଙ୍ଗୀତ ଗାନ କରାଯାଉଛି।

ଦ୍ୱିତୀୟ କାର୍ଯ୍ୟକ୍ରମ ଥିଲା ତବଲା ବାଦକ ପଣ୍ଡିତ କୁମାର ବୋଷଙ୍କ ଦ୍ୱାରା ତବଲା ବାଦନ। ତାଙ୍କର ପ୍ରସ୍ତୁତିରେ ଥିଲା ତାଳ ବାଦ୍ୟ କଚେରୀ ଯାହା ରାଗ ବାଚସ୍ପତି ଓ ତାଳ ଆଦିତାଳରେ ନିବଦ୍ଧ ଥିଲା। ତବଲା, ହିନ୍ଦୁସ୍ଥାନୀ ପଖୌଜ ଓ ସାରଙ୍ଗୀ ଯାହା ପଣ୍ଡିତ ବୋଷଙ୍କର ସୃଜନଶୀଳତାର ସୂକ୍ଷ୍ମତା ପ୍ରତିପାଦିତ କରିଥିଲା। ତାଙ୍କୁ ପଖୌଜରେ କୁନାଲ ପାଟିଲ ଏବଂ ସାରଙ୍ଗୀରେ ପଙ୍କଜ ମିଶ୍ର ସହଯୋଗ କରିଥିଲେ। ସନ୍ଧ୍ୟାର ଅତିଥିମାନେ ଥିଲେ ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର, ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପର୍ଯ୍ୟଟନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଉତ୍ପଳ କୁମାର ପତି ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ବିଜୟ କୁମାର ଜେନା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ. ସଙ୍ଗୀତା ଗୋସାଇଁ, ଡ. ଭେଦୁଲା ରାମଲକ୍ଷ୍ମୀ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ପ୍ରତ୍ୟେକ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ମନେହୁଏ।
- କାର୍ଲାଇଲ

## ସଂକ୍ଷେପରେ

### ସବ୍‌ରେଜିଷ୍ଟ୍ରି ଅଫିସରେ ଇ ରେଜିଷ୍ଟ୍ରିର ଶୁଭାରମ୍ଭ

**ନରସିଂହପୁର,୧୯।୧(ଡି.ଏନ.ଏ.):** ନରସିଂହପୁର ସବ୍‌ରେଜିଷ୍ଟ୍ରି ଅଫିସରେ ଶନିବାର ଇ ରେଜିଷ୍ଟ୍ରି ବ୍ୟବସ୍ଥା ଶୁଭାରମ୍ଭ ହୋଇଛି। ତହସିଲଦାର ରାଜକିଶୋର ଜେନା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ତହସିଲଦାର ଜେନା କହିଥିଲେ, ଏହି ବ୍ୟବସ୍ଥା ଦ୍ୱାରା ଏବେ ଜମି କ୍ରୟବିକ୍ରୟ ସୁବିଧାରେ ଏବଂ ଅଳ୍ପ ସମୟରେ ହୋଇପାରିବ। ଉଦ୍‌ଘାଟନୀ ଉତ୍ସବରେ ବହୁ ଆଇନଜୀବୀ ଓ ରେଜିଷ୍ଟ୍ରି ଅଫିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଯମୁନେଇ ଠାକୁରାଣୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ନେମାଳ,୧୯।୧(ଡି.ଏନ.ଏ.):** ନେମାଳ ପଞ୍ଚାୟତସ୍ଥ ଯମୁନାପୁରରେ ନୂତନଭାବେ ନିର୍ମାଣ କରାଯାଇଥିବା ଯମୁନେଇ ଠାକୁରାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମହିଳାମାନେ ସ୍ଥାନୀୟ ଚିତ୍ରୋତ୍ପଳା ନଦୀରୁ ଜଳ କଳସ ଶୋଭାଯାତ୍ରାରେ ଆଣି ଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ। ଏହାପରେ ସୂର୍ଯ୍ୟପୂଜା, ଗୋପୂଜା ଓ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ଶତାଧିକ ଭକ୍ତ ଯୋଗଦେଇ ମା'ଙ୍କ କୃପା ଲାଭ କରିଥିଲେ। ଯମୁନାପୁର ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

### ୩ ବଖରା ଜଳିଗଲା

**ମାହାଙ୍ଗା,୧୯।୧(ସ୍ୱ.ପ୍ର.):** ଶୁକ୍ରବାର ବିଳମ୍ବିତ ରାତିରେ ମାହାଙ୍ଗା ତହସିଲ ଅଧୀନ ସାହାପୁର ପଞ୍ଚାୟତସ୍ଥ ବାଲିପଡିଆ ଗ୍ରାମ ୪ନଂ ୱାର୍ଡରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଦେବାଶିଷ ପଟ୍ଟନାୟକଙ୍କ ୩ ବଖରା ଜଳି ପାଉଁଶ ହୋଇଯାଇଛି। ଖବର ପାଇ କୁଆଁପାଳ ଦମକଳବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନି ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ପ୍ରଦର୍ଶନୀ

**ବାଙ୍କୀ,୧୯।୧(ସ୍ୱ.ପ୍ର.):** ବାଙ୍କୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶନିବାର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାଙ୍କୀ କଲେଜ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ କେ.ଜି-୧ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୮୫ ଛାତ୍ରୀଛାତ୍ର ଭାଗନେଇ ସେମାନଙ୍କ ପ୍ରକଳ୍ପ ଉପସ୍ଥାପନ କରଥିଲେ। ମାତୃଭାଷା, ସଂସ୍କୃତ, ଇଂରାଜୀ, ଚିତ୍ରାଙ୍କନ, ଇନ୍ଦ୍ରିୟ ଶିକ୍ଷା, ଗଣିତ ଓ ବିଜ୍ଞାନ ଆଦି ସମସ୍ତ ବିଷୟରେ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀକୁ ଶିକ୍ଷାକେନ୍ଦ୍ର ଅଧକ୍ଷ ସତ୍ୟନାରାୟଣ ସାହୁ, କବିତା ମହାପାତ୍ର, କନକଲତା ରାଜ, ଚନ୍ଦନ ସୁବୁଦ୍ଧି, ରାଜେସ ଦିକ୍ଷୀତ୍, ଚତୁର୍ଭୁଜ ମାଝୀ, ଜୟଶ୍ରୀ ରାଉତ, ରଶ୍ମିତା ପ୍ରଧାନ, ସଂଗୀତା ମହାପାତ୍ର, ଗୀତାରାଣୀ ଶତପଥୀ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ।

■ ଆଠଗଡ଼ ଜିଲା କୃଷି କାର୍ଯ୍ୟାଳୟରେ ନାହାନ୍ତି ଆବଶ୍ୟକ କର୍ମଚାରୀ

# ଯୋଜନାର ସଫଳ ରୂପାୟନରେ ବାଧା

**ଆଠଗଡ଼,୧୯।୧(ସ୍ୱ.ପ୍ର.)**

ସରକାର କୃଷକଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଯୋଜନା ଗୁଡ଼ିକ କିପରି ସଫଳ ହେବ ସେଥିପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରାଯାଉଛି। ତେବେ ବିଭାଗରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ଯୋଜନାର ସଫଳ ରୂପାୟନରେ ବାଧା ଉପୁଜୁଛି। ଏଭଳି ଘଟଣା ଅଠଗଡ଼ ଜିଲା କୃଷି କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ଏହି କାର୍ଯ୍ୟାଳୟରେ ୨୫ଜଣ କର୍ମଚାରୀଙ୍କ ଆବଶ୍ୟକତା ରହିଛି। ହେଲେ ଏବେ ଜିଲା କୃଷି ଅଧିକାରୀଙ୍କ ସମେତ ମାତ୍ର ୪ରୁ୫ଜଣ କର୍ମଚାରୀ ଅଛନ୍ତି। ସରକାରଙ୍କ ଯୋଜନା କୃଷକଙ୍କ ନିକଟରେ ପହଞ୍ଚାଇବା ପାଇଁ କ୍ଷେତ୍ର କର୍ମଚାରୀଙ୍କ ପ୍ରମୁଖ ଭୂମିକା ରହିଛି। ଆଠଗଡ଼ ବ୍ଲକ ଅଧୀନ ୩୪ ପଞ୍ଚାୟତ ପାଇଁ ୪୫ରୁ ଉର୍ଦ୍ଧ୍ୱ ଗ୍ରାମୀଣ କୃଷି ସେବକ ନିୟୋଜିତ ହେବା ସ୍ଥାନରେ ମାତ୍ର ୨୦ରୁ ୨୨ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେହିପରି ଟିଗିରିଆ, ବଡ଼ମ୍ବା ଓ ନରସିଂହପୁର ବ୍ଲକରେ କାର୍ଯ୍ୟରତ





ଆଠଗଡ଼ ଜିଲା କୃଷି କାର୍ଯ୍ୟାଳୟ।

■ **ଆବଶ୍ୟକ କର୍ମଚାରୀ ନିୟୋଜିତ କରିବାକୁ ଦାବି**

■ **ଟିଗିରିଆ, ବଡ଼ମ୍ବା ଓ ନରସିଂହପୁରରେ କ୍ଷେତ୍ର କର୍ମଚାରୀଙ୍କ ସଂଖ୍ୟା ଯଥେଷ୍ଟ କମ**

କ୍ଷେତ୍ର କର୍ମଚାରୀଙ୍କ ସଂଖ୍ୟା ଯଥେଷ୍ଟ କମ। ଆଠଗଡ଼ ଉପଖଣ୍ଡ କଟକ ଜିଲାର ଏକ କୃଷି ବହୁଳ ଅଞ୍ଚଳ ଭାବେ ପରିଚିତ। ବ୍ଲକର ବିଭିନ୍ନ ଗ୍ରାମର ଲୋକେ କୃଷି ଉପରେ ନିର୍ଭରଶୀଳ। ଏହି ଅଞ୍ଚଳର ଉତ୍ପାଦିତ ପନିପରିବା ରାଜ୍ୟ ଓ ରାଜ୍ୟ ବାହାରେ ବିକ୍ରି ହୋଇଥାଏ।

ତେବେ ଆବଶ୍ୟକ କର୍ମଚାରୀ ନ ଥିବାରୁ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଞ୍ଚଳର କୃଷକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଠଗଡ଼ କୃଷି ଜିଲା ଅଧିକାରୀ ପ୍ରଫୁଲ୍ଲ ମାଟି କହିଛନ୍ତି, ଆଠଗଡ଼ କୃଷି ଜିଲାରେ କର୍ମଚାରୀଙ୍କ ଅଭାବ ନେଇ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ଏ ପର୍ଯ୍ୟନ୍ତ କୌଣସି କର୍ମଚାରୀ ନିୟୋଜିତ ହୋଇପାରିନାହାନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଆବଶ୍ୟକ କର୍ମଚାରୀଙ୍କୁ ନିୟୋଜିତ କରିବା ପାଇଁ ପଦକ୍ଷେପ ନେଲେ ଅଞ୍ଚଳର କୃଷକଙ୍କ ସମସ୍ୟା ସମାଧାନ ହୋଇପାରିବ। ତଥାପି କମ ସଂଖ୍ୟକ କର୍ମଚାରୀ ଥିବା ସତ୍ତ୍ୱେ ବିଭାଗ ପକ୍ଷରୁ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଅନ୍ୟପକ୍ଷରେ କର୍ମଚାରୀ ଅଭାବରୁ କୃଷି ସର୍ବେକ୍ଷଣ କାର୍ଯ୍ୟରେ ବାଧାସୃଷ୍ଟି ହେଉଥିବା ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। କିଛିଦିନ ତଳେ ରାଧାଗୋବିନ୍ଦପୁର ପଞ୍ଚାୟତ ଚାଷୀଙ୍କ ପକ୍ଷରୁ ସର୍ବେକ୍ଷଣ କାର୍ଯ୍ୟରେ ତ୍ରୁଟିଥିବାରୁ ବହୁଚାଷୀ ବୀମାରାଶି ପାଇବାରୁ ବଞ୍ଚିତ ହୋଇ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ତେଣୁ ସରକାର ତୁରନ୍ତ ଏଠାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିୟୋଜିତ କରନ୍ତୁ ବୋଲି ଅଞ୍ଚଳର କୃଷକମାନେ ଦାବି କରିଛନ୍ତି।



ନିଶ୍ଚିନ୍ତକୋଇଲି ପଞ୍ଚାୟତରେ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଉଛି।

## ବିଭିନ୍ନ ସହାୟତା ବଣ୍ଟନ

**ନିଶ୍ଚିନ୍ତକୋଇଲି,୧୯।୧(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକର ନିଶ୍ଚିନ୍ତକୋଇଲି, କଟରପଡ଼ା, ଅସୁରେଶ୍ୱର ଓ ବାଲିଆପଦା ପଞ୍ଚାୟତରେ ହିତାଧିକାରୀଙ୍କୁ ଶନିବାର ବିଭିନ୍ନ ସହାୟତା ବଣ୍ଟନ କରାଯାଇଛି। ନିଶ୍ଚିନ୍ତକୋଇଲି ପଞ୍ଚାୟତରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାର ସୁଫଳ ଉପରେ ଆଲୋଚନା କରିବା ସହ ଓଡ଼ିଶା ଅନାହାର ମୁକ୍ତହେବ ବୋଲି ପ୍ରକାଶ କରିଥିଲେ। ଏଥିସହିତ ବିଡିଓ ପ୍ରଧାନ ରାଜ୍ୟ ସରକାରଙ୍କ କାଳିଆ ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ମିଳୁଥିବା ପ୍ରୋତ୍ସାହନ ରାଶି, ଏଲଇଡି ବଲ ସମେତ ମଧୁବାବୁ ଆଇନ ସହାୟତା ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସରପଞ୍ଚ ରବୀନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥିଭାବେ ବ୍ଲକ ଭାରାପ୍ରାପ୍ତ ସମାଜ ଅଧିକାରୀ ସର୍ବେଶ୍ୱର ସିଂ ଯୋଗଦେଇ ମଧୁବାବୁ ପେନସନ ଯୋଜନା ଓ ବିଜୁ ପକ୍କାଘର ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ବିଭିନ୍ନ ବିଭାଗରୁ ଆସିଥିବା ଅଧିକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ୨୭ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ରାଶି, ୫ ଜଣଙ୍କୁ ଭତ୍ତା, ୮ଜଣଙ୍କୁ ରାଶନ କାର୍ଡ, ୧୫୦ ପରିବାରକୁ ଏଲଇଡି ବଲ ଓ ଅଙ୍ଗନୱାଡି କର୍ମୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ବାଲିଆପଦା ପଞ୍ଚାୟତରେ ସରପଞ୍ଚ କୈଳାସ ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪୫ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ରାଶି ଏବଂ ୧୦୦ଟି ରାଶନ କାର୍ଡ ହିତାଧିକାରୀଙ୍କୁ ଏଲ୍‌ଇଡି ବଲ ପ୍ରଦାନ କରାଯାଇଥିଲା। କଟରପଡାରେ ସରପଞ୍ଚ ଇତିବାଳା ନାୟକଙ୍କ ତତ୍ତ୍ୱାବଧାନରେ ଶିକ୍ଷାବିତ ଫକୀର ଚରଣ ନାୟକ ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁରେଶ ସାହାଣି ଯୋଗଦେଇ ୧୩ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ରାଶି ଓ ୮ଜଣଙ୍କୁ ଭତ୍ତା ପ୍ରଦାନ କରିଥିଲେ। ସେହିପରି ଅସୁରେଶ୍ୱର ପଞ୍ଚାୟତରେ ସରପଞ୍ଚ ମହେଶ୍ୱର ବାରିଙ୍କ ତତ୍ତ୍ୱାବଧାନରେ ସମିତିସଭ୍ୟ ଅନ୍ତରାମ ସିଂ ଯୋଗଦେଇ ୩୮ ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା, ୪୭ଜଣଙ୍କୁ ଭତ୍ତା ଓ ୬ ଜଣଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## କଲେଜସ୍ତରୀୟ ବକ୍ତୃତା ପ୍ରତିଯୋଗିତା

**ବାଙ୍କୀ,୧୯।୧(ସ୍ୱ.ପ୍ର.)**

ପ୍ରଶାସନ ପକ୍ଷରୁ ବାଙ୍କୀ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର କଲେଜସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଭାରତୀୟ ଗଣତନ୍ତ୍ରର ମୂଲ୍ୟବୋଧ ଓ ଜନସାଧାରଣଙ୍କ ଭୂମିକା' ଉପରେ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ସୌମ୍ୟରଞ୍ଜନ ବେହେରା ୧ମ, ଓମ୍ ଇଶ୍ୱରୀ ମହାପାତ୍ର ୨ୟ ଓ ସ୍ୱର୍ଣ୍ଣପ୍ରଭା ମହାନ୍ତି ୩ୟ ସ୍ଥାନ ଅଧିକାର କରିଥିଲେ। ଲୁବୁଲି ସାହୁ , ଶିଳ୍ପପ୍ରଭା ମହାନ୍ତି ଓ ଦୀପ୍ତିମୟୀ ନନ୍ଦ ପ୍ରମୁଖଙ୍କୁ ସାଧାରଣତନ୍ତ୍ର ଦିବସରେ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯିବ। ବିଚାରକ ଭାବେ କବି କୌଶିକ ନାୟକ, ସମରେନ୍ଦ୍ର ମହାପାତ୍ର ଓ ଅଖିଳ ବୀରବର ହରିଚନ୍ଦନ ପ୍ରମୁଖ ଯୋଗ ଦେଇଥିଲେ। ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କାଳୀଚରଣ ତ୍ରିପାଠୀ, ଦୁର୍ଯ୍ୟୋଧନ ପରିଡ଼ା ଓ ସୁଦର୍ଶନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ନାବାଳିକା ଅପହରଣ ଘଟଣା ମୁଖ୍ୟ ଅଭିଯୁକ୍ତ ଗିରଫ

**ମାହାଙ୍ଗା,୧୯।୧(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ସେ ହେଲେ ଥାନା ଅଧୀନ ନଡ଼ିଆସାହାସପୁର ଗ୍ରାମର ରାଜକିଶୋର ବେହେରା। ରାଜକିଶୋର ସମ୍ପୃକ୍ତା ନାବାଳିକାଙ୍କୁ ତାଙ୍କ ବାପାଙ୍କ ଦୁର୍ଘଟଣା ହୋଇଥିବା କହି ଏକ ଗାଡ଼ିରେ ୪ ସହଯୋଗୀଙ୍କ ସହ ଅପହରଣ କରି କେନ୍ଦୁଝରକୁ ନେଇ ଯାଇଥିଲେ। ସେଠାରେ ରଖି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। କୌଣସିମତେ ନାବାଳିକ ଜଣଙ୍କ ସେଠାରୁ ଖସି ଆସି ପରିବାରଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଗତ ୧୪ ତାରିଖ ଦିନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୭/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ରାଜକିଶୋର କୁଆଁପାଳରେ ବୁଲୁଥିଲାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା ବୋଲି ଥାନା ଆଇଆଇସି ଯୁଗଳ କିଶୋର ଦାସ ସୂଚନା ଦେଇଛନ୍ତି।

## ଅଚ୍ୟୁତାନନ୍ଦ ବିଦ୍ୟାପୀଠ ବାର୍ଷିକ କ୍ରୀଡ଼ା ଉତ୍ସବ





କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ନେମାଳ,୧୯।୧(ଡି.ଏନ.ଏ.)**

ଦୁଇ ଦିନ ଧରି ଚାଲିଥିବା ନେମାଳ ଅଚ୍ୟୁତାନନ୍ଦ ବିଦ୍ୟାପୀଠ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବପ୍ରସାଦ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ନେମାଳ କଲେଜ ଅଧକ୍ଷ ଅକ୍ଷୟ କୁମାର ବେହେରା ମୁଖ୍ୟଅତିଥି, ଅବସରପ୍ରାପ୍ତ ଏନ୍‌ସିସି ଚିଫ୍ ଅଫିସର ତଥା ଶିକ୍ଷାବିତ କୃଷ୍ଣଚନ୍ଦ୍ର ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ, ସାଇନ ଚାରିଟେବୁଲ ଟ୍ରଷ୍ଟ ଅଧକ୍ଷ ଇଂ. ଦେବାଶିଷ ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ର ଜଣେ ଜଣେ ସଫଳ କ୍ରୀଡ଼ାବିତ ହେବାକୁ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। କ୍ରୀଡ଼ାର ବରିଷ୍ଠ ବାଳକ ବିଭାଗରେ ଧନେଶ୍ୱର ମଲ୍ଲିକ, ବାଳିକାରେ ତସଲିମା ଖାତୁନ, କନିଷ୍ଠ ବାଳକରେ ସୌମ୍ୟରଞ୍ଜନ ବେହେରା ଓ ବାଳିକାରେ ନସିମ୍ ଫାତ୍‌ମା ଚାମ୍ପିୟନ ହୋଇ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାପୀଠ ଶିକ୍ଷକ ପରମାନନ୍ଦ ଭୂୟାଁ, ଅମୂଲ୍ୟ କୁମାର ମହାନ୍ତି, ଚିତ୍ତରଞ୍ଜନ ଦଳାଇ, କ୍ରୀଡ଼ା ଶିକ୍ଷକ ସନାତନ ସାହୁ, ଅନୀଲ ଦଳାଇ, ସୂର୍ଯ୍ୟକାନ୍ତ ଲେଙ୍କା ଓ ଯୁଗାନ୍ତର ନାୟକ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

## ୩ ପଞ୍ଚାୟତରେ ବିଜେଡି ସଭାପତି ଚୟନ

**ନିଶ୍ଚିନ୍ତକୋଇଲି,୧୯।୧(ସ୍ୱ.ପ୍ର.)**

ମାହାଙ୍ଗା ନିର୍ବାଚନମଣ୍ଡଳୀ ଅଧୀନ ନିଶ୍ଚିନ୍ତକୋଇଲି ବ୍ଲକର ୩ ପଞ୍ଚାୟତ କେଣ୍ଟାଳ, ଦାଉଦପୁର ଓ ବଡ଼କ୍ଷୀରର ବିଜେଡି ପଞ୍ଚାୟତ ସଭାପତି ଚୟନ କରାଯାଇଛି। ଶନିବାର ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ଏକ ପ୍ରେସ୍ ଇସ୍ତାହାରରେ ସେମାନଙ୍କ ନାମ ଘୋଷଣା କରିଛନ୍ତି। ସେମାନେ ହେଲେ ବଡ଼କ୍ଷୀର ପଞ୍ଚାୟତର ରାମଚନ୍ଦ୍ର ସାହୁ, କେଣ୍ଟାଳର



ରାମଚନ୍ଦ୍ର ସାହୁ



ସେକ ସମିରୁଦ୍ଦିନ



ଅଜୟ ପଣ୍ଡା

ଅଜୟ କୁମାର ପଣ୍ଡା ଓ ଦାଉଦପୁରର ସେକ ସମିରୁଦ୍ଦିନ। ଏହି ଘୋଷଣାପରେ ସମ୍ପୃକ୍ତ ପଞ୍ଚାୟତରେ ବିଜେଡି କର୍ମୀ ଓ ସଙ୍ଗଠକ ଉତ୍ସାହିତ ହୋଇ ପଡ଼ିଛନ୍ତି। ଦାଉଦପୁରର ବରିଷ୍ଠ ବିଜେଡି ନେତା ହିମାଂଶୁ ଶେଖର ମହାନ୍ତି ଓ କେଣ୍ଟାଳର ସରପଞ୍ଚ ଅନଦା ପ୍ରସାଦ ନାୟକ ନବ ନିଯୁକ୍ତ ସଭାପତିମାନଙ୍କୁ ସୁଭେଚ୍ଛା ଜଣାଇଛନ୍ତି। ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଆଗାମୀ ଦିନରେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ନବ ନିଯୁକ୍ତ ସଭାପତିମାନେ ପ୍ରକାଶ କରିଛନ୍ତି।

## ଆଜିଠାରୁ ଶଙ୍ଖାମେରୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

**ବଡ଼ମ୍ବା,୧୯।୧(ଡ.ଏନ.ଏ.)**

ବଡ଼ମ୍ବା ବ୍ଲକ ଶଙ୍ଖାମେରୀ ଗ୍ରାମସ୍ଥିତ କଲେଜ ଖେଳ ପଡ଼ିଆରେ ରବିବାରଠାରୁ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଶଙ୍ଖାମେରୀ ବାପୁଜୀ ଫୁଟ୍‌ବଲ ଆସୋସିଏଶନ୍ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ୭ ଦିନ ଧରି ଚାଲିବ ବୋଲି ଆୟୋଜକ ଟିମ୍ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

## ୧୩ ଦିନ ପରେ ଧାରଣା ପ୍ରତ୍ୟାହୃତ

**ନରସିଂହପୁର,୧୯।୧ (ସ୍ୱ.ପ୍ର./ଡି.ଏନ.ଏ.)**

**ଯୋଡ଼ମ୍ବୁଁ ସ୍ୱାସ୍ଥ୍ୟକେନ୍ଦ୍ର**

ଯୋଡ଼ମ୍ବୁଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମାଧାନ ଦାବିରେ କଳିଙ୍ଗ ଲାୟନ୍ସ କ୍ଲବ ପକ୍ଷରୁ ଦିଆଯାଇଥିବା ଧାରଣା ୧୩ ଦିନ ପରେ ଶନିବାର ପ୍ରତ୍ୟାହୃତ ହୋଇଛି। ବିଧାୟକ ଦେବୀପ୍ରସାଦ ମିଶ୍ର, କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଭୂତି ଭୂଷଣ ନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ସମୟ ଆଲୋଚନା କରିବା ସହ ଦୁଇ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି, ଡାକ୍ତର ଓ କର୍ମଚାରୀଙ୍କ ବାସଗୃହ ଫେବୃୟାରୀ ସୁଦ୍ଧା ପୁନଃରୁଦ୍ଧାର କରିବା ଓ ଅନ୍ୟ ଦାବି ଗୁଡିକୁ ପୂରଣ କରିବା ନିମନ୍ତେ ସରକାରୀ ନିର୍ଦ୍ଦେଶନା କପି ଦେଖାଇବା ପରେ ଆନ୍ଦୋଳନକାରୀ ଧାରଣାରୁ ଓହରି ଯାଇଥିଲେ। ଫେବୃୟାରୀ ସୁଦ୍ଧା ପ୍ରତିଶ୍ରୁତି ପାଳନ ନ କଲେ ପୁଣି ଆନ୍ଦୋଳନ କରାଯିବ ବୋଲି କ୍ଲବ ପକ୍ଷରୁ ଚେତାବନୀ ଦିଆଯାଇଛି। ଦୁଇ ଡାକ୍ତରଙ୍କୁ ସହାୟତା ପାଇଁ ସପ୍ତାହକୁ ଦୁଇ ଦିନ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜଣେ ଡାକ୍ତର ଆସିବାକୁ ନିର୍ଦ୍ଦେଶ ହୋଇଛି। କ୍ଲବ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, କ୍ଲବ ସମ୍ପାଦକ ପବିତ୍ର କୁମାର ମିଶ୍ର, ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ସଭ୍ୟ ମହୋନ ପ୍ରଧାନ, ସମସ୍ତ ସଭ୍ୟ, ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ଅଞ୍ଚଳର ବରିଷ୍ଠ ନାଗରିକ ଏବଂ ବହୁ ଜନସାଧାରଣ ଆଲୋଚନାରେ ଉପସ୍ଥିତ ଥିଲେ। ଏହି ଡାକ୍ତରଖାନାର ସମସ୍ତ ତଦାରଖ ଦାୟିତ୍ୱ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଦେବାଶିଷ ଜେଠୀଙ୍କୁ ପ୍ରଦାନ କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନାୟକ ପ୍ରକାଶ କରିଛନ୍ତି।



ଆନ୍ଦୋଳନକାରୀଙ୍କ ସହ ସ୍ଥାନୀୟ ବିଧାୟକ ଦେବୀ ପ୍ରସାଦ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଆଲୋଚନା କରୁଛନ୍ତି।

■ ରାସ୍ତା ନ ଛାଡିବାରୁ ଘରୁ ବାହାରି ପାରୁନାହାନ୍ତି ୩ ପରିବାର

## ତହସିଲ ଅଫିସ ସମ୍ମୁଖରେ ଧାରଣା

**ନିଶ୍ଚିନ୍ତକୋଇଲି,୧୯।୧(ସ୍ୱ.ପ୍ର.)**

ରାସ୍ତା ନ ଛାଡିବାରୁ ନିଶ୍ଚିନ୍ତକୋଇଲି ତହସିଲ ରାମକୃଷ୍ଣପୁର ପଞ୍ଚାୟତ ଅଧୀନ ରାମକୃଷ୍ଣପୁର ଗ୍ରାମର ୩ ପରିବାର ଘରୁ ବାହାରି ପାରୁନାହାନ୍ତି। ତେଣୁ ସେମାନେ ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ତହସିଲରେ ଲିଖିତ ଅଭିଯୋଗ କରିବା ସହ ଜିଲାପାଳଙ୍କୁ ମଧ୍ୟ ଅବଗତ କରାଇଥିଲେ। ହେଲେ ସେମାନଙ୍କ ଗୁହାରି କେହି ନ ଶୁଣିବାରୁ ଶନିବାର ସମ୍ପୃକ୍ତ ପରିବାର ସଦସ୍ୟମାନେ ତହସିଲ ସମ୍ମୁଖରେ ଧାରଣା ଦେଇଥିଲେ। ତହସିଲଦାର ଜିତେନ୍ଦ୍ର ପାତ୍ର ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସେମାନେ ଧାରଣାରୁ ଓହରି ଯାଇଥିଲେ।

ସୂଚନା ଅନୁସାରେ, ପଞ୍ଚାୟତରେ ଥିବା ରାମକୃଷ୍ଣପୁର ମୌଜାର ସନ୍ତୋଷ ମଲିକ, ବିଜୟ ମଲିକ, ଅଚ୍ୟୁତାନନ୍ଦ ମଲିକଙ୍କ ପରିବାର ନିଜସ୍ୱ ପୈତୃକ ଜମିରେ ରହୁଥିବାବେଳେ ୧୯୨୯ରୁ ତାଙ୍କ ଘର ସମ୍ମୁଖରେ ଥିବା ଏକ ଘରୋଇ ରାସ୍ତାରେ ଯାତାୟାତ କରୁଥିଲେ। ତେବେ ହଠାତ୍ ଉକ୍ତ ଜାଗାର ମାଲିକ ରାସ୍ତା ବନ୍ଦ କରି ଦେଇଥିଲେ। ଫଳରେ ଏହି ପରିବାର ଘରୁ ବାହାରିବା କଷ୍ଟସାଧ ହୋଇପଡିଥିଲା। ଗତ ବର୍ଷ ଲଗାଣ ବର୍ଷା ସମୟରେ ୩ ପରିବାର ଘରୁ ବାହାରି ପାରି ନ ଥିଲେ। ଏନେଇ ୨୧।୫।୧୮ରେ ସନ୍ତୋଷ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ତହସିଲ ପକ୍ଷରୁ ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ଘରୋଇ ରାସ୍ତାର ଜମି ମାଲିକଙ୍କୁ ବୁଝାସୁଝା କରି ରାସ୍ତା ଖୋଲାଯାଇଥିଲା। ପୁନର୍ବାର ସମ୍ପୃକ୍ତ ଜମି ମାଲିକ ରାସ୍ତା ଅବରୋଧ କରିବାରୁ ଏହି ପରିବାରର ସଦସ୍ୟ ଧାରଣାରେ ବସିଥିଲେ। ସେତେବେଳେ ତହସିଲଦାର ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏବେ କହୁଛନ୍ତି, ସରକାରୀ ଜମି ନ ଥିବାରୁ ସମ୍ପୃକ୍ତ ପରିବାରକୁ ସରକାରୀ ରାସ୍ତା ଯୋଗାଇବା ସମ୍ଭବ ନୁହେଁ। ଆପୋସମତେ ବେସରକାରୀ ରାସ୍ତାରେ ଗମନା ଗମନ କରିବା ପାଇଁ ତହସିଲ ପକ୍ଷରୁ ପ୍ରୟାସ କରାଯାଇଥିଲା। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ପଦକ୍ଷେପ ନିଆଯିବ। ତେବେ ଦେଖିବାକୁ ଅପେକ୍ଷା ଏହି ପରିବାରକୁ କେବେ ରାସ୍ତା ମିଳୁଛି।



ତହସିଲ ଅଫିସ ସମ୍ମୁଖରେ ଧାରଣା ଦେଇଥିବା ପରିବାର।



ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ। ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ। ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ।

- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ତାଳଦଣ୍ଡା କେନାଲ ବେଆଇନ ସ୍ଲୁଇସ୍‌ଗେଟ୍ ନିର୍ମାଣର ତଦନ୍ତ ଆରମ୍ଭ

**କଟକ ସଦର, ୧୯।୧ (ଡି.ଏନ୍.ଏ.):** କଟକସ୍ଥିତ ମହାନଦୀ ସାଉଥ ଜଳସେଚନ ଡିଭିଜନ ଅଧୀନ ତାଳଦଣ୍ଡା ମୁଖ୍ୟ କେନାଲରେ ବେଆଇନ ସ୍ଲୁଇସ୍ ଗେଟ୍ ନିର୍ମାଣର ତଦନ୍ତ ଶନିବାରଠାରୁ ଆରମ୍ଭ ହୋଇଛି। ଜଳସମ୍ପଦ ବିଭାଗ ଶାସନ ସଚିବ ପ୍ରଦୀପ କୁମାର ଜେନା ଏହାର ତଦନ୍ତ ଭାର ଗ୍ରହଣ କରିଛନ୍ତି। କେଉଁ ପରିସ୍ଥିତିରେ ସ୍ଲୁଇସ୍ ଗେଟ୍ କେନାଲ ବନ୍ଧ ହାଣି ନିର୍ମାଣ କରାଗଲା ତାହାର ବିସ୍ତୃତ ରିପୋର୍ଟ ଦେବା ପାଇଁ ମହାନଦୀ ସାଉଥ ଜଳସେଚନ ଡିଭିଜନର ନିର୍ବାହୀଯନ୍ତ୍ରୀ ବସନ୍ତ କୁମାର ରାଉତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମା ପାଇବା ପରେ ଯନ୍ତ୍ରୀ ରାଉତ ଶନିବାର ଯୋବ୍ରାଠାରୁ ବିରିବାଟି ମଧରେ ଥିବା କେନାଲର ୧୧ କିମି ଅଂଶକୁ ନିରୀକ୍ଷଣ କରିଥିଲେ। ୧୫ରୁ ଉର୍ଦ୍ଧ୍ୱ ଛୋଟବଡ ସ୍ଲୁଇସ୍ ଗେଟ୍‌ରୁ ନର୍ଦ୍ଦମାପାଣି କେନାଲ ମଧକୁ ଆସୁଥିବା, ପଙ୍କ ଓ ବିଭିନ୍ନ ବର୍ଜ୍ୟବସ୍ତୁ କେନାଲ ମଧରେ ଜମା ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଖବର ଗତ ୧୮ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇବା ପରେ ବିଭାଗୀୟ ଶାସନ ସଚିବ ଜେନା ତତ୍ପରତା ଦେଖାଇଥିଲେ। ଶେଷ ଖବର ଅନୁଯାୟୀ ନିର୍ବାହୀଯନ୍ତ୍ରୀ ରାଉତ ଉଭୟ ଜାଇକା ଓ କଟକ ମହାନଗର ନିଗମ କମିଶନରଙ୍କୁ ପତ୍ର ଲେଖି କିଏ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ଅନୁମତି ଦେଲା ତାହାର ରିପୋର୍ଟ ମାଗିଛନ୍ତି।

### ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଶ୍ରାଦ୍ଧୋତ୍ସବ

**ଚୌଦ୍ୱାର, ୧୯।୧(ଡି.ଏନ୍.ଏ.):** ସର୍ବଭାରତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘ ଓଡ଼ିଶା ଶାଖାର ପ୍ରତିଷ୍ଠାତା ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଶ୍ରାଦ୍ଧୋତ୍ସବ ଓ ଚୌଦ୍ୱାର କେନ୍ଦ୍ରର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ସଙ୍ଗୀତା ରଥ ଯୋଗଦେଇ ଲକ୍ଷ୍ମୀନାରାୟଣଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଙ୍ଗଠନର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଶିଶୁ ସଦନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ମହେନ୍ଦ୍ର କୁମାର ମଲ୍ଲିକ ଓ ଅନ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ବିବରଣୀ ପାଠ ଓ ପରିଚାଳକ ସୀମାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ମଧାହ୍ନରେ କେନ୍ଦ୍ରର ମୁଖ୍ୟ ଦାମୋଦର ସାହୁ ଶତାଧିକ କୁଷ୍ଠ ରୋଗୀ ଓ ନିଃସହାୟଙ୍କୁ ବସ୍ତ୍ର ବଣ୍ଟନ କରିଥିଲେ। ପ୍ରଭାତରେ ସର୍ବଧର୍ମ ପ୍ରାର୍ଥନା, ଗୀତାପାଠ, ସମୂହ ବେଦ ଆବୃତ୍ତି ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଶିଶୁ ସମାରୋହକୁ ଇଙ୍ଗାର ଉପସଭାପତି ବିଜୟାନନ୍ଦ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଶିଶୁ ସଦନର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଚୌଦ୍ୱାର କେନ୍ଦ୍ରର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ପିଠା କାର୍ଯ୍ୟକ୍ରମରେ ୨ ଗୋଷ୍ଠୀ ମାରପିଟ

# ସରପଞ୍ଚଙ୍କ ସମେତ ୭ ଆହତ

**କଟକ ସଦର, ୧୯।୧ (ଡି.ଏନ୍.ଏ.)**

■ଉଭୟ ପକ୍ଷରୁ ଥାନାରେ ଏତଲା

■କାର୍ଯ୍ୟକ୍ରମ ସମ୍ପର୍କରେ ପୋଲିସକୁ ଖବର ଦିଆଯାଇ ନ ଥିଲା



ପିଠା କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଓ ଅନ୍ୟମାନେ।

କଟକ ସଦର ବ୍ଲକ ଅଧୀନ ଗତିରାଉତ ପାଟଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ପିଠା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାର ୧ ଘଣ୍ଟା ପୂର୍ବରୁ ୨ ଗୋଷ୍ଠୀ ମଧରେ ମାରପିଟ ହୋଇଥିଲା। ଏଥିରେ ସରପଞ୍ଚ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ତାଙ୍କ ପୁଅ ଓ ସ୍ୱାମୀଙ୍କ ସମେତ ଉଭୟ ପକ୍ଷର ୭ ଜଣ ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସଭା ଆୟୋଜନ ସମୟ ନିର୍ଘଣ୍ଟକୁ ନେଇ ମାରପିଟ ହୋଇଥିବା କୁହାଯାଉଛି। ଏ ନେଇ ସରପଞ୍ଚ ସ୍ୱାଇଁ ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିବା ବେଳେ ଅପରପକ୍ଷର ଅମର ସାହୁ ନାମକ ସ୍ୱେଚ୍ଛାସେବୀ ମଧ ପାଲଟା ଏତଲା ଦେଇଛନ୍ତି। କାର୍ଯ୍ୟକ୍ରମ ଆୟୋଜନ ବେଳେ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କ ସମର୍ଥକମାନେ ବାଧା ଦେଇ ସ୍ୱାମୀ, ପୁଅ ଓ ତାଙ୍କ ଉପରେ ଆକ୍ରମଣ କରିଥିଲେ ବୋଲି ସରପଞ୍ଚ ସ୍ୱାଇଁ ଏତଲାରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୧ଟାର ଏକଘଣ୍ଟା ପୂର୍ବରୁ ସରପଞ୍ଚ ତରବରିଆ ଭାବେ ସଭା ଆୟୋଜନ କରି ବିଭିନ୍ନ ସାମଗ୍ରୀ ବଣ୍ଟନ ପାଇଁ ଉଦ୍ୟମ କରିଥିଲେ। ମନ୍ତ୍ରୀ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ କହିବାରୁ ସରପଞ୍ଚଙ୍କ ସମର୍ଥକମାନେ ଆକ୍ରମଣ କରିଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଏ ନେଇ ପୋଲିସ ୨ଟି ପୃଥକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଚାଉଳିଆଗଞ୍ଜ ଥାନା ଅଧିକାରୀ ଅଜୟ କୁମାର ଦାସ କୁହନ୍ତି, ଗତିରାଉତପାଟଣା ଏକ ସ୍ପର୍ଶକାତର ଅଞ୍ଚଳ ହୋଇଥିଲେ ମଧ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ପୋଲିସକୁ ଖବର ଦିଆଯାଇ ନ ଥିଲା। ତଥାପି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ବିଡିଓ ଦେବାଶିଷ ପଟ୍ଟନାୟକ କୁହନ୍ତି, ଏଭଳି ଗଣ୍ଡଗୋଳ ହେବ ବୋଲି ଆଶା କରାଯାଇ ନ ଥିଲା। ସରପଞ୍ଚଙ୍କ କାର୍ଯ୍ୟରେ ଦଖଲ ଦେଇ ମନ୍ତ୍ରୀଙ୍କ ସମର୍ଥକମାନେ ମାରପିଟ କରିଥିଲେ ବୋଲି ସ୍ୱାଇଁ କହିଛନ୍ତି। ସଭା ଶାନ୍ତିଶୃଙ୍ଖଳାର ସହ ଚାଲିଥିଲା। ଗଣ୍ଡଗୋଳ ଘଟଣାରେ ମୋତେ ଦୋଷାରୋପ କରିବା ଦୁର୍ଭାଗ୍ୟଜନକ ବୋଲି ମନ୍ତ୍ରୀ ବେହେରା କହିଛନ୍ତି। ପୂର୍ବାହ୍ନ ୧୧ଟାରେ ପିଠା କାର୍ଯ୍ୟକ୍ରମ ପାଇଁ ସଭା ଆରମ୍ଭ ହୋଇଥିଲା। ଏଥିରେ ମନ୍ତ୍ରୀ ବେହେରା ଯୋଗଦେଇ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଏଲ୍‌ଇଡି ବଲ୍‌ବ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରୋତ୍ସାହନ ରାଶି ବଣ୍ଟନ କରିଥିଲେ। ଏହି ସଭାରେ ବ୍ଲକ ଉପାଧକ୍ଷ ବିଭୂତି ଭୂଷଣ ପରିଡା, ସମିତିସଭ୍ୟା ଦୀପ୍ତିମୟୀ ରାଉତ ଉପସ୍ଥିତ ଥିଲେ।



ଶ୍ରୀ ଗୁରୁ ନାନକ ଦେବଙ୍କ ଜନ୍ମବାର୍ଷିକ ପାଳନ ଅବସରରେ କଟକ ଓଏମ୍‌ପି ଛକଦେଇ ଶିଖରପୁରସ୍ଥିତ ଗୁରୁଦ୍ୱାରାକୁ ଯାଉଥିବା ନଗର କୀର୍ତ୍ତନ ଶୋଭାଯାତ୍ରା।

■ଜଣ୍ଡିସ୍ ନିୟନ୍ତ୍ରଣରେ ପ୍ରଶାସନ ବିଫଳ

## ଭାଜପାର ଧାରଣା

**କଟକ ଅଫିସ, ୧୯।୧**

କଟକ ସହରରେ ବାରମ୍ବାର ଜଣ୍ଡିସର ପ୍ରକୋପ ଦେଖାଦେଉଛି। ଏହାକୁ ରୋକିବାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସେହିପରି ଅମୃତ ଯୋଜନାରେ ନିମ୍ନମାନର କାର୍ଯ୍ୟ କରାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବିକରି ଶନିବାର ଚୌଦ୍ୱାର-କଟକ ଭାଜପା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଛତ୍ରବଜାରସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ ଉପଖଣ୍ଡ-୧ ନିର୍ବାହୀଯନ୍ତ୍ରୀଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଦଳର ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଅଭିଯୋଗ ହୋଇଛି, କଟକରେ ଜଣ୍ଡିସ ରୋକିବା ଦିଗରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପ୍ରତିବର୍ଷ ଜଣ୍ଡିସ କଟକରୁ ଜୀବନ ନେଉଥିବା ବେଳେ ପ୍ରଶାସନ ବେଫିକର ରହୁଛି। ଏହି କାର୍ଯ୍ୟକ୍ରମରେ ମନୋରଞ୍ଜନ ସାହୁ, ଗୋପାଳ ବେହେରା, ଭାଗୀରଥି ଦଳେଇ ପ୍ରମୁଖ ସାମିଲ ହୋଇଥିଲେ।



ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ଅଫିସ ସମ୍ମୁଖରେ ଭାଜପାର ଧାରଣା।




ଜୀବନ ବୀମା ଜାତୀୟକରଣ ଅଧାଦେଶ ଦିବସ ଅବସରରେ ଶନିବାର କଟକ ଡିଭିଜନ ବୀମା କର୍ମଚାରୀ ସଂଘ ପକ୍ଷରୁ ନୂଆପାଟଣାସ୍ଥିତ ମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଅନୁଷ୍ଠିତ ମାନବ ଶୃଙ୍ଖଳ।

### ନବ ନିର୍ବାଚିତ ଶିକ୍ଷକ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

**ଟାଙ୍ଗୀ (କଟକ)୧୯।୧(ଡି.ଏନ୍.ଏ.)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଟାଙ୍ଗୀ-ଚୌଦ୍ୱାର ଶାଖାର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଶନିବାର କନ୍ହେଇପୁର ପଞ୍ଚାୟତ ଅନ୍ତର୍ଗତ ନିମାଇସାପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଶିକ୍ଷକ ତଥା ସାହିତ୍ୟିକ ଅଶୋକ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ସଂଘ ସଭାପତି ନୀଳକଣ୍ଠ ବ୍ରହ୍ମା, ଉପସଭାପତି ତ୍ରୈଲୋକ୍ୟ ସାହୁ ଓ ପ୍ରତିମା ବେହେରା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେଠୀ, ସଙ୍ଗଠନ ସମ୍ପାଦକ ରଙ୍ଗାଧର ବେହେରା, ସଞ୍ଜୟ କୁମାର ଜେନା ଓ ଜ୍ଞାନ ବିଶ୍ୱାଳଙ୍କ ସହ ସମସ୍ତ କର୍ମକର୍ତ୍ତା ଯୋଗଦେଇ ନୀତିନିଷ୍ଠ ପୂର୍ବକ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ପ୍ରାଥମିକ ଶିକ୍ଷକମାନଙ୍କ ବିଭିନ୍ନ ପ୍ରକାର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଉପଦେଷ୍ଟା ପ୍ରଭାକର ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ।

## ଉତ୍ତ୍ୟକ୍ତ ମହିଳାଙ୍କ ମଦଦୋକାନ ଭଙ୍ଗାରୁଜା

**ବାରଙ୍ଗ,୧୯।୧(ଡି.ଏନ୍.ଏ.)**

**ପ୍ରତିଶ୍ରୁତି ପରେ ଫେରିଲେ**

ବାରଙ୍ଗ ଥାନାର ନରାଜ ଗ୍ରାମରେ ଥିବା ଏକ ଦେଶୀ ମଦଦୋକାନକୁ ଶନିବାର ସହର ଓ ସାମଲସାହି ମହିଳାମାନେ ଭାଙ୍ଗି ଦେଇଛନ୍ତି। ଛୋଟପିଲାଙ୍କୁ ମଦ ନ ଦେବାକୁ ଗ୍ରାମବାସୀ ଦୋକାନୀକୁ ତାଗିଦ୍ କରିଥିଲେ। କିନ୍ତୁ ବ୍ୟବସାୟୀ ଲାଭ ଯୋଗୁ ଦୋକାନୀ ପିଲାଙ୍କୁ ମଦ ଦେଉଥିବା ଜାଣିପାରି ମହିଳାମାନେ ଉତ୍ତ୍ୟକ୍ତ ହୋଇ ଦୋକାନ ଭଙ୍ଗାରୁଜା କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମହିଳାଙ୍କୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପ୍ରକାଶ ଯେ, ନରାଜ ଗ୍ରାମରେ ସରକାରୀ ଦେଶୀମଦ ଦୋକାନ ରହିଛି। ଏହି ଦୋକାନର ୧୦୦ମିଟର ଦୂରତା ମଧରେ ସାମଲ ସାହି, ସହର ସାହି ଓ ଗଙ୍ଗାଧାରଣୀ ମନ୍ଦିର ଥିବାବେଳେ ଦୋକାନ ପଛପଟେ ଅଛି ସିଦ୍ଧେଶ୍ୱର ବିଦ୍ୟାମନ୍ଦିର। ଏହି ମଦଦୋକାନରୁ ମଦ ପିଇ ଅନ୍ୟ ଗ୍ରାମ ଅପେକ୍ଷା ସହର ସାହି ଓ ସାମଲ ସାହିର ବହୁଲୋକ ମୃତ୍ୟୁବରଣ କରିଛନ୍ତି। ଏଥିସହ ବିଦ୍ୟାଳୟ ପଛରେ ଦୋକାନଟି ଥିବାରୁ ସ୍କୁଲପିଲା ଏହାର ଆଦୃତ ହେବାପୂର୍ବରୁ ଉଭୟ ଗ୍ରାମବାସୀ ପିଲାଙ୍କୁ ମଦ ନ ଦେବାକୁ ଦୋକାନୀକୁ କହିଥିଲେ। ଶନିବାର ସନ୍ଧ୍ୟାରେ ସହର ସାହିର ଦୁଇଜଣ ପିଲା ମଦ କିଣୁଥିବାର ଦେଖିବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଉଭୟ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ମହିଳା ସଂଘବଦ୍ଧ ହୋଇ ରାତିରେ ମଦଦୋକାନ ସମେତ ଆସବାବପତ୍ର ଭଙ୍ଗାରୁଜା କରିବା ସହ ଏକ ସାଇକେଲକୁ ପୋଡ଼ିଦେଇଥିଲେ। ଭୟରେ ଦୋକାନ କର୍ମଚାରୀମାନେ ଗ୍ରୀଲ ବନ୍ଦକରି ଭିତରେ ରହିଯାଇଥିଲେ। ଖବରପାଇ ପୋଲିସ ପହଞ୍ଚିବାବେଳେ ଉତ୍ତ୍ୟକ୍ତ ମହିଳାମାନେ ପୋଲିସକୁ ମଧ ଦୋଷାରୋପ କରିବା ସହ ଉକ୍ତ ଦୋକାନକୁ ତୁରନ୍ତ ସ୍ଥାନାନ୍ତର କରିବାକୁ ଦାବି କରିଥିଲେ। ପରେ ଏ ବିଷୟରେ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବାପରେ ମହିଳାମାନେ ଫେରିଥିଲେ। ଏନେଇ ବାରଙ୍ଗ ଥାନାଧିକାରୀ ଶଶିକାନ୍ତ ରାଉତ କୁହନ୍ତି, ଏହି ମଦଦୋକାନ ସରକାରୀ ସ୍ୱୀକୃତିପ୍ରାପ୍ତ ହୋଇଥିବା ବେଳେ ଘଟଣା ବିଷୟରେ ଜିଲା ପ୍ରଶାସନ ସହ କଥା ହୋଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

### ରକ୍ତଦାନ ଶିବିର

**କଟକ ଅଫିସ,୧୯।୧**

ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଓ ପ୍ରଥମ ଆର୍ମି ବାଟାଲିୟନର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ଅସୀମା ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୧୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି।

## ଅଗ୍ନିକାଣ୍ଡରେ ୪୫ ବସ୍ତା ଧାନ ଜଳିଗଲା

**କଣ୍ଟାପଡା, ୧୯।୧(ଡି.ଏନ୍.ଏ.)**

ଗୋବିନ୍ଦପୁର ଥାନା ଅନ୍ତର୍ଗତ କଜଳପୁର ଗ୍ରାମର ବିଦ୍ୟାଧର ଭୋଇଙ୍କ ଖଳାରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ୪୫ ବସ୍ତା ଧାନ ଓ ୮ ଭରଣ ନଡା ପୋଡିଯାଇଛି। ସେ ଜଣେ ଭାଗଚାଷୀ ହୋଇଥିବାବେଳେ ତାଙ୍କ ବାଡିପଟ ଖଳାରେ ୪୫ ବସ୍ତା ଅମଳ ଧାନ ଓ ନଡା ଗଦା କରି ରଖିଥିଲେ। ହେଲେ ବିଳମ୍ବିତ ରାତିରେ କୌଣସି କାରଣରୁ ଏଥିରେ ନିଆଁ ଲାଗି ଯାଇଥିଲା। ଖବରପାଇ ଅଡଶପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କଣ୍ଟାପଡା ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ କଂଗ୍ରେସ ନେତା ଅଭିମନ୍ୟୁ ମଲ୍ଲିକ ଦାବି କରିଛନ୍ତି।

■କଟକରେ ଭିନ୍ନ ଏକ ଏକାଡେମୀ

## ଆତ୍ମରକ୍ଷା ପାଇଁ ମା’ ଶିଖୁଛନ୍ତି ଟାଏକୋଣ୍ଡୋ



ଏକାଡେମୀ ପରିସରରେ ମା’ମାନେ ଟାଏକୋଣ୍ଡୋ ପ୍ରଶିକ୍ଷଣ ନେଉଛନ୍ତି।

**ସେମାନଙ୍କ ମତରେ**



“ପାଠ ପଢ଼ିବା ସମୟରେ ଖେଳକୁଦ ସହ ଜଡ଼ିତ ଥିଲି। ହେଲେ ବିବାହ ଓ ଚାକିରି ପରେ ଏବେ ସେ ସବୁ ଅଭ୍ୟାସରୁ ଦୂରେଇ ଗଲାଣି। ଏଣୁ ନିଜକୁ ଫିଟ୍ ରଖିବା ସହ ଆତ୍ମରକ୍ଷା ଦେବା ପାଇଁ ଏବେ ଟାଏକୋଣ୍ଡୋ ଶିକ୍ଷା ନେଉଛି।

- ବି. ବିଜୟଲକ୍ଷ୍ମୀ, ପ୍ରଶିକ୍ଷାର୍ଥୀ



“ଗୃହିଣୀ ହୋଇଥିବାରୁ ଅନେକ ସମୟ ଘରେ ରହିବାକୁ ପଡୁଛି। ସ୍ୱାମୀ ବି ଚାକିରୀରେ ବାହାରେ ରୁହନ୍ତି। ଏଣୁ ପୁଅକୁ ଟାଏକୋଣ୍ଡୋ ଶିଖାଇବାକୁ ନେବା ସମୟରେ ନିଜେ ଏହି ଶିକ୍ଷାଲାଭ କରିବାକୁ ଇଚ୍ଛା ହୋଇଥିଲା। ଆତ୍ମରକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବା ଭୁଲ୍ ନୁହେଁ।

-ସଙ୍ଗୀତା ସାହୁ, ପ୍ରଶିକ୍ଷାର୍ଥୀ



“ମା’ ଶିକ୍ଷିତ ହେଲେ ପିଲାମାନେ ଉଚ୍ଚ ଶିକ୍ଷିତ ହୁଅନ୍ତି। ଏଣୁ ମା’ମାନେ ନିଜକୁ ସୁରକ୍ଷିତ ଓ ଶୃଙ୍ଖଳିତ କରିଲେ ପିଲାମାନେ ଏଥିରେ ଦୁଇ ପାଦ ଆଗକୁ ବଢ଼ିବେ। ଏହି ଖେଳ ନିଜକୁ ସୁରକ୍ଷିତ ରଖିବା ସହ ଶୃଙ୍ଖଳିତ ଜୀବନର ବ୍ରତ ଶିଖାଇଥାଏ।

-ସୁଦୀପ୍ତା ନନ୍ଦ, ପ୍ରଶିକ୍ଷକ

**କଟକ ଅଫିସ,୧୯।୧**

ସମାଜରେ ମହିଳାମାନେ ସ୍ୱାବଲମ୍ବୀ, ହେଲେ ସୁରକ୍ଷିତ ନୁହନ୍ତି। ଜଣେ ମହିଳା ନିଜକୁ ରକ୍ଷା କରିବା ଦିଗରେ ପ୍ରସ୍ତୁତ ରହିବା ଦରକାର। ଏଣୁ ଏଥିପାଇଁ ଓଡ଼ିଶାରେ ପ୍ରଥମ ଥର ଏଭଳି ଏକ ଅଭିନବ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ ହୋଇଛି। ଯେଉଁଠାରେ ଶିଶୁମାନଙ୍କ ସହ ଟାଏକୋଣ୍ଡୋ ପ୍ରଶିକ୍ଷଣ ନେଉଛନ୍ତି ସେମାନଙ୍କ ମା’ ମାନେ।

କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କ୍ଲବ ପରିସରରେ ଏସ୍.ଏନ୍. ଟାଏକୋଣ୍ଡୋ ଏକାଡେମୀ ନାମକ ପ୍ରଶିକ୍ଷଣ କେନ୍ଦ୍ର ଗତ ୩ ତାରିଖରୁ ଖୋଲାଯାଇଛି। ଏହି କେନ୍ଦ୍ରକୁ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ଅନୁବନ୍ଧିତ ୟୁନିଟ୍ ଭାବେ ଗ୍ରହଣ କରାଯାଇଛି। ଅନ୍ତର୍ଜାତୀୟ ରେଫରି ତଥା ଖେଳାଳି ସୁଦୀପ୍ତା ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ କାର୍ଯ୍ୟ ଜାରି ରହିଛି। ଏବେ ସୁଦ୍ଧା ୧୫ଜଣ ମହିଳା ଏଠାରେ ସାମିଲ ହେଲେଣି। ପ୍ରତି ସପ୍ତାହର ଶନିବାର ଓ ରବିବାର କେବଳ ମହିଳାମାନଙ୍କ ନିମନ୍ତେ ବିଶେଷ ଭାବେ ଟାଏକୋଣ୍ଡୋ ପ୍ରଶିକ୍ଷଣ ଦିଆଯାଉଛି। ଅନ୍ୟ ଦିନରେ ବାଳିକା, ବାଳକ ବର୍ଗର ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଉଛନ୍ତି। ତେବେ ମହିଳାମାନଙ୍କ ନିମନ୍ତେ ପ୍ରଥମଥର ଓଡ଼ିଶାରେ ଏଭଳି ଏକ ଏକାଡେମି ଆରମ୍ଭ କରିବାକୁ ବହୁ ପୂର୍ବରୁ ଯୋଜନା ଥିଲା ବୋଲି ସୁଦୀପ୍ତା କହିଥିଲେ। ଭାରତରେ ମଧ ଏହିଭଳି ଏକାଡେମୀ ଉପଲବ୍ଧ ନାହିଁ। ମହିଳାମାନେ ନିଜ ପିଲାଙ୍କୁ ଆଣି ଟାଏକୋଣ୍ଡୋ ପ୍ରଶିକ୍ଷଣ ଦେବା ସହ ବାହାରେ ଅପେକ୍ଷା କରୁଛନ୍ତି। ହେଲେ ନିଜକୁ ସୁରକ୍ଷା ଦେବା ଭଳି ସାହସ କିମ୍ବା ପ୍ରଶିକ୍ଷଣର ଅଭାବ ସେମାନଙ୍କ ନିକଟରେ ରହିଛି। ରାଜ୍ୟ ଆସୋସିଏଶନ ସହ ଆଲୋଚନା କରାଯାଇ ଏହି ଏକାଡେମି ଆରମ୍ଭ କରିବାକୁ ଯୋଜନା ହୋଇଥିଲା। ଆଗାମୀ ଦିନରେ ଅଧିକ ମାତ୍ରାରେ ମହିଳା ପ୍ରଶିକ୍ଷଣ ନେଇ ନିଜକୁ ସୁରକ୍ଷା ଦେବା ଦିଗରେ ତାଲିମ ନେବେ ବୋଲି ସେ କହିଥିଲେ।

## ରାଜ୍ୟସ୍ତରୀୟ ପୋଲିସ ପରିବାର କଲ୍ୟାଣ ପ୍ରଦର୍ଶନୀ ଉଦ୍‌ଯାପିତ

**କଟକ ଅଫିସ, ୧୯।୧**

କଟକ ବାଲିଯାତ୍ରା ଉପର ପଡିଆରେ ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବ ଆନୁକୂଲ୍ୟରେ ଗତ ୧୭ ତାରିଖ ଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ପୋଲିସ ପରିବାର କଲ୍ୟାଣ ପ୍ରଦର୍ଶନୀ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଯୋଗଦେଇ ଆଗାମୀ ଦିନରେ ଏହି ପ୍ରଦର୍ଶନୀକୁ ଅଧିକ ଆକର୍ଷଣୀୟ କରିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର ଉପାଧକ୍ଷ ବୀଣା ରାୟ ଶ୍ରୀବାସ୍ତବଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପରିବାର କଲ୍ୟାଣ କେନ୍ଦ୍ରଗୁଡିକୁ ପୁରସ୍କୃତ କରାଯାଇଥିଲା। ଷ୍ଟଲ୍ ସାଜସଜ୍ଜା ପାଇଁ କଟକର ଓଏସ୍‌ଏପି ଷଷ୍ଠ ବାଟାଲିୟନ ପ୍ରଥମ, ସୁନ୍ଦରଗଡ ପୋଲିସ ଜିଲା ଦ୍ୱିତୀୟ ଏବଂ ଓଏସ୍‌ଏପି ୪ର୍ଥ ବାଟାଲିୟନ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ଖାଦ୍ୟ ପ୍ରସ୍ତୁତୀକରଣ ଓ ସଂରକ୍ଷଣ ପାଇଁ ବ୍ରହ୍ମପୁର ପୋଲିସ ଜିଲା ପ୍ରଥମ, ଓଏସ୍‌ଏପି ୩ୟ ବାଟାଲିୟନ ଦ୍ୱିତୀୟ ଓ ଗଞ୍ଜାମ ପୋଲିସ ଜିଲା ତୃତୀୟ ସ୍ଥାନ ଅଧିକାର କରିଥିଲା। ହସ୍ତକଳା ଓ ସୂଚୀ କାର୍ଯ୍ୟ ପାଇଁ ଓଏସ୍‌ଏପି ୭ମ ବାଟାଲିୟନ ପ୍ରଥମ, ରାଉରକେଲା ପୋଲିସ ଜିଲା ଦ୍ୱିତୀୟ ଏବଂ ସୁନ୍ଦରଗଡ ପୋଲିସ ଜିଲା ତୃତୀୟ ସ୍ଥାନ ହାସଲ କରିଥିଲା। ସମସ୍ତ ବିଜେତାଙ୍କୁ ଅର୍ଥ ରାଶି ସହ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ପୋଲିସର କ୍ରୀଡାବିତ୍ କୁମାରୀ ସରସ୍ୱତୀ ଚାନ୍ଦଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।



ଦାରିଙ୍ଗବାଡିସ୍ଥିତ ସେବାଶ୍ରମରେ ନାବାଳିକା ପ୍ରସବ ଘଟଣାରେ ସମ୍ପୃକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବିଭାଗୀୟ ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ଶନିବାର କଟକ ନଗର ମହିଳା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।



କଟକ ବାଖରାବାଦସ୍ଥିତ ଗାନ୍ଧୀସ୍ମୃତି ଭବନରେ ଶନିବାର ଅନୁଷ୍ଠିତ ସଂଗ୍ରାମୀ ଆହବାନନ୍ଦ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।



କଟକ ପୋତାପୋଖରୀସ୍ଥିତ ନେତାଜୀ ଖେଳପଡିଆରେ ତୃତୀୟ ବାର୍ଷିକୀ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ପ୍ରବଚନ କାର୍ଯ୍ୟକ୍ରମର ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇଥିବା ସାଧୁସନ୍ଥ।



ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ। ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ। ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ମୋବାଇଲ କେୟାରରୁ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲୁଗାଁ,୧୯।୧(ଡି.ଏନ.ଏ.)-ବାଲୁଗାଁ ପେଟ୍ରୋଲ୍ ପମ୍ପ ନିକଟରେ ଥିବା ମୋବାଇଲ କେୟାର କାର୍ଯ୍ୟାଳୟ ପରିସରରେ ଜଣେ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ବାଲୁଗାଁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଭଦ୍ରକ ଜିଲା ଧୁସୁରୀ ଥାନା କୋଠରା ଗ୍ରାମର ସତ୍ୟଜିତ୍ ବେହେରା ଓରଫ ଲକି (୨୩)। ବାଲୁଗାଁ ବଜାର ମେନ୍ ରୋଡ୍‌ରେ ଥିବା ଏକ ମୋବାଇଲ କେୟାରରେ ଦୀର୍ଘଦିନ ଧରି ସତ୍ୟଜିତ୍ କାର୍ଯ୍ୟ କରୁଥିଲେ। ଗତ ଶୁକ୍ରବାର ରାତ୍ରିରେ କାର୍ଯ୍ୟ ସାରି ସେ ନିଜର ସହକର୍ମୀମାନଙ୍କୁ ଘରକୁ ପଠାଇ ଦେଇଥିଲେ। ଶନିବାର ସକାଳେ ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜଣେ ମହିଳା କର୍ମଚାରୀ କାର୍ଯ୍ୟାଳୟ ଖୋଲି ଭିତରକୁ ଯିବା ପରେ ସତ୍ୟଜିତଙ୍କ ଝୁଲନ୍ତା ମୃତଦେହ ଦେଖି ପଡ଼ୋଶୀ ଦୋକାନୀଙ୍କୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ବିଳମ୍ବିତ ରାତ୍ରିରେ ଏକ ସୁଇସାଇଡ ନୋଟ ଲେଖି ସତ୍ୟଜିତ ଆତ୍ମହତ୍ୟା କରିଛନ୍ତି। କାର୍ଯ୍ୟାଳୟ ପରିସରରେ ଥିବା ସିସିଟିଭି ଫୁଟେଜ୍‌କୁ ବାଲୁଗାଁ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର ଦେଖିବା ପରେ ସତ୍ୟଜିତ୍ ଆତ୍ମହତ୍ୟା କରିଥିବା ସୂଚନା ଦେଇଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି।

### ଆଞ୍ଚଳିକସ୍ତରୀୟ ପ୍ରତିଯୋଗିତା

**ଖୋର୍ଦ୍ଧା ଅଫିସ,୧୯।୧:** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ ସଂଗ୍ରାମ ଜାଣିବା, ଦେଶପ୍ରେମ ଉପରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଞ୍ଚଳିକସ୍ତରୀୟ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଇଲକିଶନନଗର (ନୂଆଗାଁ) ଉପ୍ରା ମଇ ସ୍କୁଲରେ ଆୟୋଜିତ ବକ୍ତୃତା, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ୧୨୦ ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ଶିକ୍ଷାବିତ ବୈକୁଣ୍ଠନାଥ ରାଜଗୁରୁ, ପ୍ରଫୁଲ୍ଲ ସାମନ୍ତରାୟ ଯୋଗ ଦେଇଥିଲେ। ଏହାକୁ ଡିଏସ୍‌ଓ ରାଜ୍ୟ ଉପସଭାପତି ଜୟନ୍ତ ମହାନ୍ତି, ସାଗର ସାହୁ, ରିତେଶ ସାହୁ, ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ପାଇକ କବି କୃଷ୍ଣଚନ୍ଦ୍ରଙ୍କ ଶ୍ରାଦ୍ଧୋତ୍ସବ

**ଖୋର୍ଦ୍ଧା ଅଫିସ,୧୯।୧:** ଅତିବଡୀ ଜଗନ୍ନାଥ ଦାସ ସମ୍ମାନପ୍ରାପ୍ତ ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ୨୨ତମ ଶ୍ରାଦ୍ଧୋତ୍ସବ ଜନ୍ମମାଟି ବାଣପୁରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ନେହେରୁ ସେବା ସଂଘର କନକ ଭବନରେ ଅନୁଷ୍ଠିତ ଶ୍ରାଦ୍ଧୋତ୍ସବରେ ପ୍ରାଧ୍ୟାପକ ନଳିନୀକାନ୍ତ ପଟ୍ଟନାୟକ ଅଧକ୍ଷତା କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ଡା. ଦେବେନ୍ଦ୍ରନାଥ ମାନସିଂହ ମୁଖ୍ୟଅତିଥି, ଡା. ଚାନ୍ଦ କିଶୋର ତ୍ରିପାଠୀ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ କବି ପୁରୁଷୋତ୍ତମ ମହାପାତ୍ର, ଓମ୍‌ପ୍ରକାଶ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ବକ୍ତାମାନେ ମାଟିଦୀପ, ଅଗ୍ନିଶଙ୍ଖ, ରୂପାୟନ ପ୍ରଭୃତି କାବ୍ୟ କୃତି ଉପରେ ଆଲୋଚନା କରି କବିଙ୍କ ଦେଶ ପ୍ରୀତି ଉପରେ ଆଲୋଚନା କରିଥିଲେ। କବିଙ୍କ କୁଟୀରରୁ ଏକ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ଗାଳ୍ପିକ ଶିବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କବିମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବି କୃଷ୍ଣଚନ୍ଦ୍ର ପାଠାଗାରର ସମ୍ପାଦକ ମଧୁସୂଦନ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ପାଟ୍ରୋଲିଂ ନାହିଁ, ମହିଳା ଅସୁରକ୍ଷିତ

**ଦୁଇ ଦିନ ମଧ୍ୟରେ ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଛାତ୍ରୀ ଓ ଯୁବତୀଙ୍କ ଉପରେ ଆକ୍ରମଣ କରାଯାଇଛି। ଏପରି କି ଟଙ୍କା ଲୁଟ୍ ହୋଇଛି। ଜିଲା ସଦର ମହକୁମାରେ ପାଟ୍ରୋଲିଂ ଠିକ୍ ଭାବେ ହେଉ ନ ଥିବାରୁ ଏପରି ଲୁଟ୍ ବଢ଼ି ଚାଲିଥିବା ଅଭିଯୋଗ ହେଉଛି। ଏପରି କି ଘଟଣା ଘଟିଲେ ମଧ୍ୟ ଥାନାରେ ଅଭିଯୋଗ କରିବାକୁ ଲୋକ ଆସୁ ନ ଥିବାରୁ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଥାନା ଅଞ୍ଚଳରେ ମହିଳା ଅସୁରକ୍ଷିତ ହୋଇପଡିଛନ୍ତି ବୋଲି ଅଭିଯୋଗ ଉଠିଛି।**

### ଛାତ୍ରୀଙ୍କଠାରୁ ଛଡାଇ ନେଲେ ଟଙ୍କା

ଖୋର୍ଦ୍ଧା ଅଫିସ,୧୯।୧

ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳରେ ଲୁଟେରା ସକ୍ରିୟ ହୋଇଉଠିଛନ୍ତି। ଜଣେ କଲେଜ ଛାତ୍ରୀଙ୍କଠାରୁ ଶନିବାର ଅପରାହ୍ନରେ ମୁକୁନ୍ଦପ୍ରସାଦଠାରେ ପର୍ସ ସହ ୩ ହଜାର ଟଙ୍କା ଲୁଟ୍ ହୋଇଛି। ନିକଟରେ ଥିବା କେତେଜଣ କଲେଜ ଛାତ୍ରୀଛାତ୍ର ଜଣେ ଲୁଟେରାଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଅଭିଯୋଗ ପରେ ପୋଲିସ ଦଫା ୩୯୪ ରେ ନଂ. ୨୨/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରାପ୍ତସୂଚନା ଅନୁସାରେ, ମୟୂରଭଞ୍ଜ ଜିଲା କରଞ୍ଜିଆର ନମିତା ନାୟକ ଖୋର୍ଦ୍ଧା ପି.ଏନ. କଲେଜରେ ପାଠ ପଢିବା ସହ ଏକ ହଷ୍ଟେଲରେ ରୁହନ୍ତି। ଶନିବାର ଅପରାହ୍ନରେ ନମିତା ମୁକୁନ୍ଦପ୍ରସାଦ ବଉଳସାହିକୁ ଯାଉଥିବାବେଳେ ରାସ୍ତାରେ ଏକ ବାଇକ୍‌ରୁ ୨ ଜଣ ଓହ୍ଲାଇ ମୋବାଇଲ ନେବାକୁ ଉଦ୍ୟମ କରିଥିଲେ। ଏଥିରେ ଦୁଇ ଦୁର୍ବୃତ୍ତ ବିଫଳ ହୋଇଥିବାବେଳେ ପର୍ସ ସହ ୩ ହଜାର ଟଙ୍କା ନେଇ ଯାଇଥିଲେ। ଏହି ଘଟଣାରେ ପୋଲିସ ଏକ ବାଇକ୍ ଜବତ କରିବା ସହ ମୁକୁନ୍ଦପ୍ରସାଦର ଫାରକୁ ଖାଁ(୧୯)ଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

### ଛାତ୍ରୀଙ୍କୁ ଅସଦାଚରଣ

ଶୁକ୍ରବାର ଅପରାହ୍ନରେ ମୁକୁନ୍ଦପ୍ରସାଦ ଅଞ୍ଚଳରେ ଖୋର୍ଦ୍ଧା ପି.ଏନ. କଲେଜର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଛି। ଟାଙ୍ଗୀ ଅଞ୍ଚଳର ଏହି ଛାତ୍ରୀଙ୍କୁ ଏକ ବାଇକ୍‌ରେ ୨ଜଣ ଯୁବକ ଆସି ଖରାପ ଆଚରଣ ପ୍ରଦର୍ଶନ କରି ମୋବାଇଲ ଛଡାଇ ନେବାକୁ ଉଦ୍ୟମ କରିଥିଲେ। ସମ୍ପୃକ୍ତ ଛାତ୍ରୀ ଚତୁରତାର ସହ ବର୍ତ୍ତି ଯାଇଛନ୍ତି। ନିକଟରେ କେତେଜଣ ଯୁବକ ପହଞ୍ଚି ଘଟଣା ସମ୍ପର୍କରେ ଛାତ୍ରୀଙ୍କୁ ପଚାରିବାରୁ ଏ ସମ୍ପର୍କରେ ଆଗକୁ ନ ବଢ଼ାଇବା ଭଲ କହି ଚାଲି ଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ।

### ବଡଶଙ୍ଖଠାରେ ଯୁବତୀଙ୍କୁ ମାରପିଟ

ଖୋର୍ଦ୍ଧା-ନୟାଗଡ ରାସ୍ତାର ବଡଶଙ୍ଖ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ୨ ଜଣ ଯୁବକ ଜଣେ ଯୁବତୀଙ୍କୁ ଅଟକାଇ ଟଙ୍କା ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ଯୁବତୀଙ୍କ ନିକଟରେ ଟଙ୍କା ନ ଥିବାରୁ ମାରପିଟ୍ କରି ଛାଡି ଦେଇଛନ୍ତି। ଯୁବତୀ ଜଣକ ସାଇକେଲ ଯୋଗେ ଆସୁଥିବାବେଳେ ଏପରି ଘଟଣା ଘଟିଛି। ତେବେ ଏ ସମ୍ପର୍କରେ ଥାନାରେ ଅଭିଯୋଗ ନ କରି ନିଜ ନାଁ ପ୍ରକାଶ ନ କରି ଯୁବତୀ କାନ୍ଦି କାନ୍ଦି ଘରକୁ ଚାଲି ଯାଇଥିଲେ।



ଖୋର୍ଦ୍ଧା ଜିଲା ମହିଳା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଥିଲା।

### ମନ୍ତ୍ରୀଙ୍କୁ ବହିଷ୍କାର, ଜିଲାପାଳ ଓ ସଚିବଙ୍କୁ ନିଲମ୍ବନ ଦାବି

## ଜିଲାପାଳଙ୍କୁ ସ୍ମାରକପତ୍ର ଦେଲା ମହିଳା କଂଗ୍ରେସ

ଖୋର୍ଦ୍ଧା ଅଫିସ,୧୯।୧

ଦାରିଙ୍ଗବାଡିରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଶୌଚାଳୟରେ ପିଲା ଜନ୍ମ ଦେବା ଓ ପରେ ନବଜାତ ଶିଶୁ କନ୍ୟା ମୃତ୍ୟୁ ଘଟଣାରେ ଆଦିବାସୀ କଲ୍ୟାଣ, ମହିଳା ଶିଶୁ ବିକାଶ ମନ୍ତ୍ରୀଙ୍କୁ ବହିଷ୍କାର, କନ୍ଧମାଳ ଜିଲାପାଳ, ୨ ସଚିବଙ୍କୁ ନିଲମ୍ବନ ଦାବି ହୋଇଛି। ମହିଳା କଂଗ୍ରେସ ଏହି ଦାବି ଉଠାଇ ଖୋର୍ଦ୍ଧା ଜିଲା ମହିଳା ସଭାନେତ୍ରୀ ଉଲ୍ଲାସମଣୀ ମଲ୍ଲିକଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶନିବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସରକାର ଏଥିରେ ପଦକ୍ଷେପ ନ ନେଲେ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅଷ୍ଟମ ଶ୍ରେଣୀ ଛାତ୍ରୀ ପିଲା ଜନ୍ମ ପରେ ନବଜାତକର ମୃତ୍ୟୁ ଘଟଣା ଓଡ଼ିଶା ପାଇଁ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ଏହି ଘଟଣାରେ ଦୁଇ ବିଭାଗର ମନ୍ତ୍ରୀ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିବା, ଜିଲାପାଳ ଓ ୨ ସଚିବଙ୍କ କର୍ତ୍ତବ୍ୟରେ ଅବହେଳା, ଛାତ୍ରୀଙ୍କ ପରିବାରବର୍ଗଙ୍କୁ ନ ଭେଟିବା, ଚିକିତ୍ସାରେ ଅବହେଳା କରାଯାଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଚୁପ ରହିବା ନିନ୍ଦନୀୟ ବୋଲି ଦର୍ଶାଯାଇଛି। ରାଜ୍ୟରେ ମହିଳାଙ୍କ ପ୍ରତି ହିଂସା, ଅତ୍ୟାଚାର, ନିର୍ଯାତନା, ଗଣଧର୍ଷଣ ଓ ହତ୍ୟା ବଢ଼ି ଚାଲିଛି ବୋଲି ଅଭିଯୋଗ ରହିଛି। ଜିଲା ପର୍ଯ୍ୟବେକ୍ଷିକା ସ୍ୱାଧୀନବାଳା ଦାସ ଓ ମଞ୍ଜୁଲତା ବାରିକି, ଜିଲା କାର୍ଯ୍ୟକାରୀ ସଭାନେତ୍ରୀ ସ୍ୱାଗତିକା ପଟ୍ଟନାୟକ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

## ମରାମତି ଅଭାବରୁ ରାସ୍ତା ଶୋଚନୀୟ

ବୋଲଗଡ଼,୧୯।୧(ଡି.ଏନ.ଏ.)

ଦୀର୍ଘ ୨ ବର୍ଷ ହେଲା ମରାମତି ଅଭାବରୁ ବୋଲଗଡ ବ୍ଲକସ୍ଥିତ ହାଟବସ୍ତ ଗ୍ରାମଠାରୁ ଖଲିକୋଟକୁ ଯାଇଥିବା ଆର୍‌ଡି (ପୂର୍ତ୍ତ ବିଭାଗ)ରାସ୍ତାଟି ସମ୍ପ୍ରତି ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ରାସ୍ତାରୁ ପିଚୁ ଉଠିଯାଇ, ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇ ଅଣଓସାରିଆ ଭାବେ ରାସ୍ତାଟି ବିପଜ୍ଜନକ ପାଲଟିଛି। ଫଳରେ ସାଧାରଣ ଲୋକେ, ସାଇକେଲ ଓ ବାଇକ୍ ଆଦି ଯାନବାହାନ ଆରୋହୀମାନେ ଦୁର୍ଘଟଣାରେ ଖଣ୍ଡିଆଖାବରା ହେଉଥିବା ଅଭିଯୋଗ ହେଉଛି। ତେବେ ମରାମତି ନିମନ୍ତେ ବିଭିନ୍ନ ମହଲରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ରାସ୍ତାପାର୍ଶ୍ୱ ନିକଟସ୍ଥ ହାଟବସ୍ତ ମଧ୍ୟ ଇଂରାଜୀ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ବାଙ୍କୋଇ ବାଳିକା ଉଚ୍ଚ ବିଦ୍ୟାଳୟ, କଲେଜ, ସିଟି ସ୍କୁଲ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, କର୍ମଚାରୀ, ସାଧାରଣ ଜନତା ଏଥିଯୋଗୁ ବହୁ ଦୁର୍ଦ୍ଦଶାରୁ ସମ୍ମୁଖୀନ ହେଉଛନ୍ତି। ଉଲ୍ଲେଖଯୋଗ୍ୟ କି, ହରିକେଶର ଏବଂ ଖଲିକୋଟ ଉଭୟ ଗ୍ରାମ ପାଇଁ ଏହା ହେଉଛି ମୁଖ୍ୟ ରାସ୍ତା। ତେଣୁ ଏହାକୁ ସମ୍ପୂର୍ଣ୍ଣ ଭାବେ ନିର୍ମାଣ କରିବାକୁ ହାଟବସ୍ତ ଗ୍ରାମର ପ୍ରଶାନ୍ତ କୁମାର ପରିଡ଼ା, ଖଲିକୋଟ ଗ୍ରାମର ଗଣେଶ ପାଣିଗ୍ରାହୀ, ହରିକେଶର ଗ୍ରାମର ପ୍ରକାଶ ଚନ୍ଦ୍ର ରାଉତରାୟ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଆର୍‌ଡି ବିଭାଗର କନିଷ୍ଠ ଯନ୍ତ୍ରୀ ଅଖିଳ ଶ୍ରୀଚନ୍ଦନ କହିଥିଲେ, ରାସ୍ତାଟିର ନିର୍ମାଣ ପାଇଁ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।



ହାଟବସ୍ତ-ଖଲିକୋଟ ରାସ୍ତା ଖାଲଖମାରେ ଭର୍ତ୍ତି।

### ଜିଲା ଓକିଲ ସଂଘ ବୈଠକ

**ଖୋର୍ଦ୍ଧା ଅଫିସ,୧୯।୧:**

ଜିଲା ଓକିଲ ସଂଘର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଭାତ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଓକିଲଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ତେବେ ରାଜ୍ୟ ଆଇନଜୀବୀ ଆସୋସିଏଶନର ସଭାପତି ଭାବେ ଖୋର୍ଦ୍ଧା ଓକିଲ ସଂଘର ବରିଷ୍ଠ ସଦସ୍ୟ ବିଚିତ୍ର ବଡଜେନା ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିଖିଳ ଓଡିଶା ଆଇନଜୀବୀ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଫେବୃୟାରୀ ୯ ରେ ଖୋର୍ଦ୍ଧା ଜିଲା ଓକିଲ ସଂଘ ଗୃହରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଅଜିତ୍ ପଟ୍ଟନାୟକ, ଉପସଭାପତି ଜୁଲ୍ ଫିକର ଅଲ୍ଲୀ, ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଟାଙ୍ଗୀ(ଖୋର୍ଦ୍ଧା),୧୯।୧(ଡି.ଏନ.ଏ.)

ସୋରଣ ମାନସିଂହପୁରସ୍ଥିତ ରଘୁନାଥ କ୍ଲବ୍ ତତ୍ତ୍ୱାବଧାନରେ ଶନିବାର ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। କାଳିଜାଈ ଉନ୍ନିତ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶେଷଦେବ ବେହେରା ମୁଖ୍ୟଅତିଥି ରୂପେ ଯୋଗ ଦେଇ ଖେଳର ଉଦ୍‌ଘାଟନ କରିଥିଲେ। ଏହି ମ୍ୟାଚରେ ଟାଙ୍ଗୀ ଶିବା ୟୁଥ୍ କ୍ଲବ୍ ଓ ହରିପୁର ସ୍ପୋର୍ଟିଂ କ୍ଲବ୍ ପରସ୍ପରକୁ ଭେଟିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇ ନ ପାରିବାରୁ ଟାଇବ୍ରେକର୍ ଦ୍ୱାରା ୪-୧ ଗୋଲ୍‌ରେ ଶିବା ୟୁଥ୍ କ୍ଲବ୍ ବିଜୟୀ ହୋଇଥିଲା। ଖେଳ ପରିଚାଳନା କରିଥିଲେ ଅବିନାଶ ପଟ୍ଟନାୟକ।

### ଅଭିଯୋଗ ଆଣିଲା ସେଭେନ ହିଲ୍‌ସ ଇଷ୍ଟେଟ୍ ଫ୍ଲାଟ୍ ଓନର୍ସ ଆସୋସିଏଶନ

## ଟଙ୍କା ନେଇ ଭଣ୍ଡେଇ ଚାଲିଛି ବିଲ୍ଡର ସଂସ୍ଥା

ଭୁବନେଶ୍ୱର,୧୯।୧ (ବ୍ୟୁରୋ)

ନାନା ପ୍ରତିଶ୍ରୁତି ଦେଇ ଫ୍ଲାଟ୍ ବିକ୍ରି କରୁଛନ୍ତି ବିଲ୍‌ଡର ସଂସ୍ଥା। ଟଙ୍କା ନେବାପରେ ଚୁକ୍ତି ଅନୁସାରେ ଘର ଓ ଆବଶ୍ୟକ ସୁବିଧା ସୁଯୋଗ ଦିଆଯାଉନି। ଫଳରେ ଫ୍ଲାଟ୍ କିଣିବା ପରେ ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଏକ ବିଲ୍‌ଡର ସଂସ୍ଥା ବିରୋଧରେ ଏମିତି ଅଭିଯୋଗ ଆଣିଛି ସେଭେନ ହିଲ୍‌ସ ଇଷ୍ଟେଟ୍ ଫ୍ଲାଟ୍ ଓନର୍ସ ଆସୋସିଏଶନ। ଶନିବାର ଭୁବନେଶ୍ୱରଠାରେ ଏକ ଖବରଦାତା ସମ୍ମିଳନୀରେ ଆସୋସିଏଶନ ସଭାପତି ଲଲାଟେନ୍ଦୁ ରଥ କହିଛନ୍ତି ଯେ, ପୁରୀସ୍ଥିତ ସେଭେନ୍ ହିଲ୍‌ସ ସ୍ୟାଣ୍ଡିସ୍‌ରେ ଶତାଧିକ ଲୋକ ୭ବର୍ଷ ହେବ ଫ୍ଲାଟ୍ କିଣିଛନ୍ତି। ଆଉ କେତେଜଣ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଟଙ୍କା ଦେଇଛନ୍ତି। ଓଡ଼ିଶା ସମେତ ରାଜ୍ୟ ବାହାରର ୫ଶହରୁ ଅଧିକ ଲୋକଙ୍କ ସମେତ କେତେଜଣ ପ୍ରବାସୀ ଭାରତୀୟଙ୍କଠାରୁ ସଂସ୍ଥା ୧୦୦ କୋଟି ଟଙ୍କା ନେଇଛି। ମାତ୍ର ଟଙ୍କା ନେବାପରେ ଚୁକ୍ତି ଖିଲାପ କରିବା ଭଣ୍ଡେଇ ଚାଲିଛି। ଫ୍ଲାଟରେ ପାଣି, ବିଦ୍ୟୁତ୍, ଲିଫ୍ଟ ଓ ରାସ୍ତା ନାହିଁ। ଏନେଇ ସଂସ୍ଥାର ମୁଖ୍ୟଙ୍କୁ ଜମାକାରୀ ବାରମ୍ବାର କହିଥିଲେ ମଧ୍ୟ ସେ କେବଳ ପ୍ରତିଶ୍ରୁତି ଦେଇ ସମୟ ଗଡ଼ାଇ ଚାଲିଛନ୍ତି। ଏପରିକି ଲୋକଙ୍କଠାରୁ ସମ୍ପୂର୍ଣ୍ଣ ଟଙ୍କା ନେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଫ୍ଲାଟ୍ ହସ୍ତାନ୍ତର କରୁନାହାନ୍ତି। ଫଳରେ ଏବେ ଏହି ଫ୍ଲାଟଗୁଡିକ ଭୁତକୋଠି ପାଲଟିଲାଣି। ଏହି ବାସଗୃହ ପ୍ରକଳ୍ପଟି ଏବେ ନିର୍ମାଣଧିନ ରହିଥିବାବେଳେ ଏଯାଏ ଏହାକୁ ରେରା ଆଇନ ଅନୁଯାୟୀ ପଞ୍ଜୀକରଣ କରାଯାଇ ନ ଥିବା ଆସୋସିଏଶନ ସଭାପତି ରଥ କହିଛନ୍ତି। ଏପିରକି ଏସଂକ୍ରାନ୍ତରେ ଉଚ୍ଚ ନ୍ୟାୟାଳୟ, ଖାଉଟି ଅଦାଲତ, ଇଓଡବ୍ଲ୍ୟୁ ଓ ରେରୋ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ବି ସୁଫଳ ମିଳୁ ନ ଥିବା ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଂଘ ଉପସଭାପତି ଡା. ଭବାନୀ ପ୍ରସାଦ ଦାଶ, ସାଧାରଣ ସମ୍ପାଦକ ହରେଶ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ବିଜୟ କୁମାର ରାୟ ଓ କୋଷାଧ୍ୟକ୍ଷ ବସୁଧା ମିଶ୍ର ଉପସ୍ଥିତ ରହିଥିଲେ। ତେବେ ଏ ସଂକ୍ରାନ୍ତରେ ଉକ୍ତ ବିଲ୍ଡର ସଂସ୍ଥାର ମାଲିକଙ୍କୁ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ରିସିଭ୍ କରି ନ ଥିଲେ।

### ଭୋଜିରୁ ବାଇକ୍ ଚୋରି

ଯାଁଳା, ୧୯।୧( ଡି.ଏନ.ଏ.)-

ଜଟଣୀ ଥାନା ଯାଁଳା ଫାଣ୍ଡି ନିକଟରେ ଥିବା ବାଘଚୋଟାଠାରେ ସୁନୀଲ କୁମାର ପରିଜାଙ୍କ ଘରକୁ ତାଙ୍କ ଝିଅାରି ବିବାହ ଉତ୍ସବକୁ ଢେଙ୍କାନାଳରୁ ଅନୀଲ କୁମାର ନାୟକ ତାଙ୍କ ବଡ ଭାଇଙ୍କ ପଲସର ବାଇକ୍‌କୁ ଆଣି ଆସିଥିଲେ। ସେ ବିବାହ ଉତ୍ସବରେ ଯୋଗ ଦେଇଥିବାବେଳେ ଶୁକ୍ରବାର ରାତିରେ ତାଙ୍କ ବାଇକ୍‌କୁ କେହି ଦୁର୍ବୃତ୍ତ ନେଇ ଯାଇଥିଲେ। ସେ ଯାଁଳା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଘର ଢେଙ୍କାନାଳ ଥାନା ତୁମସିଂହ ପଞ୍ଚାୟତ ପୁଟୁସାହିରେ ବୋଲି ଜଣାପଡିଛି।

## ଯାଁଳା ପଞ୍ଚାୟତରେ ବିଭିନ୍ନ ଯୋଜନାରେ ସହାୟତା ବଣ୍ଟନ

ଯାଁଳା, ୧୯।୧( ଡି.ଏନ.ଏ.)-

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମରେ ଶନିବାର ବିଭିନ୍ନ ଯୋଜନାରେ ସହାୟତା ବଣ୍ଟନ କରାଯାଇଛି। ପଞ୍ଚାୟତର ୪୨ ସ୍ୱୟଂ ସହାୟିକା ଗୋଷ୍ଠୀ ବିଭିନ୍ନ ଷ୍ଟଲ ପକାଇଥିଲେ। ପ୍ରତ୍ୟେକ ଷ୍ଟଲଗୁଡିକୁ ସରକାରଙ୍କ ପକ୍ଷରୁ ୫ ଶହ ଟଙ୍କା ଲେଖାଏ ଗ୍ରୁପ ଆକାଉଣ୍ଟକୁ ପଠାଯିବ ବୋଲି ଘୋଷଣା କରାଯାଇଥିଲା। ସେହିପରି କୃଷି ଅଧିକାରୀଙ୍କ ପକ୍ଷରୁ ବୃକ୍ଷରୋପଣ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁନେତ୍ର ଯୋଜନାରେ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ପଞ୍ଚାୟତରେ କୌଣସି ବ୍ୟକ୍ତି ଯଦି ରୋଗଗ୍ରସ୍ତ ହୁଅନ୍ତି ଏ ସମ୍ପର୍କରେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ଜଣାଇବାକୁ କୁହାଯାଇଥିଲା। ଜଟଣୀ ସିଡିପିଓ ସତ୍ୟଭାମା ଦେଈ ନୂଆ ଗ୍ରୁପଗୁଡିକୁ ପ୍ରମାଣ ପତ୍ର ଦେଇଥିଲେ। ୨୦୧୭ ମସିହା ପରେ ଯେଉଁ ଗ୍ରୁପ ଗଢାଯାଇଛି ସେମାନଙ୍କୁ ୧୫ ହଜାର ଟଙ୍କା ଓ ପୁରୁଣା ଗ୍ରୁପଗୁଡିକୁ ମୋବାଇଲ ପାଇଁ ୩ ହଜାର ଲେଖାଏ ଦିଆଯିବ ବୋଲି ଘୋଷଣା କରିଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ସୌଭାଗ୍ୟ ଯୋଜନାରେ ଯେଉଁମାନଙ୍କ ଘରକୁ ବିଜୁଳି ଯାଇନାହିଁ, ସେମାନଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ଅନ୍ତ୍ୟୋଦୟ ଯୋଜନାରେ ସାମିଲ ବ୍ୟକ୍ତିଙ୍କୁ ୪ ଟି ଲେଖାଏ ଏଲ୍‌ଇଡି ବଲ୍‌ବ ଦିଆଯାଇଥିଲା। ଏହି ସଭାରେ ସରପଞ୍ଚ ପ୍ରଦୋଷ କୁମାର ଜେନାଙ୍କ ସହ ପ୍ରତ୍ୟେକ ୱାର୍ଡର ୱାର୍ଡମେମ୍ବର, ସମିତିସଭ୍ୟ, ଅଙ୍ଗନୱାଡି କର୍ମୀ, ସହାୟିକା, ଆଶା ଦିଦି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଚାଷୀ ଓ ସ୍ଥାନୀୟ ଲୋକମାନେ ମଧ୍ୟ ଉପସ୍ଥିତ ଥିଲେ।






ବୋତଲମା ପଞ୍ଚାୟତରେ ଗୋଟିଏ ସ୍ଥାନରେ ବିଧାୟକ ସଭା କରୁଥିବା ବେଳେ ଅନ୍ୟ ଜାଗାରେ ସରପଞ୍ଚ ସଭା କରୁଛନ୍ତି।

## ସ୍କୁଲରେ କୌତୁକ ପୋଷାକ ପ୍ରତିଯୋଗିତା

ବେଗୁନିଆ,୧୯।୧ (ଡି.ଏନ.ଏ.)

ଘରୋଇ ବିଦ୍ୟାଳୟଗୁଡିକରେ କୁନି କୁନି ଛାତ୍ରୀଛାତ୍ରମାନଙ୍କୁ ପାଠ ପଢା ସହ ଆକୃଷ୍ଟ କରିବାକୁ ବିଭିନ୍ନ ପ୍ରତିଯୋଗିତା କରାଯାଇଥାଏ। ସେଥିମଧ୍ୟରୁ କୌତୁକ ପୋଷାକ ପ୍ରତିଯୋଗିତା ଅନ୍ୟତମ। ଏହି ବେଶଭୁଷା ପ୍ରଦର୍ଶନୀ ବେଗୁନିଆ ବ୍ଲକ ସଦର ମହକୁମାରେ ଥିବା ନାଳନ୍ଦା ପବ୍ଲିକ ସ୍କୁଲ ପରିସରରେ ଶନିବାର ଦେଖିବାକୁ ମିଳିଥିଲା। ବିଦ୍ୟାଳୟରେ ଅଧ୍ୟୟନରତ ୮୨ ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କେତେଜଣ ପିଲା ଶ୍ରୀକୃଷ୍ଣ, ରାଧା, ମହାଦେବ ଆଦି ଠାକୁରଙ୍କ ବେଶଭୂଷାରେ ଅଳଂକୃତ ହୋଇଥିବା ସହ ଆଉ କେତେଜଣ ପିଲା ବିଭିନ୍ନ ମହାପୁରୁଷ ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ, ଜବାହରଲାଲ ନେହେରୁଙ୍କ ବେଶଭୂଷାକୁ ଅନୁକରଣ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଅଜୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷକ ଅଖିଳେଶ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ରାଜେଶ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସହାୟତା କରିଥିଲେ ବିଦ୍ୟାଳୟର ସମସ୍ତ ଗୁରୁମା' ଓ ଗୁରୁଜୀ।



କୌତୁକ ପୋଷାକ ପିନ୍ଧି ପ୍ରତିଯୋଗିତାରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ।

### ୨ ସ୍ଥାନରେ ପିଠା କାର୍ଯ୍ୟକ୍ରମକୁ ନେଇ ଚର୍ଚ୍ଚା

## ଗୋଟିଏ ମଞ୍ଚରେ ସରପଞ୍ଚ, ଅନ୍ୟପଟେ ବିଧାୟକ

ବେଗୁନିଆ,୧୯।୧ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବୋତଲମା, ଶଗଡଭଙ୍ଗା ଓ ହଜ ପଞ୍ଚାୟତ ପକ୍ଷରୁ ଶନିବାର ରାଜ୍ୟ ସରକାରଙ୍କ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ବୋତଲମା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ସମାନ ସମୟରେ ୨ଟି ମଞ୍ଚରେ ଅନୁଷ୍ଠିତ ହେବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଗୋଟିଏ ପଟେ ସ୍ଥାନୀୟ ବିଧାୟକ ପ୍ରଶାସନିକ ଅଧିକାରୀଙ୍କୁ ଧରି କାର୍ଯ୍ୟକ୍ରମ କରୁଥିବା ବେଳେ ଆଉ ଗୋଟିଏ ମଞ୍ଚରେ ସ୍ଥାନୀୟ ସରପଞ୍ଚ ଭରତ ଚରଣ ଛୋଟରାୟଙ୍କ ଅଧକ୍ଷତାରେ ଏହା ଚାଲିଥିଲା।

ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଉଥିବା କାର୍ଯ୍ୟକ୍ରମ ୨ୟ ପର୍ଯ୍ୟାୟରେ ଚଳିତ ମାସ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ପଞ୍ଚାୟତର ଗୋଟିଏ ସ୍ଥାନରେ କରାଯିବ ବୋଲି ନିର୍ଦ୍ଦେଶନାମା ରହିଛି। ହେଲେ ପୂର୍ବାହ୍ନ ପ୍ରାୟ ୧୦ଟା ବେଳକୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଛୋଟରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ଶିକ୍ଷାବିତ୍ ପ୍ରଫୁଲ୍ଲ ଦାସ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ପୂର୍ବତନ ନାଏବ ସରପଞ୍ଚ ସତ୍ୟବାଦୀ ମହାନ୍ତି ଯୋଗ ଦେଇଥିଲେ। ଏଠାରେ ମଧ୍ୟ ବିଜେଡି ସରକାରଙ୍କ ଆଭିମୁଖ୍ୟକୁ ପ୍ରଚାର କରାଯାଇଥିଲା। ଏଥିସହ ଏହି ପଞ୍ଚାୟତ ଅଞ୍ଚଳର ଅନ୍ତ୍ୟୋଦୟ ହିତାଧିକାରୀ ୧୩୧ ଜଣଙ୍କୁ ୪ଟି ଲେଖାଏ ଏଲଇଡି ବଲ୍‌ବ ପ୍ରଦାନ କରାଯାଇଥିଲା। ସେହିପରି ଅନୁରୂପ ଭାବେ ପଞ୍ଚାୟତ

### ବୋତଲମା ପଞ୍ଚାୟତ

କାର୍ଯ୍ୟାଳୟ ନିକଟ ଗଜଲକ୍ଷ୍ମୀ ପୂଜା ପଡିଆରେ ବିଡିଓ ରବିନାରାୟଣ ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଉ ଏକ ପିଠା କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ କୃଷି ଅଧିକାରୀ ରତିକାନ୍ତ ପଟ୍ଟନାୟକ, ବ୍ଲକ ଅଧକ୍ଷା ଜାନକୀ ସ୍ୱାଇଁ, ଉପାଧକ୍ଷା ତନୁଜା ପାଟଶାଣୀ, ସମିତି ସଭ୍ୟା ବିନୋଦିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ବିଧାୟକ ପ୍ରଚାର ଓ ପ୍ରସାର କରି ଚାଲିଥିବା ସହ ୩୦ ଜଣ ଅନ୍ତ୍ୟୋଦୟ ହିତାଧିକାରୀଙ୍କୁ ଜଣ ପିଛା ୪ଟି ଲେଖାଏ ଏଲଇଡି ବଲ୍‌ବ ପ୍ରଦାନ କରାଯାଇଥିଲା। ସେହିପରି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ, ପିଠା ଷ୍ଟଲ, ପକ୍କାଘର ଯୋଜନାରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଗୃହ ନିର୍ମାଣ କରିଥିବା ହିତାଧିକାରୀମାନଙ୍କୁ ୧୦ ହଜାର ଓ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ତେବେ ବିଡିଓଙ୍କ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୋଲିସର ସହାୟତା ଲୋଡା ଯାଇଥିଲା। ଏ ସମ୍ପର୍କରେ ବିଡିଓ ମାଝିଙ୍କୁ ପଚାରିବାରୁ ସେ କହିଥିଲେ, ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ବିଧିବଦ୍ଧ ଭାବେ ବ୍ଲକ ପ୍ରଶାସନ ପକ୍ଷରୁ କରାଯାଇଛି। ମାତ୍ର ଏହି କାର୍ଯ୍ୟକ୍ରମ ଏକା ସମୟରେ ଏହି ପଞ୍ଚାୟତରେ ୨ଟି ମଞ୍ଚରେ ହେଉଥିବା ଆମ ପାଖରେ କୌଣସି ଖବର ନାହିଁ।



ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ। ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ। ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ।
– ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ



### ଗୀତା ଜ୍ଞାନଯଜ୍ଞ ଆରମ୍ଭ
### ସଂସାର ଜୋକପୂର୍ଣ୍ଣ ଗାଡ଼ିଆ

**ପୁରୀ ଅଫିସ,୧୯।୧:** ସଂସାର ଏକ ଜୋକପୂର୍ଣ୍ଣ ଗାଡ଼ିଆ। ଏଥିରୁ ପାରି ହେବା ପାଇଁ କୌଶଳ ଶିକ୍ଷା କରିବାକୁ ପଡିବ। ଗୀତାରେ ଏଥିରୁ ମୁକ୍ତିର ମାର୍ଗ ରହିଛି ବୋଲି କହିଛନ୍ତି ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ। ଟାଉନ ହଲ୍ ପରିସରରେ ଶନିବାର ଉଦ୍‌ଘାଟିତ ହୋଇଥିବା ତିନିଦିନିଆ ଗୀତା ଜ୍ଞାନଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଜ୍ଞାନାନନ୍ଦ ମହାରାଜ କହିଥିଲେ, ନିଜର ଆତ୍ମକଲ୍ୟାଣ ଏବଂ ସମାଜର ପ୍ରଗତି ନିମନ୍ତେ କର୍ମ କରିବାକୁ ହେବ। ସାନ୍ଧ୍ୟ ଭଜନ ପରେ ସ୍ୱାମୀ ସମର୍ପଣାନନ୍ଦ ଗିରି ଓ ଅନ୍ୟ ଅତିଥି ସାଧୁସନ୍ଥ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ହରିହରାନନ୍ଦ ଗୁରୁକୁଳମ୍ ତଥା ପ୍ରଜ୍ଞାନ ମିଶନର ସନ୍ନ୍ୟାସୀ ଓ ବ୍ରହ୍ମଚାରୀମାନେ ଗୀତା ଧ୍ୟାନ ପାଠ କରିଥିଲେ। ସ୍ୱାମୀ ସମର୍ପଣାନନ୍ଦ ଗୀତାର ପ୍ରାରମ୍ଭିକ ସୂଚନା ଦେଇଥିଲେ। ସ୍ୱାମୀ କୃଷ୍ଣାନନ୍ଦ ଗିରି ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାମୀ ଆତ୍ମ ବିଦ୍ୟାନନ୍ଦ ଗିରି, ପୂର୍ଣ୍ଣପ୍ରକାଶ ଦାସ, ସ୍ୱାମୀ ବୈରାଗ୍ୟନନ୍ଦ, ସ୍ୱାମୀ ଧ୍ୟାନନିଷ୍ଠାନନ୍ଦଙ୍କ ସମେତ ବହୁ ସାଧୁସନ୍ଥ, ବ୍ରହ୍ମଚାରୀ ଓ ଯୋଗାଚାର୍ଯ୍ୟମାନେ ଉପସ୍ଥିତ ଥିଲେ।

### ମୋବାଇଲ କେୟାର କାର୍ଯ୍ୟାଳୟରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲୁଗାଁ,୧୯।୧(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ବାଲୁଗାଁ ପେଟ୍ରୋଲ୍ ପମ୍ପ ନିକଟରେ ଥିବା ମୋବାଇଲ କେୟାର କାର୍ଯ୍ୟାଳୟ ପରିସରରେ ଜଣେ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ବାଲୁଗାଁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଭଦ୍ରକ ଜିଲା ଧୁଷୁରୀ ଥାନା କୋଠରା ଗ୍ରାମର ସରୋଜ ବେହେରାଙ୍କ ପୁଅ ସତ୍ୟଜିତ୍ ବେହେରା ଓରଫ ଲକି (୨୩)। ପ୍ରକାଶ ଯେ, ବାଲୁଗାଁ ବଜାର ମେନ୍ ରୋଡ୍‌ରେ ଥିବା ନମନ ଗାଲାକ୍ସି ନାମକ ମୋବାଇଲ କେୟାରରେ ଦୀର୍ଘଦିନ ଧରି ସତ୍ୟଜିତ୍ କାର୍ଯ୍ୟ କରୁଥିଲେ। ଦୈନନ୍ଦିନ ପରି ଗତ ଶୁକ୍ରବାର ରାତ୍ରିରେ କାର୍ଯ୍ୟ ସାରି ସେ ନିଜର ସହକର୍ମୀମାନଙ୍କୁ ଘରକୁ ପଠାଇଦେଇଥିଲେ। ଶନିବାର ସକାଳେ ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜଣେ ମହିଳା କର୍ମଚାରୀ କାର୍ଯ୍ୟାଳୟ ଖୋଲି ଭିତରକୁ ଯିବା ପରେ ସତ୍ୟଜିତଙ୍କ ଝୁଲନ୍ତା ମୃତଦେହ ଦେଖି ପଡ଼ୋଶୀ ଦୋକାନୀଙ୍କୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ବିଳମ୍ବିତ ରାତ୍ରିରେ ଏକ ସୁଇସାଇଡ ନୋଟ ଲେଖି ସତ୍ୟଜିତ ଆତ୍ମହତ୍ୟା କରିଥିବା ପୋଲିସ କହିଛି। କାର୍ଯ୍ୟାଳୟ ପରିସରରେ ଥିବା ସିସିଟିଭି ଫୁଟେଜ୍‌କୁ ବାଲୁଗାଁ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର ଦେଖିବା ପରେ ସତ୍ୟଜିତ୍ ଆତ୍ମହତ୍ୟା କରିଥିବା ସୂଚନା ଦେଇଛନ୍ତି। ଏନେଇ ନଂ ୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

■ ଯୋଜନାର ସ୍ଥିତି ପରଖିଲେ ରାଜ୍ୟପାଳ

# ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଉପରେ ଗୁରୁତ୍ୱ

**ବାକି କାମ ନିର୍ବାଚନ ଆଚରଣବିଧି ଲାଗୁ ପୂର୍ବରୁ ଆରମ୍ଭ କରିବାକୁ ନିର୍ଦ୍ଦେଶ**



ପୁରୀ ସର୍କିଟ ହାଉସ୍‌ଠାରେ ରାଜ୍ୟପାଳଙ୍କ ସମୀକ୍ଷା ବୈଠକ।

ପୁରୀ ଅଫିସ,୧୯।୧

କେନ୍ଦ୍ର ଏବଂ ରାଜ୍ୟ ସରକାର ଜନସାଧାରଣଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନା କରୁଛନ୍ତି। ଏହି ଯୋଜନାଗୁଡ଼ିକର ସୁଫଳ ଯେପରି ରାଜ୍ୟର ସବୁ ସାଧାରଣ ଲୋକ ପାଇପାରିବେ, ତାହା ଉପରେ ଗୁରୁତ୍ୱ ଦେଇଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ଶନିବାର ରାଜ୍ୟପାଳ ପୁରୀ ଜିଲାର ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ସର୍କିଟ ହାଉସ୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ବାସ୍ତବ ସ୍ଥିତି ପରଖିଛନ୍ତି। ସମୀକ୍ଷା ବେଳେ ରାଜ୍ୟପାଳ ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ ଏବଂ ପାନୀୟ ଜଳ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। ଯେଉଁ କାମ ଆରମ୍ଭ ହୋଇପାରିନାହିଁ ନିର୍ବାଚନ ଆଚରଣବିଧି ଲାଗୁହେବା ପୂର୍ବରୁ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାଜ୍ୟ ତଥା ଦେଶର ଉନ୍ନତି ପାଇଁ କାମ କରିବା ଏବଂ ସମସ୍ତଙ୍କୁ ସାମାଜିକ, ଆର୍ଥିକ ସୁବିଧା ସୁଯୋଗ ଦେବା ଲାଗି ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।

ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ପରିମଳ ସମ୍ପର୍କରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ ଆଲୋଚନା କରିଥିଲେ। ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଏବଂ ପୁଷ୍ଟୀକରଣ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ମୁଖ୍ୟତଃ ଜିଲାରେ ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର ଦେଇ ଶତପ୍ରତିଶତ ଗର୍ଭବତୀ ମହିଳାଙ୍କ ପ୍ରସବ ଡାକ୍ତରଖାନାରେ କରାଇବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜନ୍ମ ସମୟରେ କମ୍ ଓଜନର ଶିଶୁଙ୍କ ଉପଯୁକ୍ତ ଯତ୍ନ ନେବା, ଶିଶୁ ଏବଂ ମାତୃ ମୃତ୍ୟୁହାର କମାଇବା ଏବଂ ପ୍ରସୂତିଙ୍କୁ ଠିକ୍ ଚିକିତ୍ସା ସେବା ଯୋଗାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାର ପ୍ରତି ଗାଁର ଲୋକେ ଯେପରି ଶୁଦ୍ଧ ପାନୀୟ ଜଳ ପାଇପାରିବେ ଏବଂ କୌଣସି ବ୍ୟକ୍ତି ଗୃହହୀନ ରହିବେ ନାହିଁ, ସେଥିପ୍ରତି ଦୃଷ୍ଟି ଦେଇ ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ପାନୀୟ ଜଳ ଏବଂ ଶୌଚାଳୟ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ଏଥିସହ କୌଣସି ପିଲା ଯେପରି ପାଠପଢ଼ାରୁ ବଞ୍ଚିତ ନ ହୁଅନ୍ତି, ତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

ଆଲୋଚନା ବେଳେ ଜିଲାରେ ପ୍ରାୟ ୯୯ ପ୍ରତିଶତ ଶିଶୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଓ ଡାକ୍ତରଖାନାରେ ଜନ୍ମ ନେଇଛନ୍ତି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ। ଜିଲାରେ ପ୍ରାୟ ୨,୬୦,୧୧୦ ବ୍ୟକ୍ତିଗତ ପାଇଖାନା ନିର୍ମାଣ କରାଯାଇଛି ବୋଲି ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ କହିଥିଲେ। ସମୀକ୍ଷା ବୈଠକରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

ବୈଠକ ଶେଷରେ ରାଜ୍ୟପାଳ ଗଣମାଧ୍ୟମକୁ କହିଥିଲେ ଯେ, ଆସନ୍ତା ଫେବୃୟାରୀ ୧ କିମ୍ବା ୨ ତାରିଖ ମଧ୍ୟରେ ରାଜ୍ୟର ସବୁ ଜିଲାକୁ ଯାଇ ସମୀକ୍ଷା ସାରି ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଯୋଜନାଗୁଡ଼ିକର ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ କରାଇବି।

■ ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

# ରାଜ୍ୟପାଳଙ୍କୁ ଏବିଭିପିର ଦାବିପତ୍ର

■ ଜଗନ୍ନାଥ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ଉଠାଇଲେ
■ ଏମ୍‌ଫିଲ ପାଠ୍ୟକ୍ରମକୁ ଅନୁମୋଦନ ଦାବି
■ ପୂର୍ଣ୍ଣାଙ୍ଗ ମୂର୍ତ୍ତି ଓ କଲେଜ ରୋଡକୁ ସ୍ମାରକୀ ଘୋଷଣା କରାଯାଉ

ପୁରୀ ଅଫିସ,୧୯।୧

ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଲାଗି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପୁରୀ ନଗର ଶାଖା ପକ୍ଷରୁ ଶନିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଲାଗି ରାଜ୍ୟପାଳ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଲେଜରେ ସାମନ୍ତ ଚନ୍ଦ୍ରଶେଖରଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ, କଲେଜ ପରିସରରେ ସାମନ୍ତ ଚନ୍ଦ୍ରଶେଖରଙ୍କ ଏକ ସଂଗ୍ରହାଳୟ, କଲେଜ ରୋଡକୁ ଚନ୍ଦ୍ରଶେଖର ସ୍ମାରକୀ ମାର୍ଗ ଭାବେ ଘୋଷଣା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିସହ ସ୍ନାତକୋତ୍ତର ଓ ଏମ୍‌ଫିଲ୍ ପାଠ୍ୟକ୍ରମକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁମୋଦନ ପ୍ରଦାନ ଲାଗି ଦାବି ରହିଛି। ଏଥିସହିତ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ଲାଗି ମଧ୍ୟ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବିଶ୍ୱବିଦ୍ୟାଳୟରେ ଖାଲିପଡିଥିବା ଅଧ୍ୟାପକ, ପ୍ରାଧ୍ୟାପକ ପଦବୀ ପୂରଣ ତଥା ପୂର୍ବତନ ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଛାତ୍ରୀନିବାସକୁ ପୁନଃ କାର୍ଯ୍ୟକ୍ଷମ ଏବଂ କ୍ୟାମ୍ପସରେ ଏକ ମେଡିକାଲ ନିର୍ମାଣ ଲାଗି ଦାବିରେ ଦର୍ଶାଇଯାଇଛି। ଦାବିପତ୍ର ପ୍ରଦାନ ବେଳେ ଏବିଭିପିର ପୁରୀ ଜିଲା ସଂଯୋଜକ ପାର୍ଥଜିତ ପୃଷ୍ଟି, ନଗର ସମ୍ପାଦକ ସୌଭାଗ୍ୟ ଦାଶ, ଅମୂଲ୍ୟ ମିଶ୍ର, ବାସୁଦେବ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

■ ଅଷ୍ଟମଶ୍ରେଣୀ ଛାତ୍ରୀ ପ୍ରସବ ଘଟଣା

# ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିକ୍ଷୋଭ

ପୁରୀ ଅଫିସ,୧୯।୧

ଦାରିଙ୍ଗବାଡ଼ିରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରସବ କରିବା ଘଟଣାରେ ପୁରୀ ଜିଲା ମହିଳା କଂଗ୍ରେସ ପକ୍ଷରୁ ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ବହିଷ୍କାର ଦାବି କରାଯାଇଛି। ମହିଳା କଂଗ୍ରେସ କର୍ମୀମାନେ ମୋଚିସାହି ଛକରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରସବ କରିବା ଏବଂ ପରେ ନବଜାତ ଶିଶୁର ମୃତ୍ୟୁ ଘଟିବା ଓଡ଼ିଶା ପାଇଁ କଳଙ୍କିତ ଅଧ୍ୟାୟ। ତେଣୁ ଦୁଇ ବିଭାଗୀୟ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିକ୍ଷୋଭକାରୀମାନେ ଦାବି କରିଥିଲେ। ଚିକିତ୍ସାରେ ଅବହେଳା ଏବଂ କନ୍ଧମାଳ ଜିଲାପାଳ ଛାତ୍ରୀଙ୍କ ପରିବାରବର୍ଗଙ୍କୁ ନ ଭେଟି ରାଜ୍ୟବାସୀଙ୍କ ଭାବାବେଗକୁ ଅସମ୍ମାନିତ କରିଛନ୍ତି। ସର୍ବୋପରି ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ମୁଖ୍ୟମନ୍ତ୍ରୀ ଚୁପ୍ ରହିବା ଅତ୍ୟନ୍ତ ନିନ୍ଦନୀୟ। ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର, ନିର୍ଯାତନା ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାର ମହିଳାଙ୍କ ଆର୍ଥିକ, ସାମାଜିକ ଓ ରାଜନୈତିକ ଅଭିବୃଦ୍ଧିରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ବିକ୍ଷୋଭକାରୀ କହିଥିଲେ। ଏଥିରେ ଜିଲା ମହିଳା କଂଗ୍ରେସ କମିଟି ସଭାପତି ସରସ୍ୱତୀ ପାତ୍ର, ଡଲିରାଣୀ ଦାସ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ନିରୁପମା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ମହିଳା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପ୍ରାଇଜ୍ ମେମୋରିଆଲ ପ୍ରତିଭା ସମ୍ମାନ



ଅତିଥିମାନଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ରମାନେ।

ପୁରୀ ଅଫିସ,୧୯।୧

ପ୍ରାଇଜ୍ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ବିଂଶତମ ପ୍ରତିଭା ସମ୍ମାନ ଉତ୍ସବ ଶନିବାର ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଶିକ୍ଷାବିତ୍ ରଘୁନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ୍ ଦିବାକର ତ୍ରିପାଠୀ, ଟ୍ରଷ୍ଟବୋର୍ଡ ସମ୍ପାଦକ ତଥା ବିଦ୍ୟାଳୟ ଶିକ୍ଷକ ସୁଶୀଲ କୁମାର ବ୍ରହ୍ମା, ଜିଲା ଶିକ୍ଷାଧିକାରୀ ହୃଷୀକେଶ କାଣ୍ଡି, ଶିଳ୍ପପତି ବାନାମ୍ବର ପାତ୍ର, ଅଧୀକ୍ଷଣ ଯନ୍ତ୍ରୀ ବିଜୟ କୁମାର ତ୍ରିପାଠୀ, ନାଲ୍‌କୋ ଏଜିଏମ୍ ସନ୍ତୋଷ କୁମାର ବେହେରା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଭଲ ପାଠପଢ଼ି ବିଦ୍ୟାଳୟର ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଟ୍ରଷ୍ଟ ପକ୍ଷରୁ ୭୦ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ଏବଂ ୮୯ ଜଣଙ୍କୁ ମେଧାବୀ ପୁରସ୍କାର ବାବଦକୁ ୧ଲକ୍ଷ ୬୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୋନାଲିସା ଜେନାଙ୍କୁ ବିଶ୍ୱମ୍ଭରଶ୍ରୀ, କଲ୍ୟାଣୀମୟୀ ଜେନାଙ୍କୁ କନ୍ୟାରତ୍ନ, ଅର୍ଜୁନ ମଲ୍ଲିକଙ୍କୁ ଛାତ୍ରରତ୍ନ, ଜଗତ୍‌ଜିତା ସ୍ୱାଇଁଙ୍କୁ ସୁକନ୍ୟା ଏବଂ ରୁଦ୍ରନାରାୟଣ ସୁବୁଦ୍ଧିଙ୍କୁ ବିଜ୍ଞାନଶ୍ରୀ ପଦବୀରେ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ।

## ପରିବା ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

ନିମାପଡ଼ା,୧୯।୧(ଡି.ଏନ୍.ଏ)

ନିମାପଡ଼ା ଥାନା ଅନ୍ତର୍ଗତ ଚଅଁରପଦା ଛକଠାରେ ଜଣେ ପରିବା ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ସହ ତାଙ୍କଠାରୁ ୧୦ହଜାର ଟଙ୍କା ଲୁଟ୍ ହୋଇଥିବା ଶନିବାର ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ଅନୁଯାୟୀ, କୋବି କିଣାକୁ କେନ୍ଦ୍ରକରି ଚଅଁରପଦା ଗ୍ରାମର ପରିବା ଦୋକାନୀ ମାଧବ ମଲ୍ଲିକଙ୍କୁ ଡିହବାରୀ ଗ୍ରାମର ଜଣେ ବ୍ୟକ୍ତି ମାଡ଼ ମାରି ଦୋକାନରୁ ୧୦ହଜାର ଟଙ୍କା ନେଇଯାଇଥିବା ମାଧବଙ୍କ ପୁଅ ରତିକାନ୍ତ ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣରେ ଗୁରୁତର ହୋଇଥିବା ମାଧବଙ୍କୁ ପ୍ରଥମେ ନିମାପଡ଼ା ଡାକ୍ତରଖାନା ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ସ୍ୱାଧୀନଙ୍କୁ ଅଟକ ରଖିବା ସହ ଏକ ମାମଲା(ନଂ.୨୬/୧୯)ରୁଜୁ କରି ତଦନ୍ତ ଚଳାଇଛି। ପୂର୍ବ ଶତ୍ରୁତାକୁ ନେଇ ଡିହବାରୀ ଗ୍ରାମର ପବିତ୍ର ମଲ୍ଲିକଙ୍କୁ ଶୁକ୍ରବାର ରାତିରେ ଚଅଁରପଦା ଗ୍ରାମର ରତିକାନ୍ତ, ରବୀନ୍ଦ୍ର ମଲ୍ଲିକଙ୍କ ସମେତ ୩ଜଣ ଅଜଣା ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ଡିହବାରୀ ଛକରେ ଥିବା ତାଙ୍କର ଭେରାଇଟି ଷ୍ଟୋରରେ ନିଆଁ ଲଗାଇଦେଇଥିବା ପବିତ୍ର ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ. ୨୮/୧୯)ରୁଜୁ କରି ତଦନ୍ତ ଚଳାଇଛି।

## ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଲାଲଚୁଡ଼ି ପଠାଇଲା ଭାଜପା ମହିଳାମୋର୍ଚ୍ଚା

ନିମାପଡ଼ା,୧୯।୧(ଡି.ଏନ୍.ଏ)

ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ଦେଇପାରୁ ନ ଥିବାରୁ ରାଜ୍ୟରୁ ସଂଗୃହୀତ ଲାଲଚୁଡ଼ିକୁ ଡାକ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇବା ପାଇଁ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ନିଷ୍ପତ୍ତି ନେଇଛି। ଏହି ପରିପ୍ରେକ୍ଷୀରେ ଶନିବାର ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ନିମାପଡ଼ା ନିର୍ବାଚନମଣ୍ଡଳୀରୁ ସଂଗୃହୀତ ଲାଲଚୁଡ଼ିକୁ ଏକ ଲଫାପାରେ ପୂରାଇ ଡାକ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଛନ୍ତି। ଏଥିରେ ନିମାପଡ଼ା ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ପ୍ରଣୟିନୀ ମିଶ୍ର, ଜୟନ୍ତୀ ସ୍ୱାଇଁ, ପ୍ରିୟଦର୍ଶିନୀ ଦାଶ, ଝିଲିଲତା ଦାସ, ସସ୍ମିତା ପ୍ରଧାନ, ଝରଣା ସାହୁ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

ନିମାପଡ଼ା,୧୯।୧(ଡି.ଏନ୍.ଏ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଗୁହାଳପଡ଼ାସ୍ଥିତ ଜନତା ନୋଡାଲ ଉ.ପ୍ରା.ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ସାମ୍ୟବାଦୀ ନେତା ସ୍ୱର୍ଗତ ଲିଙ୍ଗରାଜ ଦାଶଙ୍କ ସ୍ମୃତି ସମାରୋହ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗରାଜ ଦାଶ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଉତ୍ସବରେ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ସାମ୍ୟବାଦୀ ନେତା ଆଶିଷ କାନୁନ୍‌ଗୋ, ଶିକ୍ଷାବିତ ଅନିଲ ବିଶ୍ୱାଳ, ମଣ୍ଡଳ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ଅଧ୍ୟାପକ ରବୀନ୍ଦ୍ର ନାଥ ପାଢ଼ୀ, ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନୀ କର ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱର୍ଗତ ଦାଶଙ୍କ ପୁଅ ସନ୍ତୋଷ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୧୨ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଲିଙ୍ଗରାଜ ଦାଶ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିମାପଡ଼ାରେ ଥିବା ସ୍ୱର୍ଗତ ମୋହନ ଦାଶ, ଲିଙ୍ଗରାଜ ଦାଶ, ମହାତ୍ମା ଗାନ୍ଧୀ, ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଓ ଥାନା ସମ୍ମୁଖରେ ଥିବା ଶହୀଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା।

# ଗୋମାତା ସେବା ଫୋରମ୍ ଗଠିତ

**ଯୋଗଦେଇଥିଲେ ୪୫ ଗୋଶାଳା ପ୍ରତିନିଧି**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ପୁରୀ ଅଫିସ,୧୯।୧

ଗୋଶାଳାଗୁଡିକୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ତଥା ଭାରତୀୟ ଗୋବଂଶର ସୁରକ୍ଷା, ସମ୍ବର୍ଦ୍ଧନା ଓ ବିକାଶ ଲାଗି ଓଡ଼ିଶାର ଏକାଧିକ ଗୋଶାଳା କମିଟିକୁ ନେଇ ସ୍ଥାନୀୟ ପୁରୁଷୋତ୍ତମ ବାଟିକା ପରିସରରେ ଆୟୋଜିତ ହୋଇଥିଲା ଗୋ ସମ୍ମିଳନୀ। ଗୋଶାଳାଗୁଡିକର ବିଭିନ୍ନ ସମସ୍ୟା ସମାଧାନ ନେଇ ନୂତନ ଭାବେ ଗୋମାତା ସେବା ଫୋରମ୍ ନାମରେ ଏକ ସଂସ୍ଥା ଗଠନ କରାଯାଇଛି। ରାଜ୍ୟରେ ପଞ୍ଜୀକୃତ ୮୨ ଗୋଶାଳା ମଧ୍ୟରୁ ୪୫ଟି ଗୋଶାଳାର ପ୍ରତିନିଧି ଏଥିରେ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଗୋବଂଶର ବିକାଶ ଲକ୍ଷ୍ୟରେ ଏକ ଗୋସଂକଳ୍ପ ଯାତ୍ରା ସମ୍ମିଳନୀ ସ୍ଥାନଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ବାହାରିଥିଲା। ସାମାଜିକ କର୍ମୀ ବିଜୟ କୁମାର ଟେବ୍ରିୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟ ପ୍ରାଣୀ ସମ୍ପଦ ନିର୍ଦ୍ଦେଶକ ରତ୍ନାକର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋବଂଶର ବିକାଶ ଲାଗି ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି ବୋଲି କହିଥିଲେ। ରାଜ୍ୟରେ ୧ଲକ୍ଷ ୨୫ହଜାର ଗୋରୁ ଅଛନ୍ତି। ଗୋଶାଳାଗୁଡିକର ଉନ୍ନତୀକରଣ ଲାଗି ସରକାର ଗୁରୁତ୍ୱାରୋପ କରୁଛନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରମହଂସ ପ୍ରଜ୍ଞାନାନନ୍ଦଜୀ, ସ୍ୱାମୀ ସମର୍ପଣାନନ୍ଦ ଗିରି, ଫୋରମ୍‌ର ପ୍ରତିଷ୍ଠାତା କିଷନଲାଲ ଭରତିଆ, ପ୍ରାଣୀ ସମ୍ପଦ ଉପନିର୍ଦ୍ଦେଶକ ବୀରକିଶୋର ପରିଜା, ସାମାଜିକ କର୍ମୀ ପ୍ରବୋଧ ମହାନ୍ତି, ମନୋଜ ଫୋଗଲା, ଜିତେନ୍ଦ୍ର ଗୁପ୍ତା, ଅଶୋକ ସୁରାକା, ଅମିତ କୁମାର ଦାରୁକା, ଇଂ. ଗୌତମ ଅଗ୍ରୱାଲ, ବିଷ୍ଣୁଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ଜନ୍ମ ଶତବାର୍ଷିକୀ

# 'ପ୍ରତ୍ୟେକ ବ୍ୟକ୍ତିଙ୍କ ଲାଗି ଗୁରୁ ଆବଶ୍ୟକ'



ଜନ୍ମ ଶତବାର୍ଷିକ ଉତ୍ସବରେ ଗୁରୁଙ୍କ ଫଟୋଚିତ୍ର ସମ୍ମୁଖରେ ଭକ୍ତମାନେ ଆଳତି କରୁଛନ୍ତି।

ପୁରୀ ଅଫିସ,୧୯।୧

ପୁରୀ ଜିଲା ନୟାହାଟର ପ୍ରାଚୀ ଗୁରୁ ଧର୍ମକ୍ଷେତ୍ର ଆନୁକୂଲ୍ୟରେ ପୂଜ୍ୟପାଦ ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ଶତବାର୍ଷିକୀ ମହୋତ୍ସବ ଶନିବାର ଶରଧାବାଲିରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ଲାଗି ଗୁରୁ ଆବଶ୍ୟକ। ବିନା ଗୁରୁରେ କୌଣସି ବ୍ୟକ୍ତି ସଫଳତା ହାସଲ କରିପାରିବେ ନାହିଁ। ଗୁରୁଙ୍କ ପ୍ରତି ନିଷ୍ଠା ଏବଂ ଏକାଗ୍ରତା ରହିଲେ ଜୀବନରେ ଶୀର୍ଷରେ ପହଞ୍ଚି ପାରିବେ ବୋଲି ମଧୁସୂଦନଙ୍କ ଜୀବନ ଦର୍ଶନ ଉପରେ ଆୟୋଜିତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା। ପ୍ରତ୍ୟେକ ଜାତିର ନିର୍ଦ୍ଦିଷ୍ଟ ଧର୍ମ ରହିଛି। ଧର୍ମ ଅନେକ ହେଲେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ସମାନ ଏବଂ ଈଶ୍ୱର ଏକ ବୋଲି ମଧୁସୂଦନ ପ୍ରଚାର କରିଥିଲେ। ସବୁ ଜାତି ମଧ୍ୟରେ ସମାନତା ଆଣିବା ଲାଗି ସେ ଜୀବନବ୍ୟାପୀ ସାଧନା କରିଛନ୍ତି। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଲେ ସମାଜରେ ଶାନ୍ତି ଶୃଙ୍ଖଳା ବଜାୟ ରହିବା ସହ ଭବିଷ୍ୟତରେ ଏକ ଉନ୍ନତ ରାଷ୍ଟ୍ରର ପରିକଳ୍ପନା ସମ୍ଭବ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଶତବାର୍ଷିକ ମହୋତ୍ସବ ଉପଲକ୍ଷେ ନୟାହାଟ ସ୍ଥିତ ମୁଖ୍ୟ ଆଶ୍ରମରୁ ଗୁରୁଦେବଙ୍କ ଶ୍ରୀବିଗ୍ରହ ଓ ପାଦୁକା ଏକ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ବାହାରି ଶରଧାବାଲି ସ୍ଥିତ ରାଧାବଲ୍ଲଭ ସତ୍‌ସଙ୍ଗ ଭବନରେ ପହଞ୍ଚିଥିଲା। ଏହି ଉତ୍ସବରେ ଉପସ୍ଥିତ ସାଧୁସନ୍ଥମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଧୁସୂଦନଙ୍କ ଜୀବନ ଦର୍ଶନ ଉପରେ ଆୟୋଜିତ ଆଲୋଚନାଚକ୍ରରେ ଆଶ୍ରମର ଅଧ୍ୟକ୍ଷ ବାବାଜି ଦାମୋଦର ଦାସ ଅଧ୍ୟକ୍ଷତା କରିଥିଲେ। କ୍ରିୟାଯୋଗ ସଂସ୍ଥା ଅଧ୍ୟକ୍ଷ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ମୁଖ୍ୟଅତିଥି, ମହନ୍ତ ରାମକୃଷ୍ଣ ଦାସ, ମହନ୍ତ ରାମଚରଣ ଦାସ, ବାବା ଦିବ୍ୟକୃଷ୍ଣ ଦାସ, ବାବା ନେତ୍ରାନନ୍ଦ ଦାସ, ବାବା ସତ୍ୟାନନ୍ଦ ଦାସ, ସ୍ୱାମୀ ଧ୍ୟାନୀ ନିଷ୍ଠାନନ୍ଦ ଗିରି, ବାବା ଦିବାକର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ପ୍ରତ୍ୟେକ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ମନେହୁଏ।
- ଟମାସ କାର୍ଲାଇଲ



## ସଂକ୍ଷେପରେ

### ତାଳଦଣ୍ଡା କେନାଲ ବେଆଇନ ସ୍ଲୁଇସ୍‌ଗେଟ୍ ନିର୍ମାଣର ତଦନ୍ତ ଆରମ୍ଭ

କଟକ ସଦର, ୧୯।୧ (ଡି.ଏନ୍.ଏ.): କଟକସ୍ଥିତ ମହାନଦୀ ସାଉଥ ଜଳସେଚନ ଡିଭିଜନ ଅଧୀନ ତାଳଦଣ୍ଡା ମୁଖ୍ୟ କେନାଲରେ ବେଆଇନ ସ୍ଲୁଇସ୍ ଗେଟ୍ ନିର୍ମାଣର ତଦନ୍ତ ଶନିବାରଠାରୁ ଆରମ୍ଭ ହୋଇଛି। ଜଳସମ୍ପଦ ବିଭାଗ ଶାସନ ସଚିବ ପ୍ରଦୀପ କୁମାର ଜେନା ଏହାର ତଦନ୍ତ ଭାର ଗ୍ରହଣ କରିଛନ୍ତି। କେଉଁ ପରିସ୍ଥିତିରେ ସ୍ଲୁଇସ୍ ଗେଟ୍ କେନାଲ ବନ୍ଧ ହାଣି ନିର୍ମାଣ କରାଗଲା ତାହାର ବିସ୍ତୃତ ରିପୋର୍ଟ ଦେବା ପାଇଁ ମହାନଦୀ ସାଉଥ ଜଳସେଚନ ଡିଭିଜନର ନିର୍ବାହୀଯନ୍ତ୍ରୀ ବସନ୍ତ କୁମାର ରାଉତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମା ପାଇବା ପରେ ଯନ୍ତ୍ରୀ ରାଉତ ଶନିବାର ଯୋବ୍ରାଠାରୁ ବିରିବାଟି ମଧ୍ୟରେ ଥିବା କେନାଲର ୧୧ କିମି ଅଂଶକୁ ନିରୀକ୍ଷଣ କରିଥିଲେ। ୧୫ରୁ ଊର୍ଦ୍ଧ୍ୱ ଛୋଟବଡ ସ୍ଲୁଇସ୍ ଗେଟ୍‌ରୁ ନର୍ଦ୍ଦମାପାଣି କେନାଲ ମଧ୍ୟକୁ ଆସୁଥିବା, ପଙ୍କ ଓ ବିଭିନ୍ନ ବର୍ଜ୍ୟବସ୍ତୁ କେନାଲ ମଧ୍ୟରେ ଜମା ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଖବର ଗତ ୧୮ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇବା ପରେ ବିଭାଗୀୟ ଶାସନ ସଚିବ ଜେନା ତତ୍ପରତା ଦେଖାଇଥିଲେ। ଶେଷ ଖବର ଅନୁଯାୟୀ ନିର୍ବାହୀଯନ୍ତ୍ରୀ ରାଉତ ଉଭୟ ଜାଇକା ଓ କଟକ ମହାନଗର ନିଗମ କମିଶନରଙ୍କୁ ପତ୍ର ଲେଖି କିଏ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ଅନୁମତି ଦେଲା ତାହାର ରିପୋର୍ଟ ମାଗିଛନ୍ତି।

### ରାଜ୍ୟସ୍ତରୀୟ ପୋଲିସ ପରିବାର କଲ୍ୟାଣ ପ୍ରଦର୍ଶନୀ ଉଦ୍‌ଯାପିତ

**କଟକ ଅଫିସ, ୧୯।୧** କଟକ ବାଲିଯାତ୍ରା ଉପର ପଡିଆରେ ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବ ଆନୁକୂଲ୍ୟରେ ଗତ ୧୭ ତାରିଖ ଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ପୋଲିସ ପରିବାର କଲ୍ୟାଣ ପ୍ରଦର୍ଶନୀ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଆଗାମୀ ଦିନରେ ଏହି ପ୍ରଦର୍ଶନୀକୁ ଅଧିକ ଆକର୍ଷଣୀୟ କରିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର ଉପାଧ୍ୟକ୍ଷ ବୀଣା ରାୟ ଶ୍ରୀବାସ୍ତବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପରିବାର କଲ୍ୟାଣ କେନ୍ଦ୍ରଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ସମସ୍ତ ବିଜେତାଙ୍କୁ ଅର୍ଥ ରାଶି ସହ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

■ ପିଠା ସଚେତନତା କାର୍ଯ୍ୟକ୍ରମକୁ ନେଇ ଜନ ଅସନ୍ତୋଷ

# ୨ଘଣ୍ଟା ରାସ୍ତା ରୋକୋ, ବିଧାୟକଙ୍କୁ କଳାପତାକା ପ୍ରଦର୍ଶନ

**କଣାସ, ୧୯।୧(ସ୍ୱ.ପ୍ର.)**

ରାଜ୍ୟବ୍ୟାପୀ ପିଠା ସଚେତନତା କାର୍ଯ୍ୟକ୍ରମ ଜାନୁୟାରୀ ୧୫ ତାରିଖରୁ ଆରମ୍ଭ ହୋଇଥିବା ବେଳେ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତରେ ମଧ୍ୟ କାର୍ଯ୍ୟକ୍ରମ ଚାଲିଛି। ଶନିବାର ବକୁ ଗ୍ରାମପଞ୍ଚାୟତରେ ପିଠା ସଚେତନତା ସଭାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଉତ୍ତ୍ୟକ୍ତ ଲୋକେ ୨ଘଣ୍ଟା ଧରି ନୂଆ ଜଗନ୍ନାଥ ସଡ଼କକୁ ଅବରୋଧ କରି ରଖିବା ସହିତ ସତ୍ୟବାଦୀ ବିଧାୟକଙ୍କୁ କଳାପତାକା ପ୍ରଦର୍ଶନ କରିଥିଲେ।

ଖବର ନେବାରେ ଜଣା ପଡିଛି ଯେ, ବକୁ ଗ୍ରାମପଞ୍ଚାୟତରେ ପିଠା ସଚେତନତା ସଭା ପଞ୍ଚାୟତ କାର୍ଯ୍ୟାଳୟରେ କରା ନ ଯାଇ ସରପଞ୍ଚଙ୍କ ବାସଭବନ ନିକଟରେ ହୋଇଥିଲା। ଏହାକୁ ବିରୋଧ କରି ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ଜଗଦ୍ଦେବଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ନୂଆଜଗନ୍ନାଥ ସଡ଼କ ଅବରୋଧ କରିଥିଲେ। ଏହା ସହ ଏହି ସଚେତନତା ସଭାକୁ ଆସୁଥିବା ବେଳେ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କୁ ଅବରୋଧକାରୀମାନେ କଳାପତାକା ପ୍ରଦର୍ଶନ କରିଥିଲେ। ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଧାୟକଙ୍କୁ ସଭାସ୍ଥଳକୁ ନେଇଯାଇଥିଲା। ଉତ୍ତ୍ୟକ୍ତ ଲୋକଙ୍କ ପାଖକୁ ବିଡିଓ ପ୍ରତିଭା ସାହୁ ନ ଯାଇ ଆକାଉଣ୍ଟ ଅଫିସରଙ୍କୁ ପଠାଇଥିଲେ। ସେ ଅବରୋଧକାରୀମାନଙ୍କୁ ବୁଝାଶୁଝା କରିବାରୁ ସେମାନେ ରାସ୍ତାରୋକୋରୁ ଉଠିଥିଲେ। ଏ ସମ୍ପର୍କରେ ବିଡିଓ ସାହୁଙ୍କୁ ପଚାରିବାରୁ ସେ କୁହନ୍ତି, ଶୁକ୍ରବାର ଟେଲିଫୋନ୍ ଯୋଗେ କେତେକ ବ୍ୟକ୍ତି ସଭାସ୍ଥଳ ପରିବର୍ତ୍ତନ କଥା ଜଣାଇଥିଲେ। କିନ୍ତୁ ସରପଞ୍ଚ ସଭା ପାଇଁ ସମସ୍ତ ପ୍ରସ୍ତୁତି ସାରିଦେଇଥିବାରୁ ମୁଁ ନୀରବ ରହିଲି। ସେହିପରି ପ୍ରଥମ ସଭା ପଞ୍ଚାୟତ କାର୍ଯ୍ୟାଳୟଠାରେ ଚାଲିଥିବା ବେଳେ ସମାନ୍ତରାଳ ଭାବେ ଏକ ରାଜନୈତିକ ଦଳ ପଞ୍ଚାୟତ ଅଫିସ୍ ନିକଟ ବାତ୍ୟା ଆଶ୍ରୟ ସ୍ଥଳୀରେ ସଭା କରିବାରୁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଥିଲା। ତେଣୁ ସରପଞ୍ଚ ତାଙ୍କ ବାସଗୃହ ନିକଟରେ ଏହି ପିଠା ସଚେତନତା ସଭା କରିଥିଲେ।



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହ କଳା ପତାକା ପ୍ରଦର୍ଶନ କରୁଛନ୍ତି।

■ ପ୍ରତିମାସରେ ଲୋକକଳା କାର୍ଯ୍ୟକ୍ରମ

# ଆଜିଠାରୁ 'ଆମ ଲୋକକଳା ଆମ ସଂସ୍କୃତି'ର ଶୁଭାରମ୍ଭ

**ଭୁବନେଶ୍ୱର, ୧୮।୧(ବ୍ୟୁରୋ)**

ମାସରେ ଗୋଟିଏ ଦିନ ଏଣିକି ପ୍ରତିମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ଲୋକକଳା କାର୍ଯ୍ୟକ୍ରମ। ଲୋକକଳାର ପ୍ରଚାର ପ୍ରସାର, କଳାକାରଙ୍କୁ ଆର୍ଥିକ ସହାୟତା ପ୍ରଦାନ ଏବଂ ସରକାରଙ୍କ ଜନମଙ୍ଗଳକାରୀ ଯୋଜନାଗୁଡ଼ିକର ପ୍ରସାର ପାଇଁ ଏହି ଅଭିନବ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ପ୍ରତିମାସରେ ରବୀନ୍ଦ୍ର ମଣ୍ଡପଠାରେ ଏହି 'ଆମ ଲୋକକଳା ଆମ ସଂସ୍କୃତି' କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଥିବାବେଳେ ରବିବାର ଏହାକୁ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିବେ। ରବୀନ୍ଦ୍ର ମଣ୍ଡପଠାରେ ପ୍ରଥମ ରାଜ୍ୟସ୍ତରୀୟ 'ଆମ ଲୋକକଳା ଆମ ସଂସ୍କୃତି' କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ ବୋଲି ଶନିବାର ବିଭାଗ ପକ୍ଷରୁ ସ୍ଥାନୀୟ ରାଜ୍ୟ ଅଭିଲେଖାଗାରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା 'ସଂସ୍କୃତି ଚର୍ଚ୍ଚା' ଓ 'ଶ୍ରୀଜଗନ୍ନାଥାୟନ' କାର୍ଯ୍ୟକ୍ରମ ଭଳି ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ପ୍ରତ୍ୟେକ ମାସର ଗୋଟିଏ ଦିନ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ନିୟମିତ ପରିବେଷଣ କରାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଲାଙ୍ଗୀରର 'ବଜାଶାଲ', ଖୋର୍ଦ୍ଧାର 'ଘୋଡ଼ା ନାଚ' ଏବଂ କଟକର 'ଢଣକୋଇଲା' ପରିବେଷିତ ହେବ। ପ୍ରତି ମାସରେ ଦୁଇଟି କିମ୍ବା ତିନୋଟି ଲେଖାଏ ଲୋକକଳାକୁ ମିଶାଇ ମୋଟ ୨୪ରୁ ୩୬ଟି ଲୋକକଳା ପରିବେଷଣ କରାଯିବ। ଆଗକୁ ଓଡ଼ିଶାର ପ୍ରତ୍ୟେକ ଜିଲାରେ ଆଦର୍ଶ ଲୋକକଳା ଗ୍ରାମ, ଲୋକକଳା ଦିବସ, ଜିଲା, ବ୍ଲକ୍ ଓ ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବ ସହ ପ୍ରତିବର୍ଷ ଖ୍ୟାତିସମ୍ପନ୍ନ କଳାକାରଙ୍କୁ ଚିହ୍ନଟ କରି ସମ୍ମାନିତ କରାଯିବ। ଏହି ପରିପ୍ରେକ୍ଷୀରେ ଲୋକକଳାକୁ ଅଧିକ ଗୁଦ୍ଧିମନ୍ତ କରିବା ଏବଂ ଭୁବନେଶ୍ୱରବାସୀଙ୍କୁ ଲୋକକଳା ସମ୍ବନ୍ଧରେ ଅଧିକ ସଚେତନ କରିବାପାଇଁ ଏହି କାର୍ଯ୍ୟକ୍ରମ କରାଯିବ। ଖବରଦାତା ସମ୍ମିଳନୀରେ ସଂସ୍କୃତି ବିଭାଗ ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋୟୀ, ସଂସ୍କୃତି ବିଭାଗ ଯୁଗ୍ମନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ ଏବଂ ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

■ ଜାଗେଶ୍ୱରୀ ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ

# ଛାତ୍ରୀଛାତ୍ର ଶୃଙ୍ଖଳିତ ସମାଜ ଗଠନରେ ବ୍ରତୀ ହୁଅନ୍ତୁ: ରାଜ୍ୟପାଳ

**ସାକ୍ଷୀଗୋପାଳ, ୧୯।୧ (ଡି.ଏନ୍.ଏ./ସ୍ୱ.ପ୍ର.)**

ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଳଗୁମ ଜାଗେଶ୍ୱରୀ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ବିଦ୍ୟାଳୟ ପରିସରରେ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପିଲାମାନଙ୍କ ଉପରେ ଶିକ୍ଷାର ବୋଝ ଲଦିଦେବା କିମ୍ବା ଅନ୍ୟ କାହାକୁ ଅନୁକରଣ କରି ପିଲାମାନଙ୍କୁ ଗଢ଼ି ତୋଳିବା ପରିବର୍ତ୍ତେ ସେମାନଙ୍କ ଭିତରେ ରହିଥିବା ଅନ୍ତର୍ନିହିତ ଶକ୍ତିର ଜାଗରଣ ପ୍ରତି ଯତ୍ନଶୀଳ ହେବାକୁ ଅଭିଭାବକ ଓ ଶିକ୍ଷକମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସତ୍ୟ, ଶାନ୍ତି, ପ୍ରେମ, କରୁଣା ଓ ଭକ୍ତି ମଣିଷର ସହଜାତ ପ୍ରବୃତି ହୋଇଥିବା ବେଳେ ହିଂସା, ଦ୍ୱେଷ, ଘୃଣା ଆଦି ନକାରାତ୍ମକ ଭାବ ଅନ୍ୟଠାରୁ ଅନୁକରଣ କରିଥାଏ। ମାନବ ସମାଜ ଶୃଙ୍ଖଳିତ ସମାଜ ଗଠନରେ ବ୍ରତୀ ହେବାକୁ ରାଜ୍ୟପାଳ କହିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ବିଦ୍ୟାଳୟରେ କମ୍ପ୍ୟୁଟର କକ୍ଷ ଓ ପାନୀୟଜଳ ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଛାତ୍ର ଜୀବନର ଅନୁଭୂତିକୁ ବଖାଣିବା ସହିତ ପିଲାମାନଙ୍କୁ ସ୍ୱପ୍ନ ଦେଖ ଓ ସ୍ୱପ୍ନକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ମୋ ସ୍କୁଲ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପୁରାତନ ଛାତ୍ରୀଛାତ୍ରମାନେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଗାଳ୍ପିକ ପରେଶ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା 'ଜାଗୃତି' ଓ ଶିଶୁପତ୍ରିକା 'ଫୁଲଚାଙ୍ଗୁଡ଼ି'ର ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ସୁବର୍ଣ୍ଣ ଜୟନ୍ତୀ କମିଟି ଅଧ୍ୟକ୍ଷ ଡ. ବ୍ରଜକିଶୋର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମହାପାତ୍ର ବିବରଣୀ ପାଠ କରିଥିଲେ। ସ୍ଥାନୀୟ ଶିଳ୍ପୀ କୁମର ମହାରଣା କାଠରେ ପ୍ରସ୍ତୁତ କରିଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରାଜ୍ୟପାଳଙ୍କୁ ଉପହାର ଦେଇଥିବା ବେଳେ ଗଣେଶଙ୍କ ମୂର୍ତ୍ତି ବିଧାୟକଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ଓ ଶିକ୍ଷକମାନଙ୍କୁ ରାଜ୍ୟପାଳ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଞ୍ଜନ କୁମାର ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୁରାତନ ଛାତ୍ର, ସୁବର୍ଣ୍ଣ ଜୟନ୍ତୀ କମିଟି, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଗ୍ରାମବାସୀବୃନ୍ଦ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଗୁରୁ ନାନକ ଦେବଙ୍କ ୫୫୦ତମ ଜୟନ୍ତୀ ପାଳନ ଅବସରରେ ଶନିବାର ପୁରୀ ବାଉଳି ଗୁରୁଦ୍ୱାର ପକ୍ଷରୁ ନଗର ସଂକୀର୍ତ୍ତନ।

# ସରକାରୀ ଯୋଜନାରୁ ବାଦ୍ ପଡୁଛନ୍ତି ନିର୍ମାଣ ଶ୍ରମିକ

**ଗୋପ, ୧୯।୧(ଡି.ଏନ୍.ଏ.)**

**ଜିଲାପାଳଙ୍କ ନିକଟରେ ଅଭିଯୋଗ**

ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାର ଅନେକ ଚେଷ୍ଟା କରୁଥିଲେ ବି ବାସ୍ତବତା ଟିକେ ଭିନ୍ନ ରହିଛି। ଅନେକ ସ୍ଥାନରେ ପ୍ରକୃତ ନିର୍ମାଣ ଶ୍ରମିକମାନେ ଏହାର ଲାଭ ନ ପାଇ ଅଯୋଗ୍ୟ ଶ୍ରମିକମାନେ ପାଉଥିବା ଅଭିଯୋଗ ହୋଇଛି। ଗୋପ ବ୍ଲକରେ ନିର୍ମାଣ ଶ୍ରମିକମାନେ ସରକାରୀ ଯୋଜନାରୁ ବାଦ୍ ପଡ଼ିବା ନେଇ ଶନିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

ପ୍ରକାଶ ଯେ, କେତେକ ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁ ନିର୍ମାଣ ଶ୍ରମିକମାନେ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଅସନ୍ତୋଷ ବୃଦ୍ଧି ପାଇଥିବା ବେଳେ ନିର୍ମାଣ ଶ୍ରମିକମାନଙ୍କୁ ସରକାର ଆରମ୍ଭ କରିଥିବା ବିଭିନ୍ନ ଯୋଜନାରେ ସାମିଲ କରାଯାଇ ସହାୟତା ରାଶି ପ୍ରଦାନ କରିବା ପାଇଁ ଦାବି ହୋଇଛି। ୨୦୧୪-୧୫, ୨୦୧୫-୧୬, ୨୦୧୬-୧୭ରେ ନିର୍ମାଣ ଶ୍ରମିକମାନେ ପଞ୍ଜୀକୃତ ହୋଇଥିବା ବେଳେ ପ୍ରତିବର୍ଷ ସେମାନଙ୍କ ନାମକୁ ନବୀକରଣ କରାଯାଉଛି। ମାତ୍ର ଗୋପ ବ୍ଲକରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିବା ବେଳେ କୁଆଁପଡ଼ା ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ପିଠା କାର୍ଯ୍ୟକ୍ରମରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ଅଭିଯୋଗ କରିଛନ୍ତି। ନିର୍ମାଣ ଶ୍ରମିକମାନେ ଶ୍ରମିକ ପକ୍କା ଘର ଯୋଜନା, ନିର୍ମାଣ ଶ୍ରମିକ ସାଇକେଲ, ଯନ୍ତ୍ରପାତି ପ୍ରଦାନ, କୁଶଳୀ ଅଭିବୃଦ୍ଧି ପାଇଁ ସହାୟତା ଦାବି କରିଛନ୍ତି ଅଣସଂଗଠିତ ଶ୍ରମିକ ସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରତାପ ଚିହ୍ନରା, ଅଣ ସଂଗଠିତ ଶ୍ରମିକ ସଂଘ ଆୟୋଜକ ରବି ନାରାୟଣ ମୁଦୁଲିଙ୍କ ସମେତ ଶତାଧିକ ହିତାଧିକାରୀ। ଏ ସମ୍ପର୍କରେ ଗୋପ ବିଡିଓ ଦାସଙ୍କୁ ପଚାରିବାରେ ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଏହାର ତଦନ୍ତ କରାଯାଇ ଖୁବ୍‌ଶୀଘ୍ର ନିର୍ମାଣ ଶ୍ରମିକମାନଙ୍କର ସମସ୍ୟା ଦୂର କରାଯିବ ବୋଲି ସେ କହିଛନ୍ତି।

# ଆଶଙ୍କାରେ ଶ୍ରୀଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମା ମରାମତି

**ପୁରୁଣା ଭୁବନେଶ୍ୱର, ୧୯।୧(ଡି.ଏନ.ଏ.):**

**ଆସୁଛି ଶିବରାତ୍ରି**

■ ଶୀତଳୀକରଣ ପ୍ରକ୍ରିୟାରେ ମରାମତି ହେବ ମୂର୍ତ୍ତି

■ ମିଳୁନାହାନ୍ତି କାରିଗର

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବ ରାତ୍ରି ଆସନ୍ତା ମାର୍ଚ୍ଚ ୩ରେ ଅନୁଷ୍ଠିତ ହେବ। ହେଲେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମରାମତି ପ୍ରସଙ୍ଗରେ ପର୍ଣ୍ଣଚ୍ଛେଦ ପଡୁନାହିଁ। ତେଣୁ ଚଳିତବର୍ଷ ମଧ୍ୟ ଠାକୁରଙ୍କ ଏହି ଯାତ୍ରାରେ ଭଗ୍ନ ଚଳନ୍ତି ପ୍ରତିମା ଯାତ୍ରା କରିବେ। ତା'ର ଗୋଟିଏ ମାସ ପରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାରେ ମଧ୍ୟ ଏହି ଅଭାବନୀୟ ଘଟଣାର ପୁନରାବୃତ୍ତି ଘଟିବା ନେଇ କେବଳ ସେବାୟତ ନୁହନ୍ତି ବୁଦ୍ଧିଜୀବୀ, ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ମଧ୍ୟ ପ୍ରଶ୍ନ ଉଠିଛି।

ସୂଚନାଥାଉ କି ଶ୍ରୀଜୀଉଙ୍କ ବିଭିନ୍ନ ଯାନିଯାତ୍ରାରେ ଠାକୁରଙ୍କ ଚଳନ୍ତି ପ୍ରତୀମା ଚନ୍ଦ୍ରଶେଖର, ବାସୁଦେବ, ଦୋଳଗୋବିନ୍ଦ ପ୍ରଭୃତି ୬ ମୂର୍ତ୍ତି ଯାତ୍ରା କରିଥାନ୍ତି। ସମସ୍ତ ଚଳନ୍ତି ପ୍ରତିମା ଅଷ୍ଟଧାତୁରେ ନିର୍ମିତ। କେଉଁ ଆବହମାନକାଳରୁ ରହିଥିବା ଏହି ଚଳନ୍ତି ପ୍ରତିମାଗୁଡ଼ିକର ବିଭିନ୍ନ ଅବୟବ ଏବଂ ଆୟୁଧ କାଳକ୍ରମେ ଅବକ୍ଷୟ ହୋଇଥିବା ଦେଖିବାକୁ ମିଳିଥିଲା। ଘଟଣା ଜଣାପଡ଼ିବା ପରେ ୪ ବର୍ଷ ପୂର୍ବରୁ ଏଗୁଡ଼ିକୁ ମରାମତି କରାଯିବା ପାଇଁ ଦାବି ହୋଇ ଆସୁଥିଲା। ଏକଦା ୪୦ ବର୍ଷ ଧରି ରୁକୁଣା ରଥର ସାରଥି କାର୍ଯ୍ୟ ତୁଲାଉଥିବା ସେବାୟତ ନରସିଂହ ଖୁଣ୍ଟିଆ ଭଗ୍ନ ଚଳନ୍ତି ପ୍ରତିମାକୁ ପୂଜା ଅର୍ଚ୍ଚନା କରିବା, ଯାନିଯାତ୍ରାରେ ନେବା ଶୁଭଙ୍କର ନୁହଁ ବୋଲି କହିବା ସହ ମରାମତି ପାଇଁ ମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ସମାନ ଅଭିଯୋଗ ବିଭିନ୍ନ ନିଯୋଗ ପକ୍ଷରୁ ମଧ୍ୟ କରାଯାଇଥିଲା। ୨ ବର୍ଷ ତଳେ ପୁରୀ ମୁକ୍ତି ମଣ୍ଡପ ସହ ଯୋଗାଯୋଗ ହୋଇଥିଲେ ହେଁ ଆଜି ସୁଦ୍ଧା କୌଣସି ନିର୍ଯ୍ୟାସ ବାହାରି ପାରୁ ନାହିଁ। ଫଳରେ ଆସନ୍ତା ଯାତ୍ରାରେ ଚଳନ୍ତି ପ୍ରତିମା ମରାମତି କିମ୍ବା ବଦଳ ହୋଇ ନ ପାରିବା ଜଣାପଡିଛି। ନିକଟରେ ମନ୍ଦିର ପ୍ରଶାସନ ପକ୍ଷରୁ ମୁକ୍ତିମଣ୍ଡପକୁ ଏହାର ପ୍ରତିକାର ନେଇ ଚିଠି କରାଯାଇଥିଲା। ତହିଁରେ ମୁକ୍ତିମଣ୍ଡପ ପଣ୍ଡିତମାନେ ଚଳନ୍ତି ପ୍ରତିମା ଶୀତଳୀକରଣ ପଦ୍ଧତିରେ ମରାମତି ପାଇଁ ଉପଦେଶ ଦେଇଥିଲେ। ଏପଟେ ସେଭଳି ଶୀତଳୀକରଣ ପଦ୍ଧତି କାର୍ଯ୍ୟକାରୀ କରିବାକୁ ଉପଯୁକ୍ତ କୁଶଳୀ କାରିଗର ମିଳୁନାହାନ୍ତି। ଗୋଟିଏ ପଟେ ଟ୍ରଷ୍ଟ ବୋର୍ଡ, ସେବାୟତ ଏବଂ ଅନ୍ୟ ଅଧିକାରୀମାନଙ୍କ ମତ ପାର୍ଥକ୍ୟ ନେଇ ଅଦ୍ୟାବଧି କିଛି ସୁଫଳ ମିଳିପାରୁନାହିଁ। ଯାହାକୁ ନେଇ ଚଳନ୍ତି ପ୍ରତିମା ବଦଳ କିମ୍ବା ମରାମତି ପାଇଁ ବିଳମ୍ବ ଦେଖାଦେଉଛି। ଏ ନେଇ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ସାହୁଙ୍କୁ ପଚାରିବାରେ ଏ ପ୍ରସଙ୍ଗରେ ମୁକ୍ତିମଣ୍ଡପ ସହ ଦୁଇଥର ଚିଠି ମାଧ୍ୟମରେ ଜଣାଇଲୁଣି। ତେବେ ମୁକ୍ତିମଣ୍ଡପ ପଣ୍ଡିତଙ୍କ କହିବା ଅନୁଯାୟୀ, ଶୀତଳୀକରଣ ପ୍ରକ୍ରିୟାରେ ମୂର୍ତ୍ତି ମରାମତି କରାଯିବ। ଏହା କିଭଳି ଓ କେଉଁ କାରିଗର ଏହାକୁ କରିବେ ସେମାନେ ମିଳି ପାରୁ ନ ଥିବାରୁ ଚଳନ୍ତି ପ୍ରତିମାଗୁଡ଼ିକ ମରାମତିରେ ବିଳମ୍ବ ହେଉଛି। ଶିବରାତ୍ରି ପୂର୍ବରୁ ଯଦି କାରିଗର ମିଳନ୍ତି ତାହା ହେଲେ ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ସାହୁ କହିଛନ୍ତି।



ଶ୍ରୀଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମା।

### ୪୫ ବସ୍ତା ଧାନ ଜଳିଗଲା

**କଣ୍ଟାପଡା, ୧୯।୧(ଡି.ଏନ୍.ଏ.):**

ଗୋବିନ୍ଦପୁର ଥାନା କଜଳପୁର ଗ୍ରାମର ବିମ୍ବାଧର ଭୋଇଙ୍କ ଖଳାରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ୪୫ ବସ୍ତା ଧାନ ଓ ୮ ଭରଣ ନଡା ପୋଡ଼ିଯାଇଛି। ସେ ଜଣେ ଭାଗଚାଷୀ ହୋଇଥିବାବେଳେ ତାଙ୍କ ବାଡ଼ିପଟ ଖଳାରେ ୪୫ ବସ୍ତା ଅମଳ ଧାନ ଓ ନଡା ଗଦା କରି ରଖିଥିଲେ। ବିଳମ୍ବିତ ରାତିରେ କୌଣସି କାରଣରୁ ଏଥିରେ ନିଆଁ ଲାଗି ଯାଇଥିଲା। ଖବରପାଇ ଅଡଶପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କଣ୍ଟାପଡା ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ କଂଗ୍ରେସ ନେତା ଅଭିମନ୍ୟୁ ମଲ୍ଲିକ ଦାବି କରିଛନ୍ତି।

■ ଅଭିଯୋଗ ଆଣିଲା ସେଭେନ ହିଲ୍‌ସ ଇଷ୍ଟେଟ୍ ଫ୍ଲାଟ୍ ଓନର୍ସ ଆସୋସିଏଶନ

# ଟଙ୍କା ନେଇ ଭଣ୍ଡେଇ ଚାଲିଛି ବିଲ୍ଡର ସଂସ୍ଥା

**ଭୁବନେଶ୍ୱର, ୧୯।୧ (ବ୍ୟୁରୋ)**

■ ଟଙ୍କା ଦେଇ ଫସିଛନ୍ତି ଶତାଧିକ ଲୋକ

■ ବିଦ୍ୟୁତ୍, ପାଣି, ଲିଫ୍ଟ, ରାସ୍ତା ନାହିଁ

■ ହାଇକୋର୍ଟ, ଇଓଡବ୍ଲୁ, ରେରା କର୍ତ୍ତୃପକ୍ଷ ନୀରବ

ନାନା ପ୍ରତିଶ୍ରୁତି ଦେଇ ଫ୍ଲାଟ୍ ବିକ୍ରି କରୁଛନ୍ତି ବିଲ୍‌ଡର ସଂସ୍ଥା। ଟଙ୍କା ନେବାପରେ ଚୁକ୍ତି ଅନୁସାରେ ଘର ଓ ଆବଶ୍ୟକ ସୁବିଧା ସୁଯୋଗ ଦିଆଯାଉନି। ଫଳରେ ଫ୍ଲାଟ୍ କିଣିବା ପରେ ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଏକ ବିଲ୍‌ଡର ସଂସ୍ଥା ବିରୋଧରେ ଏମିତି ଅଭିଯୋଗ ଆଣିଛି ସେଭେନ ହିଲ୍‌ସ ଇଷ୍ଟେଟ୍ ଫ୍ଲାଟ୍ ଓନର୍ସ ଆସୋସିଏଶନ। ଶନିବାର ଭୁବନେଶ୍ୱରଠାରେ ଏକ ଖବରଦାତା ସମ୍ମିଳନୀରେ ଆସୋସିଏଶନ ସଭାପତି ଲଲାଟେନ୍ଦୁ ରଥ କହିଛନ୍ତି ଯେ, ପୁରୀସ୍ଥିତ ସେଭେନ୍ ହିଲ୍‌ସ ସ୍ୟାଣ୍ଡିସ୍‌ରେ ଶତାଧିକ ଲୋକ ୭ବର୍ଷ ହେବ ଫ୍ଲାଟ୍ କିଣିଛନ୍ତି। ଆଉ କେତେଜଣ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଟଙ୍କା ଦେଇଛନ୍ତି। ଓଡ଼ିଶା ସମେତ ରାଜ୍ୟ ବାହାରର ୫ଶହରୁ ଅଧିକ ଲୋକଙ୍କ ସମେତ କେତେଜଣ ପ୍ରବାସୀ ଭାରତୀୟଙ୍କଠାରୁ ସଂସ୍ଥା ୧୦୦ କୋଟି ଟଙ୍କା ନେଇଛି। ମାତ୍ର ଟଙ୍କା ନେବାପରେ ଚୁକ୍ତି ଖିଲାପ କରିବା ଭଣ୍ଡେଇ ଚାଲିଛି। ଫ୍ଲାଟରେ ପାଣି, ବିଦ୍ୟୁତ୍, ଲିଫ୍ଟ ଓ ରାସ୍ତା ନାହିଁ। ଏନେଇ ସଂସ୍ଥାର ମୁଖ୍ୟଙ୍କୁ ଜମାକାରୀ ବାରମ୍ବାର କହିଥିଲେ ମଧ୍ୟ ସେ କେବଳ ପ୍ରତିଶ୍ରୁତି ଦେଇ ସମୟ ଗଡ଼ାଇ ଚାଲିଛନ୍ତି। ଏପରିକି ଲୋକଙ୍କଠାରୁ ସମ୍ପୂର୍ଣ୍ଣ ଟଙ୍କା ନେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଫ୍ଲାଟ୍ ହସ୍ତାନ୍ତର କରୁନାହାନ୍ତି। ଫଳରେ ଏବେ ଏହି ଫ୍ଲାଟଗୁଡ଼ିକ ଭୁତକୋଠି ପାଲଟିଲାଣି। ଏହି ବାସଗୃହ ପ୍ରକଳ୍ପଟି ଏବେ ନିର୍ମାଣାଧୀନ ରହିଥିବାବେଳେ ଏଯାଏ ଏହାକୁ ରେରା ଆଇନ ଅନୁଯାୟୀ ପଞ୍ଜୀକରଣ କରାଯାଇ ନ ଥିବା ଆସୋସିଏଶନ ସଭାପତି ରଥ କହିଛନ୍ତି। ଏପିରକି ଏସଂକ୍ରାନ୍ତରେ ଉଚ୍ଚ ନ୍ୟାୟାଳୟ, ଖାଉଟି ଅଦାଲତ, ଇଓଡବ୍ଲ୍ୟୁ ଓ ରେରୋ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ବି ସୁଫଳ ମିଳୁ ନ ଥିବା ସେ କହିଛନ୍ତି। ଏହି ଖବରଦାତା ସମ୍ମିନୀରେ ସଂଘ ଉପସଭାପତି ଡା. ଭବାନୀ ପ୍ରସାଦ ଦାଶ, ସାଧାରଣ ସମ୍ପାଦକ ହରେଶ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ବିଜୟ କୁମାର ରାୟ ଓ କୋଷାଧ୍ୟକ୍ଷ ବସୁଧା ମିଶ୍ର ଉପସ୍ଥିତ ରହିଥିଲେ। ତେବେ ଏ ସଂକ୍ରାନ୍ତରେ ଉକ୍ତ ବିଲ୍ଡର ସଂସ୍ଥାର ମାଲିକଙ୍କୁ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ରିସିଭ୍ କରି ନ ଥିଲେ।